ନରୋତ୍ତମ ଷଡ଼ଙ୍ଗୀର ଡାଏରି

ଗୌରୀବନ୍ଧୁ କର

Digitized by srujanika@gmail.com

ମୋର ପ୍ରିୟ ବନ୍ଧୁ ଜ୍ୟୋତିଷ ପଟ୍ଟନାୟକଙ୍କୁ

ଗୌରୀବନ୍ଧୁ କର

Digitized by srujanika@gmail.com

ନରୋତ୍ତମ ଷଡ଼ଙ୍ଗୀର ଡାଏରି

ଗୌରୀବନ୍ଧୁ କର

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by srujanika@gmail.com

ନରୋତ୍ତମ ଷଡ଼ଙ୍ଗୀର ଡାଏରି—ଲେଖକ : ସୌରୀବନ୍ଧୁ କର, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨, ପ୍ରଥମ ପ୍ରକାଶ : ୧୯୯୩, ପ୍ରଚ୍ଛଦପଟ : ଅସିତ ମୁଖାର୍ଜୀ, ମୁଦ୍ରଣ : ନନ୍ଦକିଶୋର ପ୍ରେସ, ଡଗରପଡ଼ା, କଟକ-୨

NAROTTAM SARANGIRA DIARY – Author : Sauribandhu Kar, Publisher : Sahadev Pradhan, Friends' Publishers, Binodbehari, Cuttack-2, Orissa (India), First Edition 1993, Cover Design . Asit Mukherjee, Printer : Nandakishore Press, Dagarapara, Cuttack-2.

PRICE : Rs. 30.

Digitized by srujanika@gmail.com

ବହି ବିଷୟରେ ପଦେ

ଗପଟିଏ ଲେଖିସାରି, ତାକୁ ବାରମ୍ବାର ପଢ଼ି ସଂଶୋଧନ କରିବା ମୋ ଦ୍ୱାରା ହୁଏନାହିଁ । ଯେତେବେଳେ ଯେଉଁ ଚରିତ୍ରମାନେ ମୋ ଆଖିରେ ପଡ଼ନ୍ତି, ଯାହା ମୋତେ କିଛି ହତଚକିତ କରେ, ସେମାନଙ୍କୁ ନେଇ ଗପଟିଏ କହିବାକୁ ଚେଷ୍ଟାକରେ । ତେଣୁ ମିଥ୍, ରୂପକଳ୍ପ, ଭାଷାର ଛଟା ଇତ୍ୟାଦି ଯାହା ଗଳ୍ପର ସୌଷ୍ଠବକୁ ଆହୁରି ଅଧିକ ବୃଦ୍ଧି ଓ ସମୃଦ୍ଧ କରିଥାନ୍ତି, ତାହା ହୁଏତ ମୋ ଗଳ୍ପଗୁଡ଼ିକରେ ଦେଖିବାକୁ ମିଳି ନପାରେ । ସମାଜରେ ଘଟୁଥିବା ନାନାଦି ଘଟଣା ଓ ସେଥିରେ ବିବ୍ରତ ହେଉଥିବା ମୋ ମନର ପ୍ରତିଫଳନ ଏହି ଗପଗୁଡ଼ିକରେ ପ୍ରାୟତଃ ଘଟିଛି ।

ପ୍ରଶଂସା ବା ନିନ୍ଦା ପାଇବାର କଳ୍ପନାଠାରୁ ବହୁ ଦୂରରେ ରହି, ମୁଁ ମୋର ଗପଗୁଡ଼ିକୁ ପାଠକମାନଙ୍କ ନିକଟରେ ଦେବାବେଳେ ସେମାନଙ୍କର ଦୁଃଖସୁଖ, ହସକାନ୍ଦ, ଜୀବନଯନ୍ତ୍ରଣାର ସ୍ୱର ମୋ ଭିତରେ ଯେପରି ଝଂକୃତ ହୁଏ ତା'ର ସାଦାସିଧା ରୂପଟିଏ ମୁଁ ଥୋଇଦିଏ । ଏଥିରେ ମୁଁ ନିଜକୁ କେବେହେଲେ ଅପରାଧବୋଧ କରେ ନାହିଁ । କାରଣ ସଦ୍ୟଜାତ ଶିଶୁଟିଏ ଜନ୍ମହୋଇ ଧୂଳିଧୂସରିତ ହେଉଥିଲେ ମଧ୍ୟ ସେ ଯେପରି ସମସ୍ତଙ୍କର ପ୍ରିୟ ହୋଇପାରେ, ଠିକ୍ ସେହିପରି ମୋର ଗଳ୍ପଗୁଡ଼ିକ ପାଠକପାଠିକାଙ୍କର ପ୍ରିୟ ହେବବୋଲି ମୁଁ ଆଶା ରଖେ ।

ଏହି ସଂକଳନରେ ପ୍ରକାଶିତ ଗଳ୍ପଗୁଡ଼ିକ ଭିନ୍ନ ଭିନ୍ନ ସମୟରେ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ଏହାକୁ ପୁସ୍ତକଟିଏ କରି ଶ୍ରଦ୍ଧାର ସହ ଏକ ନୂତନ ରୂପ ଦେବାର ଯେଉଁ ପ୍ରଚେଷ୍ଟା ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ ତରଫରୁ ସହଦେବବାବୁ କରିଛନ୍ତି, ସେଥିପାଇଁ ସେ ଧନ୍ୟବାଦାର୍ହ । ଶ୍ରୀ ଅସିତ ମୁଖାର୍ଜୀଙ୍କ ଦ୍ୱାରା ପ୍ରଚ୍ଛଦପଟଟି ଏକ ସୁନ୍ଦର ରୂପ ନେଇ ଆତ୍ମପ୍ରକାଶ କରିଥିବା ଯୋଗୁ, ତାଙ୍କଠାରେ କୃତଜ୍ଞତା ଜଣାଉଛି ।

ଏ ମାଟିରେ ପାଦଦେବା ଦିନଠାରୁ ଏପର୍ଯ୍ୟନ୍ତ କେତେ ମଣିଷଙ୍କର ସ୍ନେହ ଓ ଶ୍ରଦ୍ଧାକୁ ପାଥେୟ କରି ଚାଲିଥିବା ଏହି ମଣିଷଟି ସମସ୍ତଙ୍କ ପ୍ରତି ଏ ଅବସରରେ କୃତଜ୍ଞତା ଜଣାଉଛି ।

ଲେଖକ

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । ନରୋତ୍ତମ ଷଡ଼ଙ୍ଗୀର ଡାଏରି	୧– ୯
୨ । ବୃକୋଦରାୟ ନମଃ	୧୦– ୧୪
୩ । ମହାସନ୍ଧପୂଜା	୧୫– ୨୨
୪ । ବୁଦ୍ଧିଜୀବୀ ସମାବେଶ	୨୩– ୨୮
୫ । ଶୋଷକ	୨୯– ୩୨
୬ । ଅନାଥାଶ୍ରମ	୩୩– ୪୧
୭ । ଘୋଷା	୪୨– ୪୯
୮ । ଅବତାର	୫୦– ୫୮
୯ । ସବାର ଉପରେ ମାନୁଷ ସତ୍ୟ	୫୯– ୬୫
୧୦ । ଭଗ୍ନାବସ୍ଥା	୬୬– ୭୨
୧୧ । ଗାନ୍ଧି ବୁଢ଼ା ବସି ଦେଖୁଛି	୭୩– ୭୯
୧୨ । ପେରେସ୍ତ୍ରୋଇକା	୮୦– ୮୭
୧୩ । ସତେ କ'ଣ ଈଶ୍ୱର ଅଛନ୍ତି	୮୮– ୯୪
୧୪ । ବାଇଶିପାହାଚ ତଳେ	୯୫–୧୦୧
୧୫ । ମନ୍ତ୍ର	୧୦୨–୧୦୭
୧୬ । ଚକ୍ରବ୍ୟୂହ	୧୦୮–୧୧୩
୧୭ । ତମନ୍ନା	୧୧୪–୧୨୦
୧୮ । ସାୟାହ୍ନର ଚନ୍ଦ୍ରାଲୋକ	୧୨୧–୧୨୬
୧୯ । ଚୈତନ୍ୟ	୧୨୭–୧୩୨
୨୦ । ଜ୍ୟେଷ୍ଠି	୧୩୩–୧୩୮

Digitized by srujanika@gmail.com

ନରୋତ୍ତମ ଷଡ଼ଙ୍ଗୀର ଡାଏରି

ଖବରକାଗଜ ଧରି ବଡ଼ପାଟିରେ ଡାକ ଛାଡୁଥିବା ଦଶବାର ବର୍ଷର ପିଲାଟିଏ । ଆଜିର ତାଜା ଖବର—ମଜାଖବର—ଦିଲ୍‌ଖୁସ୍ ଖବର—ପଢ଼ିକି ଦେଖନ୍ତୁ—ମଜାମାରନ୍ତୁ—ଖଣ୍ଡେ ଖଣ୍ଡେ କିଣନ୍ତୁ—ମାତ୍ର ପଚିଶ-ପଇସା—ସନ୍ଦେଶ କାଗଜ—ଖବର ଦୁନିଆଁରେ ନୂଆ ନୂଆ—ରାଜଧାନୀ ଦିଲ୍ଲୀଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଖବର—ସିନେମାହଲ—ଦେଶର ହାଲ—ବଜାର ଦର—ପାଣିପାଗ—ଆକାଶବାଣୀ—ଭାରତ ଦର୍ଶନ—ନାରୀଧର୍ଷଣ—ପୁରୁଷ ବିବାହ—ବଳାତ୍କାର—ଧାର୍ମିକ ସଂଘର୍ଷ—ବେକାରୀ—ବଦଳି—ଦରଦାମ୍—ରାଶିଫଳ—ସାହିତ୍ୟ—ପାଣିପାଗ—ଆମଘରର ହାଲଚାଲ ।

ସନ୍ଦେଶ ଖବରକାଗଜ—ଆସିଗଲା—ଆସିଗଲା ରାଜଧାନୀ ବଜାରକୁ—କିଣନ୍ତୁ—ପଚିଶ ପଇସାରେ ।

ଆଜିର ବିଶେଷ ଖବର—ଲୋକସଭା ନିର୍ବାଚନ ଘୋଷଣା—ରାଜ୍ୟସଭାରେ ପଞ୍ଚାୟତରାଜ ବିଲ୍ କାଟ ଖାଇଲା—ବୋଫର୍ସ ଦୁର୍ନୀତିର ନୂଆ ତଥ୍ୟ—ଦି' ହିନ୍ଦୁ ପରିବାରରେ ଝଡ଼—

ବସ୍‌ଷ୍ଟାଣ୍ଡରୁ ଏମୁଣ୍ଡରୁ ସେ ମୁଣ୍ଡକୁ, ଏ କୋଣରୁ ସେ କୋଣକୁ ଦୌଡ଼ି ଦୌଡ଼ି ଖୁବ୍ ଜୋର୍‌ରେ ସନ୍ଦେଶ କାଗଜ ବିକ୍ରୀ କରିବାପାଇଁ ଚିତ୍କାର କରୁଥିଲା । ମୁଁ ତା' ହାତକୁ ପଚିଶପଇସା ବଢ଼ାଇ ଦେଇ ସନ୍ଦେଶ କାଗଜଖଣ୍ଡିଏ କିଣିଲି । ଏପଟ ସେପଟ ଦୁଇଥର ଆଖିବୁଲାଇ ଦେଇ ବିଶେଷ ବିଶେଷ ସମ୍ବାଦଗୁଡ଼ିକ ପଢ଼ିଲି । ସେଇ ଏକ ପ୍ରକାର ସମ୍ବାଦ । ବିଶେଷ କିଛି ନୂତନତ୍ୱ ନାହିଁ । ପୁଣି ଲୋକସଭା ନିର୍ବାଚନ

Digitized by srujanika@gmail.com

ହେବ । ଖବରକାଗଜମାନେ ନିଜ ନିଜ ଆଭିମୁଖ୍ୟ ରକ୍ଷି ସମ୍ବାଦ ପ୍ରେରଣ କରିବାରେ ବ୍ୟସ୍ତ । ସନ୍ଦେଶ କାଗଜ ଯେତେ ନୂଆ ଢଙ୍ଗରେ ବାହାରିବ ବୋଲି ଘୋଷଣା କରିଥିଲେ ବି ସେଇ ଏକ ପ୍ରକାର ।

ଖବରକାଗଜର ଛୋଟିଆ କୋଣରେ ଆଖି ନପଡ଼ିବା ଭଳି ଜାଗାରେ ସମ୍ବାଦଟିଏ ଲେଖାଥିଲା, "ବେକାର ଯୁବକର ରେଳ ପୋଲତଳେ ଆତ୍ମହତ୍ୟା ।" ମୁଁ ସେହି ସମ୍ବାଦଟିକୁ ପଢ଼ିଲି । ଦି'ଥର, ତିନିଥର ପଢ଼ିଲି । ସେ ସମ୍ବାଦଟି ପଢ଼ି ମୁଁ ମୋ ଆଖିକୁ ବିଶ୍ୱାସ କରିପାରୁ ନଥିଲି । ରାମହରିପୁର ଗ୍ରାମରେ ଶିକ୍ଷିତ ଯୁବକ ଶ୍ରୀ ନରୋତ୍ତମ ଷଡ଼ଙ୍ଗୀ ଦୀର୍ଘଦିନ ବେକାର ହୋଇ ରହିବା ଫଳରେ ମାନସିକ ଭାରସାମ୍ୟ ହରାଇ ଟ୍ରେନ୍ ଚକତଳେ ମୁଣ୍ଡରଖି ଗତକାଲି ରାତିରେ ଆତ୍ମହତ୍ୟା କରିଛନ୍ତି । ତାଙ୍କର ଶବକୁ ପୁଲିସ ପୋଷ୍ଟମର୍ଟମ କରିସାରି ତାଙ୍କର ଆତ୍ମୀୟସ୍ୱଜନଙ୍କୁ ହସ୍ତାନ୍ତର କରିବାକୁ ସେଥିରେ ଲେଖାଅଛି । ମୁଁ ବାରମ୍ବାର ସେହି ସମ୍ବାଦଟିକୁ ପଢ଼ିଲେ ମଧ୍ୟ ପୁନର୍ବାର ପଢ଼ିବାକୁ ଲାଗିଗଲି ।

ବସ୍‌ଷ୍ଟାଣ୍ଡର ଲଙ୍ଗ୍‌ବେଞ୍ଚରୁ ଉଠି ସିଧା ଚାଲିଲି ହସ୍‌ପିଟାଲ ଅଭିମୁଖେ । ପୋଷ୍ଟମର୍ଟମ ହେଉଥିବା ଠିକଣା ଘରର ବାରଣ୍ଡାରେ ଘୋଡ଼ା ହୋଇ ରହିଥିବା ଶବଟିକୁ କନେଷ୍ଟବଲଟିଏ ଜଗି ରହିଥାଏ । ମୁଁ ତାକୁ ଏ ଶବ ଗତକାଲି ରାତିରେ ଟ୍ରେନ ଏକ୍‌ସିଡେଣ୍ଟରେ ମରିଥିବା ନରୋତ୍ତମ ଷଡ଼ଙ୍ଗୀର କି ବୋଲି ପ୍ରଶ୍ନକଲି । "ଆଜ୍ଞା, ମୁଁ ଜାଣେନି । ତେବେ ଟ୍ରେନ ଏକ୍‌ସିଡେଣ୍ଟ ହେତୁ ଏଠାକୁ ପୋଷ୍ଟମର୍ଟମ ପାଇଁ ଆସିଛି । ମୋର ଡ୍ୟୁଟି ମଲାକୁ ଏଠି ପଡ଼ିଛି । ଆପଣ ଅପେକ୍ଷା କରନ୍ତୁ । ଇନସ୍‌ପେକ୍ଟର ଆସିଲେ କହିବେ ।"

ମୁଁ ରାସ୍ତାକଡ଼ରେ ଥିବା ଚା'ଦୋକାନ ପାଖରେ ବସି ରହି ଖବରକାଗଜରେ ଗୋଟେ ଆଖି ଓ ହସ୍‌ପିଟାଲ ବାରଣ୍ଡା ଉପରକୁ ଆଉ ଏକ ଆଖି ପିଙ୍ଗିବାକୁ ଲାଗିଲି ।

Digitized by srujanika@gmail.com

ନରୋତ୍ତମ ଷଡ଼ଙ୍ଗୀ କାହିଁକି ମଲା ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା । ତା'ର ଘର ଆମ ଘରଠାରୁ ଅଳ୍ପ ଦୂରରେ । ଏମ୍. ଏ. ପଢ଼ିବାବେଳେ ସେ ଆଖପାଖ ଗାଁର ବ୍ରିଲିଆଣ୍ଟ ପିଲାଭାବେ ଲୋକମାନେ ଜାଣିଥିଲେ । ତା ବାପା ସ୍କୁଲ ଶିକ୍ଷକ ଥିଲେ । ଗାନ୍ଧିଜୀଙ୍କ ଆନ୍ଦୋଳନରେ ଯୋଗଦେଇ ଦେଶର ସ୍ୱାଧୀନତାରେ ସେ ବହୁବର୍ଷ ଜେଲ୍ ଯାଇଥିଲେ । ସ୍ୱାଧୀନତା ପରେ ଯେ ଆରମ୍ଭ କରିଥିଲେ ଗାଁ ପାଖରେ ଆଦର୍ଶ ବିଦ୍ୟାଳୟ । ନାଁ ଦେଇଥିଲେ ବାପୁ ବିଦ୍ୟାପୀଠ । ଆଖପାଖ ସବୁ ଗାଁର ପିଲାମାନେ ପାଠ ପଢ଼ିବାର ସୁବିଧା ପାଇଥିଲେ । ତାଙ୍କର ପୁଅ ନରୋତ୍ତମ ଷଡ଼ଙ୍ଗୀ । ସ୍କୁଲରୁ କଲେଜ ପର୍ଯ୍ୟନ୍ତ ବ୍ରିଲିଆଣ୍ଟ କ୍ୟାରିୟର ନେଇ ପାଠ ପଢ଼ିଥିଲା । ତା' ପିତାର ସେ ଥିଲା ନିଛକ ପ୍ରତିଛବି । ସେହି ନରୋତ୍ତମ ଷଡ଼ଙ୍ଗୀ ଆତ୍ମହତ୍ୟା କରିଛି । ଖବରକାଗଜଟିକୁ ଭାଙ୍ଗି ବ୍ୟାଗ୍‌ରେ ଭର୍ତ୍ତିକଲି । ଦଶଟା ବାଜିଲାଣି । ଏପର୍ଯ୍ୟନ୍ତ କାହାର ଦେଖାନାହିଁ । ମୁଁ ହସ୍‌ପିଟାଲର ବାରଣ୍ଡା ନିକଟକୁ ଯାଇ ସେଠାରେ ଠିଆହେଲି । ପୋଷ୍ଟମର୍ଟମ କରିବାପାଇଁ ହସ୍‌ପିଟାଲର ଜଣେ କର୍ମଚାରୀ ପହଞ୍ଚିଲେ । ମୋତେ ଚାହିଁ ପ୍ରଶ୍ନକଲେ—"ଆପଣଙ୍କ ଲୋକ ? କିଛି ଟ' ଖର୍ଚ୍ଚ ନ ଦେଲେ ଏ କାମ କିଏ କରିବ ?" ମୁଁ ତା' ମୁହଁକୁ ଚାହିଁଲି । ପକେଟ୍‌ରୁ କାଢ଼ି ଦଶଟଙ୍କିଆ ନୋଟ୍‌ଟିଏ ତା' ହାତକୁ ବଢ଼ାଇଦେଲି ।

ପୋଷ୍ଟମର୍ଟମ କାର୍ଯ୍ୟ ସରିବାକୁ ଦିନ ୨ଟା ହେଲା । ଇନ୍‌ସ୍‌ପେକ୍ଟର ମୋତେ ଚାହିଁ ପଚାରିଲେ, "ଆପଣ କ'ଣ ତାଙ୍କର ନିଜଲୋକ ? ଲାସ୍‌ଟା ଆପଣ ଚାହିଁଲେ ନେଇପାରନ୍ତି । ନଚେତ୍..."

ମୁଁ ତାଙ୍କ ମୁହଁକୁ ଚାହିଁଲି । ବେୱାରିସ୍ ଭାବରେ ନରୋତ୍ତମ ଷଡ଼ଙ୍ଗୀର ଶବଟାକୁ କିଏ କେଉଁଠି ନେଇ ପକେଇବ । ମୁଁ ତେବେ ସକାଳୁ ଆସି ଏଠାରେ କାହିଁକି ବସିଛି । ନା, ମୋ ଗାଁ ପାଖର ଏହି କୃତବିଦ୍ ଯୁବକଟିର ଶବଟିକୁ ସତ୍କାର କରି ମୁଁ ଗୁରୁଋଣ ଶୁଝାଇବା ଉଚିତ ହେବ । ମୁଁ ଇନ୍‌ସପେକ୍ଟରଙ୍କ କାଗଜରେ ଦସ୍ତଖତ କଲି । ନରୋତ୍ତମ ଷଡ଼ଙ୍ଗୀର ଶବଟାକୁ ନେବାର ଦାୟିତ୍ୱ ନେଲି । ବହୁ କଷ୍ଟରେ ଲୋକ ସଂଗ୍ରହ କରି ସନ୍ଧ୍ୟା ସୁଦ୍ଧା ଶବସତ୍କାର ହେଲା । ନରୋତ୍ତମ ଚୁଢ଼

Digitized by srujanika@gmail.com

ଯାଇଥିବା ବ୍ୟାଗଟିକୁ ହାତରେ ଧରି ବସାକୁ ଫେରିଲି । ଦିନସାରା କିଛି ଖାଇ ନଥିବା ହେତୁ ଦେହ ଅବଶ ଲାଗୁଥାଏ । ତଥାପି ମନରେ ଖାଇବା ପାଇଁ ଆଦୌ ଆଗ୍ରହ ସୃଷ୍ଟି ହେଉନଥାଏ ।

ନରୋତ୍ତମ ଷଡ଼ଙ୍ଗୀ—ବ୍ରିଲିୟାଣ୍ଟ କ୍ୟାରିୟରର ଥିବା ଯୁବକଟି ଦାରିଦ୍ର୍ୟର କଷାଘାତରେ, ବେକାର ଜୀବନ ଯାପନ କରି ଶେଷରେ ଆତ୍ମହତ୍ୟା କଲା । ସେ ଆତ୍ମହତ୍ୟା କରିବାର ଯୁବକ ନଥିଲା । ହେଲେ ଆତ୍ମହତ୍ୟା କଲା କାହିଁକି ? ମୁଁ ତା'ର ବ୍ୟାଗ୍ ଖୋଲିଲି । ଥାକେ କାଗଜ, ଗୋଟିଏ ଡାଏରି । ଡାଏରିର ପୃଷ୍ଠା ଓଲଟାଇଲି । ମରିବା ଦିନ ଡାଏରିରେ ଲେଖାଥିବା ଅଂଶଟି ଥିଲା ଏହିପରି, "ମୁଁ ଆଜି ସନ୍ଧ୍ୟାରେ ଆତ୍ମହତ୍ୟା କରିବାକୁ ସ୍ଥିର କରିଛି । ଟ୍ରେନ୍ ଚକତଳେ ନିଜକୁ ରଖି ଶେଷ କରି ଦେବାର ଜିଦ୍ଖିରେ ମୁଁ ଅଟଳ । ମୁଁ ଆତ୍ମହତ୍ୟାରେ ବିଶ୍ୱାସ କରେନାହିଁ । କିନ୍ତୁ ମୋତେ ଏ ସମାଜ ଆତ୍ମହତ୍ୟା କରିବାପାଇଁ ବାଧ୍ୟ କରୁଛି । ଏ ସମାଜ ବ୍ୟବସ୍ଥା ମଧ୍ୟରେ ମୋର ଶ୍ୱାସରୁଦ୍ଧ ହୋଇଗଲାଣି । ମୁଁ ସଂଗ୍ରାମ କରି କରି ଥକି ପଡ଼ିଲିଣି । ମୋ ସଂଗ୍ରାମର ଶେଷ କେବେ ମୁଁ ଜାଣେନି । ସଂଗ୍ରାମ କରିବାର ଶକ୍ତି ମୋଠାରେ ନାହିଁ ।"

"ମୁଁ ବ୍ରାହ୍ମଣ ହୋଇ ଜନ୍ମ ହୋଇଛି । ବୋଧହୁଏ ବ୍ରାହ୍ମଣ ହେବା ମୋ ପାଇଁ ଏକ ଅଭିଶାପ । ମୋ ଜନ୍ମପାଇଁ ମୁଁ ମୋ ପିତାମାତାଙ୍କୁ ଦାୟୀକରି ପାରୁନି । ସେମାନଙ୍କର ଅପରାଧ କେଉଁଠି ମୁଁ ଦେଖୁନି । କିନ୍ତୁ ମୋ ବାପା ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଦେଶପାଇଁ ତ୍ୟାଗ କରିବାକୁ ବ୍ରତ ଗ୍ରହଣକରି ମୋ ପାଇଁ ତାଙ୍କ କର୍ତ୍ତବ୍ୟରେ ହେଳା କରିଛନ୍ତି ବୋଲି ମୋର ଉପଲବ୍ଧି ହେଉନି । ମୁଁ ଭାବୁଛି ଯେଉଁଥିପାଇଁ ସେ ସଂଗ୍ରାମ କରିଥିଲେ, ସ୍ୱାଧୀନତା ପରେ ସେ ଆଦର୍ଶ ପରିବର୍ତ୍ତିତ ହୋଇଯାଇଛି । ମୋ ବାପା ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ପରିବର୍ତ୍ତନ କରିପାରି ନାହାନ୍ତି । ମୋ ମା'ଙ୍କର ଔଷଧ ବିନା ଅସ୍ୱାଭାବିକ ମୃତ୍ୟୁ ମୋର ବାପାଙ୍କର ଚିନ୍ତାଧାରାରେ ପରିବର୍ତ୍ତନ ଆଣିନି । ସତ୍ୟ, ଅହିଂସା, ତ୍ୟାଗ ଓ ସେବାକୁ ଜୀବନର ମହାମନ୍ତ୍ର କରି, ମୋତେ ସେହି ଆଦର୍ଶରେ ପୁଷ୍ଟଦେଇ ଗଢ଼ିବା ଫଳରେ ମୁଁ ସମାଜରେ ଠିଆହୋଇ ପାରିନି ।"

Digitized by srujanika@gmail.com

"ସ୍ୱାଧୀନତା ପରେ ଏ ସମାଜ ବଦଳିଯାଇଛି । ରାଜନୈତିକ ନେତାମାନେ ଭୋଟପାଇଁ ଏ ସମାଜକୁ ଜାତି ନାଁରେ ଭାଗଭାଗ କରି-ପକାଇଛନ୍ତି । 'ରାଜନୈତିକ ସ୍ୱାଧୀନତା ହାସଲ କଲାପରେ ଅର୍ଥନୈତିକ ଓ ସାମାଜିକ ସ୍ୱାଧୀନତା ମିଳିବ ଏବଂ ସମସ୍ତେ ସମାନ ହେବେ' ଏଇ ଧ୍ୱନି କେବଳ ଶସ୍ତା ଧ୍ୱନିରେ ହିଁ ପରିଣତ ହୋଇଛି । ଯୁଗ ଯୁଗ ଧରି ଚାଲିଥିବା ଜାତିଭେଦ, ସାଂପ୍ରଦାୟିକ ଭେଦଭାବ, ଆଞ୍ଚଳିକ ବୈଷମ୍ୟ ଦୂରହେବା ଦୂରେଥାଉ, ତାହା ରାଜନୈତିକ ନେତାଙ୍କର ଗଣତନ୍ତ୍ର ଶାସନରେ କ୍ଷମତାକୁ ଆସିବାକୁ ମାଧ୍ୟମ ହୋଇଛି ।"

"ମୁଁ ହୋଇଛି ତା'ର ଶିକାର । ମୁଁ ସେହି ରାଜନୈତିକ ଚକ୍ର ଭିତରେ ଅଭିମନ୍ୟୁ । ସପ୍ତରଥୀ ମିଳି ମୋତେ କଲ୍‌ବଲ୍ କରି ମାରିବାର ଚକ୍ରାନ୍ତ ହେତୁ, ମୁଁ ମରିବାକୁ ବାଧ୍ୟ ହେଇଛି । ମୋ ବାପାଥିଲେ ଉଦାର-ବାଦୀ । ଜାତିଧର୍ମରେ ସେ ଆଦୌ ବିଶ୍ୱାସ କରୁନଥିଲେ । ସବୁଠାରୁ ଅବହେଳିତ ହରିଜନମାନଙ୍କର ଉନ୍ନତିପାଇଁ ସେ ଗଢ଼ିଥିଲେ ସ୍କୁଲ । ସେହି ପିଲାମାନଙ୍କୁ ମୋ ସହିତ ବସାଇ ପାଠ ପଢ଼ାଇଥିଲେ । ତାଙ୍କ ନିକଟରେ ବଡ଼ଥିଲା ମଣିଷ । ସେ କ୍ଷମତାକୁ, ଜାତିକୁ ଆଡ଼େଇ ଦେଇ ସେଇମାନଙ୍କୁ ନଜର କରିଥିଲେ ଯେଉଁମାନେ ଥିଲେ ସମାଜର ସବୁଠାରୁ ଦୁର୍ବଳଶ୍ରେଣୀ । ସେହିମାନଙ୍କ ମଧ୍ୟରୁ ସେ ବାଛିଥିଲେ କେତୋଟି ପିଲାଙ୍କୁ । ଆଜି ସେମାନେ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି, ଉଚ୍ଚପଦବୀରେ ଅଧିଷ୍ଠିତ ।"

ମୋ ସହିତ ପଢ଼ୁଥିବା ମୋର ସହପାଠୀ ଅର୍ଜ୍ଜୁନ ସେକ୍ରେଟାରି-ଏଟରେ ବଡ଼ ଅଫିସର । ବାପା ତାଙ୍କୁ ପଢ଼ାଇବା ପାଇଁ ସମସ୍ତ ଖର୍ଚ୍ଚ ଯୋଗାଇଥିଲେ । ମୁଁ ତାଙ୍କୁ ପାଠପଢ଼ାରେ ସାହାଯ୍ୟ କରୁଥିଲି । ସେ ବି.ଏ.ଟା ପାସ୍‌କରି ସରକାରରେ ଏକ ବଡ଼ ପଦବୀରେ ଅଧିଷ୍ଠିତ । କିନ୍ତୁ ମୋତେ ଚାକିରି ମିଳିଲା ନାହିଁ । ମୁଁ ବାରମ୍ବାର ଦୌଡ଼ି ନିରାଶ ହେଲି । ମନ୍ତ୍ରୀଙ୍କ କୋଠି, ଏମ୍. ଏଲ୍. ଏ. ଙ୍କ ଘର, ଅଫିସରଙ୍କ ବାରଣ୍ଡା । କେହି ମୋତେ ପଚାରିଲେ ନାହିଁ । ମୋ ବାପାର ନାଁକୁ ଶୁଣି ଭ୍ରୂକୁଞ୍ଚିତ କଲେ ।"

Digitized by srujanika@gmail.com

"ମୁଁ ପେଟ ପୋଷିବା ପାଇଁ ରାଜଧାନୀର ଏମୁଣ୍ଡରୁ ସେମୁଣ୍ଡ, ସେମୁଣ୍ଡରୁ ଏମୁଣ୍ଡ ହେଲି । କେହି ସହାନୁଭୂତି ସ୍ୱରରେ ପଚାରେ କହିଲେ ନାହିଁ । କେତେଦିନ ଆଉ ଚାକିରି ଖୋଜଥାନ୍ତି ? ମୋ ପାଖରେ ଥିଲା ଡିଗ୍ରୀକାଗଜ, ବୁଦ୍ଧି, ବିଦ୍ୟା, ଜ୍ଞାନ । ମୁଁ କିନ୍ତୁ ଚାକିରି ମାର୍କେଟରେ ହାରିଗଲି । ଗୁଣ୍ଡାଦେଇ ପାରିଲିନାହିଁ । ନେଉଳି ଛେଉଳି ହୋଇ ଏମ୍. ଏଲ୍. ଏ. ପଛରେ ଗୋଡ଼ାଇଲି ନାହିଁ, ମନ୍ତ୍ରୀଙ୍କୁ କହିପାରିଲି ନାହିଁ । ମୁଁ ଚାକିରି ଖୋଜି ଖୋଜି ବିବଶ ହୋଇଗଲି । ତଥାପି ମୁଁ ଆତ୍ମହତ୍ୟା କରିନଥାନ୍ତି ।"

× × ×

"ବିରାଟ ବଙ୍ଗଳା ଦ୍ୱାର ମୁହଁରେ ଲେଖାଥିଲା ମିଃ ଅର୍ଜୁନ ଦାସ, I. A. S. ଗେଟ୍ ଖୋଲି ଭିତରେ ପ୍ରବେଶ କଲି । ଦ୍ୱାର ମୁହଁରେ କୁକୁରଟାଏ ଶୋଇଥିଲା । ଭୋ ଭୋ କରିଉଠିଲା । ଚମକି ପଡ଼ିଲି । ଦୁ'ପାଦେ ପଛକୁ ଘୁଞ୍ଚିଗଲି । କଲିଂ ବେଲ୍ ମାରିଲି । କିଛି ସମୟ ପରେ ପିଅନ୍ ଆସି ପଚାରିଲା, 'କାହାକୁ ଖୋଜୁଛନ୍ତି ?'

'ଅର୍ଜୁନ ଅଛି ?'

ଭିତରୁ ଫେରିଆସି ପିଅନ୍ ସାହେବ ନାହାନ୍ତି ବୋଲି ମନାକଲା । ଅବଶ୍ୟ ଘର ଭିତରୁ ତାର ପାଟି ଶୁଭୁଥିଲା । ପୋର୍ଟିକୋରେ ଗାଡ଼ିଟା ଥୁଆ ହୋଇଥିଲା । ଦିନେ ନୁହେଁ; ଏଇମିତି କେତେଦିନ ଚାଲିଚାଲି ତା କୋଠିକୁ ଗଲି । ହେଲେ ଅର୍ଜୁନ ସାହେବଙ୍କ ସହିତ ଦେଖା ହେଲାନାହିଁ । ସେଉଁଦିନ ଦେଖାହେଲା, ସେଦିନ ଏଲ୍. ଡି. ଆସିଷ୍ଟାଣ୍ଟ ପାଇଁ ଇଣ୍ଟରଭ୍ୟୁ ଥିଲା । ମୁଁ ଥିଲି ପ୍ରାର୍ଥୀ ।"

× × ×

"ମିଷ୍ଟର ଅର୍ଜୁନ ଦାସର ରୁମ୍‌ର ଭିତରକୁ ପଶି ନମସ୍କାର କରିବାକୁ ହାତ ଉଠିଲା ନାହିଁ । ଚେୟାରଟାକୁ ଘୂରାଇ ସେ ବସିରହିଥିଲା । ଆଉ ଦୁଇଜଣ ଅଧିକାରୀ ଟେବୁଲର ଦୁଇକଡ଼ରେ ବସିଥିଲେ ।

'ବସନ୍ତୁ'

Digitized by srujanika@gmail.com

ଚେୟାର ଟାଣି ବସିପଡ଼ିଲି ।

ମୁହିଁ ବୁଲାଇ ମୋତେ ସାମନାକରି ବସିଥିଲି ମିଃ ଅର୍ଜ୍ଜୁନ ଦାସ । ଅର୍ଜ୍ଜୁନ ପଚ୍ଚାରିଲି, 'ମିଃ ନରୋତ୍ତମ ଷଡ଼ଙ୍ଗୀ ! ଆପଣଙ୍କର ବ୍ରିଲିୟାଣ୍ଟ କ୍ୟାରିୟର ଥାଉଁ ଥାଉଁ ଏ ପର୍ଯ୍ୟନ୍ତ ଚାକିରି ପାଇନାହାନ୍ତି କେମିତି ?'

'ଧରାଧରିର ଅଭାବ, ଲାଞ୍ଚ ଦେବାର ଅଭାବ, ଖୋସାମତ କରିବାର ଅଭାବ, ସଂରକ୍ଷଣର ଅଭାବ ହେତୁ...'

'ଷ୍ଟପ୍ ଇଟ୍, ୟୁ ଗେଟ୍ ଆଉଟ୍'—କହିଉଠିଲି ମିଃ ଅର୍ଜ୍ଜୁନ ଦାସ । ଅର୍ଜ୍ଜୁନ ଥିଲି ମୋର ବନ୍ଧୁ । ମୋ ବାପାଙ୍କ ଟଙ୍କାରେ ମଣିଷ ହେଲି । ତାଙ୍କ ହାତରେ ମଣିଷ ହୋଇ ଥାଉଁ ଉଦ୍ଭଜନ ପାଇ ସେ ଆଜି ଆଇ. ଏ. ଏସ୍. ମୋତେ ଇଣ୍ଟରଭ୍ୟୁରେ ଗେଟ୍ ଆଉଟ୍ କହି ବିଦା କରିଦେଲି ।"

× × ×

"ମୁଁ ନରୋତ୍ତମ ଷଡ଼ଙ୍ଗୀ । ଜାତି ବ୍ରାହ୍ମଣ, ବୟସ ୩୦ । ପିତା : ସନାତନ ଷଡ଼ଙ୍ଗୀ । ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଆଦର୍ଶ ଶିକ୍ଷକ ।

ବ୍ୟବସାୟ : ବେକାର ।

ମୋର ଘରେ କେହି ନାହାନ୍ତି ।

ମା' ପିଲାଦିନରୁ ମରିଯାଇଛି । ଔଷଧ ନପାଇ, ଚିକିତ୍ସା ଅଭାବରୁ ମୃତ୍ୟୁ ।

ବାପା ସ୍ୱାଧୀନତା ସଂଗ୍ରାମୀ, ଜେଲବରଣ, ଆଦର୍ଶ ଜୀବନ ପାଇଁ ଜୀବନସାରା ସଂଗ୍ରାମ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସ୍କୁଲ ପ୍ରତିଷ୍ଠା, ହରିଜନମାନଙ୍କର ଉନ୍ନତି ପାଇଁ ଅକ୍ଲାନ୍ତ ଚେଷ୍ଟା ଓ ପରିଶ୍ରମ ।

ଏକମାତ୍ର ପୁଅ ନରୋତ୍ତମ ଷଡ଼ଙ୍ଗୀ । ସୁନ୍ଦର, ଶିକ୍ଷିତ, ଏମ୍. ଏ. ପାସ୍ । ଚାକିରି ଖୋଜି ଖୋଜି ମିଳିଲା ନାହିଁ । ୨୦ ବର୍ଷରୁ ୩୦ ବର୍ଷ ହେଲି । ପାସ୍ କରିବାର ବର୍ଷକ ପରେ ପିତା ସନାତନ ଷଡ଼ଙ୍ଗୀ ଶେଷ ନିଶ୍ୱାସ ତ୍ୟାଗ କଲେ ।

Digitized by srujanika@gmail.com

ଗାଁରେ କେହି ନାହିଁ, ଜମି ନାହିଁ, କେବଳ ଘର ଖଣ୍ଡିଏ; ଚରଖା ଗୋଟେ, ବହି କେତେ । ଘରକୁ ବନ୍ଧାଦେଇ ରାଜଧାନୀକୁ ଆସିଲା ନରୋତ୍ତମ ଷଡ଼ଙ୍ଗୀ ।

ବାପାଙ୍କର କେତେ ବନ୍ଧୁ, ସାଙ୍ଗ, ସହପାଠୀ, ଛାତ୍ର, ସହକର୍ମୀ ।

କିଏ ମନ୍ତ୍ରୀ, କିଏ ଅଫିସର, କିଏ କଣ୍ଟ୍ରାକ୍ଟର, କିଏ ଇଞ୍ଜିନିୟର, କିଏ ଏମ୍. ଏଲ୍. ଏ., କିଏ ବ୍ୟବସାୟୀ ।

ସମସ୍ତଙ୍କର ବଡ଼ କ୍ଷମତା, ବଡ଼ କୋଠା, ବଡ଼ ବଙ୍ଗଳା –

ନରୋତ୍ତମ ଚାକିରି ଖୋଜିଲା ।

ମନ୍ତ୍ରୀଙ୍କ ଦ୍ୱାରକୁ ଗଲା, କଣ୍ଟ୍ରାକ୍ଟର, ବ୍ୟବସାୟୀ, ଅଫିସର ସମସ୍ତଙ୍କୁ ଦେଖାକଲା । ନରୋତ୍ତମକୁ ଚାକିରି ମିଳିଲା ନାହିଁ ।

ତା ପାଖରେ ଲାଞ୍ଚଦେବାକୁ ଟଙ୍କା ନଥିଲା, ସୁପାରିଶ ପତ୍ର ନଥିଲା, ଜାତି ନେଇ ସାର୍ଟିଫିକେଟ ନଥିଲା ।

'ବାପା କିଏ ?' ବୋଲି ବାପାଙ୍କର ତଥାକଥିତ ବନ୍ଧୁମାନେ ପଚାରିଲେ ।

ନରୋତ୍ତମ ଷଡ଼ଙ୍ଗୀ ନିରାଶ ହେଲା ।

ସମାଜକୁ ବଦଳାଇବାକୁ ତା ହାତରେ ଶକ୍ତି ନଥିଲା, କ୍ଷମତା ରାଜନୀତିରେ ସେ ଏକାକୀ ଆଦର୍ଶକୁ ଜାବୁଡ଼ି ଧରି ରହିଥିଲା, ନିଜକୁ ବଦଳାଇ ପାରିଲା ନାହିଁ ।

ନରୋତ୍ତମ ଷଡ଼ଙ୍ଗୀ ଚାକିରି ପାଇଲା ନାହିଁ ।

ବନ୍ଧୁଦ୍ୱାର ଲାଞ୍ଛିତ ହେଲା ।

ଜୀବନର ମୂଲ୍ୟ କ'ଣ ବୁଝିଲା ଓ ଶେଷରେ ସ୍ଥିରକଲା—

'ନରୋତ୍ତମ ଷଡ଼ଙ୍ଗୀ ଆତ୍ମହତ୍ୟା କରିବ ।'

ନରୋତ୍ତମ ଷଡ଼ଙ୍ଗୀର ଶେଷ ଇଚ୍ଛା—

Digitized by srujanika@gmail.com

'ମୁଁ ମରିଗଲା ପରେ ଯେ ମୋର ଶବକୁ ସତ୍କାର କରିବ, ସେ ଯଦି ପୁଲିସ୍‌ବାଲା ବ୍ୟକ୍ତି ଅସ୍ପୃଶ୍ୟ ହୋଇଥାଏ, ସେ ହିଁ ମୋର ବନ୍ଧୁ । ସେ ହିଁ ମୋର ଭଗବାନ । ମୁଁ ତାଙ୍କୁ ନମସ୍କାର କରୁଛି ।'

ନରୋତ୍ତମ ଷଡ଼ଙ୍ଗୀ ପୁନର୍ବାର ଜନ୍ମ ନହେଉ । ଯଦି ଜନ୍ମ ହେବ, ତେବେ ତାର ଜାତି ପାଇଁ ସେ ଜାତି ସାର୍ଟିଫିକେଟ୍ ପାଉ, ସୁପାରିଶ ମିଳୁ, ମନ୍ତ୍ରୀମାନେ ତା କଥା ଶୁଣନ୍ତୁ ।"

× × ×

"ବିଦାୟ, ବିଦାୟ ବନ୍ଧୁ ବିଦାୟ, Goodbye—ସମାଜର ଲୋକମାନେ—ଭାରତର ନାଗରିକମାନେ—ଭାରତର ଶାସକମାନେ—ଅଲବିଦା—ବିଦାୟ—Goodbye ।"

ନରୋତ୍ତମ ଷଡ଼ଙ୍ଗୀର ଶେଷବାକ୍ୟର ଡାଏରି ଶେଷ ହୋଇ-ଯାଇଥିଲା ।

× × ×

ଡାଏରି ପଢ଼ି ସାରିବା ବେଳକୁ ଆଖିରେ ଲୁହ ଟଳଟଳ କରି ଥପ୍ ଥପ୍ ହୋଇ କାଗଜରେ ପଡ଼ୁଥିଲା ।

ହଁ ହଁ, ମୁଁ ନରୋତ୍ତମ ଷଡ଼ଙ୍ଗୀର ବନ୍ଧୁ, ମୁଁ ଭାରତରେ ରହୁଥିବା ଅସଂଖ୍ୟ ନରୋତ୍ତମ ଷଡ଼ଙ୍ଗୀର ବନ୍ଧୁ ।

ଡାଏରିଟିକୁ ବନ୍ଦକରି ମୋ ବାକ୍ସ ଭିତରେ ସାଇତି ରଖିଲି ।

ମୁଁ ମୋ ଡାଏରିରେ ନାଲି ଅକ୍ଷରରେ ଲେଖିଦେଲି—"ମୋର ବନ୍ଧୁ ନରୋତ୍ତମ ଷଡ଼ଙ୍ଗୀ ଆଉ ନାହିଁ ।"

●

Digitized by srujanika@gmail.com

ବୃକୋଦରାୟ ନମଃ

ଅଫିସ୍‌ରୁ ଫେରୁ ଫେରୁ କବାଟ ଖୋଲିବା ମାତ୍ରେ ଶଙ୍କର ନାରାୟଣଙ୍କ ଆଖିରେ ପଡ଼ିଲା ପୋଷ୍ଟକାର୍ଡ଼ ଖଣ୍ଡିଏ । ରଥ ଆପଣେ ପଠାଇଛନ୍ତି । ଲେଖିଛନ୍ତି କଲମକୁ ଗ୍ଲୁକୋନ୍-ଡ଼ି ଖୁଆଇ ଶୂନ୍ୟସ୍ଥାନକୁ ପୂର୍ଣ୍ଣ କରିବେ । ଭାରି ଖୁସି ଲାଗିଲା ଚିଠିଖଣ୍ଡିକ ପଢ଼ି । ଏ ମାସ ରାଶିଫଳଟା ଭଲ ତେବେ । ବହୁଥର ଦେଖିଥିବା ରାଶିଫଳର ଉତ୍ତର ଜାଣିବାକୁ ପୁଣି ପୃଷ୍ଠା ଓଲଟାଇଲେ । ରାଶିରେ ଲେଖାଥିଲା, "ଆଖିବୁଜା ମାରନ୍ତୁ । ଏ ମାସରେ ପୂରା ଛକା ଉପରେ ଛକା । ପକା କମ୍ବଳ ଆଉ ପୋତ ଛତା । ବଟକରା ପଛ ସୀସା କାଢ଼ି ଦେଇ ବେପାର କରନ୍ତୁ । ଏଥର ବାଧାଂନା ବଜାର କଂ, ତେଣୁ ପ୍ରେମ ପାଇଁ ଖୋଜିଲେ କୁଇନ, ମେଡ଼ିକାଲ ଯାଇ ଲାଗିବ ସାଲାଇନ । ସାଙ୍ଘାତିକ ବେମାରରେ ପଡ଼ିଲେ ବି ଶରୀର ସୁସ୍ଥ ରହିବ । ଟିକିଏ ନପାରିବା ଗୁଣରୁ ଘରଣୀ ସାଥିରେ ଯାହା ଖଟ୍‌ପଟ୍ ଲାଗିପାରେ, ନହେଲେ ଆଉ ସବୁ କୁଶଳ ।" ମୁଣ୍ଡଟା ଗରମ ହୋଇ ଉଠିଲା । ଘରଣୀ ଏ ପର୍ଯ୍ୟନ୍ତ ତାଙ୍କ ଭାଗ୍ୟରେ ନାହିଁ । ଏବେ ଏବେ ଅନୁରାଧା ପ୍ରେମରେ ଉବୁଟୁବୁ ହେବାର ପ୍ରଚେଷ୍ଟା । ଅନୁରାଧା···ମନେ ମନେ କେତେ କଥା ଭାବିଗଲେ । ଖରାବେଳର ଗରମଟା ଅସହ୍ୟ । ଗ୍ଲୁକୋନ-ଡ଼ି ପାଣି ପିଇଲେ ମଧ୍ୟ ମୁଣ୍ଡରୁ ଗରମ ତାଳକୁ ଓହ୍ଲାଉ ନାହିଁ । ଏ ରାଜଧାନୀରେ ସବୁ ଏଇମିତି ସରକାରଙ୍କର ଡିପାର୍ଟମେଣ୍ଟ ତିଆରି ଘରଗୁଡ଼ିକ ନୁଆଣିଆଁ କେବଳ ମୁଣ୍ଡଟା ଛାତରେ ବାଜିବ ହେଲେ ଖରା ଦାଉରୁ ମୁକୁଳିବା କଷ୍ଟ ।

ଖଟଟା ଉପରେ ନଥ୍‌କରି ଗଡ଼ପଡ଼ିଲେ । ପଙ୍ଖା ଖୋଲିଦେଲେ ଜୋର୍‌ରେ । ଖବରକାଗଜର କେତେ ପୃଷ୍ଠାରୁ କର୍ମପ୍ରବର ଓ

Digitized by srujanika@gmail.com

ବାକ୍ୟବାଗଙ୍କର ଷଣ୍ଢ ଲଢ଼େଇ ପାଳର ସର୍ବଶେଷ ବିବରଣୀ ପଢ଼ିବାକୁ ଲାଗିଗଲେ । ହଠାତ୍ କବାଟରେ ଠକ୍ ଠକ୍ ଆବାଜ । "ପେଟୁବାବୁ ଘରେ ଅଛନ୍ତି ? ହେ। ପେଟୁବାବୁ—ଦୁଆର ନଖୋଲିବା ହୁଅନ୍ତୁ !" ପେଟୁବାବୁ, ପେଟୁବାବୁ ଡାକରେ ଅଥୟ ହୋଇପଡ଼ିଲେ ଶଙ୍କର ନାରାୟଣ । କଣ୍ଠସ୍ୱର ପରିଚିତ ଭଳି ଲାଗୁଛି ମାତ୍ର ପେଟୁବାବୁ ଡାକ ! କାନଟାକୁ ଟିକିଏ ଟାଣିଦେଲେ । ହୁଏତ ଭୁଲ୍‌ରେ କେହି ତାଙ୍କ ଘରେ ଡାକ ପକାଉଛି ଚିନ୍ତାକରି କବାଟକୁ ଧଡ଼ାସ୍ କରି ଖୋଲିଦେଲେ ।

ସାମନାରେ ତାଙ୍କର ଆପଣାର ପଡ଼ୋଶୀ ସେନାପତିବାବୁ । "ହଇଓ, ସେନାପତିଏ ! ଏ ପେଟୁବାବୁ କିଏ କି ? ପେଟୁବାବୁ, ପେଟୁବାବୁ କାହିଁକି ହେଉଥିଲ ?"

"କାହିଁକି, ତୁମେ ପେଟୁବାବୁ ନୁହଁ କି ? ପେଟଟା ତ ହାଣ୍ଡି ଭଳି କଲାଣି । ତେଣୁ ତୁମକୁ ହଠାତ୍ ଏ ଡାକଟା ଡାକିବାକୁ ମନ ହୋଇଗଲା । ଆଉ କ'ଣ ଡାକିଥାନ୍ତି ଯେ ।"

ଶଙ୍କର ନାରାୟଣଙ୍କ ଗ୍ଲୁକୋନ୍-ଡି'ର ଗ୍ଲାସ୍‌ଟା ଖସିପଡ଼ିଥିଲା ସେତେବେଳକୁ । ପେଟଟା ସମ୍ବନ୍ଧରେ ସେ ବେଶ୍ ସଚେତନ । ବନ୍ଧୁଙ୍କ ସହିତ ବେଶି ଉଚ୍ଚବାଚ ନକରି ସଂକ୍ଷେପରେ ସମ୍ଭାଷଣ ଶେଷ କରି ବିଦାୟ କରିଦେଲେ ସେନାପତିଙ୍କୁ ।

× × ×

ଖରାଦିନଆଁ ଖରାବେଳଟା—କେତେ ଗରମ । ଗଞ୍ଜିଟାକୁ ଓହ୍ଲାଇ ଦେଇ ଲୁଙ୍ଗିଟାକୁ ପିନ୍ଧି ପକାଇଲେ । ନଜରଟା ହଠାତ୍ ପଡ଼ିଗଲା ପେଟଟା ଉପରେ । ସତେ ତ ! ପେଟଟା ବହୁତ ବଡ଼ ହୋଇଗଲାଣି । ଅବଶ୍ୟ ଗୋଲଗାଲ ହୋଇ ସୁନ୍ଦର ଦେଖାଯାଉଛି । ସତେ ଅବା ଗୋଟିଏ ବାତାପି ଫଳ ଥୋପି ହୋଇଯାଇଛି । କଳା ଧଳା ଚମ ଉପରେ ଛୋଟ ଛୋଟ ରୁମଗୁଡ଼ିଏ । ତା' ସାଙ୍ଗକୁ ପଇତା କେତେ ବେକରେ । ଠିକ୍ ପୁରୁଣାକାଳିଆ ବ୍ରାହ୍ମଣଙ୍କ ପରି, କେବଳ ଗୋଟେ ଚୁଟିର ଆବଶ୍ୟକତା ରହିଛି । ମନକୁ ଯେତେ ବୁଝାଇଲେ ବି ମନଟା କାହିଁକି ମାନିଲା ନାହିଁ ।

Digitized by srujanika@gmail.com

ପେଟଟା ଅଯଥା ବଢ଼ିଯାଇଥିବାରୁ ଦୁଃଖ ଲାଗିଲା । କାନ୍ଦପକାଇବାକୁ ଇଚ୍ଛା ମଧ୍ୟ ହେଲା ତାଙ୍କର । ଗତ ସପ୍ତାହର ଘଟଣାଗୁଡ଼ିକ ଆଖି ଆଗରେ ଭାସି ଆଖିକୁ ଓଦା କରି ପକାଇଲା ।

× × ×

ସେଦିନ କାହିଁକି କେଜାଣି ସେ ଶତପଥିବାବୁଙ୍କ ଘର ଆଡ଼େ ବୁଲି ଯାଇଥିଲେ । ସେଠାରେ ଦେଖିବା ବେଳକୁ କଲୋନୀର ସବୁଯାକ ସ୍ତ୍ରୀଲୋକ ରୁଣ୍ଡ ହୋଇଛନ୍ତି । ଶଙ୍କର ନାରାୟଣ ବେଶ୍ ଟିକିଏ ମଉଜିଆ ଲୋକ । କନ୍ୟା ଖୋଜ ଖୋଜ ଅବଶ୍ୟ ଏ ପର୍ଯ୍ୟନ୍ତ ଅଭିଆଡ଼ା ରହିଛନ୍ତି । ସେମାନଙ୍କ ମେଳରେ ବସିପଡ଼ିଲେ ଟିକିଏ ହସଖୁସି ହେବାପାଇଁ । ଆରାମ-ଚେୟାର ଉପରେ ପେଟଟାକୁ ଲମ୍ବେଇଦେଇ ଗପ ପେଡ଼ି ଖୋଲିଦେଲେ । ମିଶ୍ରବାବୁଙ୍କ ସ୍ତ୍ରୀ ଥିଲେ ତା' ଭିତରେ । ସୁନ୍ଦରୀ ଯେମିତି, ସେମିତି ରୂପବତୀ ମଧ୍ୟ । ଗୋଟିଏ ଚାଞ୍ଚରେ ଗଢ଼ା କହିଲେ ଭୁଲ ହେବନାହିଁ । ଭାରି ଖୁସ୍ ମିଜାଜ୍‌ର ସ୍ତ୍ରୀ ଲୋକ । ତାଙ୍କ ଚାଲିକୁ ମରାଳୀ ଚାହିଁ ରହିବ । ତାଙ୍କ ଚାହାଣିରେ ରାସ୍ତାଚଲା ଯୁବକ ଘାଇଲା ହୋଇଯାଏ । ବୟସ ସାମାନ୍ୟ ଟିକିଏ ବଢ଼ିଯାଇଥିଲେ ବି ଆଜିକାଲିର ଟୋକା ପଛ ଘୁଞ୍ଚବେ ନାହିଁ । ହଠାତ୍ କଥା ପଡ଼ୁ ପଡ଼ୁ ଶଙ୍କର ନାରାୟଣଙ୍କ ପେଟ ଆଡ଼କୁ ଚାହିଁ 'ପେଟ' ଉପରେ ଏକ ସଂକ୍ଷିପ୍ତ ଭାଷଣ ଆରମ୍ଭ କଲେ--"ବୁଝିଲେନା ମିଷ୍ଟର୍ ଶତପଥି ! ମୋତେ ବଡ଼ ପେଟଗୁଡ଼ାକ ଭଲ ଦେଖାଯାଏନି । ମୋ ବାହାଘର ବେଳକୁ ଗୋଟେ ପ୍ରସ୍ତାବ ଆସିଥିଲା । ସେ ଟୋକାର ପେଟଟା ଟିକିଏ ବଡ଼ । ତାକୁ ଦେଖି ତ ମୋ ହାଲୁକ ଶୁଖିଗଲା । ମୁଁ ସେଦିନ ଯେତେ କାନ୍ଦିଛି—ବାହାଘର ବନ୍ଦ । ମିଶ୍ରବାବୁଙ୍କୁ ତେଣୁ ସବୁବେଳେ ତାଗିଦା; ବୁଝି ହୁସିଆର୍—ପେଟ ଯେମିତି ନ ବଢ଼େ । ହଇହୋ ! ତୁମ ପେଟଟା ବଢ଼ିଗଲେ ଲୋକେ ମୋତେ ରାଗେଇ ଦେବେଟି । ମୁଁ ଆଉ କ'ଣ କାହା ପାଖରେ ମୁହଁ ଦେଖାଇ ପାରିବି । ତୁମେ ଯଦି ଦରଧାରେ ମୋତେ ଟିକିଏ ଆଲିଙ୍ଗନ ଚୁମା ଦେବ, ଯେମିତି ମୋତେ ଲାଗିବ ମୁଁ ଜମଣା ସାପଟାକୁ ଗୁଡ଼େଇ ହୋଇଛି । ବାସ୍, ମେଡ଼ଙ୍କ କହୁଛି । ମୋ ମିଶ୍ର ସାବଧାନ । ସବୁଦିନ କସରତ୍ । ପେଟ ବଢ଼ିଲେ ଖାଇବା ପିଇବା ବନ୍ଦ ।" ସଂକ୍ଷିପ୍ତ ଭାଷଣ ପରେ ଚାଳ ମାଡ଼ରେ ଥକା

Digitized by srujanika@gmail.com

ପଡ଼ିଲେ ଶଙ୍କର ନାରାୟଣ । ନିଜ ପେଟଆଡ଼କୁ ଚାହିଁଲେ । ପେଟଟା ବଡ଼ ହୋଇଥିବାରୁ ସିନା ସୁନ୍ଦରୀ ସ୍ତ୍ରୀ ଲୋକଟି ଏମିତି କହିଲେ—ନଚେତ୍—ଆଃ, ପ୍ରେମଟା ତ ନିଶ୍ଚିତ । ବୟସ ଟିକିଏ ଗଡ଼ିଗଲେ ପ୍ରେମ କରିବାକୁ ଭଲ ଲାଗେ । ଭାଗ୍ୟରେ ଯଦି ଦଶମରେ ବୃହସ୍ପତି ଥାନ୍ତେ ତେବେ ମିଶ୍ରବାବୁଙ୍କ ସ୍ତ୍ରୀ ପରି ସୁନ୍ଦରୀ···ମନକୁ ଧିକ୍କାର କରିକରି ସେ ଫେରିଲେ ସେଦିନ ଘରକୁ ।

ସେ ଭାବୁଥିଲେ ତାଙ୍କର ପେଟ ବିଷୟରେ । ସେ ତ ଖାଆନ୍ତି ବହୁତ କମ୍—ତେବେ ପେଟଟା ବଢ଼ିବାର କାରଣ କ'ଣ ? ଏମିତି କେତେଥର ସେ ଅପଦସ୍ଥ ନ ହୋଇଛନ୍ତି । ସେଦିନ ସାଙ୍ଗ ମେଳରେ ଯାଉଁ ଯାଉଁ ସେ ମହାନ୍ତିବାବୁଟା ହଠାତ୍ ତାଙ୍କ ପେଟକୁ ଚାହିଁ କହିଲେ, "ହଇହୋ ଶଙ୍କର ନାରାୟଣ ବାବୁ ! ତୁମର କ'ଣ ହେବ କହୋ ! କଳିଯୁଗ ତ, ଓଲଟା ଫଳ ଫଳିବା ଆଶ୍ଚର୍ଯ୍ୟ କଥା ନୁହେଁ ।" ଶଙ୍କର ନାରାୟଣ କଥାଟାକୁ ହସରେ ଉଡ଼ାଇଦେଲେ ସତ ମାତ୍ର ମନେମନେ ରାଗିଗଲେ—କିନ୍ତୁ କହିବେ କାହାକୁ ।

ଏମିତି ଥରେ ନୁହେଁ, କେତେଥର ସେ ପେଟ ବିଷୟରେ ଭାଷଣ ଶୁଣିଛନ୍ତି । ତେବେ ମନକୁମନ ସାନ୍ତ୍ୱନା ଦିଅନ୍ତି । ଗଣେଶଙ୍କ କଥା ମନେ ପଡ଼େ । ହାତରେ ବଡ଼ ଖସାଲଡ଼ୁ । ଲିଙ୍ଗରାଜ ମନ୍ଦିରରେ ପଶିଲାବେଳେ ତାଙ୍କର ସେ ସୁନ୍ଦର ପେଟଟା ଦେଖିଲେ ତାଙ୍କ ମନଟା ପୂରିଉଠେ । ତାଙ୍କ ପେଟଟା ତ ଠିକ୍ ସେହିପରି । ଛାଡ଼, କେତେ ଲୋକ କେତେ କଥା କହିବେ, ସବୁ କଥାକୁ ଧରିଲେ କ'ଣ ଚଳେ । ହଠାତ୍ ଶଙ୍କର ନାରାୟଣ ସଚେତ୍ ହୋଇପଡ଼ିଲେ । ଘଣ୍ଟାରେ ୩ଟା ବାଜିଲାଣି—ସିନେମା ଦେଖିବାର ପ୍ରସ୍ତାବ ଅଛି । ଅନୁରାଧା ଏବେ ତାଙ୍କୁ ବେଶି ବେଶି ପ୍ରେମ କଲେଣି । ଅଭିଆଡ଼ା ଜୀବନରୁ ମୁକ୍ତି ମିଳିପାରେ ନିକଟରେ । କବାଟରେ ଠକ୍ ଠକ୍ ଶବ୍ଦ । କବାଟକୁ ଠେଲିଦେଇ ଭିତରକୁ ପଶିଆସିଲେ ଅନୁରାଧା । ମାତ୍ର ଶଙ୍କରଙ୍କର ପେଟକୁ ଦେଖି ଖୁସିହୋଇ କହି ପକାଇଲେ, ବୁଝିଲନା ! ତୁମ ପେଟଟାକୁ ଦେଖିଲେ ମୋ ମନ ପୂରିଉଠେ । କେତେ ସୁନ୍ଦର ପେଟଟା ହୋଇଛି । ଚୁମାଟାଏ ଦେବାକୁ ମନ ହେଉଛି । ମୋର ଯଦି ହେଉନ୍ତ

Digitized by srujanika@gmail.com

ପେଟଟାଏ ଥାଆନ୍ତାନା ---ଏତିକ କହି ହଠାତ୍ ସେ ଝୁଙ୍କି ପଡ଼ି ପେଟଟାକୁ ଜାବୋଡ଼ି ଧରିଲେ ଓ ତାଙ୍କର ଗୋଲପି ଓଠ ଲଗାଇ ଚୁମା ଉପରେ ଚୁମା ଲଦି ଦେଲେ । ଆନନ୍ଦରେ ଶଙ୍କର ନାରାୟଣ ଆଖି ବୁଜି ପକାଇଲେ । ହାତ ଦୁଇଟା ଆସ୍ତେ ଆସ୍ତେ ଅନୁରାଧାଙ୍କୁ ବେଷ୍ଟନୀ କରି ପକାଇଥିଲା । ଅନୁରାଧା ଗୁଣୁଗୁଣୁ ହୋଇ କହିପକାଇଲେ—"ତୁମକୁ ସିନା ପଦ୍ମବିଭୂଷଣ ମିଳିନି— ତେବେ ପେଟ୍ଟୁ ଉପାଧିକୁ ଯୋଡ଼ିଦେଲେ କେମିତି ହୁଅନ୍ତା—ପେଟ୍ଟୁ ଶଙ୍କର ନାରାୟଣ ମହାପାତ୍ର ।" ଶଙ୍କର ନାରାୟଣ ତନ୍ମୟହୋଇ ଅନୁରାଧା ମୁହଁକୁ ଚାହିଁ ଏହାର ଉତ୍ତର ଖୋଜୁ ଖୋଜୁ ରେଡ଼ିଓଟା ଉଚ୍ଚ ସ୍ୱରରେ ଘୋଷଣା କରୁଥିଲା, "କେନ୍ଦ୍ର ସରକାର ସମସ୍ତ ଉପାଧି ଓ ପଦବୀକୁ ରଦ୍ଦ ଘୋଷଣା କରିଦେଲେ । କେହି ସେ ଉପାଧି ବ୍ୟବହାର କରିପାରିବେ ନାହିଁ ।" ଶଙ୍କର ନାରାୟଣ ଆଉ କ'ଣ ଉତ୍ତର ଦେବେ । କେବଳ ଫକ୍ କରି ହସିଦେଲେ ଏବଂ ପାଖ ଗ୍ଲାସକୁ ଟାଣିଆଣି ଏକା ଦମ୍‌ରେ 'ଗ୍ଲୁକୋନ୍-ଡି'କୁ ଚକ୍‌କରି ପିଇଗଲେ ।

Digitized by srujanika@gmail.com

ମହାସନ୍ଧିପୂଜା

ବର୍ଷା ଝିପିଝିପି ସତ୍ତ୍ୱେ ରାସ୍ତାରେ ଯିବାରେ କୌଣସି ଅସୁବିଧା ହେଲନାହିଁ । ସନ୍ଧ୍ୟା ପୂର୍ବରୁ ପହଞ୍ଚିଗଲେ ଅତ୍ୟନ୍ତ ପକ୍ଷେ ଦୁର୍ଗାଷ୍ଟମୀର ଶେଷ ପୂଜା ଓ ଦେବୀଙ୍କ ନିକଟରେ ଚିରାଚରିତ ପ୍ରଥା ଅନୁଯାୟୀ ବଳି ଦିଆଯାଇ ବିଶେଷ ସନ୍ଧିପୂଜା ଦେଖିହେବ, ଏହାହିଁ ଥିଲା ସନତକୁମାରଙ୍କର ଉଦ୍ଦେଶ୍ୟ । ସ୍କୁଟରଟା ଜୋର୍‌ରେ ଛୁଟାଇ ଦେଇଥିଲେ । ପଛରେ ତାଙ୍କର ବନ୍ଧୁ ଡକ୍ଟର ସତୀଶ ଚନ୍ଦ୍ର ରହି ରହି ସାଂପ୍ରତିକ ଦେଶର ଘଟଣାବଳୀକୁ ବଖାଣି ଚାଲିଥିଲେ । ସନତକୁମାର ସେ ଆଡ଼କୁ କାନ ବେଶି ନଦେଇ, କେବଳ ହଁ-ନା କହି ରାସ୍ତା ଆଗକୁ ଲକ୍ଷ୍ୟରଖି ଗାଡ଼ି ଚଳାଇବାରେ ଲାଗିଥିଲେ । ଝିପିଝିପି ବର୍ଷା ହେତୁ ରାସ୍ତାର ଟ୍ରାଫିକ୍ ତାଙ୍କୁ ଆଶ୍ୱସ୍ତ କରିଥିଲା । ଗାଁରେ ମହାଷ୍ଟମୀ ପୂଜା ବେଶ୍ ଧୁମ୍‌ଧାମରେ ହୁଏ ଏବଂ ଦେବୀ ଆରାଧନାରେ ତାଙ୍କ ଗାଁ ସାରା ମସଗୁଲ ହୋଇ ରହନ୍ତି । ଦେବୀଙ୍କ ନିକଟରେ କଖାରୁ ବଳି ପ୍ରଦାନ କରାଯାଏ । ମାତ୍ର ଗ୍ରାମ-ଦେବତୀଙ୍କ ସମ୍ମୁଖରେ ସେହି ଦିନ ବିରାଟ ଆକାରରେ ପଶୁବଳି ଦେବାର ବ୍ୟବସ୍ଥା ଥିବା ହେତୁ, ବହୁ ଦୂରରୁ ଭକ୍ତମାନେ ନିଜ ନିଜର ଅଭୀଷ୍ଟ ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ଛାଗଳମାନଙ୍କୁ ଦେବୀଙ୍କ ନିକଟରେ ଉପହାର ପ୍ରଦାନ କରନ୍ତି । ଶ୍ରୀଦୁର୍ଗାଙ୍କ ନିକଟରେ ବିଶେଷ ସନ୍ଧିପୂଜା ହେଉଥିବା ବେଳେ ଛାଗଳମାନଙ୍କର ମେଁ, ମେଁ ଚିତ୍କାର ସେଇ ପରିବେଶଟିକୁ ଅତ୍ୟଧିକ ମର୍ମସ୍ପର୍ଶୀ କରି ଗଢ଼ି ତୋଳେ । ହୁଳହୁଳି, ହରିବୋଲ, ଘଣ୍ଟାଧ୍ୱନି, ମୃଦଙ୍ଗବାଦ୍ୟ ମଧ୍ୟରେ ଭକ୍ତମାନେ ନାଚି ନାଚି ଦେବୀଙ୍କୁ ଆହ୍ୱାନ କରି, ଜଗତର କଲ୍ୟାଣ, ନିଜ ନିଜର ବଂଶାନୁକ୍ରମେ ଧନଦୌଲତ ପୁତ୍ର-ଦାରା ଲାଭ କାମନା କରି ସାଷ୍ଟାଙ୍ଗ ପ୍ରଣିପାତ କରନ୍ତି ।

Digitized by srujanika@gmail.com

ସନତକୁମାର ପ୍ରାୟ ପ୍ରତ୍ୟେକ ବର୍ଷ ଏହି ସମୟରେ ଗାଁକୁ ଯାଆନ୍ତି । ଦେବୀପୂଜା ଯେତେ ବେଶି ମୁଖ୍ୟ ତାଙ୍କ ନିମିତ୍ତ ନୁହେଁ, ଯୁବକମାନଙ୍କ ଦ୍ୱାରା ସଂଗଠିତ ସଂଘର ଜଣେ ସଭ୍ୟ ଭାବରେ, ତାଙ୍କ ଉପରେ ସେଦିନର ସନ୍ଧ୍ୟାରେ ହେବାକୁ ଥିବା ସଭାପାଇଁ ବକ୍ତାମାନଙ୍କୁ ନେବାର ଦାୟିତ୍ୱ ପ୍ରତ୍ୟେକ ବର୍ଷ ଦିଆହୋଇଥାଏ । ପ୍ରାୟ ସବୁ ବକ୍ତାମାନେ ଭୁବନେଶ୍ୱରରେ ରହନ୍ତି । ସେଠାରେ ଅଛି ବିଶ୍ୱବିଦ୍ୟାଳୟ, ସରକାରୀ ଅଫିସ, ମନ୍ତ୍ରୀ, ଏମ. ଏଲ୍. ଏ. ଇତ୍ୟାଦି । ବକ୍ତାମାନେ ରାଜଧାନୀ ବଜାରରେ ହାଉଯାଉ ହେଉଥାନ୍ତି । ଯାହାକୁ ହେଲେ ନେଇଗଲେ ଗାଁର ଲୋକମାନେ କୃତକୃତ୍ୟ ହୋଇଯାନ୍ତି ।

ସନତକୁମାର ଏଥରକ ଡକ୍ଟର ସତୀଶଚନ୍ଦ୍ରଙ୍କୁ ସାଙ୍ଗରେ ଧରି ଗାଁ ଅଭିମୁଖେ ଯାତ୍ରା କରୁଛନ୍ତି । ଡକ୍ଟର ସତୀଶଚନ୍ଦ୍ର ସମାଜଶାସ୍ତ୍ର ବିଶାରଦ । ତାଙ୍କର ଓଡ଼ିଆ ସାହିତ୍ୟ, ଦର୍ଶନ ବିଷୟରେ ବିଶେଷ ଭୂମିକା ଥିବା ହେତୁ ସେ ରାଜ୍ୟ ସରକାରଙ୍କର ବିଭିନ୍ନ ଏକାଡେମୀରେ ସଭ୍ୟପଦ ଅଳଂକୃତ କରିଛନ୍ତି । ଆଦିବାସୀମାନଙ୍କ ଚଳଣି, ଆଚାର ବ୍ୟବହାର, ସଂସ୍କୃତି ଉପରେ ସନ୍ଦର୍ଭ ଲେଖି ସେ ଡକ୍ଟରେଟ୍ ପାଇଛନ୍ତି ଏବଂ ଆଦିବାସୀ ସମାଜର କଲ୍ୟାଣ ପାଇଁ ସେ ଅନେକ ଖସଡ଼ା ପ୍ରସ୍ତୁତ କରି ସରକାରଙ୍କ-ଠାରୁ ଅନୁଦାନ ଲଭ କରୁଛନ୍ତି । ତାଙ୍କର ସନ୍ଦର୍ଭମାନ ସମଗ୍ର ବିଶ୍ୱରେ ଚହଳ ପକାଇଛି । ସେ ବିଭିନ୍ନ ସମୟରେ ନିମନ୍ତ୍ରିତ ହୋଇ ବିଦେଶ ଯାତ୍ରା ମଧ୍ୟ କରିଛନ୍ତି । ଡକ୍ଟର ସତୀଶଚନ୍ଦ୍ର ଯୁବକ । ବୟସ ମାତ୍ର ୩୫-୩୬ ବର୍ଷ । ଓଡ଼ିଶା ସରକାରଙ୍କର ଆଦିବାସୀ ଉନ୍ନୟନର ଭାରପ୍ରାପ୍ତ ପ୍ରଶାସନିକ ଅଧିକାରୀ । ତାଙ୍କର ଆଦିବାସୀମାନଙ୍କ ସମ୍ପର୍କରେ କାର୍ଯ୍ୟ-ହେତୁ ସେ ଜାତିସଂଘକୁ ମଧ୍ୟ ନିମନ୍ତ୍ରିତ ହୋଇ ସେଠାରେ ଭାଷଣ ଦେଇଛନ୍ତି । ଏ ବୟସରେ ଏତେ ଉପରକୁ ଉଠିଥିବା ବହୁ କମ୍ ଲୋକଙ୍କ ଭାଗ୍ୟରେ ମିଳେ । ସେ ଆଜି ହେବେ ମୁଖ୍ୟ ଅତିଥି । ସନତକୁମାରଙ୍କର ଘନିଷ୍ଠ ବନ୍ଧୁ ହେତୁ ତାଙ୍କ ସହିତ ସ୍କୁଟରରେ ଆସିଛନ୍ତି ।

× × ×

ସନତକୁମାର ବାରଣ୍ଡାକୁ ସ୍କୁଟରଟାକୁ ଉଠାଇବାକୁ କରମ ସିଂ ମୁଣ୍ଡାକୁ ଡକାପକାଇଲେ । ବାରଣ୍ଡାରେ ଲଙ୍ଗଳା ହୋଇ ଛୁଆ ଦୁଇଟା

Digitized by srujanika@gmail.com

ଖେଳୁଛନ୍ତି । କାବୁଆ ହାତରେ ଧରି ଚକଟିବାରେ ବ୍ୟସ୍ତ । କରମ ସିଂ ଦଉଡ଼ ଦଉଡ଼ ଆସି ଘରର ଲୁହା ଗେଟ୍‌ଟାକୁ ଖୋଲିଦେଲା ଏବଂ ପଛପଟ୍‌ ସ୍କୁଟରଟିକୁ ଠେଲିବାରେ ଲାଗିଲା । ସନତକୁମାର ଗାଡ଼ିଟାକୁ ଭିତରେ ରଖିଦେଲେ । କରମ ସିଂ ବାରଣ୍ଡାରେ ପଡ଼ିଥିବା ଖଟ ଓ ଚେୟାରକୁ ଝାଡ଼ିଝୁଡ଼ି ସଫା କରିଦେଲା । ଡକ୍ଟର ସନ୍ତୋଷଚନ୍ଦ୍ର କରମ ସିଂକୁ ଗାରେଇ ଚାହିଁଲେ । ଦାଣ୍ଡପାଖ ବାରଣ୍ଡାରେ ତା' ସ୍ତ୍ରୀ ରୋଷେଇ କରୁଛି । ହାଣ୍ଡିରେ ଭାତ ବସାଇଛି । ଶାଗ ସିଝେଇବା ପାଇଁ କଖାରୁ ଡଙ୍କ କାଟିଛି । ଲୁଗାଟା ତା ଦେହକୁ ପୂରା ନ ଘୋଡ଼େଇ ଦେହ ଅଧା ଫୁଙ୍ଗୁଳା ଦେଖାଯାଉଛି । ବାହାରି ପଡ଼ୁଛି ତାର ସ୍ତନ୍ୟଦ୍ୱୟ । ସନ୍ତୋଷଚନ୍ଦ୍ର କରମ ସିଂକୁ ଓ ତା' ସ୍ତ୍ରୀକୁ ବାରମ୍ବାର ଦେଖିବାକୁ ଲାଗିଲେ ।

କରମ ସିଂ ମୁଣ୍ଡା ମୟୂରଭଞ୍ଜର କୌଣସି ଆଦିବାସୀ ଅଧ୍ୟୁଷିତ ଗାଁର ଲୋକ । ମୁଣ୍ଡା ଜାତିରେ ଜନ୍ମ । ସିଂହ ମାରିଥିବାରୁ ତାର ପୂର୍ବ-ପୁରୁଷମାନେ ମୁଣ୍ଡା ସାର୍ଙ୍ଗିଆ ପୂର୍ବରୁ 'ସିଂହ' ଉପାଧି ପାଇଥିଲେ । ଭୋକ ଉପାସରେ ଗାଁରେ ଚଢ଼େ ଚଢ଼େ ରୋଜଗାର କରିବା ଲାଗି ଏଇ ଗାଁରେ ଆସି ପହଞ୍ଚି ସନତକୁମାରଙ୍କର ଖଳାବାଡ଼ିରେ ରହୁଛି । ତାଙ୍କ ଘର ଦେଖାଶୁଣା କରୁଛି । ତା ପରିବାରରେ ସେ, ତା' ସ୍ତ୍ରୀ ଓ ଛୁଆ ଦୁଇଟା । ତା ସ୍ତ୍ରୀ ଦେହଟା ଏବେବି ବେଶ୍ କଳା ମଚମଚ । ଗୋଲଗାଲ ଦେଖାଯାଉଛି । ଶରିଲୁଗାଟା ଭିତରେ ଅମାନିଆ ସ୍ତନ୍ୟ ଦୁଇଟା ପଦାକୁ ବାହାରି ପଡ଼ୁଛି ବାରମ୍ବାର ।

ସନ୍ଧ୍ୟା ହୋଇଯାଇଥିଲା । ଦେବୀ ମଣ୍ଡପରୁ ମାଇକ୍‌ରେ ଜୋର୍ ଜୋର୍‌ରେ କୀର୍ତ୍ତନ ଶୁଭିବାରେ ଲାଗିଥିଲା । ଡକ୍ଟର ସନ୍ତୋଷଚନ୍ଦ୍ର ସଭା-ମଣ୍ଡପରେ ବିରାଜମାନ କରିଥିଲେ । ହଜାର ହଜାର ଲୋକ ଜମା ହୋଇଥିଲେ । ଦେବୀ ପୂଜା ନିକଟବର୍ତ୍ତୀ ଅଞ୍ଚଳଟା ଦୋକାନ ବଜାରରେ ପୂରି ରହିଥିଲା । ଡକ୍ଟର ସନ୍ତୋଷଚନ୍ଦ୍ର ତାଙ୍କ ଭାଷଣ ଆରମ୍ଭ କରି ଦେବୀ ଦୁର୍ଗା ମହାନ୍ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରତୀକ ବୋଲି ବର୍ଣ୍ଣନା କଲେ । ସନ୍ତୁମାନଙ୍କୁ ରକ୍ଷାକରି ମାନବଜାତିକୁ ଉଦ୍ଧାର କରିବା ପାଇଁ ଦେବୀ ଦୁର୍ଗାଙ୍କର ଆଗମନ, ଅସତ୍ୟ ଉପରେ ସତ୍ୟର ବିଜୟ ବୋଲି କହି

Digitized by srujanika@gmail.com

ବର୍ତ୍ତମାନ ସମାଜରେ ଦେଖାଦେଇଥିବା ନାନା ପ୍ରକାର ଭ୍ରଷ୍ଟାଚାର, ଅନାଚାର ବିରୁଦ୍ଧରେ ଯୁବସମାଜ ବିଶେଷଭାବେ ଲଢ଼ିବାକୁ ଆହ୍ୱାନ ଦେଇଥିଲେ ।

ଡକ୍ଟର ସଚ୍ଚିଦାନନ୍ଦ କହିଲେ, "ଭାଇମାନେ, ସ୍ୱାଧୀନତାର ଛପ୍ପନ ବର୍ଷ ପରେ ମଧ୍ୟ ଏ ଦେଶର ନାରୀ ଦେହରେ କନା ନାହିଁ । ସେ ଅନାବୃତ ହୋଇ ବିଲରେ ଖଟେ । ନିଜର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସେ ପାଠପଢ଼ି ଜାଣେନା । ସରକାରଙ୍କର ଯୋଜନା, କାର୍ଯ୍ୟକ୍ରମ ସେ ଲୋକମାନଙ୍କୁ ଛୁଇଁପାରୁନାହିଁ । ଗାଁ ଗାଁରେ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଚାଲିଛି, ଟଙ୍କା ପାଣିଭଳି ଖର୍ଚ୍ଚ ହେଉଛି—କିନ୍ତୁ ବାସ୍ତବ କ୍ଷେତ୍ରରେ ଯେଉଁମାନେ ଶିକ୍ଷା ପାଇବା କଥା ସେମାନେ ପାଉନାହାନ୍ତି । ଯୁବକମାନଙ୍କୁ କାମରେ ଲାଗିବାକୁ ହେବ । ଭାରତମାତାକୁ ଅଧିକ ଉଜ୍ଜୀବିତ ଦେଖିବା ପାଇଁ, ତା ଆଖିରୁ ଲୁହ ପୋଛି ଦେବାପାଇଁ ଏ ଦେଶର ଅଗଣିତ ସ୍ତ୍ରୀଲୋକମାନଙ୍କୁ ଶିକ୍ଷାର ଆଲୋକରେ ଉଦ୍‌ଭାସିତ କରିବାକୁ ହେବ । ବିଶେଷକରି ଆଦିବାସୀ ମହିଳାମାନଙ୍କର ଉନ୍ନତି ହେବା ଆବଶ୍ୟକ । ଯୁଗ ଯୁଗ ଧରି ସେମାନେ ନିର୍ଯାତିତ, ନିଷ୍ପେଷିତ । ଜମିଦାର, ସାହୁକାର, କଣ୍ଟ୍ରାକ୍ଟରମାନଙ୍କର ଲାଳସାର ବହ୍ନିରେ ଆଦିବାସୀ ରମଣୀ ତାର ଇଜ୍ଜତକୁ ବିକି କରୁଛି । ପଣ୍ୟଦ୍ରବ୍ୟ ପରି ସେମାନଙ୍କର କିଣାବିକା ହେଉଛି । ସେମାନଙ୍କ ନିକଟରେ ଶିକ୍ଷାର ଆଲୋକ ପହଞ୍ଚାଇବାର ଦାୟିତ୍ୱ ଆପଣମାନଙ୍କର ନଚେତ୍ ଦେଶର ସମାଜ ବ୍ୟବସ୍ଥା ହେବ କଳୁଷିତ ।"

ଦେବୀଙ୍କ ନିକଟରେ ଖୁବ୍ ଜୋର୍‌ରେ ଘଣ୍ଟାଧ୍ୱନି ହେବାରେ ଲାଗିଥିଲା । ଡକ୍ଟର ସଚ୍ଚିଦାନନ୍ଦ କହିଚାଲିଲେ, "ଆମମାନଙ୍କୁ ସଙ୍କୀର୍ଣ୍ଣ ସ୍ୱାର୍ଥର ଖୋଳପା ମଧ୍ୟରୁ ବାହାରି ବୃହତ୍ତର ସ୍ୱାର୍ଥପାଇଁ ତ୍ୟାଗ କରିବାକୁ ହେବ । ବର୍ତ୍ତମାନର ସମସ୍ୟା ଏକ ବିଷମ ସମସ୍ୟା । ସମଗ୍ର ବିଶ୍ୱରେ ଦେଖା-ଦେଇଥିବା ନୂତନ ଚେତନା ସହିତ ସାମିଲ ହେବାକୁ ଆମମାନଙ୍କୁ ଆତ୍ମୋତ୍ସର୍ଗ କରିବାକୁ ହେବ । ଜୀବନକୁ ଏ ଯଜ୍ଞରେ ବଳି ଦେବାକୁ ହେବ । ଲମ୍ବା ଚଉଡ଼ା କଥା କହିଲେ ଧର୍ମ ହୁଏନାହିଁ । ଶୁଆ ମଧ୍ୟ ଲମ୍ବା

Digitized by srujanika@gmail.com

ଲମ୍ବା କଥା କହେ । ତ୍ୟାଗ, ଆତ୍ମବିଶ୍ୱାସ, ଉଦାରତା ଓ ଅନନ୍ତ ପ୍ରେମହିଁ ଜୀବନର ଅଭିପ୍ସା ହେଉ । ତାହାହିଁ ଆମର ଧର୍ମ । ମଣିଷକୁ ଭଲ ପାଇ ତାକୁ ସାହାଯ୍ୟ କରିବାକୁ ଆଗେଇଯିବାହିଁ ଧର୍ମ । ସମସ୍ତେ ଦେଶକୁ ପ୍ରେମ କର, ଧର୍ମକୁ ଭଲ ପାଅ । ଗରିବର ଆଖିରୁ ଲୁହ ପୋଛିଦେବାକୁ ଆଗଭର ହୁଅ । ତେବେ ଯାଇ କରମ ସିଂ ମୁହଁରେ ହସ ଉକୁଟି ଉଠିବ । ତାର ରେଜା ଦେହରେ ଲୁଗା ଶୋଭା ପାଇବ । ଦେବୀ ପ୍ରସନ୍ନ ହେବେ ।”

ଘନଘନ ତାଳି ବାଜିଉଠିଲା ସଭା ମଣ୍ଡପରେ । ଡକ୍ଟର ସତୀଶଚନ୍ଦ୍ର ନିଜେ ବଡ଼ ପ୍ରସନ୍ନ ଅନୁଭବ କରୁଥିଲେ । ତାଙ୍କ ଆଖି ଆଗରେ କରମ ସିଂର ସ୍ତ୍ରୀ ଛୁଆଟାକୁ ଜାକିଧରି ନିଜ ସ୍ତନ୍ୟକୁ ମୁକୁଳା କରି ଦୁଧ ପିଆଉଥିଲା । କେତେଦିନ ଗଲେ ଏଇ ଲୋକମାନଙ୍କର ଉନ୍ନତି ହେବ ଭାବୁଥିଲେ ଡକ୍ଟର ସତୀଶଚନ୍ଦ୍ର ।

ଡକ୍ଟର ସତୀଶଚନ୍ଦ୍ର ସମାଜବିଜ୍ଞାନୀ । ବଡ଼ ବଡ଼ ଥେସିସ୍ ଲେଖି ଦେଶବିଦେଶରେ ନାଁ କମାଇଛନ୍ତି । ସାମାଜିକ ଉତ୍ଥାନ-ପତନରେ ଏଇ ମଣିଷମାନେ ଦାୟୀ ବୋଲି ସେ ଭାବନ୍ତି ।

ଦେବୀ ମଣ୍ଡପରେ ମତୁଆଲା ହୋଇ ଭକ୍ତମାନେ ନାଚୁଥିଲେ । ଖୁବ୍ ଜୋର୍‌ରେ ମୃଦଙ୍ଗ ବାଜୁଥିଲା । ମହିଷାସୁରର ଗ୍ରୀବା ଉପରେ ନିଜର ବାମଗୋଡ଼ ରଖି ବର୍ଛାଟାକୁ ଖୁବ୍ ଜୋର୍‌ରେ ଭୁସିଦେଇ, ତା' ଦେହରୁ ବହିଯାଉଥିବା ଧାରି ଧାରି ଲହୁ ଭକ୍ତମାନଙ୍କୁ ମା' ଦେବୀ ଦୁର୍ଗାଙ୍କର ଶକ୍ତି ପ୍ରତି ସଚେତନ କରାଇ ଦେଉଥିଲା । ମା' ଦୁର୍ଗେ ! ଶକ୍ତିରୂପିଣୀ, ମାତୃରୂପିଣୀ, ବିଦ୍ୟାରୂପିଣୀ, ସେ ହିଁ ଏ ସଂସାରର ପାପୀମାନଙ୍କୁ ବିନାଶ କରିପାରନ୍ତି । ଦେବୀଙ୍କ ହସ୍ତରେ ବିଭିନ୍ନ ମାରଣାସ୍ତ୍ରମାନ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଅଧିକ ଶଙ୍କାକୁଳ କରୁଥିଲା ।

ଗ୍ରାମଦେବତାଙ୍କ ନିକଟରେ ବଳି ନିମିତ୍ତ ଆସିଥିବା ଛେଳିଟି ଯୂପକାଠରେ ବନ୍ଧା ହୋଇଥିଲା । ସକାଳୁ ଆସି ସେଇଠାରେ ବନ୍ଧା ହୋଇଛି ଜନ୍ତୁଟି । ତା' ଆଗରେ କେରେ କଅଁଳିଆ ଘାସ । ସେ

Digitized by srujanika@gmail.com

ରହି ରହି ଘାସକୁ ଚୋବାଉଛି । ସେ ଜାଣିପାରୁନି କ'ଣ ହେବାକୁ ଯାଉଛି । କେତେ ସୋହାଗରେ ତାକୁ ସମସ୍ତେ ଖାଇବା ପାଇଁ ଘାସ ଦେଉଛନ୍ତି । ମନେ ମନେ କୃତକୃତ୍ୟ ହୋଇପଡ଼ୁଛି ସେ । ସମୟ ପାଖେଇ ଆସୁଛି । ମହାଷ୍ଟମୀ ମୁହୂର୍ତ୍ତରେ ମା' ଦେବୀ ଦୁର୍ଗାଙ୍କ ନିକଟରେ କଖାରୁ ବଳି ପ୍ରତୀକ ଭାବରେ ଦେବାବେଳେ ଗ୍ରାମ ଦେବତାଙ୍କୁ ଅର୍ପଣ କରାଯିବ ଏଇ ଛାଗଳଟିକୁ ।

ବ୍ରାହ୍ମଣ ଖୁବ୍ ଜୋର୍‌ରେ ମନ୍ତ୍ର ପଢ଼ି ଚାଲିଥିଲେ ।

ମୃଦଙ୍ଗ ବଜାଇ ଦଳେ ମା'ଙ୍କ ନାମ ନେଇ ନାଚୁଥିଲେ । ମା'ଗୋ ! ଦୟା କର । ଭକ୍ତମାନଙ୍କୁ ଦୟା କର । ଏ ଭବସାଗରରୁ ପାର କରିବା ପାଇଁ ଆକୁଳ ପ୍ରାର୍ଥନାରେ ମୁଖରିତ ହୋଇଉଠୁଥିଲା ସେଇ ପରିବେଶଟି ।

× × ×

ଡକ୍ଟର ସତୀଶଚନ୍ଦ୍ର କରମ ସିଂ ରେଜାର ଦେହଟାକୁ ମନେମନେ ଚିନ୍ତା କରୁଥିଲେ । ଗୋଲ ଗୋଲ କଳା ମଚମଚ ବାହୁଗୁଡ଼ାକ ଅନାବୃତ ଦେହଟାରେ ଯୌବନ ଲହଡ଼ି ଭାଙ୍ଗୁଛି । ଚମତ୍କାର ଭାଷଣ ପରେ ସେଇ ଦେହଟା ଯଦି ତାଙ୍କ ପାଇଁ କେହି ନୈବେଦ୍ୟ କରି ବାଢ଼ନ୍ତା, ତେବେ ଏ ସନ୍ଧ୍ୟାଟା ବେଶ୍ ମସଗୁଲ ହୋଇଉଠନ୍ତା ।

କରମ ସିଂ କିଛି ବୁଝେନା । ତା' ସହିତ କଥା ହେବାବେଳେ ସେ କହୁଥିଲା, "ବାବୁ ! ହାଣ୍ଡିଆ ନ ଖାଇଲେ କେମିତି ହେବ । ପଇସା କେଉଁଠାରୁ ମିଳିବ ଏତେ । ମଜୁରି ଦିନକୁ ତେର ଟଙ୍କା । ଚାଉଳ ଆଣିଲେ ଅଧା ଶେଷ । ପାଠପଢ଼ିବା କଥା ହୋଇପାରିବନି ବାବୁ । ଆମକୁ ବେଳ ନାହିଁ, ଦେହଟାକୁ ତାଜା ରଖିବାକୁ ହାଣ୍ଡିଆ ଦରକାର ।" ଡକ୍ଟର ସତୀଶଚନ୍ଦ୍ର ତାକୁ ବୁଝାଇ ପାରୁନଥିଲେ । କେମିତି ବା ବୁଝାନ୍ତେ ।

ଡକ୍ଟର ସତୀଶଚନ୍ଦ୍ର ଭାବରାଜ୍ୟରେ ବିଚରଣ କରୁଥିଲେ । ସନତ୍-କୁମାରଙ୍କ ଡାକରେ ତାଙ୍କର ହୋସ୍ ଆସିଲା । ସଭା ଶେଷରେ

Digitized by srujanika@gmail.com

ଉଦ୍ୟୋକ୍ତାମାନେ ଡକ୍ଟର ସତୀଶଚନ୍ଦ୍ରଙ୍କୁ ତାଙ୍କର ମୂଲ୍ୟବାନ୍ ଭାଷଣ ପାଇଁ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କଲେ । କରମ ସିଂ ତାଙ୍କୁ ହାତଯୋଡ଼ି ନମସ୍କାର କଲା । ତା' ଆଖିରେ ଆନନ୍ଦର ଜୁଆର । ସେ ଯେପରି କହୁଥିଲା, "ବାବୁଜୀ ତା କଥା ସଭାରେ କହି ତା'ର ଇଜ୍ଜତ୍ ବଢ଼ାଇ ଦେଲା ।"

× × ×

ଡକ୍ଟର ସତୀଶଚନ୍ଦ୍ର ବିଛଣାରେ ଶୋଇପାରୁ ନଥିଲେ । ବାରଣ୍ଡାରେ ଚିତ୍ ହୋଇ ଶୋଇଛି କରମ ସିଂର ରେଜା । ତା' ଦେହଟା ଫୁଙ୍ଗୁଳା । ଛାତି ଉପରେ ନିବୁଜ ହୋଇ ରହିଥିବା ସ୍ତନ୍ୟଦ୍ୱୟ ପର୍ବତ ସଦୃଶ୍ୟ ଉପରକୁ ମୁହଁ କରି ଠିଆ ହୋଇଛି । କଳା ମଚମଚ ଦେହଟା । ସତୀଶଚନ୍ଦ୍ର ଏଇ ଲୋଭନୀୟ ପଦାର୍ଥକୁ ହାତ ପାଖରେ ପାଇବା ପାଇଁ ବେଳକୁ ବେଳ ବ୍ୟସ୍ତ ହୋଇଉଠୁଥିଲେ । ରେଜାଟା ବାରଣ୍ଡାରେ ଶୋଇଛି ଏକାକୀ । ରେଜାଟା ଗାରଡ଼େଇ ଗାରଡ଼େଇ ଚାହୁଁ ଥିଲା ଡକ୍ଟର ସତୀଶଚନ୍ଦ୍ରଙ୍କୁ ଯେତେବେଳେ ସେ କରମ ସିଂ ସହିତ କଥା ହେଉଥିଲେ । ଦେବୀମଣ୍ଡପରୁ ବ୍ରାହ୍ମଣ ଜୋର୍‌ରେ ମନ୍ତ୍ର ଉଚ୍ଚାରଣ କରିବାରେ ଲାଗିଥିଲେ ।

ଡକ୍ଟର ସତୀଶଚନ୍ଦ୍ରଙ୍କ ଆଖି ଆଗରେ କରମ ସିଂର ରେଜା ତାଙ୍କୁ ପ୍ରତୀକ୍ଷା କରି ରହିବା ପରି ସେ ଭାବି ହେଉଥିଲେ । ସେ ବିଛଣାରୁ ଉଠି ଛିଡ଼ାହେଲେ । ବାହାର ବାରଣ୍ଡାରେ ଏ ମୁଣ୍ଡରୁ ସେ ମୁଣ୍ଡ ବୁଲିବାକୁ ଲାଗିଲେ । ଆଲୁଅରେ ରେଜାର ନଗ୍ନ ଦେହଟାକୁ ନିରୀକ୍ଷଣ କଲେ । ମନ ଭିତରଟା ମେ ମେ ହୋଇ ଚିତ୍କାର କରୁଥିଲା । ସେ ନିଜକୁ ଭୁଲି-ଗଲେ, ଭୁଲିଗଲେ ମହାଷ୍ଟମୀ ପୂଜାଟା ଧୂମ୍‌ଧାମ୍‌ରେ ଚାଲିଛି ବୋଲି । ତାଙ୍କୁ କେବଳ ଦେଖାଯାଉଥିଲା ସେଇ ରେଜା, ତା'ର ଅନାବୃତ ବକ୍ଷୋଜ । ଡକ୍ଟର ସତୀଶଚନ୍ଦ୍ର ବାହାର ବାରଣ୍ଡାରେ ପଦଚାରଣ କଲାବେଳେ ଆଖିଟା ବାରମ୍ବାର ସେଇଆଡ଼କୁ ବୁଲି ଆସୁଥିଲା । ରେଜାଟା ଏକାକୀ ଶୋଇ ରହି ଏକଡ଼ ସେକଡ଼କୁ ହାତ ଗୋଡ଼ ଛାଟିପିଟି ହେଉଥିଲା । ଖସିଯାଇଥିଲା ଲୁଗାଟା ତା'ର ଛାତି ଉପରୁ, ଗୋଡ଼ ଉପରୁ ।

Digitized by srujanika@gmail.com

ଡକ୍ଟର ସତୀଶଚନ୍ଦ୍ର ମନକୁ ମନ ଅସ୍ଥିର ହୋଇଉଠୁଥିଲେ । ତାଙ୍କ ଭିତରେ ଥିବା ଜନ୍ତୁଟା ମେ ମେ ହେଉଥିଲା । ବାରଣ୍ଡାର ଲାଇଟ୍‌ଟା ଅଫ୍ ହୋଇଯାଇଥିଲା ସେତେବେଳକୁ ।

× × ×

ଦୂରରୁ ମାଇକ୍‌ରେ ବ୍ରାହ୍ମଣର ମନ୍ତ୍ର "ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପିଣୀ..." ଖୁବ୍ ଜୋର୍‌ରେ ବାଜି ଉଠୁଥିଲା । ଭକ୍ତମାନଙ୍କର କୋଳାହଳ, ହୋ-ହଲ୍ଲା ମଧ୍ୟରେ ଦେବୀଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ଭୟଭୀତ ଆଖିରେ ଚାହିଁଥିବା ଛାଗଳଟି ଗ୍ରାମଦେବତୀଙ୍କ ଉଦ୍ଦେଶ୍ୟରେ ଅର୍ପିତ ହେଉଥିଲା । ଦର୍ଶକମାନେ ହରିବୋଲ, ହୁଳହୁଳି ଧ୍ୱନିମାନ ଦେଇ ଚାଲିଥିଲେ । ସନତକୁମାର ଏକଣା କୋଣରେ ବସିରହି ସେ ଦୃଶ୍ୟକୁ ଦେଖିବାକୁ ବ୍ୟଗ୍ର ଓ ବ୍ୟସ୍ତ ହୋଇଉଠୁଥିଲେ । କରମ ସିଂ ଛୁଆ ଦୁଇଟାଙ୍କୁ ଜାବୋଡ଼ି ଧରିଥିଲା । ଘଣ୍ଟା, ମୃଦଙ୍ଗ, ଢୋଲ, କରତାଳରେ ପରିବେଶ ଅଧିକ ପ୍ରାଣବନ୍ତ ହୋଇଉଠୁଥିଲା । ବଡଟ ଖଡ୍‌ଗଟାକୁ ଖୁବ୍ ଜୋର୍‌ରେ ଟେକି ଧରି ସୁକୁଟା ଚମାରଟା ପକାଇ ଦେଇଥିଲା ଯୂପକାଠରେ ବନ୍ଧା ହୋଇଥିବା ସେହି ଛାଗଳଟି ବେକରେ ! ମେ, ମେ, ହେବା ବନ୍ଦ ହୋଇଯାଇଥିଲା । ଜନ୍ତୁଟିର ମୁଣ୍ଡଟାକୁ ନୈବେଦ୍ୟ ଥାଳିରେ ପରଶି ଦେଇଥିଲା ସୁକୁଟା । ଭକ୍ତମାନେ ଚଟାଣସାରା ବିଚ୍ଛୁଡ଼ି ହୋଇ ପଡ଼ିଥିବା ତାଜା ରକ୍ତକୁ ଟିକିଏ ଟିକିଏ ମୁଣ୍ଡରେ ମାରିବା ପାଇଁ ଦଳାଚକଟା ଆରମ୍ଭ କରି ଦେଇଥିଲେ ।

× × ×

ମହାଷ୍ଟମୀର ସେଇ ମୁହୂର୍ତ୍ତ ଶେଷ ହୋଇଯାଇଥିଲା । ଦେବୀଙ୍କ ନିକଟରେ ନବମୀପୂଜା ଆରମ୍ଭ ହେଉଥିଲା ।

କରମ ସିଂର ରେଜା ବାରଣ୍ଡାର ଖୁଣ୍ଟକୁ ଆଉଜି ବସିଥିଲା । ବାଳଗୁଡ଼ାକ ଫୁରୁଫୁରୁ ହୋଇ ଉଡ଼ୁଥିଲା । ଦେହରେ ଆଦୌ ଲୁଗା ନଥିଲା । ତା'ର ଓଠ ଓ ଛାତିରେ ନଖ ଓ ଦାନ୍ତର ଚିହ୍ନ ଦାଉଦାଉ ହୋଇ ଦେଖାଯାଉଥିଲା ।

ରକ୍ତର ସୁଅ ଧାରଟିଏ ତା' ନିକଟ ଦେଇ ବହିଚାଲିଥିଲା ।

Digitized by srujanika@gmail.com

ବୁଦ୍ଧିଜୀବୀ ସମାରୋହ

ସ୍ଥାନୀୟ ସରକାରୀ ହଲରେ ବୁଦ୍ଧିଜୀବୀମାନଙ୍କର ଏକ ସଭା ଆରମ୍ଭ ହୋଇଯାଇଥିଲା । ସହର ତମାମ ତା ପୂର୍ବରୁ ସେଥିପାଇଁ ହୁଲସ୍ଥୂଲ ପଡ଼ିଯାଇଥିଲା । ଖବରକାଗଜରେ ବାରମ୍ବାର ବିଜ୍ଞାପନ ବାହାରି ଲୋକମାନଙ୍କର ମନକୁ ଏପରି ଆଚ୍ଛନ୍ନ କରିଥିଲା ଯେ, ସନ୍ଧ୍ୟା ୭ ଘଟିକାର ବହୁପୂର୍ବରୁ ଲୋକମାନେ ହଲ୍ ଘର ଭିତରେ ପଶିବାକୁ ଧାଡ଼ି ବାନ୍ଧିଥିଲେ । ଏପରି ହେଲା ଯେ, କେହି କେହି ହାତାହାତି ହେଲେ । ପୁଲିସ ଡାକିବାକୁ ପଡ଼ିଲା । କେହି କହିବାର ଶୁଣାଯାଉଥିଲା, "କହୋ ! ବୁଦ୍ଧିଜୀବୀ ସମ୍ମିଳନୀ ହେଉଛି, ତୁମେ କ'ଣ କେବଳ ଯିବ । ଆମେ କ'ଣ ବୁଦ୍ଧିଜୀବୀ ନୋହୁଁ । ଆମେ ପରା ଧଳାକୁ କଳା ଓ କଳାକୁ ଧଳାକରି ଏ ଦେଶର ଶାସନକୁ ଟେକିଧରିଛୁ । ଆମଠାରୁ କେହି କ'ଣ ବଡ଼ ବୁଦ୍ଧିଜୀବୀ ଅଛନ୍ତି ।"

ବୁଦ୍ଧିଜୀବୀ ବକ୍ତା ତାଲିକାରେ ଯେଉଁମାନେ ଥିଲେ ସେମାନଙ୍କର ଏକ ଲମ୍ବା ତାଲିକା ନ ହେଲେ ମଧ୍ୟ କ୍ଷୁଦ୍ର ତାଲିକା ଏହିପରି ପ୍ରସ୍ତୁତ କରାଯାଇପାରେ ।

(କ) ମହେନ୍ଦ୍ରନାଥ ନଗମାନନ୍ଦ ସରବରକର— ବରିଷ୍ଠ ସାହିତ୍ୟିକ, ବହୁ ବହୁ ପୁସ୍ତକର ରଚୟିତା, ସାହିତ୍ୟ ସଙ୍ଗଠନମାନଙ୍କ ଦ୍ୱାରା ପୁରସ୍କୃତ ଏବଂ ବହୁ ଅନୁଷ୍ଠାନର ସଭାପତି ଆସନରେ ଅଳଙ୍କୃତ । ସରବରକର ମହୋଦୟ ରାଜଧାନୀର ପ୍ରାଣସ୍ୱରୂପ ବୋଲି ତରୁଣମାନେ ମନେକରନ୍ତି । ତାଙ୍କ ବିନା ସାହିତ୍ୟର ରଥ ଆଗକୁ ଚାଲିପାରିବ ନାହିଁ । ପ୍ରତ୍ୟେକ କାର୍ଯ୍ୟରେ ତାଙ୍କ ହାତର ସ୍ୱାକ୍ଷର ।

Digitized by srujanika@gmail.com

(ଖ) କହ୍ଲେୟାଲାଲ ଲଗୁ—ସ୍ୱାଧୀନତା ସଂଗ୍ରାମୀ, ରାଜନୈତିକ ନେତା, ଟ୍ରେଡ୍ ୟୁନିୟନ ସଙ୍ଗଠକ, ପୂର୍ବତନ ମନ୍ତ୍ରୀ, ଶାସକଦଳର ଅଧ୍ୟକ୍ଷ, ରାଜନୀତିରେ ମୌଳିକ ଚିନ୍ତାଧାରର ପ୍ରବର୍ତ୍ତକ ଏବଂ ମୂଲ୍ୟବୋଧ ରାଜନୀତିରେ ବିଶ୍ୱାସ କରନ୍ତି ।

(ଗ) ସଂବିତ ରଞ୍ଜନ ପଟ୍ଟବର୍ଦ୍ଧନ—ତରୁଣ ସାମ୍ବାଦିକ ଏବଂ ଏକ ପ୍ରଗତିଶୀଳ ଖବରକାଗଜର ସମ୍ପାଦକ । ତାଙ୍କ ନିକଟରେ ସବୁବେଳେ ତରୁଣମାନଙ୍କର ଭିଡ଼ । ବିଭିନ୍ନ ସଙ୍ଗଠନର ସଭାପତି ଓ ଚେୟାରମ୍ୟାନ ପଦରେ ଆସୀନ ।

(ଘ) ଆନନ୍ଦ ଚନ୍ଦ୍ର ବାଗେ—ଓକିଲ । ବାମପନ୍ଥୀ ଭାବଧାରାରେ ଜଡ଼ିତ ଓ ସେହି ଦର୍ଶନ ସମ୍ପର୍କରେ ଚିନ୍ତାକରନ୍ତି । କଚେରିରେ ଧଳାକୁ କଳା ଓ କଳାକୁ ଧଳା କରିବାରେ ସିଦ୍ଧହସ୍ତ । ସମ୍ପ୍ରତି ସରକାରଙ୍କର ସରକାରୀ ଓକିଲ ଭାବରେ ବେଶ୍ କିଛି କେସ୍ ହସ୍ତଗତ କରିପାରିଛନ୍ତି ।

(ଙ) ଅଧ୍ୟାପକ ଖଗପତି ମହାପାତ୍ର—ବିଶିଷ୍ଟ ଅଧ୍ୟାପକ । ରାଜନୀତିଶାସ୍ତ୍ର ବିଶାରଦ । ଦେଶର ରାଜନୈତିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ସରକାରଙ୍କୁ ଦିଗ୍‌ଦର୍ଶନ ଦେଇଥାନ୍ତି ।

ଏମାନେ ସମସ୍ତେ ଜଣକ ପରେ ଜଣେ ଆସିବାକୁ ଲାଗିଲେ । ହଲ୍‌ଘରର ଆଣ୍ଟି ରୁମ୍‌ର ଦେଇ ଏମାନଙ୍କୁ ମଞ୍ଚ ଆଡ଼କୁ ପାଛୋଟି ନେଇ ଯାଉଥିଲେ ଉଦ୍ୟୋକ୍ତାମାନେ । ମଞ୍ଚ ଉପରେ ସୁସଜ୍ଜିତ ଚେୟାର ବସ୍ଥି-ହୋଇଥିଲା । ନିର୍ଦ୍ଧାରିତ ସମୟଠାରୁ ଏକ ଘଣ୍ଟା ବିଳମ୍ବରେ ସଭାକାର୍ଯ୍ୟ ଆରମ୍ଭ ହେଲା । ତରୁଣୀ ଅର୍କେଷ୍ଟ୍ରା ଦଳ ତରଫରୁ ଝଙ୍କୃତ ହୋଇଉଠିଲା, "ସର୍ବେଷାଂ ନୋ ଜନନୀଭାରତ···"

ତରୁଣ ସାମ୍ବାଦିକ ସଂବିତ ରଞ୍ଜନ ପଟ୍ଟବର୍ଦ୍ଧନ ସଭାପତି ଆସନ ଅଳଙ୍କୃତ କରିଥିଲେ । ସେ ସଭାକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇ କହିଲେ ଯେ, ଏଠାରେ ସମବେତ ହୋଇଥିବା ଆଲୋଚକମାନେ ନିଜ ନିଜ କ୍ଷେତ୍ରରେ ବିଶିଷ୍ଟ

Digitized by srujanika@gmail.com

ବ୍ୟକ୍ତି ଓ ବୁଦ୍ଧିଜୀବୀ ଭାବରେ ସୁପରିଚିତ । ଦେଶର ଘଟଣା ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଅବହିତ ଓ ସଚେତନ । ସେମାନେ ଆମ୍ଭମାନଙ୍କୁ ଦିଗ୍‌ଦର୍ଶନ ଦେବେ । ମୋ ମତରେ ଆମ ଜାତିର ସ୍ୱାଭିମାନକୁ ରକ୍ଷାକରିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ । ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ହେଲେ ଏକ ସ୍ଥିର ଶାସନ ଓ ସରକାର ଆବଶ୍ୟକ । ଦୀର୍ଘ ଦଶବର୍ଷ ଧରି ଆମ ରାଜ୍ୟରେ ଏକ ସ୍ଥିର ଶାସନ ରହି ନାନାବିଧ ଉନ୍ନତିମୂଳକ କାର୍ଯ୍ୟ କରିପାରିଛନ୍ତି । ରାଜ୍ୟରେ ହୋଟେଲ ସଂଖ୍ୟା ବୃଦ୍ଧି ପାଇଛି । ବେକାର ସଂଖ୍ୟାକୁ କମାଇବା ପାଇଁ ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଇଛି । ରାଜ୍ୟର ଦ୍ରୁତ ଶିଳ୍ପବିକାଶ ଘଟୁଛି । ନାରୀମାନଙ୍କୁ ସ୍ୱାଧୀନତା ଦିଆଯାଇ ପଞ୍ଚାୟତ ସ୍ତରରେ ୩୦ ଭାଗ ସଂରକ୍ଷିତ ହୋଇଛି । ସେଥିପାଇଁ ଆମର ଶାସନ ଦୁର୍ନୀତିମୁକ୍ତ ହୋଇଛି ।

ସଭାପତିଙ୍କ ଭାଷଣ ଚାଲିଥିବାବେଳେ ହଲ୍ ଭିତରେ ଚୁପା ଗୁଂଜରଣ ସୃଷ୍ଟି ହୋଇଥିଲା । କେହି କେହି କହୁଥିବାର ଶୁଣାଗଲା, ହୋଟେଲମାନଙ୍କରେ ବ୍ୟାପକ ମଦ ଯୋଗାଇ ଦିଆଯାଉଛି । ଶିଳ୍ପ-ମାନଙ୍କରେ ତାଲା ଝୁଲୁଛି । ନାରୀମାନଙ୍କୁ ଦିନ ଦ୍ୱିପହରରେ ବଳାତ୍କାରରେ ବେଇଜ୍ଜତ କରାଯାଉଛି । ବେକାର ହାଃ, ହାଃ, ହାଃ···ବଡ଼ଲୋକ କ ନା···କେମିତି ଜାଣିବେ ?

ସଭାପତି ମହେନ୍ଦ୍ରନାଥ ନିଗମାନନ୍ଦ ସରବରାକରଙ୍କୁ ଭାଷଣ ଦେବାକୁ ଆହ୍ୱାନ କଲେ । ସେ ମହାଶୟ ଗଳାଖୁଣ୍ଟି ତାଙ୍କର ସୁଲଳିତ କଣ୍ଠରେ କହିଲେ, 'ଦେଶର ବିକାଶକୁ ଠିକ୍ ରାସ୍ତା ଦେଖାଇବାର ଦାୟିତ୍ୱ ହେଉଛି ସାମ୍ବାଦିକମାନଙ୍କର ଓ ସମ୍ବାଦପତ୍ରର । ବୁଦ୍ଧିଜୀବୀ ହେଉଛନ୍ତି ସେଇମାନେ ; ଯେଉଁମାନେ ବୁଦ୍ଧିକୁ ଜୀବିକାଭାବେ ଗ୍ରହଣ କରିଛନ୍ତି । ସାମ୍ବାଦିକମାନେ ଆଜିର ପରିସ୍ଥିତିକୁ ଉପଲବ୍ଧି କରି ସମ୍ବାଦ ପରିବେଷଣ କଲେ ଦେଶର ମଙ୍ଗଳ ହେବ । କିନ୍ତୁ ସେମାନେ ତାହା କରୁନାହାନ୍ତି । ସାହିତ୍ୟିକ ସତ୍ୟଦ୍ରଷ୍ଟା । ସେ ସତ୍ୟକୁ ଆଧାରକରି ଲେଖନୀ ଚାଳନା କରେ । ଆମ ରାଜ୍ୟରେ ସ୍ଥିର ଶାସନ ରହିଛି ଏହା ଧ୍ରୁବସତ୍ୟ । ତେଣୁ ସାହିତ୍ୟିକମାନେ ଶାସନ ମୁଖ୍ୟଙ୍କର ପ୍ରଶଂସା କରୁଛନ୍ତି ।'

Digitized by srujanika@gmail.com

ସରବତ୍ରାକରଙ୍କର ଭାଷଣ ଶୁଣି କେହି ତରୁଣ ହଠାତ୍ ମଞ୍ଚ ମଝିରୁ ଠିଆହୋଇ କହିଉଠିଲା, 'ହଁ ହଁ, ଆପଣମାନେ ସତ୍ୟଦ୍ରଷ୍ଟା । ଆପଣଙ୍କ କଲମରେ କେତେବେଳେ ବେକାର କଥା କହିଛନ୍ତି ? ଶାସନର ସବୁ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବାର ଦାୟିତ୍ୱ ଆପଣ ନେଇଛନ୍ତି ନା ? ବସନ୍ତୁ, ବେଶିଗୁଡ଼ାଏ ଦର୍ଶନ ଶୁଣାନ୍ତୁ ନାହିଁ ।'

ସେ ଟୋକାର କଥା ସରିଛି କି ନାହିଁ, ଏକାଥରକେ ଚାରି ପାଞ୍ଚୋଟି ଟୋକା ଠିଆହୋଇପଡ଼ି ସେ ଟୋକାଆଡ଼କୁ ମାଡ଼ିଗଲେ । କହି କହି ଚାଲିଲେ, 'ଆବେ ବସୁଛୁ ନା ଦେଖିବୁ । ଦ'ଚାରିଟା ପିଠିରେ ବସିଯିବ । ଶଳା, ଲିଡ଼ର ଦେଖାଇବାକୁ ଆସିଛି । ଆମ ସାହିତ୍ୟିକଙ୍କର ଅପମାନ କରିବ । ଶାସନକର୍ତ୍ତାଙ୍କୁ ବଦନାମ କରିବ ।' ଏମାନଙ୍କ ପାଟିଶୁଣି ଦର୍ଶକମାନେ ହୋ-ହାଲ୍ଲା କରିବାକୁ ଆରମ୍ଭ କରିଦେଇଥିଲେ । ସୁରବତ୍ରାକର ମହୋଦୟ ବସିପଡ଼ିଥିଲେ । କହ୍ଲେୟାଲାଲ ଲାଗୁ ଭାଷଣ ଦେବାକୁ ଆରମ୍ଭ କରିଦେଇଥିଲେ । କିଛି ଶୁଣାଯାଉଥିଲା, କିଛି ଶୁଣାଯାଉନଥିଲା । ସରକାରଙ୍କ ଦ୍ୱାରା ଥୁଆହୋଇଥିବା ମାଇକ୍ଯନ୍ତ୍ର ଅଧା ଅକାମୀ ହୋଇପଡ଼ିଥିଲା ।

ହଲ୍ ଭିତରେ ହୋ-ହୋ ଲାଗି ରହିଥିଲା । ପରସ୍ପର ପରସ୍ପର ମଧ୍ୟରେ ଟୀକାଟିପ୍ପଣୀ ଦେବାକୁ ଲାଗିଥିଲେ । ହଠାତ୍ ହୃଷ୍ଟପୁଷ୍ଟ ଡେଙ୍ଗା ଯୁବକ ଜଣେ ମଞ୍ଚ ଉପରକୁ ଆସି ଉପସ୍ଥିତ ଜନତାକୁ ସମ୍ବୋଧନ କରି ଭାଷଣ ଦେଲା; 'ଭାଇ ଓ ଭଉଣୀମାନେ ! ଆପଣ ନୀରବତା ରକ୍ଷାକରନ୍ତୁ । ମୁଁ ଏ ମଞ୍ଚରେ ବସିଥିବା ବୁଦ୍ଧିଜୀବୀ ନୁହେଁ କିମ୍ବା ଏମାନଙ୍କ ଗୋଷ୍ଠୀର ଲୋକ ନୁହେଁ । ମୁଁ ଏକ ବେକାର ଯୁବକ । ମୋ ପ୍ୟାଣ୍ଟ ପକେଟ୍‌ରେ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀର ସାର୍ଟିଫିକେଟ୍ । ମୋତେ ଏ ଯାବତ୍ ଚାକିରି ମିଳିନି । ମୁଁ ଟିଉସନ କରି ପେଟ ପୋଷୁଛି । ଦେଶର ସ୍ଥିର-ଶାସନ ନାଁରେ କ'ଣ ଘଟୁଛି ମୋଠୁ ଶୁଣନ୍ତୁ । ଏମାନେ (ମଞ୍ଚରେ ଆସୀନ ବ୍ୟକ୍ତିମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି) ସ୍ୱାର୍ଥକେନ୍ଦ୍ରିକ ବ୍ୟକ୍ତି । ନିଜ ନିଜର ଆସନକୁ ଦୃଢ଼କରିବା ପାଇଁ ସରକାର ଓ ଶାସନର ବାନ୍ଧିଗୁହାଳିଆ ଚାଟୁକାର । ଏମାନେ ଦେଶ କଥା କ'ଣ କହିବେ ।

Digitized by srujanika@gmail.com

ଦେଶରେ ସାଂପ୍ରଦାୟିକତାର ଯେଉଁ ବିଷ ମାଡ଼ିଯାଉଛି, ତାକୁ ରୋକିବାକୁ, ତା'ର ପ୍ରତିକାର ପାଇଁ ସ୍ୱର ଉତ୍ତୋଳନ କରିବାର କାହିଁ କେହି ସାହିତ୍ୟିକ ବାହାରୁ ନାହାନ୍ତି ? ବେକାରିର ଉତ୍କଣ୍ଠାରେ ଆମ ରାଜ୍ୟର ଯୁବକ ଇଞ୍ଜିନିୟର ଜୋତା ସଫାକରେ ଫୁଟ୍‌ପାଥରେ ବସି । ଖାଇବାକୁ ନପାଇ ଗାଁଗଣ୍ଡାରେ ଲୋକମାନେ ହଇରାଣ ହରକତ ହେଉଛନ୍ତି । ପେଟକୁ ଗଣ୍ଡେ ଦାନା, ପିଠିକି ଖଣ୍ଡେ କନା ଦେଲେ ସିନା ଶାସନ—ନଚେତ୍ ସ୍ଥିର ଶାସନର କ'ଣ ଦରକାର । ବୁଦ୍ଧିଜୀବୀ ଶାସନ ଠିକ୍ ବାଟରେ ନ ଚାଲିଲେ ତା'ର ପରିବର୍ତ୍ତନ କରିବାକୁ ଆହ୍ୱାନ କରି ବିଦ୍ରୋହ କରେ । ଲୋକମାନଙ୍କୁ ବିଦ୍ରୋହ କରିବାକୁ ଆହ୍ୱାନ କରେ । ଏମାନେ ପାରିବେ ? ସ୍ଥିର ଶାସନ ନାଆଁରେ ଆଜ ଆମେ ସମସ୍ତେ କ୍ଲୀବ, ନପୁଂସକ, ଦେଶରେ କ'ଣ ଘଟୁଛି ଆମ ପାଟିରୁ ବାହାରୁ ନାହିଁ, ବାହାରିବ ନାହିଁ । ଯେତେଦିନଯାଏ ଏହିଭଳି ଗୁଡ଼ିଏ ବୟସ୍କର ନିଜକୁ ବୁଦ୍ଧିଜୀବୀ କହି ଆମକୁ ଉପଦେଶ ଦେଉଥିବେ, ଆମେ ତାକୁ ଶୁଣିବାକୁ ଉତ୍କଣ୍ଠା ଓ ଆଗ୍ରହ ପ୍ରକାଶ କରୁଥିବା ଏବଂ ସେମାନଙ୍କୁ ସମ୍ମାନ ଦେଉଥିବା, ସେତେଦିନ ପର୍ଯ୍ୟନ୍ତ ଏ ଦେଶ ଓ ଜାତିର ଭାଗ୍ୟରେ ପରିବର୍ତ୍ତନ ଆସିବ ନାହିଁ ।'

ହଲ୍‌ଟାସାରା ଚୁପ୍ ହୋଇଯାଇଥିଲେ । ନିମନ୍ତ୍ରିତ ବୁଦ୍ଧିଜୀବୀ ବକ୍ତାମାନେ ମୁହଁକୁ ତଳକୁ କରି ବସିଥିଲେ । ହଲ୍ ସୁରକ୍ଷା ଦାୟିତ୍ୱରେ ଥିବା ଟୋକାମାନେ ସେହି ଟୋକାକୁ ତଳକୁ ଟାଣିଆଣିବାକୁ ସାହସ କରିପାରୁ ନଥିଲେ । ସେମାନେ ଭାବୁଥିଲେ କେତେ ନିରାଟ ସତକଥାକୁ ସାହସର ସହିତ ନ କହୁଛି ସେ !

ଯୁବକର ବକ୍ତୃତା ଶେଷ ହେବା ବେଳକୁ ହଲ୍ ଘରେ ଥିବା ଟୋକାମାନେ ତାକୁ ଟେକି ଟେକି ତା'ର ଜିନ୍ଦାବାଦ କରି ବାହାରକୁ ନେଇ ଯାଉଥିବାର ଦେଖାଗଲା । ଲୋକମାନେ ଭିଡ଼ ଠେଲି ପଦାକୁ ବାହାରି ଚାଲିଥିଲେ । ସେହି ଟୋକାର କଥା ସମସ୍ତଙ୍କ ତୁଣ୍ଡରେ । ସେକ୍ରେଟାରିଏଟ୍‌ର ଯୋଗାଣ ବିଭାଗର ବଡ଼ବାବୁ ତାଙ୍କ ସାଙ୍ଗରେ ଥିବା ତରୁଣ ଯୁବକକୁ କହୁଥିଲେ, 'ଟୋକାଟା ଆମ ଆଖି ଖୋଲିଦେଲା । ଶଳେ ଦେଶଟାକୁ ଛାରଖାର କରିଦେଲେଣି ।'

Digitized by srujanika@gmail.com

ବୁଦ୍ଧିଜୀବୀ ସଭାର ଏକ ନାଟକୀୟ ପରିଣତି ପଢ଼ିଥିଲେ ମଧ୍ୟ ତା’ ପରଦିନ ଖବରକାଗଜରେ ମଞ୍ଚରେ ଆସୀନ ବକ୍ତାମାନଙ୍କର ସୁନ୍ଦର ଫଟୋ ଛପା ହୋଇ ବାହାରିଲା ଏବଂ ସେମାନଙ୍କର ବକ୍ତବ୍ୟ ଅତି ମାର୍ଜିତ ଭାଷାରେ ଚାରି ସ୍ତମ୍ଭ ହୋଇ ପ୍ରଥମପୃଷ୍ଠା ମଣ୍ଡନ କରିଥିଲା । ସେହି ଯୁବକର ବକ୍ତବ୍ୟ ଆଦୌ ନଥିଲା । କେବଳ ବିରୋଧୀ ସମ୍ବାଦପତ୍ରର ସାମ୍ବାଦିକ ଧାଡ଼ିଟିଏ ସେହି ସମ୍ବାଦରେ ଯୋଡ଼ିଦେଇ ଲେଖିଥିଲା, ‘ବୁଦ୍ଧିଜୀବୀ ସମାବେଶରେ ଜଣେ ବେକାର ଯୁବକ ନିଜର ବକ୍ତବ୍ୟ ରଖି ଦେଶର ଶାସନ ବେକାରି ଦୂର କରିବାକୁ ଚେଷ୍ଟା କରିବା ଉଚିତ ବୋଲି ମତ ଦେଇଥିଲା ।’

●

Digitized by srujanika@gmail.com

ଘୋଷକ

ଜଣକ ପରେ ଜଣେ ପହଞ୍ଚିବାକୁ ଲାଗିଥିଲେ । ହାତରେ ଲମ୍ବା ମାଟିଆ କାଗଜର ଲଫାଫା । ଗେଟ୍ ପାଖରେ ଦରୱାନ ଛିଡ଼ାହୋଇ ଖାତାରେ ନିଜ ନାମ ଓ କେଉଁଥିପାଇଁ ଆସିଛ ଲେଖିବାକୁ କହୁଥିଲା । ସମସ୍ତେ ସେଇ ଗୋଟିଏ କଥା ବାରମ୍ବାର ଲେଖୁଥିଲେ 'ଅଡ଼ିସନ ଟେଷ୍ଟ' କେହିବା ଉପର ଲେଖାତଳେ 'ଡ଼ୁ' ମାରୁଥିଲେ । ସମୟ ଦିଆଯାଇଥିଲା ଦୁଇଟା । ମୁଁ ପହଞ୍ଚିବାବେଳକୁ ପ୍ରାୟ ପଚିଶଜଣ ବାରଣ୍ଡାରେ ହାତରେ କାଗଜ ପୁଳାଏ ଲେଖାଁ ଧରି ପଡ଼ୁଥିଲେ । ବସିବା ପାଇଁ କାହାପାଇଁ କିଛି ବ୍ୟବସ୍ଥା ହୋଇନଥିଲା । ମୁଁ ଭିତରକୁ ପ୍ରବେଶ କଲି । ମୋର ଅଭିଜ୍ଞତା ସମ୍ପର୍କିତ ସାର୍ଟିଫିକେଟକୁ ତନଖି କରିବାପାଇଁ ସମସ୍ତ କାଗଜପତ୍ର କ୍ଲର୍କ ହାତକୁ ବଢ଼ାଇଦେଲି । ସେ ମୋତେ ମୋର ମାଟ୍ରିକ୍ ସାର୍ଟିଫିକେଟ୍ ଓ ବି. ଏ. ସାର୍ଟିଫିକେଟ ଦେବାକୁ କେବଳ କହିଲେ । ଆଉ କିଛି ଆବଶ୍ୟକତା ତାଙ୍କର ନଥିଲା । ଗୋଟିଏ ବ୍ୟାଗ୍‌ରେ ବୋହିକରି ନେଇଥିବା ମୋର ସମସ୍ତ ଅଭିଜ୍ଞତାର ପ୍ରମାଣପତ୍ର ସେଇଭଳି ନିବୁଜ ହୋଇ ବ୍ୟାଗ୍ ଭିତରେ ପଡ଼ି ରହିଲେ । ମୁଁ ମନେ ମନେ ଭାବିଥିଲି ଏତେଦିନପରେ ମୋତେ ସୁବିଧା ଓ ସୁଯୋଗ ମିଳିଛି ମୋର ଅଭିଜ୍ଞତାର ଲମ୍ବା ଫର୍ଦ୍ଦ କାହାକୁ ଦେଖାଇବା ପାଇଁ ; ମାତ୍ର ତାହା ମୋ ଭାଗ୍ୟରେ ଜୁଟିଲା ନାହିଁ ।

ମୋ ନାଆଁ ଡାକରେ ଧଳାକାଗଜ ଫର୍ଦ୍ଦରେ ଦସ୍ତଖତ ନେଇ ମୋତେ ମୋଟା ଫର୍ଦ୍ଦଟିଏ ବଢ଼ାଇଦେଲେ । ମୁଁ ତାକୁ ଓଲଟପାଲଟ କରି ଦେଖିଲି । ସେଥିରେ ବିଭିନ୍ନ ସମୟରେ ସମ୍ବାଦ ପଢ଼ାଯାଇଥିବା ବିଷୟ-ବସ୍ତୁମାନ ଥିଲା । ଲେଖା ହୋଇଥିବା ଅକ୍ଷର ପଢ଼ିବା ବାସ୍ତବିକ ଥିଲା

Digitized by srujanika@gmail.com

କଷ୍ଟକର । ଚତୁର୍ଥ ଶ୍ରେଣୀରେ ହସ୍ତାକ୍ଷର ଅଭ୍ୟାସ ନକଲ ଲେଖୁଥିବା ଗ୍ଲାସପର ସେ ଅକ୍ଷରଗୁଡ଼ିକ ଥିଲା । ମୁଁ ତାକୁ ପଢ଼ିବାକୁ ଆରମ୍ଭ କଲି । ଦୁଇ ତିନଥର ବହୁ ଚେଷ୍ଟାକରି ୨ । ୩ ପୃଷ୍ଠାରୁ ଅଧିକ ଆଗେଇ ପାରିଲି ନାହିଁ । ହାତରେ କାଗଜ ବଡ଼ାଟାକୁ ଧରି ଚେଦସ୍ମରଣ କଲି ।

ପଚ୍ଚିଶ ଷାଠିଏ ଜଣ ଯୁବକ ଯୁବତୀ ଏପାଖ ସେପାଖ ହେଉଥିଲେ । ସେମାନଙ୍କ ପାଇଁ ବସିବାକୁ ଜାଗା ନଥିଲା । ଇଣ୍ଟରଭ୍ୟୁ ଆରମ୍ଭ ହେବାକୁ ଅଧଘଣ୍ଟାଏ ବାକି । ହଠାତ୍ ଅସରାଏ ବର୍ଷା କେଉଁଠି ଥିଲା କେଜାଣି ଝୋ-ଝୋ କରି ବର୍ଷି ଦେଇଗଲା । ପାଣିଛିଟା ବାରଣ୍ଡା ଉପରକୁ ଆସୁଥିଲା । ଆମେମାନେ ଏକାଠି ଲାଗିଲୁଗି ହୋଇ ଠିଆ ହୋଇଥିଲୁ । ବୟସ ଅନୁସାରେ ଦେଖିଲେ ମୋତେ ଲାଗୁଥିଲା ମୁଁ ସମସ୍ତଙ୍କଠାରୁ ବୟସ୍କ । ଆଉ ଜଣେ ଦୁଇଜଣ ମୋଠାରୁ ଟିକିଏ ବଡ଼ ବା ମୋ ବୟସର ଥିଲେ । ପୁଅମାନେ ଦାଢ଼ିକାଟି ବେଶ୍ ଚକ୍‌ଚକ ଦେଖାଯାଉଥିଲେ । କେହି କେହି ବେକରେ ନେକ୍‌ଟାଇ ଭିଡ଼ିଥିଲେ । ଝିଅମାନଙ୍କର ବୟସ ପୁଅମାନଙ୍କ ତୁଳନାରେ କମ୍ ଥିଲା । ସେମାନେ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଲାପରି ଜଣାପଡ଼ୁଥିଲେ । ଏଠାକୁ ଆସିଥିବା ହେତୁ ମୋତେ ବିରକ୍ତ ଲାଗୁଥିଲା । ଅଯଥା ସମୟ ବରବାଦ କରିବାକୁ ମୁଁ ଚାହୁଁନଥିଲି । କିନ୍ତୁ ଆସିଗଲା ପରେ ଫେରିଯିବାକୁ ଇଚ୍ଛା ମଧ୍ୟ ହେଲାନାହିଁ । କାଳେ ସିଲେକ୍‌ସନ ହୋଇଯିବ, ଏଥିନେଇ ମନରେ ଆଶା ଦେଖା ଦେଇଥିଲା । ମୋ ସହିତ ଥିବା ମୋର ବନ୍ଧୁଟି ମୋତେ ବେଶି ବେଶି ଉତ୍ସାହ ଦେଉଥିଲା । ତା ଉତ୍ସାହରେ ମୁଁ ନିଜ ଭିତରେ ବେଶ୍ ଆତ୍ମବିଶ୍ୱାସ ପାଇଥିଲି । ସେ ମୋତେ ବାରମ୍ବାର କହୁଥିଲା, "ତୁମେ ସଭାମଞ୍ଚରେ ଏତେ ସୁନ୍ଦର ଭାବରେ ଭାଷଣ ଦେଇପାରୁଛ, ତୁମ ସ୍ୱର ଶୁଣିବାମାତ୍ରେ ସମସ୍ତେ ଆନନ୍ଦ ପ୍ରକାଶ କରନ୍ତି, ଆଉ ଏ କାର୍ଯ୍ୟ ତ ସାମାନ୍ୟ ମାତ୍ର । ଏଥିରେ ନିଶ୍ଚେ ତୁମେ ପାଇବ ।" ମୁଁ ବନ୍ଧୁକୁ ଧନ୍ୟବାଦ ଦେଇ ପୁଣି-ଥରେ ସେହି କାଗଜ ବଡ଼ାଟାକୁ ଏପାଖ ସେପାଖ କଲି । ସେତେବେଳକୁ ଇଣ୍ଟରଭ୍ୟୁ ଆରମ୍ଭ ହୋଇଯାଇଥିଲା ।

ବହୁଦିନ ପରେ ମୁଁ ଯାଇଥିଲି ଏହି ଇଣ୍ଟରଭ୍ୟୁ ଦେବାକୁ । ଚାକିରିରେ ବାହେଲା ହେବା ମୋର କୋଡ଼ିଏ ବର୍ଷ ହେଲାଣି । କୋଡ଼ିଏ

Digitized by srujanika@gmail.com

ବର୍ଷ ବ୍ୟବଧାନ ପରେ ଇଣ୍ଟରଭ୍ୟୁ ଦେଉଥିବାରୁ ମନରେ କିଛି ଉତ୍କଣ୍ଠା ଥିଲା । ଇଣ୍ଟରଭ୍ୟୁକୁ ଯିବାପାଇଁ ମନରେ ଭୟ ନଥିଲା । କେବଳ ଅପେକ୍ଷା କରିବା ଥିଲା ମୋ ନିକଟରେ କଷ୍ଟ । ଜଣକ ପରେ ଜଣେ ଭିତରକୁ ପ୍ରବେଶ କରିବାକୁ ଆରମ୍ଭ କଲେ । ଦୁଇ ବା ତିନିମିନିଟ୍‌ରେ ସେମାନେ ଚାଲି ଆସୁଥିଲେ । ମୋ ପାଳି ପଡ଼ିବା ବେଳକୁ ସ୍କୁଟା ବାଜି ଯାଇଥିଲା । କ୍ରମାଗତ ଭାବରେ ୨।୩ ଘଣ୍ଟା ଛିଡ଼ାହେବା ହେତୁ ମୋତେ ବିରକ୍ତ ଲାଗୁଥିଲା । ମୁଁ ଭିତରକୁ ଗଲି । ପିଅନ ମାର୍ଫତ ମୋତେ ଗୋଟିଏ ଚେୟାରରେ ବସାଇଦେଇ ପଢ଼ିବାକୁ କୁହାଗଲା । କଣ ପଢ଼ିବେ, କେତେ ସମୟ ପଢ଼ିବେ, କିମିତି ବସିବେ, କିଛି କୁହାଗଲା ନାହିଁ । ଇଣ୍ଟରଭ୍ୟୁ ବୋର୍ଡ଼ର ସଦସ୍ୟମାନେ ସେଠାରେ କେହି ନଥିଲେ । ମୋତେ ବିରକ୍ତ ଲାଗୁଥିଲା । ପରଦା ପଛଆଡ଼େ ରହି ସେମାନଙ୍କର ଜଣକୁ ପରୀକ୍ଷା କରିବା ଓ ନିଷ୍ପତ୍ତି ନେବା ମୋ ବିଚାରରେ ଘୋର ଲଜ୍ଜାକର ବ୍ୟାପାର ଥିଲା । ମୋତେ ଲାଗୁଥିଲା ବୋର୍ଡ଼ର ଲୋକମାନଙ୍କର ମୁହଁଗୁଡ଼ାକ ବୋଧହୁଏ କଳା ପଡ଼ିଯାଇଛି । ସେମାନେ କିଛି ନିର୍ଦ୍ଦିଷ୍ଟ ଲୋକମାନଙ୍କୁ ମନେ ମନେ ସ୍ଥିର କରିଥିବା ହେତୁ ଅନ୍ୟମାନଙ୍କୁ ମୁହଁ ଦେଖାଇବାକୁ ପ୍ରସ୍ତୁତ ନୁହନ୍ତି ।

ମୁଁ ପଢ଼ିବାକୁ ଆରମ୍ଭ କରି ଦେଇଥିଲି । ଦୁଇମିନିଟ୍ ପରେ ମୋତେ ପଢ଼ା ବନ୍ଦକରି ବାହାରକୁ ଯିବାକୁ ପିଅନଟି କହିଲା । ମୁଁ କାଗଜ ପୁଳାଟାକୁ ତା' ହାତକୁ ବଢ଼ାଇ ଦେଇ ଫେରି ଆସିଲି ।

ମୋ ବନ୍ଧୁ ବାହାରେ ଅପେକ୍ଷା କରିଥିଲା । ମୋତେ ପଚାରିଲା, "କେମିତି ହେଲା ?" ମୁଁ ତାକୁ ଉମା ଉମା ଆଖିରେ ଚାହିଁ ହସି ହସି କହିଲି, "ଯେମିତି ହେବା କଥା ।"

× × ×

କିଛିଦିନ ପରେ ଖବରକାଗଜରେ ଏକଥା ଦେଖି ମୋତେ ବେଶି ଖୁସି ଲାଗି ନଥିଲା । ମୁଁ ଜାଣିଥିଲି ଏ ଦେଶରେ କ୍ଷମତାରେ ଥିବା ଲୋକମାନଙ୍କର ଆତ୍ମଗର୍ବ ଏତେ ବେଶି ଯେ ସେମାନେ କେବଳ ଅଧସ୍ତନ କର୍ମଚାରୀ ନୁହଁନ୍ତି, ସମସ୍ତଙ୍କୁ ପୋକଜୋକ ପରି ବ୍ୟବହାର କରନ୍ତି ।

Digitized by srujanika@gmail.com

ଇଣ୍ଟରଭ୍ୟୁ ନେବା ଏକ ପ୍ରହସନ ମାତ୍ର । ହଜାର ହଜାର ଯୁବକ ଯୁବତୀଙ୍କୁ ନେଇ ଖେଳିବା ସେମାନଙ୍କ ପାଇଁ ଏକ ସୌଖୀନ ବ୍ୟାପାର । କିନ୍ତୁ କେହି ପ୍ରଶ୍ନ କରେନା । ପ୍ରଶ୍ନ କଲେ ତା'ର ମଧ୍ୟ ମୁଲ୍ୟ ନାହିଁ । କିଏ କାହାକୁ ଶୁଣୁଛି । ଜନତାର ସ୍ୱର ହିଁ କେବଳ ଏହାକୁ ପରିବର୍ତ୍ତନ କରିପାରେ । କାଚପର ଦେଖୁଥିବା ମଣିଷମାନଙ୍କର ଆତ୍ମଚେତନାର ଜାଗରଣରେ ଏହା ହିଁ ସମ୍ଭବ ।

ଇଣ୍ଟରଭ୍ୟୁ ଦେବା ମୋ ପାଇଁ ନିରର୍ଥକ ନଥିଲା । ମୁଁ ଅନୁଭବ କରିଥିଲି ଜୀବନର ଏହି ଇଣ୍ଟରଭ୍ୟୁମାନଙ୍କ ଭିତରେ ମୋର ଚେତନା କ୍ରମଶଃ ବିକଶିତ ହେଉଛି ମୋତେ ଆଉ ଏକ ଇଣ୍ଟରଭ୍ୟୁକୁ ନେବାପାଇଁ ଯେଉଁଠି ମୁଁ ଦେଖିବି ସମସ୍ତେ ସମାନ । କେହି ନିଷ୍ପେଷିତ ନୁହେଁ— ଇଣ୍ଟରଭ୍ୟୁ ନେବା ଓ ଦେବା ଲୋକମାନେ ଏକ ଓ ଅଭିନ୍ନ ।

× × ×

ମୁଁ ଟି.ଭି. ପରଦାରେ ଖଣ୍ଡ ଖଣ୍ଡ ତ୍ରୁଟିପୂର୍ଣ୍ଣ ଓଡ଼ିଆ ସମ୍ବାଦ ଶୁଣିବାକୁ ବସି ଯାଇଥିଲି । ମନରୁ ପୋଛି ଦେଇଥିଲି ମୁଁ ଯାଇଥିଲି ଏଇଥିପାଇଁ ଇଣ୍ଟରଭ୍ୟୁ ଦେବାକୁ ।

Digitized by srujanika@gmail.com

ଅନାଥାଶ୍ରମ

କାର୍ଯ୍ୟ ଉପଲକ୍ଷେ ଦିଲ୍ଲୀରୁ କଲିକତା ଦେଇ ମିଷ୍ଟର ଏସ୍. ସଦାନନ୍ଦ ମାନ୍ଦ୍ରାସ ଫେରୁଥିଲେ । ଇଣ୍ଡିୟାନ ଏୟାର ଲାଇନ୍‌ସର ଷ୍ଟ୍ରାଇକ୍ ହେତୁ ପ୍ଲେନ୍‌ରେ ନଯାଇପାରି କଲିକତାରୁ କରମଣ୍ଡଳ ଟ୍ରେନ୍ ଯୋଗେ ଯାତ୍ରା କରିବାକୁ ହେଲା । ବହୁ କଷ୍ଟରେ ଟ୍ରାଭେଲ ଏଜେଣ୍ଟ ତାଙ୍କପାଇଁ ସେକେଣ୍ଡକ୍ଲାସ୍ ଟିକେଟ୍ ଖଣ୍ଡିଏ ଯୋଗାଡ଼ କରିଦେଲା । ବର୍ଥ ନମ୍ବର୍ ୭୩ରେ ଶୋଇରହି ସେ ଦିଲ୍ଲୀରେ ତିଆରି କରୁଥିବା ବିଲ୍‌ଡିଂ ସମ୍ପର୍କରେ ଚିନ୍ତା କରୁଥିଲେ । ନିଦ ଟିକିଏ ଲାଗିଆସୁଥିଲା । ଟି. ଟି ଟିକେଟ୍ ଚେକ୍ କରିବାକୁ ତାଙ୍କୁ ଡାକୁଥିଲା । ସେ ଉଠିପଡ଼ି ମନିପର୍ସରୁ ଟିକେଟ୍ ବାହାର କରିଦେଲେ । ଚାର୍ଟରେ ମିଃ. ଏସ୍. ସଦାନନ୍ଦ, ୪୫ ବର୍ଷ ସ୍ଥାନରେ ଟିକ୍ ଚିହ୍ନଦେଇ ଟି. ଟି. ଟିକେଟ୍ ଫେରାଇଦେଲେ । ତାଙ୍କ ବର୍ଥ ତଳେ ଶୋଇଥିବା ପିଲାଟିକୁ ଦେଖି ଟି. ଟି. ବିରକ୍ତ ହୋଇ ତାର ଟିକେଟ୍ ଦେଖିବାକୁ ମାଗିଲା । ଭୟରେ ଜଡ଼ସଡ଼ ହୋଇଯାଇଥିଲା ପିଲାଟି । କହିଲା, "ବାବୁ ! ଦି'ଦିନ ହେଲା କିଛି ଖାଇନି । ଟିକଟ୍ କରିନି । ମୋ ପାଖରେ ପଇସା ନାହିଁ । ଯାହାଙ୍କ ଘରେ ରହି କାମ କରୁଥିଲି, ମୋତେ ଘରୁ ବାହାର କରିଦେଲେ । ଖାଇବାକୁ ଦେଲେ ନାହିଁ । ମୋତେ ବଞ୍ଚାନ୍ତୁ ବାବୁ । ମୁଁ ଚୋର ନୁହେଁ ।"

"ଟି. ଟି. ତା' କଥା ଶୁଣିବାକୁ ନାରାଜ । ଆଗ ଷ୍ଟେସନରେ ତୋତେ ପୁଲିସରେ ଦେଲେ ଠିକ୍ କହିବୁ ।"

ମିଃ. ଏସ୍. ସଦାନନ୍ଦ ଟି. ଟି. କଥା ଶୁଣୁଥିଲେ । ପିଲାଟି ବଳକଳରେ କାକୁତି ମିନତି ହେବା ଦେଖୁଥିଲେ । ପିଲାଟି ଆଖିରୁ ଲୁହଧାର ବହିଚାଲିଥିଲା ।

Digitized by srujanika@gmail.com

ମିଃ. ସଦାନନ୍ଦ ଟି. ଟି.କୁ ଗୁହିଁ କହିଲେ, "ମିଷ୍ଟର ଟି. ଟି. ସାର୍, ଆପଣଙ୍କର କୌଣସି ଆପତ୍ତି ନଥିଲେ ଏ ପିଲା ପାଇଁ ଗୋଟେ ଟିକେଟ୍ ମାନ୍ଦ୍ରାସ ଦେବେ କି ? ଏ ଚୋର ନୁହେଁ ବୋଲି ମୋର ବିଶ୍ୱାସ । ଆପଣ ଟଙ୍କା ନଅନ୍ତୁ ।"

ଟି. ଟି. ହାତକୁ ଟଙ୍କା ବଢ଼ାଇଦେଇ ପାଖରେ ପିଲାଟିକୁ ବସାଇଲେ । ତା' ଆଖିରୁ ଲୁହ ପୋଛିଦେଲେ ।

ଟ୍ରେନ୍ ଛାଡ଼ିଦେଇଥିଲା । ପିଲାଟି ପାଖ ବର୍ଥରେ ଶୋଇପଡ଼ିଥିଲା ।

ବୋହିଆସୁଥିବା ଲୁହଧାର ଶୁଖି ଆଖିରେ ଲାଗିଥିଲା । ମିଃ. ଏସ୍. ସଦାନନ୍ଦ ପିଲାଟିକୁ ଗୁହିଁଲେ । ତାଙ୍କ ଆଖି ଆଗରେ ସତେଇଶ ବର୍ଷ ତଳର ଇତିହାସ ହଠାତ୍ ଝଟକା ମାରି ଦେଖାଦେଲା ।

× × ×

'ଟ୍ରେନ ଦ୍ରୁତ ଗତିରେ ଗୁଲିଛି । ଭୁବନେଶ୍ୱରଠାରେ ଟ୍ରେନ୍‌ରେ ବସିବାବେଳେ ସନଆ ତା' ମନ ଭିତରେ କ'ଣ ଘଟୁଛି, ତାହା ଭାବି ନଥିଲା । ନିଜକୁ ରକ୍ଷାକରିବା ପାଇଁ ରାତିର ଅନ୍ଧାର ଭିତରେ ସେ ଗଳିଛପି ଷ୍ଟେସନ ଭିତରକୁ ଗୁଲିଆସିଥିଲା । ପାଖ ୧୦ କି. ମି. ବାଟ । ଆସିବାବେଳେ ତା ଦେହ ଥରୁଥିଲା । ଦେହରୁ ଗମ୍‌ଗମ ଝାଳ ବୋହୁଥିଲା । ବସ୍‌ରେ ଆସିବାକୁ ତାର ସାହସ ହେଲାନାହିଁ । ବହୁ କଷ୍ଟରେ ଷ୍ଟେସନର ଗୁରିନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲା । ସେତେବେଳକୁ ରାତି ୧୦ଟା୩୦ ମିନିଟ୍ । ହାତଗୋଡ଼ ଅବଶ ଲାଗୁଥିଲା । କରମଣ୍ଡଳ ଟ୍ରେନ୍‌ଟା ସେତିକ-ବେଳକୁ ଧାଇଁଆସିଥିଲା । ଆଗକୁ ପଛକୁ ନଭାବି ସେ ଟ୍ରେନ୍ ଭିତରକୁ ପଶିଗଲା ଏବଂ ଗୋଟିଏ କମ୍ପାର୍ଟମେଣ୍ଟ ଭିତର ସିଟ୍‌ତଳେ କାନ୍ଥରେ ପଡ଼ିଥିବା ଗାମୁଛା ଖଣ୍ଡିକୁ ପକାଇ ଶୋଇପଡ଼ିଲା । ତାକୁ ନିଦ ଲାଗିଗଲା ହଠାତ୍ । ସେ ଥିଲା ବଡ଼ କ୍ଳାନ୍ତ । ନିଦ ଭାଙ୍ଗିବାବେଳକୁ ଟ୍ରେନ୍‌ଟା ହୋ ହୋ ହୋଇ ଗୁଲିଥିଲା ।

ସେତେବେଳକୁ ଭୋର ଭୋର ହୋଇ ଆସୁଥିଲା ।

Digitized by srujanika@gmail.com

ସନଆ ଗତଦିନର ଘଟଣା ଭାବିବାକୁ ଲାଗିଲା । କାହିଁକି ସେ ଏମିତି କଲା ? ତା ମା’ କ’ଣ ଭାବିବ ? କ’ଣ ହେବ ତା ମା’ର । ବୁଢ଼ୀଟା । କେମିତି ସେ ଚଳିବ ?

ସନଆ ଭାବୁଥିଲା । ବାବୁଘରେ ରହି କାମକଲେ ତାକୁ ଚାକିରି ଖଣ୍ଡେ ମିଳିବ ବୋଲି ମା’ ତାକୁ ବୁଝାଇସୁଝାଇ ପଠାଇଥିଲା । ତାଙ୍କ ଗାଁରେ ବାବୁଙ୍କର ଘର । ବାବୁଆଣୀ ଗାଁକୁ ଯାଇଥିବାବେଳେ ସନଆ ମା’କୁ ଡାକି କହିଥିଲେ, “ସନଆ ମା ! ତୋ ପୁଅକୁ ଆମ ସାଙ୍ଗରେ ପଠା । ଆମ ଘରେ ରହିବ । କାମ ଧନ୍ଦା କରିବ । ବାବୁଙ୍କୁ କହି ତାକୁ ଚାକିରିରେ ରଖାଇଦେବି ।”

ସନାମା’ ବାବୁଆଣୀଙ୍କ କଥାରେ ଖୁସି ହୋଇଯାଇଥିଲା । ଟୋକାଟା ପାଠଶାଠ ପଢ଼ିନି ନାହିଁ । ତା ପାଖରେ ଟଙ୍କା ବା କାହୁଁ ଆସିବ ପାଠ ପଢ଼ାଇବା ପାଇଁ । ଜମିବାଡ଼ି ନାହିଁ । କାମଧନ୍ଦା ଗାଁରେ ମିଳୁନ । ବାବୁଆଣୀ ତା ପୁଅକୁ ଚାକିରି କରାଇଦେବେ, ଏହା ଶୁଣି ଖୁସିରେ ସନଆ ମା’ ବାବୁଆଣୀଙ୍କ ଗୋଡ଼ତଳେ ପଡ଼ିଯାଇଥିଲା । ବହୁ ବୁଝାସୁଝା କରି ବାବୁଆଣୀଙ୍କ ସାଙ୍ଗରେ ସନଆକୁ ପଠାଇଥିଲା । ଆଜକୁ ଆଠ ବର୍ଷ ହେଲାଣି । ଦଶ ଏଗାର ବର୍ଷର ସନଆ ଅଠର ବର୍ଷର ଟୋକା ।

ଏଇ ଆଠବର୍ଷ କେମିତି କଟିଛି ସେ ଜାଣେନା । ସେ ମନେରଖିବାକୁ ଚେଷ୍ଟା କରନାହିଁ । କ’ଣ ମନେରଖି ଲାଭ ହୋଇଥାନ୍ତା । ତାକୁ ଚାକିରି ମିଳିବ ଏଇ ଆଶାରେ ଆଠବର୍ଷ ଧରି ବାବୁ-ବାବୁଆଣୀଙ୍କ ଯେତେ ଗାଳିକୁ ସହିଛି । ଦିନସାରା ଘରର ଯାବତୀୟ କାମକୁ କରିଛି । କେହି ନଉଠିବା ଆଗରୁ ଉଠି ଘର ସଫା କରିବା, ଚା’ କରିବା, ବ୍ରେକଫାଷ୍ଟ କରି ଖାଇବାକୁ ଦେବା, ବାସନ ଧୋଇବା, ଲୁଗା କାଚିବା ଇତ୍ୟାଦି ଯାବତୀୟ କାମ କରିବାରେ ସେ ଆଦୌ କୁଣ୍ଠା ପ୍ରକାଶ କରିନାହିଁ ।

ସେ ତ ମଣିଷ ହୋଇ କାମ କରିନ, ଗଧଭଳି ଖଟିଛି । ବାବୁଆଣୀଙ୍କ ଗୋଡ଼ ଘଷିଛି, ଲୁଗାଧୋଇଛି, ତାଙ୍କର ଯାବତୀୟ କାମ ସେ କରିଛି ।

Digitized by srujanika@gmail.com

ଯାହା ମିଳିଲା ରୁଖାଶୁଖା ଦି'ଟା ଖାଇବାକୁ ପାଉଛି । ବର୍ଷକୁ ଦି'ହଳ ପ୍ୟାଣ୍ଟ ସାର୍ଟ, ପେଟକୁ ଦି'ଟା ଖାଇ ସେ ପଡ଼ିରହିଥିଲା ବାବୁଙ୍କ ଘରେ । ମା'ର ମମତାକୁ ଦଶବର୍ଷ ଦିନରୁ ଭୁଲିଗଲାଣି । ତା' ମା କ'ଣ ତାକୁ ଖାଇବାକୁ ନା ପିନ୍ଧିବାକୁ ଦେଉ ନଥିଲା । ସନିଆ ଚାକିରି କରିବ । ବଡ଼ ମଣିଷ ହେବ । ବାବୁଆଣୀ ତା ସନିଆକୁ ଚାକିରିରେ ରଖାଇଦେବେ । ସନିଆ ଚାକିରି ଆଶାରେ ଆଠବର୍ଷ କେତେ ଖଟିବ ଅବା ।

ମା'କୁ ଦେଖିବାକୁ ଗାଁକୁ ଯାଇପାରେନା । ବର୍ଷରେ ଥରେ ବାହାରିଲେ ବାବୁଆଣୀ ପାଟିକରି ଉଠିବେ । ବିରକ୍ତ ହୋଇ କହିବେ, "ଯାଉନୁ ଗାଁକୁ । ମା' ଦୁଧ ଚୁଚୁମିବୁ । ଚାକିରି କରିବ ଏ ଟୋକା କାଲେ । ହଇରେ, ଚାକିରି କ'ଣ ଦାଣ୍ଡରେ ବାଟରେ ପଡ଼ିଛି । ଗୋଟେଇଆଣି ବାବୁ ହାତରେ ଧରାଇଦେବେ । ଲୋକ ଦିନ ଦିନ କାମ କରି ଟଙ୍କା ଦେଇ ଚାକିରି ପାଉନାହାନ୍ତି । ୟାକୁ ମୋଫତ୍‌ରେ ଚାକିରି ମିଳିବ । ଯା ଯା, ଆମକୁ କେତେ ଲୋକ ମିଳିବେ । ବସିକରି ୟାକୁ ଖାଇବାକୁ ଦେବାକୁ ଆମର ଧନ ନାହିଁ । ଦିନସାରା ବକର ବକର ହେବେ ବାବୁଆଣୀ ।

ସନିଆ ଗାଁକୁ ଯିବା ହେବ ନାହିଁ । ମା' ପାଖରୁ ଚିଠି ଆସିବ । ବୁଢ଼ୀ ମଣିଷ ଚାହିଁଥିବ ତାକୁ ଦେଖିବାକୁ । ଟଙ୍କା ପଇସା ତ ନାହିଁ । କେବଳ ପୁଅକୁ ଟିକେ ଦେଖିବ । ଟଙ୍କା ଥିଲେ ସେ ନିଜେ ଚାଲିଆସନ୍ତା । ଆଠବର୍ଷଧରି ସନିଆର ଦିନ ଏଇମିତି ଗଡ଼ିଚାଲିଗଲା । ଗଲାବର୍ଷ ଗାଁକୁ ଯିବାକୁ ବାହାରିବାବେଳେ ବାବୁଆଣୀ ତା ଉପରେ ଖପାହୋଇ ଉଠିଲେ । ବାବୁ ବହୁ ବୁଝାସୁଝା କରି କୋଡ଼ିଏ ଟଙ୍କା ଦେଇ ତାକୁ ପଠାଇଲେ । ତା ମା' ଦେହଥିଲା ବହୁତ ଖରାପ ।

ଗାଁରେ ପହଞ୍ଚି ମା'ର ଅବସ୍ଥା ଦେଖି ତା'ର ମନ ନଥିଲା ଆଦୌ ଆସିବାକୁ । ତିନିଦିନରୁ ଅଧିକା ଦୁଇଦିନ ରହିଗଲା । ମା' ଦେହ ଭଲ ଆଡ଼କୁ ଆସିବାରୁ ସେ ପୁଣି ଫେରିଆସିବାକୁ ମା' ତାକୁ ବାଧ୍ୟକଲା । ମା'କୁ ଛାଡ଼ିଆସିବାକୁ ତା'ର ଆଦୌ ଇଚ୍ଛା ନଥିଲା । ବାବୁଆଣୀଙ୍କ

Digitized by srujanika@gmail.com

ଗାଲିଫଜିତ୍ର ଶୁଣିବାକୁ ତାକୁ ଭଲ ଲାଗୁନଥିଲା । ସେ ମା’ ପାଖରେ ବହୁତ କାକୁତି ମିନତି ହେଲା । “ମା, ମୋର ଚାକିରି ଲୋଡ଼ା ନାହିଁ । ମୂଲଲାଗି ମୁଁ ପେଟ ପୋଷିବି । ତୋ ମୁହଁକୁ ଚାହିଁ ମୁଁ ଏ ଗାଁରେ ପଡ଼ିରହିବି । କିନ୍ତୁ ବାବୁଘରକୁ ଯିବିନି । ମୋର ଚାକିରି କରିବା ଆବଶ୍ୟକ ନାହିଁ ।”

ମା’ ତାକୁ ବହୁତ ବୁଝାଇଥିଲା । ଚାକିରି ଖଣ୍ଡେ ମିଳିଲେ ତା’ର ଦୁଃଖ ମେଣ୍ଟିବ ବୋଲି କହିଥିଲା । ପାଞ୍ଚଦିନ ପରେ ଗାଁରୁ ଫେରି ବାବୁଆଣୀଙ୍କୁ ଜୁହାର କଲାମାତ୍ରେ ସେ ରାଗରେ ତମତମ ହୋଇ ଗଲେ । ବାବୁ ଆସି ବିରକ୍ତିରେ ପାଟି କରି ଉଠିଲେ, “ଏ ଘରଟା କ’ଣ ଧର୍ମଶାଳା । ଯେ ଯେତେବେଳେ ଇଚ୍ଛାକଲା, ଆସିଲା ଓ ଗଲା । ତୋର ଯଦି ରହିବାକୁ ଇଚ୍ଛା ନାହିଁ, ସଫା ସଫା କହିଦେଉନୁ କାହିଁକି ?”

ସନିଆ ତା ମା’ର ଦେହକଥା କହିବାକୁ ଗଲାମାତ୍ରେ ବାବୁଆଣୀ ବଡ଼ପାଟି କରି ଉଠିଲେ, “ବୁଢ଼ୀଟା ମରିଯାଇଥିଲେ କ’ଣ ହୋଇଯାଇଥାନ୍ତା...”

ଆଉ ଶୁଣିପାରି ନଥିଲା ସନିଆ । ଦୁଃଖରେ ତା’ ଆଖିରୁ ଲୁହ ଟପ୍‌ଟପ ହୋଇ ଖସିପଡ଼ୁଥିଲା । କାଠଭଳି ଠିଆହୋଇ ସେ ଶ୍ରାବ୍ୟ ଅଶ୍ରାବ୍ୟ ସବୁ ଗାଳିକୁ ହଜମ କରିଯାଉଥିଲା ।

ତା’ର ଚାକିରି ଲୋଡ଼ା । ତା ମା’ ତାକୁ ଚାକିରି ଖଣ୍ଡିଏ ପାଇବା ପାଇଁ ବାବୁଙ୍କ ଘରେ ଛାଡ଼ିଛି । ଆଠବର୍ଷ ହୋଇଗଲା । ଆଠବର୍ଷ ଧରି ଏତେ କଷ୍ଟ ସହିଲାଣି । ଏଇକ୍ଷିଣା ଯଦି ସେ ଉତ୍ତରଦିଏ, ପାଉଥିବା ଚାକିରିଟା ହାତରୁ ଚାଲିଯିବ । ସେ ଚାକିରିଟାକୁ ହଜାଇ ପାରିବ ନାହିଁ । ତା ମା’ର ଆଶାରେ ଧୂଳି ଫିଙ୍ଗିଦେବ ନାହିଁ ।

ଆଖିରୁ ଲୁହ ପୋଛିଲା ସନିଆ । ପୁଣି କାମରେ ଲାଗିଗଲା । ବାବୁଙ୍କ ପୁଅ ଶୋଭନକୁ ସ୍କୁଲକୁ ନେଲା, ସେବେଷେଇ କଲା, ଲୁଗା କାଚିଲା, ବାବୁଆଣୀଙ୍କ ଗୋଡ଼ ମୋଡ଼ିଲା ।

Digitized by srujanika@gmail.com

ଦିନଗୁଡ଼ା ପୁଣି ଗଡ଼ିଚାଲିଲା । ସନିଆକୁ ଦିନକଟା ବର୍ଷଟାଏ ଲାଗିଲା । ଚାକିରି ମିଳିବ । ବାବୁଙ୍କୁ ଭରସି କରି ଥରେଅଧେ କହିଥିଲା । ବାବୁଆଣୀଙ୍କୁ କହିବାକୁ ତା'ର ସାହସ ନଥିଲା । ବାବୁ କେବେ ତାକୁ କହୁନଥିଲେ ଚାକିରି କଥା ।

ଆଠବର୍ଷ ଧରି ଏତେ କାମ କରି ତାକୁ ଚାକିରି ମିଳିବନି ଯଦି ସେ କ'ଣ କରିବ ? ଏଇ କଥା ଭାବିଲାବେଳକୁ ତା' ମୁଣ୍ଡ ଗରମ ହୋଇ-ଯାଉଥିଲା । ବାବୁଙ୍କୁ କହିବ ବୋଲି ମନରେ ସ୍ଥିର କରି ସେ ତା' କାମରେ ଲାଗିଗଲା । ମାର୍କେଟରୁ ପରିବା ଧରି ପହଞ୍ଚିବାବେଳକୁ ବୈଠକଖାନାରେ ବସି ବାବୁ କାହା ସହିତ କଥା ହେଉଥିବାର ସେ ଶୁଣିବାକୁ ପାଇଲା । ପାଖରେ ବାବୁଆଣୀ ବସିଥିଲେ । ପାଟି କରି ଉଠିଲେ, "ଆରେ ସନିଆ ! ଚା' ତିନିକପ୍ ଆଣେ ।"

ଭିତରରେ ଚା'କରି ସନିଆ ବାବୁଙ୍କୁ ଦେବାବେଳେ ଭଦ୍ରଲୋକ ବ୍ୟାଗରୁ ଦଶହଜାର ଟଙ୍କାର ନୋଟ୍ ବିଡ଼ାଟା ଥୋଇଦେଇ କହୁଥିବାର ସେ ଶୁଣିବାକୁ ପାଇଲା, "ଏଇ ଟଙ୍କାଟା ରଖନ୍ତୁ । ଚାକିରିଟା ପକ୍‌କା ହୋଇଗଲେ ଆଉ ଦଶହଜାର ଦେବି ।"

ସନିଆ ଚା' ଥୋଇଦେଇ ଚାଲିଆସିଲା । ରୋଷେଇରେ ତା' ମନ ଲାଗୁନଥିଲା । ବାବୁଙ୍କ ଅଫିସରେ ଚାକିରିଟାଏ ଖାଲିଥିବାର ସେ ଶୁଣିଥିଲା । ସେ ଭାବିଥିଲା ତାକୁ ଚାକିରିଟା ମିଳିବ । କିନ୍ତୁ ଚାକିରି ନମିଳୁଥିବା ଦେଖି ସେ ମନେ ମନେ ବିରକ୍ତ ହୋଇ ଉଠିଥିଲା । ଟଙ୍କା ପାଇ ତାକୁ ବାବୁ ଚାକିରି ଦେବେନି ବୋଲି ସେ ଜାଣିପାରୁଥିଲା । ସେ ଶେଷଥର ପାଇଁ ପଚାରି ନେବାକୁ ଠିକ୍‌କରି ଖାଇବାକୁ ଦେବାବେଳେ ଅତି ଧୀର ଗଳାରେ ପଚାରିଲା, "ଆଜ୍ଞା ! ଆପଣଙ୍କ ଅଫିସରେ ଚାକିରି ଖାଲି ଅଛି । ମୋତେ କେବେ ଦେବେ ।"

ରାଗରେ ପାଟି ଉଠିଲେ ବାବୁ । ଖାଇବାରୁ ଉଠିପଡ଼ି ହାତ ଗୋଡ଼ରେ ପିଟିବାକୁ ଆରମ୍ଭ କରିଦେଲେ । "କ'ଣ କହିଲୁ । ଆରେ ଶଳା ଚାକରଟାକା, ତୋର ତ ବେଶି ବହପ । ଭାରି ବଡ଼ି ବଡ଼ି କଥା କହୁଛୁ । ଆଉଦିନେ ପଚାରିଲେ ତୋତେ ଜୀବନରୁ ଶେଷ କରିଦେବି ।"

Digitized by srujanika@gmail.com

ତଳେ ପଡ଼ି ସନିଆ ଗଡ଼ୁଥିଲା । ଦେହରେ ନୋଳା ବସିଯାଇ ରକ୍ତ ବାହାରୁଥିଲା । ବାବୁଆଣୀ ସେ ଘରୁ ଦୌଡ଼ିଆସି ଝାଞ୍ଜୁଣୀରେ ଦି'ଚାରି ପାହାର କଷିଦେଲେ ।

ଦିନସାରା ସେଇପରି ପଡ଼ିରହିଲା ସନିଆ । ଖାଇବାକୁ ତାକୁ କେହି ଡାକି ନଥିଲେ । କାନ୍ଦି କାନ୍ଦି ଆଖି ଦି'ଟା ଫୁଲିଯାଇଥିଲା । ତା' ମନରେ ପ୍ରତିହିଂସାର ଭାବନା ଜଳିଉଠୁଥିଲା ।

ରାତି ପାହି ସକାଳ ହେଲା । ପୂର୍ବପରି ସନିଆ ନିତିଦିନିଆ କାମରେ ଲାଗିଥିଲା । ଯେମିତି ଗତକାଲି କିଛି ଘଟିନାହିଁ ।

ବାବୁଙ୍କ ପୁଅ ଶୋଭନକୁ ସ୍କୁଲରେ ଛାଡ଼ିଆସିଥିଲା । ଘର କାମ ଶେଷ କରିଥିଲା । ଚାରିଟା ବେଳକୁ ସ୍କୁଲରୁ ଶୋଭନକୁ ଆଣିବାକୁ ବାହାରିବାବେଳେ ବାବୁଆଣୀ ସନିଆକୁ ଚାହିଁ ତମତମ ହୋଇ କହିଲେ, "ଏ ଘରେ ରହିବାକୁ ଇଚ୍ଛାଥିଲେ ଆଉ ଦିନେ ଚାକର କଥା କହିବୁନି ।"

ସାଇକେଲଟିକୁ ସ୍କୁଲଆଡ଼େ ଗଡ଼ାଇ ଦେଇଥିଲା ସନିଆ । ସେଇ ରାସ୍ତାଟା ତାକୁ ନୂଆ ନୂଆ ଲାଗୁଥିଲା । ସମସ୍ତେ ଯେମିତି ତାକୁ ଥଟ୍ଟା କରୁଥିଲେ । ସେ ପେଡ଼ାଲ୍ ଜୋର୍‌ରେ ମାରିପାରୁ ନଥିଲା ।

ସ୍କୁଲ ଘଣ୍ଟି ବାଜିଲା । ଶୋଭନକୁ ସାଇକେଲ ଆଗରେ ବସାଇ ସାଇକେଲରେ ପେଡ଼ାଲ୍ ମାରିଲା ସେ । ଗଡ଼ିଚାଲିଲା ଅଙ୍କାବଙ୍କା ରାସ୍ତାରେ । ଘର ରାସ୍ତା ଛାଡ଼ି ଅଲଗା ରାସ୍ତାରେ ମାଡ଼ି ଚାଲିଲା । ଶୋଭନ ପିଲାଟା । ତୃତୀୟ ଶ୍ରେଣୀରେ ପଢ଼େ । ତାକୁ ଲଜେନ୍‌ସ ଦେଲା ଖାଇବାକୁ । ଚଢ଼େଇ ଦେଖାଇବ କହି ନନ୍ଦନକାନନ ରାସ୍ତାରେ ସାଇକେଲକୁ ଜୋର୍‌ରେ ଗଡ଼ାଇ ଚାଲିଲା । ସନିଆ କ'ଣ କରୁଛି ନିଜେ ଜାଣୁନଥିଲା ।

ଏକୁଟିଆ ନିଛାଟିଆ ଗଛମୂଳେ ଶୋଭନକୁ ବସାଇଦେଇ ପ୍ୟାଣ୍ଟ୍ ତଳୁ ଲୁଚାଇ ରଖିଥିବା ଛୁରୀଟାକୁ ତା ବେକରେ ଭୁସିଦେଲା । ଥରେ

Digitized by srujanika@gmail.com

ଲୁହେଁ, ଦ' ତିନଥର ଦେହସାରା ଭୁସିଦେଇଗଲା ଛୁରୀଟାକୁ । ତା' ଗୃକରିଟାକୁ ଶୋଭନର ବାପା ତାକୁ ଦେଲାନ । ସେ ପ୍ରତିଶୋଧ ନେବ । ରାଗରେ ତା' ଦେହ ଥରୁଥିଲା । ସେତେବେଳକୁ ଶୋଭନର ଦେହଟା ଅବଶ ହୋଇ ଗଛମୂଳେ ପଡ଼ିରହିଥିଲା ।

ହଠାତ୍ ସେ ବୁଝିଲା ସେ ପିଲାଟିକୁ ମାରିଦେଇଛି । ଗଛପାଖ ବାଲିରେ ଗାତ ଖୋଳି ଶୋଭନର ଦେହଟାକୁ ପୋତିଦେଲା । ଛୁରୀଟାକୁ ମାଟିରେ ଲୁଗ୍ଭଇଦେଇ ରକ୍ତ ହାତଟାକୁ ମାଟିରେ ଘଷିଦେଇ ପୋଖରୀରେ ଧୋଇ ପକାଇଲା ।

ନା, ପାଖରେ କେହି ନାହିଁ । ସେ ଦୌଡ଼ିବାକୁ ଆରମ୍ଭ କରିଦେଲା । ସାଇକେଲଟାକୁ ସେଇ ଗଛମୂଳେ ଛାଡ଼ିଆସିଲା ।

ସେ ପିଲାଟିକୁ ମାରିଦେଇଛି । ପିଲାଟା ତା'ର ବା କ'ଣ କରିଥିଲା । ତା' ବାପା ଓ ମା ସନିଆର ଭବିଷ୍ୟତକୁ ନଷ୍ଟ କରିଦେଲେ । ଗୃକରିଟା ତା' ହାତରୁ ଖସିଗଲା । ବିଲ, ବଣ ଭିତର ଦେଇ ଗଳିକନ୍ଧି ମଧ୍ୟରେ ସନିଆ ଷ୍ଟେସନରେ ପହଞ୍ଚି କରମଣ୍ଡଳ ଟ୍ରେନରେ ପଶିଗଲା ।

× × ×

ଟ୍ରେନର ଗତି ଧୀର ହେଲା । ବିଶାଖାପାଟଣା ଷ୍ଟେସନ । କଫି କଫି କହି ପ୍ଲାଟଫର୍ମରେ ହକରମାନେ ପାଟିକରି ଉଠୁଥିଲେ ।

ସନିଆ ଉଠିଲା । ମୁହଁ ଧୋଇଲା । ପକେଟ୍‌ରେ ଦ'ଟା ଟଙ୍କା ଅଛି । ତଳକୁ ଓହ୍ଲାଇଲା, କଫି ପିଇଲା ।

ଷ୍ଟେସନରେ ଏ ପାଖରୁ ସେପାଖ ହେଲା । ପୁଲିସବାଲାଙ୍କ କଡ଼ଦେଇ ଗୃଲିଗଲା । ପୁଣି ଫେରିଆସିଲା ।

ସନିଆ ମନରୁ ଭୟ ଛାଡ଼ିଦେଇଥିଲା । ସେ ଅପରାଧ କରିନ । ସେ ନିଜକୁ ଅପରାଧୀ ବୋଲି ଭାବୁନଥିଲା । ଗତ ସନ୍ଧ୍ୟାରେ ଘଟଣାକୁ ସେ ଚିନ୍ତା କରିବାକୁ ଇଚ୍ଛାକରୁ ନଥିଲା । ଆଠବର୍ଷ ଧରି ତା ଜୀବନର କାହାଣୀକୁ ଭାବିବାକୁ ସେ ଘୃଣାବୋଧ କଲା ।

Digitized by srujanika@gmail.com

ଟ୍ରେନ୍ ଛାଡ଼ିବାର ଶିଳ ସଙ୍କେତ ଦେଲା । ଧୀରେ ଧୀରେ ଷ୍ଟେସନର ବମ୍ପଷ୍ଟାଡ ବଗରେ ଗାଡ଼ି ଚାଲିବାକୁ ଆରମ୍ଭ କଲା । ଦୌଡ଼ି ଦୌଡ଼ି ଯାଇ ଗାଡ଼ିରେ ଚଢ଼ିଗଲା ସନିଆ । ଏକା ସିଟ୍‌ରେ ବସି ଦୂରକୁ ଚାହିଁରହିଥିଲା ।

ଟ୍ରେନ୍ ଦ୍ରୁତଗତିରେ ଚାଲୁଥିଲା । ସୂର୍ଯ୍ୟଙ୍କର ଲୋହିତ କିରଣ ସ୍ପର୍ଶ କରୁଥିଲା ଟ୍ରେନର ଝରକାକୁ । ଥଣ୍ଡା ପବନ ବୋହିଆସୁଥିଲା ଦମକାଏ ଦମକାଏ ହୋଇ । ସନିଆ ଆଖିବୁଜି ସୂର୍ଯ୍ୟଙ୍କର ଲୋହିତ ରଶ୍ମିକୁ ଛୁଇଁବାକୁ ଚେଷ୍ଟା କରୁଥିଲା ।

ଟ୍ରେନ୍ ଛୁଇଁଥିଲା ମାଡ୍ରାସ୍ ସେଣ୍ଟ୍ରାଲ୍ । ସନିଆ ସେଇ ସହରର ଅକାତକାତ ମଣିଷ ସୁଅରେ ନିଜକୁ ହଜାଇ ଦେଇଥିଲା ।

× × ×

କରମଣ୍ଡଳ ଟ୍ରେନ୍‌ରୁ ଓହ୍ଲାଇଲେ ମିଃ. ଏସ୍. ସଦାନନ୍ଦ । ପିଲାଟି ସହିତ ଗାଡ଼ିରେ ବସି ଆଡ଼ାୟୁର ଅଭିମୁଖେ ଯାତ୍ରା କଲେ । ଏକ ବିରାଟ ଦ୍ୱିତଳ ପ୍ରାସାଦ ନିକଟରେ ଗାଡ଼ିଟି ଅଟକିଲା । ଆଗରେ ପ୍ରଶସ୍ତ ଲନ୍ । ନାନା ଜାତିର ଫୁଲଗଛ । ଗ୍ରୋଟ ଗ୍ରୋଟ ନଡ଼ିଆ ଗଛରେ ଅପର୍ଯ୍ୟାପ୍ତ ନଡ଼ିଆ । ବିରାଟ ଗେଟ୍ । ଦରୁଆନ ଗେଟ୍ ଖୋଲିଦେଲା । ସ୍ୟାଲୁଟ୍ ମାରିଲା । ଦୁଇଜଣ ଲୋକ ଦୌଡ଼ିଆସି ସୁଟ୍‌କେଶ୍ ଇତ୍ୟାଦି ହାତରୁ ନେଇଗଲେ । ମିଃ. ଏସ୍. ସଦାନନ୍ଦ ପିଲାଟି ହାତକୁ ଧରି ଆଗକୁ ମାଡ଼ିଚାଲିଥିଲେ । ତା' ଆଖିରେ ଲୁହ ନଥିଲା । ଆଶାର ଆଲୋକରେ ଆଖି ଦି'ଟା ଦପ୍‌ଦପ୍ ହେଉଥିଲା ।

ମିଃ. ସଦାନନ୍ଦ ପଛକୁ ଫେରି ଚାହିଁଲେ । ବିରାଟ ସାଇନ୍‌ବୋର୍ଡ଼ରେ 'ଶୋଭନ ଅନାଥାଶ୍ରମ' ଲେଖାହୋଇ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା । ମିଃ. ସଦାନନ୍ଦ ପିଲାଟିର ହାତଧରି ପାହାଚ ଚଢ଼ିବାରେ ଲାଗିଗଲେ ।

●

Digitized by srujanika@gmail.com

ପୋଷା

ଅବିନାଶବାବୁ ସକାଳୁ ବସିଛନ୍ତି ଅତି ବିଷଣ୍ଣ ଭାବରେ । ପାଖରେ ପଡ଼ିଆ ହୋଇଛି ଖବରକାଗଜ । ବଡ଼ପୁଅଟା ପରୀକ୍ଷାରେ ଫେଲ୍ ହୋଇଗଲା । ଆଜି ରେଜଲଟ୍ ବାହାରିଛି । ବଡପୁଅଟା ଉପରେ ତାଙ୍କର ଭାରି ଆଶା ଥିଲା । ଚାକିରିର ପଚିଶ ବର୍ଷ ହୋଇଗଲାଣି । ଆଉ ପାଞ୍ଚ ବର୍ଷରେ ରିଟାୟାର୍ଡ । ଏ ପିଲାଟା ପାଶପାଇଥିଲେ ଝିଅ ବାହାଘରଟା ଉଠାଇବାରେ ସାହାଯ୍ୟ କରିଥାନ୍ତା ।

ଅବିନାଶ ଦାଶ ରାଜ୍ୟ ସରକାରଙ୍କର ଏକ ଅଧସ୍ତନ କର୍ମଚାରୀ । ପାହାଚ ପରେ ପାହାଚ ଉଠି ଉଠି ବର୍ତ୍ତମାନ ସେକ୍ସନ ଅଫିସର । କ୍ୟାପିଟାଲର ତିନ ନମ୍ବରରେ ସରକାରଙ୍କ ତରଫରୁ ଘରଖଣ୍ଡେ ମିଳିଛି । ଚୁଆପିଲା ତିନୋଟି । ଅତି ଜଞ୍ଜାଳ ମଧ୍ୟରେ ସମୟ କଟାଇଛନ୍ତି । ଘରର ଯାବତୀୟ କାର୍ଯ୍ୟରେ ସ୍ତ୍ରୀଙ୍କୁ ସାହାଯ୍ୟ କରିବାରେ ଅଧା ସମୟ ଯାଏ । ପିଅନ ଚପରାସୀ ତାଙ୍କ ଭାଗ୍ୟରେ ନାହିଁ । ସେ ମଧ୍ୟ ରଖିପାରି ନାହାନ୍ତି କାମ କରିବାକୁ ଲୋକଟିଏ ।

ସ୍ତ୍ରୀ ସୁହାଗିନୀ ଦେବୀ । ଥିଲାବାଲା ଘରର ଝିଅ । ପୁରୁଣାକାଳିଆ ମାଟ୍ରିକ୍ ଫେଲ୍ । ଇଂରାଜୀରେ କିନ୍ତୁ ଭଲକରି ଦି'ଚାରିପଦ କଥା କହିପାରନ୍ତି । ବାହା ହେଲାବେଳେ ସାଙ୍ଗରେ କିଛି ଯୌତୁକ ଆଣିଥିଲେ । ପୁରୁଣା ରେଡ଼ିଓଟା ଏପର୍ଯ୍ୟନ୍ତ ମଧ୍ୟ ବାଜୁଛି । ଖଟ ଦୁଇଟା ଡ୍ରେଲ-ଚକିଟା ଧରିଗଲାଣି । ସୁହାଗିନୀଙ୍କର ବାଳ ଏପର୍ଯ୍ୟନ୍ତ ପାଚିନାହିଁ । ବୟସ ପଚିଶ । ସେ କିନ୍ତୁ ସବୁଦିନ ଅତ୍ୟନ୍ତ ପକ୍ଷେ ଦୁଇଥର ପ୍ରସାଧନ କରନ୍ତି । ସମସ୍ତ ସମୟରେ ବିରକ୍ତ ହୋଇ ଅବିନାଶବାବୁଙ୍କୁ ଝିଙ୍ଗାରିଥାନ୍ତି, "ତୁମ

Digitized by srujanika@gmail.com

ହାଗ ଶାଗ ସିଝିବ ନାହିଁ । ଏତେବର୍ଷ ହେଲା କ୍ୟାପିଟାଲରେ ରହିଲଣି । ଘର ଖଣ୍ଡିଏ କରିପାରିଲ ନାହିଁ । ପିଲାଗୁଡ଼ାଙ୍କର ପାଠପଢ଼ା ପାଇଁ ଟିଉସନ୍ ମାଷ୍ଟ୍ର ରଖିଲନି । ମୋ ହାତରେ କଳାଚକଟା ଜମାଟ ବାନ୍ଧିଗଲାଣି ହାଣ୍ଡି ଧୋଇ ଧୋଇ । ଖାଲି ବଡ଼ତ କରି କହିବ କ'ଣ ନା—ସେକ୍ସନ ଅଫିସର !"

ଅବିନାଶବାବୁ ଓ ସୁହାଗିନୀଦେବୀଙ୍କର ପାରିବାରିକ ଜୀବନ ଶାନ୍ତିମୟ ବୋଲି ପଡ଼ୋଶୀମାନେ ଈର୍ଷା କରିବାର ଶୁଣାଯାଏ ।

ଅବିନାଶ ଦାଶ ବିଷଣ୍ଣ ମନରେ ସକାଳୁ ସକାଳୁ ଦାଣ୍ଡପିଣ୍ଡାରେ ବସିଛନ୍ତି । ଏ ପର୍ଯ୍ୟନ୍ତ ଚା' କପ୍‌ଟାରେ ମୁହଁ ମଧ୍ୟ ଲଗାଇ ନାହାନ୍ତି । ଥଣ୍ଡା ପଡ଼ିଯିବଣି ଚା'ଟା ।

ଖବରକାଗଜରେ ବଡ଼ପୁଅର ଫେଲ୍ ଖବରଟା ଦେଖି ମନ ବିରକ୍ତ ହୋଇଉଠିଛି । ତା ସାଙ୍ଗକୁ ସୁହାଗିନୀ ଦେବୀ ମଧ୍ୟ ଦି'ପଦ ନକହି ଛାଡ଼ିନାହାନ୍ତି । "ପିଲାଟା କେତେଥର କହିଲା ତା'ର ମ୍ୟାଥ୍ ହେଉନି । ଟିଉସନ୍‌ଟେ ଦିଅ । ଶୁଣୁଥିବ୍ ପଡ଼ା । ତମେ ସିନା ପଢ଼ିଥିଲେ ଜାଣିଥାନ୍ତ । ମୋର ସାମାନ୍ୟ ନଲେଜ୍‌ରେ ମୁଁ କହିପାରେ କେତେ କଷ୍ଟ ପାଠ । ବର୍ତ୍ତମାନ ଖରାପ କରିଛି ବୋଲି ମନ ମାରିଦେଉଛ କାହିଁକି ? ସବୁ ତୁମ ଦୋଷ ।"

ତମତମ ହୋଇ ଦି' ତିନିଥର ଏପାଖ ସେପାଖ ହେଲେଣି ସୁହାଗିନୀ । ପରିବା କଟା ହୋଇନି । ସବୁଦିନେ ଚୁଲିଫୁଙ୍କି ନିଆଁ ଧରାଇବା କାମ ଅବିନାଶଙ୍କର । କୋଇଲାଗୁଣ୍ଡ ନାକରେ ପଶିଲେ ଥଣ୍ଡାଧରେ ସୁହାଗିନୀଙ୍କୁ । ବଡ଼ପୁଅଟା ନିଜ ପଢ଼ାଘରେ ବସି ସୁଁକୁସୁଁକୁ କାନ୍ଦୁଥିବାର ଶୁଣାଯାଉଛି । ପ୍ରତ୍ୟେକଥର ଫାଇନାଲ୍ ପରେ ସପ୍ଲି-ମେଣ୍ଟାରିରେ ପାସ୍ କରୁଛି । ସେଥିପାଇଁ ସେତେବେଳେ ଧରାଧରି । ଏଥରକ ମଧ୍ୟ ଅବିନାଶ ନ ଧରିଛନ୍ତି ନୁହେଁ । ସେତେ ଚିହ୍ନାପରିଚୟ ଅଧ୍ୟାପକଙ୍କୁ ନମ୍ବର ବଢ଼ାଇବା ପାଇଁ କହିଛନ୍ତି । ଶିକ୍ଷା ବିଭାଗର ସେକ୍ସନ ଅଫିସର ସେ । ପାରୁପର୍ଯ୍ୟନ୍ତ ଚେଷ୍ଟାକରି ସାନପୁଅଟାକୁ ଇଣ୍ଟରମିଡ଼ିଏଟ୍ ପାସ୍ କରାଇ ପାରିଛନ୍ତି ।

Digitized by srujanika@gmail.com

ବଡ଼ପୁଅଟା ବାପୁର ହୋଇଗଲା । ସୁହାଗିନୀ ଟିକିଏ ବେଶି ଗେହ୍ଲାକରି ଦେଇଛନ୍ତି । ନାକତଳେ ନିଶ ଉଠିବାଦିନୁ ଭୁଲ୍‌ରେ ସୁଦ୍ଧା ଅବିନାଶ ବଡ଼ପୁଅକୁ ଡ଼ାକି ବେଶି ଚାଗିଦା କରିପାରୁନାହାନ୍ତି । ଯଦି ବାପ ମୁହଁରେ ଜବାବ ଦିଏ—ଏ ଭୟ ତାଙ୍କ ମନରେ ସବୁବେଳେ ରହିଛି ।

ଅବିନାଶ ଖବରକାଗଜର ପୃଷ୍ଠାକୁ ପୁଣି ଥରେ ଓଲଟାଇଲେ । କାଳେ ଅନ୍ୟ କେଉଁଠି ବାହାରିଥିବ । ସେ ବାରମ୍ବାର କରି ମ୍ୟାଥ୍ ଅଧ୍ୟାପକଙ୍କୁ ଟିକିଏ ଅଧିକା ନମ୍ବର ଦେବାକୁ କହିଥିଲେ । ସେଥିପାଇଁ ବହୁତ କଷ୍ଟରେ ତାଙ୍କର ଟ୍ରାନ୍‌ସଫରଟା କ୍ୟାନସଲ୍ କରିବାରେ ସେ ସାହାଯ୍ୟ କରିଥିଲେ ।

'ନା, କେଉଁଠି ହେଲେ ବାହାରି ନାହିଁ । କିପରି ବାହାରନ୍ତା । ପାଠ ସିନା ପଢ଼ିଥିଲେ । ବାବୁଙ୍କର କ୍ରିକେଟ୍ ଖେଳରେ ଅଧାଦିନ ଗଲା । ଅଧଘଣ୍ଟେ ପଢ଼ି ବସିଲେ ଟି. ଭି. ଖୋଲି ଦେଖ । ପାଠ ପଢ଼ିବାର ତ ପୁଣି ସମୟ ରହିଛି । ତା' ସାଙ୍ଗକୁ ମା'ଙ୍କର ଗେହ୍ଲାପଣ...' ବିରକ୍ତ ହୋଇଉଠିଲେ ଅବିନାଶ ।

ସୁହାଗିନୀ ଦେବୀଙ୍କ ଉପରେ ତାଙ୍କର ରାଗର ମାତ୍ରା କ୍ରମଶଃ ବଢ଼ିବାକୁ ଲାଗିଲା । ବଡ଼ଲୋକ ଘରର ଝିଅ ବୋଲି ଏତେ ଦମ୍ଭ ଯେ ଆଜକୁ ପଚିଶବର୍ଷ ହେଲା ତାଙ୍କ କଥା ଶୁଣିଶୁଣି ନସ୍ୟାନ୍ତ ହେଲେଣି ।

ପୁରୁଷ ପୁଅର ଭାଗ୍ୟ ପତର ତଳେ । ହେଲେ ତାଙ୍କ ଭାଗ୍ୟରେ କିଛି ପରିବର୍ତ୍ତନ ହେଲାନାହିଁ । ଆଉ ମାତ୍ର ପାଞ୍ଚବର୍ଷ ରିଟାୟାର୍ଡ଼ କରିବାକୁ ରହିଲା । ପଚିଶ ବର୍ଷଧରି ଏ ପରିବାରର ବୋଝକୁ ସେ ମୁଣ୍ଡାଇ ଚାଲିଛନ୍ତି । କାହିଁକି ? ସେ ଗୃହକର୍ତ୍ତା ବୋଲି ସମସ୍ତେ ଜାଣନ୍ତି । ମାତ୍ର ଘରଭିତରେ ସେ ବେତନଭୋଗୀ ଚାକର ଛଡ଼ା ଅନ୍ୟକିଛି ନୁହନ୍ତି । ତାଙ୍କର କୌଣସି କଥାର ମୂଲ୍ୟ କାହା ପାଖରେ କିଛି ନାହିଁ ।

ସେ ଆଉ ଅଧିକ ସହ୍ୟକରି ପାରିବେ ନାହିଁ । ଏ ଘରକୁ ସଜାଡ଼ିବାକୁ ସେ ଚେଷ୍ଟା କରିବେ । ଚେଷ୍ଟା ଯେ ନ କରିଛନ୍ତି ତା ନୁହେଁ ।

Digitized by srujanika@gmail.com

ଗଲାବର୍ଷ ସାନପୁଅଟା ମାଟ୍ରିକ୍ ପରୀକ୍ଷାରେ ଫେଲ୍ ହେବାବେଳେ ସେ ବହୁତ ବିରକ୍ତ ହୋଇ ଘରଛାଡ଼ି ଚାଲିଯିବାକୁ ଧମକ ଦେଇଛନ୍ତି । ମାତ୍ର ଘରଛାଡ଼ି ଯାଇପାରିନାହାନ୍ତି । ସୁହାଗିନୀଦେବୀଙ୍କ ପ୍ରତି ତାଙ୍କର ଏକ ଅହେତୁକ ଆକର୍ଷଣ ରହିଆସିଛି ।

ସୁହାଗିନୀ ଦେବୀ ତାଙ୍କର ସ୍ତ୍ରୀ, ବୟସ ଚଳିଶ ହେଲାଣି, ତଥାପି ରାତିର ଦ୍ୱିପହରରେ ତାଙ୍କର ସାନ୍ନିଧ୍ୟ ନ ମିଳିଲେ ସେ ବ୍ୟସ୍ତ ହୋଇଉଠନ୍ତି । ଦିନସାରା ବକର୍ ବକର ହେଉଥିଲେ ବି ରାତିରେ ସୁହାଗିନୀ ଅଭିମାନାରେ ପତିସୋହାଗିନୀ ହୋଇ ଗେହ୍ଲେଇ ହୋଇଉଠନ୍ତି । ଦିନସାରା ଯେତେ ରାଗ ଥାଉ ପଛକେ ସବୁକୁ ଭୁଲିଯାନ୍ତି ତାଙ୍କର ସାନ୍ନିଧ୍ୟ ପାଇବାମାତ୍ରେ । ଘର ଛାଡ଼ିବାର ରାଗଟା ପାଣିଫୋଟକା ପରି ମିଳେଇ ଯାଏ ।

ସୁହାଗିନୀ ଜାଣନ୍ତି ଅବିନାଶଙ୍କର ଦୁର୍ବଳତା । ସେ ବୁଝିଛନ୍ତି କେବେହେଲେ ଅବିନାଶ ଘରଛାଡ଼ି ଯାଇପାରିବେ ନାହିଁ ।

ଘଣ୍ଟାରେ ଆଠଟା ବାଜିଲାଣି । ଆଜି ମନଟା ଭଲ ଲାଗୁନଥିବା ହେତୁ ଅଫିସ୍ ନଯିବାକୁ ସ୍ଥିର କଲେ ଅବିନାଶ । ନଗେନ୍‌ବାବୁଙ୍କୁ କହିଦେଇ ଆସିବାକୁ ବାହାରିଲେ ।

ବାଥ୍‌ରୁମ୍‌ରୁ ବାହାରୁଥିଲେ ନଗେନ୍‌ବାବୁ । ଠାକୁରଘର ଭିତରୁ ମନ୍ତ୍ରମାନ ବଡ଼ପାଟିରେ ଉଚ୍ଚାରିତ ହେବାରେ ଲାଗିଥିଲା ।

ଅବିନାଶ ବଡ଼ପାଟିରେ ଡାକ ଛାଡ଼ୁଥିଲେ—‘ନଗେନ୍ ବାବୁ ! ନଗେନ୍ ବାବୁ !’ ଘରଭିତରୁ ନଗେନ୍‌ବାବୁଙ୍କର ପତ୍ନୀ ବାହାରି ଆସି ନମସ୍କାର କରି ପଚାରିଲେ, ‘ସକାଳେ ସକାଳେ ଆମଆଡ଼େ ଆସିବାକୁ କେମିତି ସମୟ ମିଳିଲା । ସୁହାଗିନୀ ଦେବୀ ଆଜି ଆପଣଙ୍କୁ ଛୁଟିଦେଲେ କିପରି !’

ନଥ୍‌କରି ବସିପଡ଼ିଲେ ଅବିନାଶ । କିଲବିଲ କରି ଚାହିଁରହିଲେ ନଗେନ୍‌ର ପତ୍ନୀଙ୍କୁ । ନଗେନ୍ ଭାରି ଭାଗ୍ୟବାନ୍ । ଘରର ଯାବତୀୟ ଘରକରଣାଠାରୁ ଆରମ୍ଭ କରି ପିଲାମାନଙ୍କର ପାଠପଢ଼ା ଦେଖନ୍ତି ସେ । ପାଠରେ ପିଲାମାନେ ଭଲ କରନ୍ତି ।

Digitized by srujanika@gmail.com

'ସବୁଦିନ କ'ଣ ସମାନ । ଆପଣଙ୍କ ପରି ପତ୍ନୀ ଥିଲେ ସବୁଦିନ ଛୁଟି ମିଳନ୍ତା, ମାତ୍ର···' ଲାଜେଇଗଲେ ହେମାଙ୍ଗିନୀ ଦେବୀ ।

'ବସନ୍ତୁ ! ଚା' ପଠାଉଛି, ତାଙ୍କର ପୂଜା ସରିବାକୁ ଅଧଘଣ୍ଟାଏ ଲାଗିବ ।'

ଖବରକାଗଜର ପୃଷ୍ଠା ଓଲଟାଇଲେ ଅବନୀଶ । ପ୍ରଜାତନ୍ତ୍ରରେ ସରକାର ବିରୁଦ୍ଧରେ ଅନେକ କଥା ବାହାରିଛି । ତାଙ୍କ ଡିପାର୍ଟମେଣ୍ଟ୍ ସମ୍ପର୍କରେ ବଡ଼ ଲେଖା ଦେଖି ଆଖି ଖୋସି ହୋଇଗଲା । "ଶିକ୍ଷା ବିଭାଗର ଅଧ୍ୟାପକ, ପଦସ୍ଥ ଅଫିସର ଓ ଅମଲାତନ୍ତ୍ରର ସକ୍ରିୟ ସହଯୋଗରେ ପରୀକ୍ଷା ଖାତାର ବ୍ୟାପକ ହେରଫେର । ଏଥିପାଇଁ ଅନୁସନ୍ଧାନ କରିବାକୁ ବିରୋଧୀ ଦଳର ଦାବି ଓ ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ଆହ୍ୱାନ ।"

ଭ୍ରୂକୁଞ୍ଚିତ କରି ଉଠିଲେ ଅବନୀଶ । ପିଲାଟା ପାସ୍ କରିଥିଲେ ସେ ଏତେ ବିରକ୍ତ ହୋଇନଥାନ୍ତେ । ତାଙ୍କର ସେକ୍ସନ ଅଧୀନରେ ପରୀକ୍ଷା ବୋର୍ଡ଼ ନିଯୁକ୍ତ ଏବଂ ମନ୍ତ୍ରୀଙ୍କର ଖାସ୍ ଅନୁରୋଧରେ ସେ ବାଛି ବାଛି ଅଧ୍ୟାପକମାନଙ୍କୁ ନିରୀକ୍ଷକ ଭାବରେ ନିଯୁକ୍ତ ଦେବାପାଇଁ ନୋଟ୍ ଲେଖିଥିଲେ ଏବଂ ଆପ୍ରୁଭ କରି ଆଣିଥିଲେ ବିଭାଗୀୟ ସଚିବଙ୍କଠାରୁ । ପଚିଶବର୍ଷ କିରାଣି ଚାକିରିରେ ସେ ନୋଟ୍ ଲେଖିବାରେ ଅଭ୍ୟସ୍ତ ହୋଇଗଲେଣି । ଆପ୍ରୁଭ୍ କରି ଆଣିବାଟା କେବଳ ମାମୁଲି କଥା । ଆଉ ଅଧିକ ପଢ଼ିବାକୁ ତାଙ୍କର ମନ ବଳିଲା ନାହିଁ । ବିରକ୍ତ ସହକାରେ କାଗଜଟାକୁ ଫିଙ୍ଗିଦେଇ ଘରର କାନ୍ଥଆଡ଼କୁ ଅନାଇବାକୁ ଲାଗିଲେ ।

କାନ୍ଥରେ ଟଙ୍ଗା ହୋଇଥିଲା ଅନେକ ସୁନ୍ଦର ସୁନ୍ଦର କ୍ୟାଲେଣ୍ଡର ଓ ପେଣ୍ଟିଂ । ନଗେନବାବୁ ଲୋକଟାର ଟେଷ୍ଟ ଅଛି । ତା ନହୋଇଥିଲେ ହେମାଙ୍ଗିନୀ ଦେବୀ ପରି ସ୍ତ୍ରୀକୁ ସିଲେକଟ୍ କରିପାରିନଥାନ୍ତା ।

ମନ ପୁଣି ବିରକ୍ତ ହୋଇ ଉଠୁଥିଲା ସୁହାଗିନୀଙ୍କ ପ୍ରତି । କେଉଁ ଏକ ଅଜଣା କୋଣରେ ହେମାଙ୍ଗିନୀ ଦେବୀଙ୍କ ପ୍ରତି ଶ୍ରଦ୍ଧା ଓ ପ୍ରେମର ବୀଜ ବପନ ହେବାକୁ ଲାଗିଥିଲା ।

Digitized by srujanika@gmail.com

ଅବିନାଶ ଦାଶ··ମୁଣ୍ଡର ବାଳଗୁଡ଼ିକ ପାଚିଗଲାଣି । ଆଜି ପାଞ୍ଚବର୍ଷ ପରେ ରିଟାୟାର୍ଡ଼ । ମନରେ ପୁଣି 'ଲଭ୍' କରିବାର ନିଶା ।

ଆଖି କାନ୍ଥରେ ଲାଖି ରହିଗଲା । ଶ୍ୱେତାଙ୍ଗ ତରୁଣୀର ଓଦାଲୁଗା ପରିଧାନରେ ତା'ର ସ୍ତନ ଦାଉଦାଉ ଦେଖାଯାଉଥିଲା ।

ଅବିନାଶଙ୍କ ମନରେ ଅନେକ ଦିନ ତଳର କଥା ମନେପଡ଼ୁଥିଲା । ଥରେ ଅଫିସ କାମରେ ଦିଲ୍ଲୀ ଗଲାବେଳେ ସୁହାଗିନୀଙ୍କୁ ସାଙ୍ଗରେ ନେଇ ଯାଇଥିଲେ । ତାଙ୍କର ସଦାଓ ନେବାର ଇଚ୍ଛା ନଥିଲା; ମାତ୍ର ବାରମ୍ବାର ଧମକରେ ସେ ଡରି ଯାଇଥିଲେ । ହୋଟେଲ କୋଠରିରେ ସଂଯୁକ୍ତ ବାଥ୍‌ରୁମ୍‌ର ସାଓ୍ୱାର ଖୋଲି ସୁହାଗିନୀ ଗାଧୋଇବା ବେଳେ କବାଟର ଛୋଟ ରନ୍ଧ୍ରରେ ତାଙ୍କର ନଗ୍ନ ଦେହଟା ଦେଖିବାର ଲୋଭ ସମ୍ବରଣ କରି ପାରିନଥିଲେ ସେ ।

ଅବିନାଶ ଦାଶର ଏ ଦୁର୍ବଳତାର ସୁଯୋଗ ପୂରାପୂରି ନେଇଛନ୍ତି ସୁହାଗିନୀ ଦେବୀ ଦୀର୍ଘ ପଚିଶବର୍ଷ ହେଲା । ନା, ସେ ଆଉ ସହିପାରିବେ ନାହିଁ । ତାଙ୍କୁ ଘର ଛାଡ଼ି ଚାଲିଯିବାକୁ ହେବ ନଚେତ୍ ହେମାଙ୍ଗିନୀ ଦେବୀଙ୍କ ପରି ପତ୍ନୀଲାଭ ପାଇଁ ପୁଣି ପ୍ରଚେଷ୍ଟା ।

ନଗେନ୍‌ର ପୂଜା ଏ ପର୍ଯ୍ୟନ୍ତ ସରିନାହିଁ । ଗୁଣୁଗୁଣୁ ହୋଇ ବିଷ୍ଣୁ ସହସ୍ରନାମ ଘୋଷିବାରେ ଲାଗିଛନ୍ତି ନଗେନ୍ । ବୋଧହୁଏ ତା'ର ସଫଳତା ମୂଳରେ ଧର୍ମ ପ୍ରତି ଅତ୍ୟନ୍ତ ଅନୁରକ୍ତ ରହିଛି । ସକାଳୁ ଯେତେବେଳେ ଦେଖ ବସିଥିବ ପୂଜାରେ ମଠାପିନ୍ଧି । ତାଙ୍କଦ୍ୱାରା ସେତକ ମଧ୍ୟ ହୋଇପାରିଲା ନାହିଁ ।

ଉଠିପଡ଼ିଲେ ଅବିନାଶ । କାହାକୁ କିଛି ନକହି ନଗେନ୍‌ର ଘରୁ ଚାଲିଆସିଲେ । ନଅଟା ବାଜିଲାଣି । ଘରେ ରହି ହେବନି । ଅଫିସକୁ ଯିବାକୁ ମନ ମଧ୍ୟ ବଳୁନି । କ'ଣ କରିବେ କିଛି ଚିନ୍ତା କରିବା ପୂର୍ବରୁ ସୁହାଗିନୀଙ୍କର ପାଟିଶବ୍ଦରେ ଚମକି ଉଠିଲେ ସେ ।

Digitized by srujanika@gmail.com

ସେତେବେଳକୁ ସେ ଘର ଦୁଆର ମୁହଁରେ ପହଞ୍ଚି ଯାଇଥିଲେ । ମୁହଁକୁ ଫଣଫଣ କରି ସୁହାଗିନୀ ଚକ୍କାର କରୁଥିଲେ, "ପିଲାଟା ଫେଲ୍ ହେଲା କାହା ଦୋଷରୁ । ଟଙ୍କା ଖର୍ଚ କରିପାରିବ ନାହିଁ ପଢ଼ିବା ପାଇଁ । ମୁହଁକୁ ହାଣ୍ଡି କରି ପିଲାଟାର ମନକୁ ଖରାପ କରି ସାରିଲଣି । ତା'ର ସୁନ୍ଦର କ୍ରିକେଟ୍ ମ୍ୟାଚ୍‌ଟା ନଷ୍ଟ ହୋଇଯିବ । ନଅଟା ବାଜିଲାଣି । ମାର୍କେଟ୍‌ରୁ ପରିବା, ମାଛ ଆସିଲା ନାହିଁ । ତୁମରି ପିନା ନ ଖାଇଲେ ଚଳିବ, ଅନ୍ୟମାନେ କ'ଣ ତୁମ ପାଇଁ ଉପାସରେ ରହିବେ । ସକାଳୁ ସକାଳୁ ଇଲେକ୍‌ଟ୍ରିକ୍ ଲାଇନ କଟ୍ । ଏଥିରେ ମଣିଷ କେମିତି ରୋଷେଇ କରେ ଝାଳ ଗମ୍‌ଗମ୍ ହୋଇ । ଯେତେ କହିଲେ ପୂଜାଘରେ ବ୍ୟବସ୍ଥା ହୋଇପାରିଲା ନାହିଁ । ଏଥିରେ ପୁଅଟାଣି କ'ଣ ନା—ସେକ୍‌ସନ୍ ଅଫିସର ! ଝିଅଟା ନାଚ ଶିଖୁଥିଲା, ହାରମୋନିୟମ ଭଙ୍ଗା । ମଣିଷ ସନ୍ଧ୍ୟାରେ ଟି. ଭି. ଖୋଲିପାରୁନି, ଦ'ଦିନ ହେଲା ଖରାପ ହୋଇ ପଡ଼ିଛି ।"

"କ'ଣ କାହାକୁ କହିବି । ନିଜ ଭାଗ୍ୟଦୋଷ । ଗୃହକରିଆ ଦେଖି ବାହା ହୋଇଥିଲି । ମୋ ବଡ଼ପଣ କେଉଁଠୁ ରହିଲା ।"

ଅବିନାଶଙ୍କ ଦେହରେ କଥାଗୁଡ଼ାକ ଟାଏଁ ଟାଏଁ ଆସି ବାଜୁଥିଲେ । ହାତ ବ୍ୟାଗଟାକୁ ସେତେବେଳକୁ ତାଙ୍କ ଉପରକୁ ଫିଙ୍ଗି-ଦେଇ ଭିତରକୁ ପଶିଗଲେଣି ସୁହାଗିନୀ ।

"ନା, ଏ ଘରେ ରହିହେବ ନାହିଁ । ଏତେଦିନ ଧରି ସହିବା ତାଙ୍କ ପକ୍ଷରେ କଷ୍ଟ । ଏ ଘରଟା, ଏ ଘରର ଲୋକମାନେ ସମସ୍ତେ କ'ଣ ଭାବୁଛନ୍ତି କେଜାଣି ?"

ସାଇକେଲଟାକୁ ପଦାକୁ ବାହାର କଲେ । ନୂଆ ସ୍କୁଟରଟା ବଡ଼ କୋଠାଟା ଦଖଲ କରିଦେଲାଣି । ତାଙ୍କ ପାଇଁ ସବୁବେଳେ ଏଇ ସାଇକେଲ ।

ସାଇକେଲ୍‌ରେ ପେଡ଼ାଲ୍ ମାରିଲେ ଅବିନାଶ । ନା, ସେ ଏ ଘରକୁ ଆଉ ଫେରିବେ ନାହିଁ । ଏ ଘରର କାହା ସହିତ ତାଙ୍କର ସମ୍ପର୍କ ନାହିଁ ।

Digitized by srujanika@gmail.com

ସବୁ ମାୟା । ମାୟାରେ ଅନେକ ଦିନ ପହଁରିଲେଣି । ଆଉ ବେଶିଦିନ ନୁହେଁ । ଚାକିରି ସରିବାକୁ ପାଞ୍ଚ ବର୍ଷ ରହିଲା । କାହାପାଇଁ ଚାକିରି । ତାଙ୍କ ପେଟ କଣ ଅପୋଷା ରହିବ । ଯେଉଁଠି ଯାହା ମିଳିବ ଖାଇଦେଇ ଟିକିଏ ଈଶ୍ୱରଙ୍କ ନାମ ନେଲେ ହେଲା ।

ଜୋର୍‌ରେ ପେଡ଼ାଲ ମାରି ଚାଲିଥିଲେ ସେ । ମାର୍କେଟ ପାଖ ଷ୍ଟାଣ୍ଡରେ ସାଇକେଲ ଆପେ ଆପେ ବନ୍ଦ ହୋଇଗଲା । ସନ୍ଧ୍ୟା ମୁହଁ ସବୁ ହାଟରୁ ଫେରୁଛନ୍ତି । ମାଛବାଲା ଅବିନାଶଙ୍କୁ ଦେଖିପାରି ବଡ଼ ପାଟିରେ ଡାକ ଛାଡ଼ୁଥିଲା, "ସାର୍, ଏଠାକୁ ଆସନ୍ତୁ । ଆପଣଙ୍କ ପାଇଁ ବଡ଼ ଟଟକା ଇଲିଶି ରଖିଛୁ । ଆପଣ ଆସିବେ ବୋଲି କେତେବେଳୁ ଅପେକ୍ଷା ।"

ହାତରେ ବ୍ୟାଗ୍ ଧରି ଆଗକୁ ମାଡ଼ି ଚାଲିଲେ ଅବିନାଶ । ଇଲିଶି ମାଛ ବାସ୍ନାରେ ନାକ ପୂରିଗଲା । କିଛି ଦିନ ହେଲା ଇଲିଶି ଖିଆହୋଇନି । ଆଜି ଖାଇବାଟା ଭଲ ହେବ । ଅନ୍ୟ ଯାହା ପଛେ ହେଉ, ସୁହାଗିନୀ ଭଲ ମାଛ ରାନ୍ଧି ପାରନ୍ତି । ହାତରେ ବ୍ୟାଗ୍‌କୁ ଧରି ସାଇକେଲ୍‌ରେ ପେଡ଼ାଲ ମାରିଲେ ଅବିନାଶ । ଇଲିଶି ବାସ୍ନା ଓ ସୁହାଗିନୀଙ୍କ ହାତରନ୍ଧା କଥା ଭାବୁଭାବୁ ଘର ନିକଟରେ ପହଞ୍ଚି ଯାଇଥିଲେ ସେ ।

Digitized by srujanika@gmail.com

ଅବତାର

କିଏ ଦେବ ସେ' ବୋକାଙ୍କୁ ବୁଦ୍ଧି ! ନିଜ ହାତରେ ନିଜ
ଦା'ରେ କାଟିଦଉଛନ୍ତି ନିଜର ବେକ ?

ଓ ଗଡ୍ ! ଏମାନଙ୍କୁ ମାଫ୍ କର !!

ସୁପରଫାଷ୍ଟ ନୀଳାଚଳ ଏକସ୍‌ପ୍ରେସ ଦୁଇ ନମ୍ବର ପ୍ଲାଟଫର୍ମରେ ଆସି ଲାଗିଲା । ଠିକ୍ ସମୟରୁ କୋଡ଼ିଏ ମିନିଟ୍ ବିଳମ୍ବ । ଭୁବନେଶ୍ୱର-ଠାରେ ତାର ପହଞ୍ଚିବାର ସମୟ ଏଗାରଟା ତିରିଶ ମିନିଟ୍ । କୋଡ଼ିଏ ମିନିଟ୍ ବିଳମ୍ବ ବେଶି କିଛି ନୁହେଁ । ଏହା ବାଟରେ ମେକ୍‌ଅପ୍ ହୋଇଯିବ । ଖଡ଼ଗପୁର ଓ ଭୁବନେଶ୍ୱର ମଧ୍ୟରେ ବେଶି ଷ୍ଟପେଜ ନାହିଁ । ଶଶିକାନ୍ତ ହାତରେ ବଡ଼ ଆଟାଚିଟିକୁ ଧରି ଭିଡ଼ଠେଲି ଭିତରକୁ ପଶିଲେ । ଗେଟ୍ ନିକଟରେ ବେଶ୍ କିଛି ଗହଳି । ନିଜର ବର୍ଥଟିକୁ ଖୋଜି ଆଟାଚିଟିକୁ ତଳେ ଥୋଇଦେଲେ । ଝରକା କଡ଼ରେ ବସି ହାତରେ ଧରିଥିବା ସନ୍‌ଡେ ମ୍ୟାଗାଜିନ୍‌ଟିକୁ ଓଲଟାଇବାକୁ ଲାଗିଲେ ।

ଟ୍ରେନ୍ ହୁଇସିଲ ଦେଇ ଚାଲିବାକୁ ଆରମ୍ଭ କଲା । ସେହି କମ୍ପାର୍ଟମେଣ୍ଟଟି ଭୁବନେଶ୍ୱରରେ ଲୋକମାନଙ୍କଦ୍ୱାରା ପ୍ରାୟ ପୂର୍ଣ୍ଣ ହୋଇ-ଯାଇଥିଲା । ସୁପରଫାଷ୍ଟ ଟ୍ରେନ୍‌ଟି ଖୁବ୍ ଜୋର୍‌ରେ ଦୌଡ଼ୁଥାଏ । ଶଶିକାନ୍ତ ଝରକା ନିକଟରେ ବସିରହି ସନ୍‌ଡେ ମ୍ୟାଗାଜିନ୍, ଖୋଲା ଆକାଶ ଓ ପୃଥିବୀକୁ ନିରୀକ୍ଷଣ କରୁଥାନ୍ତି । ଟି. ଟି. ହାତରେ ଲିଷ୍ଟଟାଏ ଧରି ପ୍ରତ୍ୟେକଙ୍କର ଟିକେଟ ଚେକ୍ କରିବାରେ ଲାଗିଥାଏ । ଜଣକ ଟିକେଟ୍ ଦେଖି ହଠାତ୍ ସେ ବିରକ୍ତି ପ୍ରକାଶ କଲେ । "ଏ ତ ଆପଣ ନୁହଁନ୍ତି । ଚାର୍ଟରେ ମହମ୍ମଦ ଇସ୍‌ମାଇଲ୍ ବେଗ୍, ବୟସ-୫୫ ଲେଖା

Digitized by srujanika@gmail.com

ହୋଇଛି । ଆପଣଙ୍କର ବୟସ ପ୍ରାୟ ପଇଁଚାଳିଶ ହେବ । ଏ ଟିକେଟ୍ କେଉଁଠାରୁ ପାଇଲେ ?" ଟି. ଟି.ର ଏ ପ୍ରକାର ପ୍ରଶ୍ନ ଶୁଣି ଭଦ୍ରବ୍ୟକ୍ତି ଜଣକ ଆଶ୍ଚର୍ଯ୍ୟ ହେଲେ । ତାଙ୍କ ସହିତ ତାଙ୍କ ସ୍ତ୍ରୀ ସୁଲତାନା ବୁର୍ଖା ପିନ୍ଧି ସେଠାରେ ମଧ୍ୟ ବସିଥିଲେ । ମିଃ ବେଗ୍ ତାହା ତାଙ୍କର ଟିକେଟ୍ ଏବଂ ସେ କାଉଣ୍ଟରରୁ କିଣିଛନ୍ତି ବୋଲି କହିଲେ । ଟିକେଟରେ ଭୁଲ୍‌ରେ ତାଙ୍କ ବୟସ ୫୫ ବର୍ଷ ଲେଖା ହୋଇଯାଇଛି ବୋଲି ଟି. ଟି.ଙ୍କୁ କହିଲେ । ସେ ନିଜ ପକେଟ୍‌ରୁ କାଢ଼ି ସେକ୍ରେଟାରିଏଟ୍‌ର ପରିଚୟ ପତ୍ରଟିକୁ ଦେଖାଇଲେ । ସେଥିରେ ତାଙ୍କର ଫଟୋ, ନାମ ଓ ଠିକଣା ଲେଖାଥିଲା । ସେହି କମ୍ପାର୍ଟମେଣ୍ଟର ଷ୍ଟୁ କୋଠରି ମଧ୍ୟରେ ଶଶିକାନ୍ତଙ୍କ ସମେତ ଆଠଜଣ ଥିଲେ । ମହମ୍ମଦ ଇସ୍‌ମାଇଲ୍ ବେଗ ଓ ତାଙ୍କ ସ୍ତ୍ରୀ ନିଜ ମଧ୍ୟରେ ଉର୍ଦ୍ଦୁ ଓ ଓଡ଼ିଆ ମିଶା ଭାଷାରେ କଥା ହେଉଥିଲେ । ଟ୍ରେନ୍ ଖୁବ୍ ଜୋର୍‌ରେ ଦୌଡୁଥିଲା, ତା ସହିତ ମାଲୁମ ପଡୁଥିଲା ଯେପରି ସବୁକିଛି ଦୌଡ଼ୁଛି । ଶଶିକାନ୍ତ କେତେବେଳେ ବାହାରକୁ ଓ ଆଉ କେବେ କମ୍ପାର୍ଟମେଣ୍ଟ ଭିତରକୁ ଆଖି ପକାଉଥିଲେ । ସାଇଡ଼୍ ବର୍ଥରେ ଥିବା ମଧ୍ୟବୟସ୍କ ଭଦ୍ରଲୋକ ଜଣକ କହିଲେ ଆମ ଦେଶକୁ ଆକ୍ରମଣ କରି ମନ୍ଦିର ଭାଙ୍ଗି ମସ୍‌ଜିଦ୍ କଲେ । ଆମେ ମସ୍‌ଜିଦ୍ ଭାଙ୍ଗି ମନ୍ଦିର କରିବୁ । କାଳେ କାଳେ ଯୁଗେ ଯୁଗେ ରାମ ଆମର ଆରାଧ୍ୟଦେବତା । ଏ ଜାତିର ପ୍ରାଣ ସେ । ତାଙ୍କ ଜନ୍ମସ୍ଥାନରେ ମନ୍ଦିରଟାଏ ହେଲେ ଲୋକମାନେ ଉପକୃତ ହେବେ ।

ଗୁପ୍ତାଜୀଙ୍କ କଥାଶୁଣି ତାଙ୍କ ନିକଟରେ ବସିଥିବା ଟୋକାଟିଏ ନିଜର ପରିଚୟ ଦେଇ କହିଲେ, "ମୋ ନାଁ ଅଶୋକ ମିଶ୍ର । ମୁଁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ସ୍କଲାର । ସରକାର ଯେପରି ମଣ୍ଡଳ କମିଶନ କରି ଜାତିଆଣ ରାଜନୀତି କରିବାକୁ ଆରମ୍ଭ କଲେ, ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣର ଆବଶ୍ୟକତା ବହୁତ ବଢ଼ିଗଲା । କାଶ୍ମୀରରେ ସମ୍ବିଧାନର ୩୭୦ ଧାରା କାହିଁକି ଲାଗୁହେବ ? ସାହାବାନୁ କେସ୍‌ରେ ସରକାର ୟୁନିଫର୍ମ ସିଭିଲ କୋଡ଼୍ ପ୍ରଥା ପ୍ରଚଳନ ନକରି ମୁସଲମାନମାନଙ୍କୁ ଛାଡ଼ପତ୍ର ଦେଇ ଚାରିଗୋଟି ବାହାହେବାର ଅନୁମତି ଦେଇ ଠିକ୍ କରିନାହାନ୍ତି । ତେଣୁ ମନ୍ଦିର ନିର୍ମାଣ କରିବାରେ

Digitized by srujanika@gmail.com

ଅସୁବିଧା କେଉଁଠି ? ମନ୍ଦିର ନିର୍ମାଣ ହିନ୍ଦୁ ଶକ୍ତିକୁ ଆହୁରି ମଜଭୁତ କରିବ ।

ମିଃ ମିଶ୍ରଙ୍କ କଥାକୁ ସମର୍ଥନ କରି ଗୁପ୍ତାଜୀ ଅଧିକ ଉତ୍ତେଜିତ ହୋଇ କହୁଥିଲେ, "ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣକୁ କେହି ରୋକି ପାରିବେ ନାହିଁ । କରସେବା ପାଇଁ ଲକ୍ଷ ଲକ୍ଷ ଲୋକ ଏକାଠି ହେବେ । ହିନ୍ଦୁମାନଙ୍କର ମାନସିକ ଶାନ୍ତି କେବଳ ରାମ ମନ୍ଦିର ନିର୍ମାଣରେ ହିଁ ସମ୍ଭବ । ଦେଖିବା କେଉଁ ମୁସଲମାନ ବଳେ ଆସି ଆମ ସାଙ୍ଗରେ ଲଢ଼େଇ କରିବେ । ହୋଇଯାଉ ରକ୍ତପାତ । ଥରେ ଶିଖିଗଲେ, ଆଉ ପାଟି ଫିଟାଇବେ ନାହିଁ । ଶଳେ, ଆମ ଦେଶରେ ରହି, ଆମ ପାଣି ପବନରେ ବଢ଼ି ଆମ ଠାକୁରଙ୍କୁ ତାଙ୍କ ଜନ୍ମସ୍ଥାନରେ ରହିବାକୁ ଦେବେନି । ଏଇଟା କେଉଁଠିକା ନୀତି ହୋ ! କରସେବା କରିବାକୁ ଅନେକ ଲୋକ ବାହାରିଛନ୍ତି । ଅର୍ଥର ଅଭାବ ନାହିଁ । ଯେତେ ଟଙ୍କା ଖର୍ଚ୍ଚ ହେବ, ଆମେ ଦେବାକୁ ପ୍ରସ୍ତୁତ । ଭୁବନେଶ୍ୱରରୁ ଅନ୍ୟୁନ୍ୟପକ୍ଷେ ଶହେ ଜଣ କରସେବକ ଅଛନ୍ତି । ସେମାନଙ୍କର ରହିବା, ଖାଇବା ଓ ଯିବା ଆସିବାର ଖର୍ଚ୍ଚ ମୋତେ ବ୍ୟବସ୍ଥା କରିବାକୁ ହୋଇଛି ।"

ଗୁପ୍ତାଜୀଙ୍କ କଥାଶୁଣି ପାଖରେ ବସିଥିବା ଜଣେ ପ୍ରୌଢ଼ ଭଦ୍ରବ୍ୟକ୍ତି ଟିକିଏ ବିରକ୍ତିଭାବ ପ୍ରକାଶ କରି କହିଲେ, "ଆଜ୍ଞା, ଯାହା କହିଲେ ଠିକ୍ । କିନ୍ତୁ ଦେଶର ଅବସ୍ଥା କଥା ଟିକିଏ ବିଚାର କରନ୍ତୁ । ଦିନକୁ ଦିନ ଦରଦାମ୍ ବଢ଼ି ଚାଲିଛି । ଗରିବ ଲୋକମାନେ ଭୋକ ଉପାସରେ ଦିନ କାଟୁଛନ୍ତି । ଘରେ ଖାଇବାକୁ ନାହିଁ । ତେଲ, ଲୁଣ, ଡାଲି, ପରିବା ଇତ୍ୟାଦିର ଦର ଆକାଶଛୁଆଁ ହେଲାଣି । ରୋଜଗାର, କାମଧନ୍ଦା ପାଇବାପାଇଁ ଲୋକମାନେ ବ୍ୟାକୁଳ । ଆଗେ ପେଟ । ପେଟ ଭୁଖଣ୍ଡିଆ ତ ପୂରିବ ନାହିଁ, ମନ୍ଦିର ମସଜିଦ୍‌ରେ କ'ଣ ମିଳେ । ମୋତେ ସତୁରି ପୂରିଲାଣି । ଏ ଦେଶର ସ୍ୱାଧୀନତାଠାରୁ ଏ ପର୍ଯ୍ୟନ୍ତ ସବୁ ଦେଖିଲିଣି । ମନ୍ଦିର ନିର୍ମାଣ କଲେ କ'ଣ ଲୋକେ ଧାର୍ମିକ ହୋଇଯିବେ ? ଭାରତରେ କେତେ ଧର୍ମ, କେତେ ସମ୍ପ୍ରଦାୟ । ସବୁ ଏଇ ମାଟି, ପାଣି ପବନରେ ରହିଲେଣି । ଏଠି ଭେଦଭାବ ନାହିଁ । ସବୁ ମଣିଷ ସୃଷ୍ଟି କରୁଛି । ଆମେ

Digitized by srujanika@gmail.com

ଯେଉଁକ ସ୍ୱାଧୀନତା ସଂଗ୍ରାମରେ ଲଢ଼ିଥିଲୁ, ଆମର ଲକ୍ଷ୍ୟ ଥିଲା ଦେଶକୁ ସ୍ୱାଧୀନ କରିବା । ଅଖଣ୍ଡଭାରତର କଳ୍ପନା କରିବା । ମନ୍ଦିର ମସଜିଦ୍ ଗଣ୍ଡଗୋଳରେ ଦେଶ କେଉଁଆଡ଼କୁ ଗତି କରୁଛି, ତାହା ଆପଣମାନେ ଚିନ୍ତା କରିବା ଦରକାର । ବର୍ତ୍ତମାନର ଆବଶ୍ୟକତା ଦରଦାମକୁ ନିୟନ୍ତ୍ରଣ ରଖିବା, ବେକାରଙ୍କୁ ଚାକିରି ଦେବା, ଅବହେଳିତ ସମାଜର ଉନ୍ନତି କରିବା । ବର୍ତ୍ତମାନ ସବୁ ବେଳଜାଲ, ପୁଣି ଚାନ୍ଦାଦଉଁରେ ବନ୍ଦୀ । ପାଠଶାଠ ପଢ଼ି ଯୁବକମାନେ ବେକାର ।"

ପ୍ରୌଢ଼ ଭଦ୍ରବ୍ୟକ୍ତି ଦୀର୍ଘ ନିଶ୍ୱାସଟାଏ ପକାଇଲେ । ଅନ୍ୟମାନେ ତାଙ୍କ ମୁହଁକୁ ଚାହିଁଥାନ୍ତି । ଗୁପ୍ତଜୀ ପ୍ରୌଢ଼ଙ୍କ ଆଡ଼କୁ ନଚାହିଁ କେଏନ୍‌ପୁର ସ୍କୁଲର ମିଃ. ମିଶ୍ରଙ୍କ ସହ ଚୁପ୍‌ଚାପ୍ କଥା ହେବାକୁ ଲାଗିଲେ । ବେଗ୍ ଥିଲେ ନୀରବ । ଟ୍ରେନ୍‌ଟା କ୍ରମଶଃ ବିଳମ୍ବ ହେବାକୁ ଆରମ୍ଭ କରି ଦେଇଥିଲା । ବାଲେଶ୍ୱର ଷ୍ଟେସନ ପରେ ହଠାତ୍ ଇଞ୍ଜିନ ଖରାପ ହୋଇଯିବା ହେତୁ ସେଠାରେ ପ୍ରାୟ ଦୁଇଘଣ୍ଟା ପଡ଼ିରହିଲା ।

ଟ୍ରେନ୍ ଭିତରେ ଖାଇବାକାର୍ଯ୍ୟ ଶେଷ ହୋଇଗଲା । ଶଶିକାନ୍ତ ଉପର ବର୍ଥରେ ଶୋଇରହି ଏମାନଙ୍କ କଥା ଶୁଣିବାକୁ କାନ ଡେରିଥିଲେ । ବହୁ ସମୟରେ ଟ୍ରେନ୍ ଯାତ୍ରା କଲାବେଳେ ସେ ଯାତ୍ରୀମାନଙ୍କର କଥା ଶୁଣିବାରେ ଆନନ୍ଦ ଲାଭ କରନ୍ତି । ସେଥିରୁ ସେ ପାଆନ୍ତି ତାଙ୍କ ଗଳ୍ପ ଉପନ୍ୟାସର ଚରିତ୍ରମାନଙ୍କୁ । ତେଣୁ ତାଙ୍କ ଗଳ୍ପର ଚରିତ୍ରମାନେ ଜୀବନ୍ତ ! ପ୍ରାୟ ପ୍ରତ୍ୟେକ ଗଳ୍ପରେ ତାଙ୍କର ସାମାଜିକ ଅଙ୍ଗୀକାରବଦ୍ଧତା ଥାଏ ବୋଲି ସମାଲୋଚକମାନେ ମତ ଦିଅନ୍ତି । ଏକ ଆଲୋଚନା ଚକ୍ରରେ ଯୋଗ ଦେବାକୁ ସେ ଦିଲ୍ଲୀ ଯାଇଛନ୍ତି । ସେ କେଏନ୍‌ପୁର ସ୍କୁଲର ଅଶୋକ ମିଶ୍ରଙ୍କୁ ଲକ୍ଷ୍ୟ କଲେ । ଶଶିକାନ୍ତ ଭାବୁଥିଲେ, "ଏଇମାନେ ଦେଶର ଭବିଷ୍ୟତ ଚାଳକ ହେବେ । ଏମାନେ ଦେଶର କ୍ଷମତାକୁ ନିୟନ୍ତ୍ରଣ କରିବେ । କିନ୍ତୁ କାହିଁ ଦେଶ ଗଢ଼ିବାର ଭାବନା ଏମାନଙ୍କ ଭିତରେ ?"

Digitized by srujanika@gmail.com

ଉପର ବର୍ଥରେ ଶୋଇରହି ଶଶିକାନ୍ତ ଏଇମିତି କେତେ କଥା ଭାବୁଭାବୁ ନିଦରେ ଶୋଇପଡ଼ିଲେ । ଟ୍ରେନ୍ ଚାଲିବା ତାଙ୍କୁ ଜଣାପଡ଼ୁ ନଥିଲା । ହଠାତ୍ ନିଦ ଭାଙ୍ଗିବା ବେଳକୁ ସେ ହାତଘଣ୍ଟାରେ ରାତି ୯ଟା ବାଜିଥିବାର ଦେଖିଲେ । ବାହାରେ ଘଞ୍ଚ ଜଙ୍ଗଲ । ଅନ୍ୟାନ୍ୟ ସହଯାତ୍ରୀ-ମାନେ କେହି କେହି ବସି ବସି ଢୋଳଉଥିଲେ । କମ୍ପାର୍ଟମେଣ୍ଟରେ ଲାଇଟ୍‌ର ଆଲୋକ ସ୍ୱଳ୍ପ ଥିଲା ।

ଶଶିକାନ୍ତ ଉପର ବର୍ଥରୁ ଓହ୍ଲାଇଲେ । ବେଗ୍‌ସାହେବଙ୍କ ନିକଟରେ ବସି ତାଙ୍କଠାରୁ ପାଣି ମାଗି ପିଇଲେ । ଟ୍ରେନ୍ ଚାଲୁ ନଥିଲା । ଦୀର୍ଘ ଦୁଇଘଣ୍ଟା ଧରି ସେଇଠାରେ ପଡ଼ିରହିଥିଲା । ବିହାରରେ ପ୍ରବେଶ କରିବା ପରେ ଟ୍ରେନ୍‌ର ଗତି ପ୍ରଥମେ ଧିମେଇଯାଇ ପରେ ବନ୍ଦ ହୋଇ-ଯାଇଥିଲା । ସେହି ଲାଇନରେ ଆଗକୁ ଏକ୍‌ସିଡ଼େଣ୍ଟ ହୋଇଥିବା ଯୋଗୁ ଟ୍ରେନ୍‌ର ଆଗକୁ ଯିବା ସମ୍ଭବ ନଥିଲା । ଆଗକୁ କୌଣସି ଗ୍ରେଟ ଷ୍ଟେସନ୍ ମଧ୍ୟ ନଥିଲା । ଶାଳବଣର ଘଞ୍ଚ ଜଙ୍ଗଲ ଅଧିକାଂଶ ଯାତ୍ରୀଙ୍କ ମନରେ ଭୟ ଜାତ କରଉଥିଲା ।

ଶଶିକାନ୍ତ ବହୁବେଳ ହେଲା କିଛି ଖାଇ ନଥିଲେ । ତାଙ୍କ ପାଖରେ ଖାଇବା ପାଇଁ ମଧ୍ୟ କିଛି ନଥିଲା । ଟ୍ରେନ୍‌ରେ ଖାଇବାକୁ ଦେଉଥିବା ହକର୍‌ମାନେ ଆଦୌ ଯିବା-ଆସିବା କରୁନଥିଲେ । କମ୍ପାର୍ଟମେଣ୍ଟରେ ପାଣି ନଥିଲା । ଶଶିକାନ୍ତ ନିଜର ବିରକ୍ତି ପ୍ରକାଶକରି ବେଗ୍‌ସାହେବଙ୍କୁ ଲକ୍ଷ୍ୟ କରି କହିଲେ, "ବୁଝିଲେ, ଟ୍ରେନ୍‌ଯାତ୍ରାର କୌଣସି ମଜା ନାହିଁ । ଯେଉଁଠି ଇଚ୍ଛା ସେଠି ରହିଲା । ବଡ଼ ବୋରିଂ ।"

ବେଗ୍‌ସାହେବ ଉତ୍ତରରେ କହିଲେ, "ବୁଝିଲେ ଶଶିକାନ୍ତ ବାବୁ, ମାଲୁମ ନାହିଁ ଏ ଟ୍ରେନ୍ ପହଞ୍ଚିବ କି ନାହିଁ । ବର୍ତ୍ତମାନ ସୁଦ୍ଧା ଛଅଘଣ୍ଟା ବିଳମ୍ବ । କୌଣସି ଷ୍ଟେସନରେ ନ ରହି, ଏପରି ଅପନ୍ତରା ଜାଗାରେ ପଡ଼ିଲା ଯେ ଖାଇବାପିଇବାକୁ ମିଳିବା କଷ୍ଟ ।"

ଗୁପ୍ତଜୀ କାଶିବାକୁ ଆରମ୍ଭ କରିଦେଇଥିଲେ । ବାରମ୍ବାର ଉଠି ପାଇଖାନାକୁ ଯାଉଥିଲେ । ଦେହଟା ତାଙ୍କର ଅବଶ ହେବାପରି ଲାଗୁଥିଲା ।

Digitized by srujanika@gmail.com

ବେଗ୍‌ସାହେବ ତାଙ୍କୁ ଦେଖି ଔଷଧ ଦେବାକୁ ଚାହିଁଲେ । ଗୁପ୍ତଜୀ ହାତଠାର ମନାକଲେ ।

ଗତସାରା ସେହିପରି ଠିଆହୋଇ ରହିଲ ଟ୍ରେନ୍‌ଟି । ଥଣ୍ଡା ପବନ ଧମକାଏ ଧମକାଏ ପଶି ଆସୁଥିଲା କମ୍ପାର୍ଟମେଣ୍ଟ ଭିତରକୁ । ଶୀତରେ ଥରୁଥରୁ ହେଉଥିଲେ ଗୁପ୍ତଜୀ । ଜ୍ୱରରେ କମ୍ପିବାକୁ ଲାଗିଥିଲେ । କେବେ କେବେ ବାଉଳାଗୁଡ଼ାଳ ହେଉଥିଲେ । ତାଙ୍କ ନିକଟରେ ବେଶିକିଛି ଲୁଗାପଟା ନଥିଲା । ଗୁପ୍ତଜୀଙ୍କର ଅବସ୍ଥା ଦେଖି ବେଗ୍‌ସାହେବ ବ୍ୟସ୍ତ ହୋଇପଡ଼ୁଥିଲେ । ସେ ତାଙ୍କ କମ୍ବଳଟିକୁ ଗୁପ୍ତଜୀଙ୍କ ଦେହରେ ନେଇ ଘୋଡ଼ାଇଦେଲେ । ବହୁ ବାଧ୍ୟକରି ଔଷଧ ଖୁଆଇଲେ । ତାଙ୍କ ଫ୍ଲାସ୍କରୁ ସିଝା ଥଣ୍ଡାପାଣି ପିଇବାକୁ ଦେଲେ । ବେଗ୍‌ଙ୍କ ସ୍ତ୍ରୀ ଗୁପ୍ତଜୀଙ୍କ ମୁଣ୍ଡରେ ଥଣ୍ଡା ପାଣି ଲଗାଇବାକୁ ଲାଗିଲେ ।

ଶଶିକାନ୍ତ ଉପର ବର୍ଥରେ ଶୋଇପାରିଲେ ନାହିଁ । ଜେଏନ୍‌ପୁର ସ୍କୁଲର ମିଃ. ମିଶ୍ର ଆରାମରେ ଘୁଙ୍ଗୁଡ଼ିମାରୁଥିଲେ । ବେଗ୍‌ସାହେବ ଓ ତାଙ୍କ ପତ୍ନୀ ଗୁପ୍ତଜୀଙ୍କ ସେବାରେ ଲାଗିଥିଲେ ।

ରାତିର ଭୟଙ୍କର ରୂପ କମ୍ପାର୍ଟମେଣ୍ଟକୁ ଘେରି ରହିଥିଲା । ସକାଳ ହେବା ପୂର୍ବରୁ ଟ୍ରେନ୍ ଚାଲିବାକୁ ଆରମ୍ଭକଲା । ବାହାରର ମଝାମଝି ସ୍ଥାନରେ ପୁଲିସର ଘନ ଘନ ବୁଟ୍‌ର ଆବାଜ କମ୍ପାର୍ଟମେଣ୍ଟକୁ ଚମକାଇଦେଲା । ଯାତ୍ରୀମାନେ ହତଚକିତ ହୋଇ ବସି ରହିଲେ । ତଲ୍ଲସି ଜାରି ରହିଲା । ପ୍ରତ୍ୟେକ ଯାତ୍ରୀଙ୍କର ବାକ୍‌ସ, ଲୁଗାପଟା ତନଖି ହେଲା ।

ଶଶିକାନ୍ତଙ୍କ ସୁଟ୍‌କେଶ୍‌ଟିକୁ ଖିନ୍‌ଭିନ୍ କରି ଦେଖିଲେ । କେତେ-ଗୁଡ଼ିଏ ବହି, ଡକୁମେଣ୍ଟ । ବେଗ୍‌ସାହେବଙ୍କର ପ୍ରତିରକ୍ଷା ମନ୍ତ୍ରଣାଳୟର ଚିଠି ଏବଂ ସେଠାରେ ଥିବା ମିଟିଂ । ମିଃ ମିଶ୍ରଙ୍କ ବ୍ୟାଗରୁ କିଛି ଚିଠିପତ୍ର ଏବଂ ଗୁପ୍ତଜୀଙ୍କ ବ୍ୟାଗରୁ ଚାଉଳ, ଗହମ, ଚିନି ଇତ୍ୟାଦିର ଏକ ଲମ୍ବା ହିସାବ ଖାତା । ବିଶେଷ କିଛି ସନ୍ଦେହଜନକ କାଗଜପତ୍ର ଓ ପଦାର୍ଥ ନ ମିଳିଲେ ମଧ୍ୟ ଯୁଗନିର୍ମାଣ ଗାୟତ୍ରୀ ପୁସ୍ତକ ଏବଂ ଦୋକାନର ହିସାବ ଖାତା ଦେଖି ପୁଲିସ ସନ୍ଦେହ କରି ଗୁପ୍ତଜୀଙ୍କୁ ପଚାରିବାକୁ ଲାଗିଲା । ବେଗ୍-

Digitized by srujanika@gmail.com

ସାହେବ ନଜର ପରିଚୟଦେଇ ପୁଲିସ୍‌ବାଲାଙ୍କ ସହ ଇଂରାଜୀ ଓ ହିନ୍ଦୀରେ କଥା ହେବାପରେ, ସେମାନେ କମ୍ପାର୍ଟମେଣ୍ଟ ଛାଡ଼ି ଚାଲିଗଲେ ।

ଗୁପ୍ତାଜୀ ବିଛଣାରେ ଶୋଇରହି ଦୀର୍ଘ ନିଶ୍ୱାସ ପକାଇଲେ । ମିଃ ମିଶ୍ର ଆଶ୍ୱସ୍ତିର ନିଶ୍ୱାସ ନେଲେ । ବେଗ୍‌ସାହେବ ଶଶିକାନ୍ତଙ୍କୁ ଚାହିଁ କହିଲେ, "ବୁଝିଲେ ଆଜ୍ଞା ! ଅଜ୍ଞାତ କଥା ସମସ୍ତେ ଚିନ୍ତା କରିବା ଆବଶ୍ୟକ । ଏ ଦେଶ ମହାନ୍ ସଂସ୍କୃତି ଓ ସଭ୍ୟତାର ପୀଠସ୍ଥଳ । ଏ ଦେଶରେ ଘଟିଛି ସର୍ବଧର୍ମ ସମନ୍ୱୟ । ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ୍, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀ ଲୋକମାନେ ମିଳିମିଶି ଏ ସଭ୍ୟତାକୁ ପୁଷ୍ଟ କରିଛନ୍ତି । ପ୍ରତ୍ୟେକ ଧର୍ମରେ କିଛି ନା କିଛି ଲୋକ ଅଛନ୍ତି ସେମାନେ ଧାର୍ମିକ ମୌଳିକତାବାଦୀ ଶକ୍ତିଭାବେ ପରିଚିତ ହୋଇ ଅନ୍ୟ ଧର୍ମକୁ ହେୟକରି ଦେଖୁଛନ୍ତି । ଫଳରେ ଦେଶର ଏ ଅବସ୍ଥା । ଯାହାବାବୁ କେଶ୍‌ରେ ସୁପ୍ରିମ୍ କୋର୍ଟର ନିଷ୍ପତ୍ତିକୁ ମାନିନେବା ଉଚିତ ଥିଲା । ମାତ୍ର ରାଜନୈତିକ ଦଳମାନେ ଭୋଟପାଇଁ ଏ ଦେଶକୁ ଏକ ବିଭ୍ରାନ୍ତିକର ସ୍ଥିତି ମଧ୍ୟକୁ ଟାଣି ନେଉଛନ୍ତି । ଏଥିପାଇଁ ରାଜନୈତିକ ଦଳମାନେ ଦାୟୀ । ଦେଖିଲୁନା ! ଆମକୁ ଏ ପୁଲିସବାଲାଏ କେମିତି ସନ୍ଦେହ କଲେ । ଆଜି ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଛି । ଅବିଶ୍ୱାସ । କେବଳ ଅବିଶ୍ୱାସ । ଧର୍ମ ଧର୍ମ ମଧ୍ୟରେ ଅବିଶ୍ୱାସର ଚାରା ମାଡ଼ିଯାଉଛି । କେବଳ ସଂକୀର୍ଣ୍ଣ ସ୍ୱାର୍ଥ । ଅର୍ଥ ଲୋଭ । ଧର୍ମକୁ କେହି ବ୍ୟବହାର କରି ସେଥିରୁ ଫାଇଦା ନେବାକୁ ଚେଷ୍ଟା କରୁଛି । ତେଣୁ ବିଶ୍ୱାସର ଅଭାବ । ଜଣେ ଅନ୍ୟ ଜଣକୁ ବିଶ୍ୱାସ ନକଲେ କ'ଣ ହେବ ଏ ଦେଶର ଅବସ୍ଥା ? କେମିତି ରହିବ ଏହାର ସଂହତି ? ଏ ଦେଶ ନାନକ, କବୀର, ତୁଳସୀର ଦେଶ । କ'ଣ ଥିଲା ସେମାନଙ୍କ ଜୀବନ । କ'ଣ ଥିଲା ସେମାନଙ୍କ ବିଚାର । ବର୍ତ୍ତମାନ ସେ ବିଚାରରେ ପରିବର୍ତ୍ତନ । ସବୁର ମାପକାଠି ରାଜନୀତି । ରାଜନୀତିର ପରିଧି ସଂକୀର୍ଣ୍ଣ । କେବଳ କ୍ଷମତା ଓ ଅର୍ଥ । ମନ୍ଦିର, ମସଜିଦ୍, ଗିର୍ଜା ଓ ଗୁରୁଦ୍ୱାର ତାର ମାଧ୍ୟମ । ସେଥିପାଇଁ ସଂଘର୍ଷ ।"

ଗମ୍ଭୀର ମୁହଁରେ ବେଗ୍‌ଙ୍କର କହିବା ବେଶ୍ ପ୍ରଭାବିତ କରୁଥିଲା ଗୁପ୍ତାଜୀ ଓ ମିଃ ମିଶ୍ରଙ୍କୁ । ସେହି ପ୍ରୌଢ଼ ଭଦ୍ରବ୍ୟକ୍ତି ଚୁପ୍‌ଚାପ୍ ବସିଛନ୍ତି ।

Digitized by srujanika@gmail.com

ସେ ଏମାନଙ୍କ ଆଡ଼କୁ ମୁହଁ ଫେରାଇ କହିଲେ, "ମୁଁ ଆପଣମାନଙ୍କୁ ଗୋଟିଏ ଗପ କହିବି । ଏ ଯୁଗର ଜଣେ ମହାପୁରୁଷ ନିଜ ଜୀବନରେ ଅନୁଭବକୁ ସାକାର କରି ଶିଷ୍ୟମାନଙ୍କୁ ଏ ତତ୍ତ୍ୱଶିକ୍ଷା ଦେବାପାଇଁ ଯେପରି କହିଥିଲେ, ମୁଁ ତାକୁ ଆପଣମାନଙ୍କୁ କହିବି । ମୋର ସେ ମହାପୁରୁଷଙ୍କ ନାମ ମନେ ନାହିଁ । କିନ୍ତୁ ତାଙ୍କର ସେହି ଅମୃତମୟୀବାଣୀ ଏବେ ବି ମୋର ହୃଦୟପଟରେ ଲେଖିହୋଇ ରହିଛି । ତାଙ୍କୁ ତାଙ୍କର ଶିଷ୍ୟମାନେ ପଚାରିଲେ, 'ଈଶ୍ୱରଙ୍କୁ କେଉଁ ବାଟରେ ଗଲେ ମିଳେ ?' ସେ କହିଲେ, ସବୁ ପଥ ଦେଇ ତାଙ୍କୁ (ଈଶ୍ୱରଙ୍କୁ) ଲାଭ କରାଯାଏ । ସବୁ ଧର୍ମ ହିଁ ସତ୍ୟ । ଛାତରେ ଉଠିବା ନେଇ କଥା । ତୁମେ ପକ୍କା ସିଡ଼ିଦେଇ ଉଠିପାର, କାଠ ସିଡ଼ିଦେଇ ଉଠିପାର, ବାଉଁଶର ସିଡ଼ିଦେଇ ଉଠିପାର, ଦଉଡ଼ି ସାହାଯ୍ୟରେ ମଧ୍ୟ ଉଠିପାର । ଯଦି ଖୁହଁ ଗୋଟିଏ ଅଟଙ୍ଗା ବାଉଁଶ ସାହାଯ୍ୟରେ ମଧ୍ୟ ଉଠିପାର ।"

"କେହି କେହି କହନ୍ତି, ସେମାନଙ୍କ ଧର୍ମରେ ଅନେକ ଭୁଲ୍, ଅନେକ କୁସଂସ୍କାର । ସବୁ ଧର୍ମରେ ହିଁ ଭୁଲ୍ ଅଛି । ସମସ୍ତେ ଭାବନ୍ତି, ମୋର ଘଡ଼ି ହିଁ ଠିକ୍ ଚାଲୁଛି । ତାଙ୍କ (ଈଶ୍ୱରଙ୍କ) ପ୍ରତି ବ୍ୟାକୁଳତା, ତାଙ୍କ ଉପରେ ଶ୍ରଦ୍ଧା ହିଁ ଧର୍ମବିଶେଷରେ ତାଙ୍କର ନିକଟତମ କରାଏ ।"

"ଭକ୍ତମାନେ ତାଙ୍କୁ ନାନା ନାମରେ ଡାକୁଛନ୍ତି । ଯେପରି ଏକ ବ୍ୟକ୍ତିକୁ ହିଁ ଡାକୁଛନ୍ତି । ଗୋଟିଏ ପୋଖରୀରେ ଚାରୋଟି ଘାଟ । ହିନ୍ଦୁମାନେ ଗୋଟିଏ ଘାଟରେ ପାଣି ପିଉଛନ୍ତି, କହୁଛନ୍ତି ଜଳ; ମୁସଲମାନମାନେ ଆଉ ଗୋଟିଏ ଘାଟରେ ପାଣି ପିଉଛନ୍ତି, କହୁଛନ୍ତି ପାନି; ଇଂରେଜମାନେ ଆଉ ଗୋଟିଏ ଘାଟରେ ପାଣି ପିଉଛନ୍ତି, କହୁଛନ୍ତି ଓ୍ୱାଟର; ପୁଣି ଅନ୍ୟଲୋକ ଗୋଟିଏ ଘାଟରେ କହୁଛନ୍ତି ଏକୁଆ ।"

"ଏକ ଈଶ୍ବର, ତାଙ୍କର ନାନା ନାମ ।"

ପ୍ରୌଢ଼ ଭଦ୍ରବ୍ୟକ୍ତିଙ୍କର କଥାଶୁଣି ଶଶିକାନ୍ତ ଓ ଅନ୍ୟମାନେ ତାଙ୍କୁ ବିସ୍ମାରିତ ନେତ୍ରରେ ଚାହିଁବାକୁ ଲାଗିଲେ । ସେ ପୁନରାୟ କହିଲେ, "ଏହି ହେଉଛି ଭାରତବର୍ଷ । ଏଥିପାଇଁ ହିଁ ତା'ର ସ୍ୱାତନ୍ତ୍ର୍ୟ । ଏଥି ଯୋଗୁ ଯୁଗଯୁଗ ଧରି ସମସ୍ତେ ଏ ଦେଶ ପ୍ରତି ଆକୃଷ୍ଟ ।"

Digitized by srujanika@gmail.com

ଜେଏନ୍‌ପୁର ସ୍କୁଲର ମିଃ ଅଶୋକ ମିଶ୍ର ଶଶିକାନ୍ତଙ୍କୁ ଚାହିଁ କହିଲେ, "ସାର୍, ଏ ମଉସାଙ୍କ କଥା ଶୁଣି ମୋର ଆଖି ଖୋଲି ହୋଇଗଲା । ଏ ପର୍ଯ୍ୟନ୍ତ ମୁଁ କେବଳ ଆଧୁନିକ ତତ୍ତ୍ୱମାନଙ୍କୁ ପଢ଼ିବାରେ ବ୍ୟସ୍ତ ଥିଲି । ଜୀବନର ଅନୁଭୂତି ଭିତରକୁ ପଶି ନ ଥିଲି । ଏହାଙ୍କର ଏହି ଗପଟି ଶୁଣି ମୋତେ ଲାଗିଲା ଆମେ ସତରେ କେତେ ସଙ୍କୀର୍ଣ୍ଣ ପରିସର ମଧ୍ୟରେ ଚିନ୍ତା କରୁଛୁ ।

ଗୁପ୍ତଙ୍କ ବେର୍‌ସାହେବଙ୍କୁ ଚାହିଁ ହଠାତ୍ କୁଣ୍ଢାଇ ପକାଇଲେ । ଆଖିରୁ ତାଙ୍କର ଧାର ଧାର ଲୁହ ବହିଚାଲିଥିଲା । ସେହି ପ୍ରୌଢ଼ ଭଦ୍ର-ବ୍ୟକ୍ତି ହାତକୁ ହାତ ତାଳି ଦେଇ ଗୁଣୁଗୁଣୁ ହୋଇ ଗାଉଥିଲେ, "ଈଶ୍ୱର ଆଲ୍ଲା ତେରେ ନାମ୍, ସବ୍‌କୋ ସନ୍‌ମତି ଦେ ଭଗବାନ୍ ।"

ଶଶିକାନ୍ତ ଚୁପ୍‌ଚାପ୍ କମ୍ପାର୍ଟମେଣ୍ଟ ବାହାରକୁ ଚାହିଁରହିଥିଲେ ।

Digitized by srujanika@gmail.com

ସବାର ଉପରେ ମାନୁଷ ସତ୍ୟ

ପୁଅର ଆସିବା ବିଳମ୍ବ ହେଉଥିବା ଦେଖି ମୁଁ ଚିନ୍ତିତ ହୋଇ-ପଡ଼ିଲି । ନ ପଠାଇଥିଲେ ଭଲ ହୋଇଥାନ୍ତା । କେତେବେଳେ କେଉଁକଥା । ଗାଡ଼ିରେ ପେଟ୍ରୋଲ ନଥିବା ହେତୁ ପେଟ୍ରୋଲ ଟାଙ୍କି-ପର୍ଯ୍ୟନ୍ତ ସ୍କୁଟରଟାକୁ ଗଡ଼ାଇ ଗଡ଼ାଇ ନେବା ସମ୍ଭବ ନୁହେଁ । ଘର ପାଖରୁ ୩ କି. ମି. ରାସ୍ତା । ଗତକାଲି ସବୁ ଚେଷ୍ଟାସତ୍ତ୍ୱେ ଟୋପାଏ ମଧ୍ୟ ପେଟ୍ରୋଲ ମିଳିଲା ନାହିଁ । ଭାଗ୍ୟ ଭଲରୁ ସ୍କୁଟର ଘରପର୍ଯ୍ୟନ୍ତ ଚାଲି-ଆସିଲା । ଆଜି କଟକ ଯିବାକୁ ହେବ । ବସ୍ ଚାଲୁନାହିଁ । କା ଭାଁ ଗୋଟେ ଦି'ଟା ବସ୍ ଯାଉଛି । ସେଥିରେ ଭରସା କରି ଗଲେ ବାଟରେ ହଇରାଣ ହେବାକୁ ପଡ଼ିପାରେ ଭାବି ସ୍କୁଟରରେ ଯିବାକୁ ସ୍ଥିର କରି ପୁଅକୁ ପଠାଇଛି ଟାଙ୍କିରୁ ପେଟ୍ରୋଲ ଆଣିବା ପାଇଁ । ପ୍ରାୟ ଦୁଇଘଣ୍ଟା ହେଲାଣି । ଏ ପର୍ଯ୍ୟନ୍ତ ଫେରିଲା ନାହିଁ ।

ଚିନ୍ତିତ ମନରେ ଘରର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ପଦଚାରଣ କରିବାରେ ଲାଗିଲି । ପତ୍ନୀ କହିଲେ, "ତାକୁ ପଠାଉଥିଲ କାହିଁକି ? କଲେଜପିଲା । ଦେଖୁଛ, ଗଣ୍ଡଗୋଳ ଲାଗିଛି । ଟିଣରେ ପେଟ୍ରୋଲ ଦେଇ ନପାରେ ।" ପତ୍ନୀଙ୍କର କଥା ଶୁଣି ମନବ୍ୟସ୍ତ ଆହୁରି ବଢ଼ିଗଲା । ପୁଅକୁ ପଠାଇବାବେଳେ ସେ କଲେଜରେ ପଢ଼ୁଛି, ଏ କଥା ଭୁଲିଯାଇଥିଲି । ସେ ବଡ଼ ଯୁକ୍ତିଖୋର ପିଲା । ପେଟ୍ରୋଲବାଲା ଟିଣରେ ପେଟ୍ରୋଲ ନ ଦେଲେ ସେ ଯୁକ୍ତି କରିପକାଇବ । ରାଜଧାନୀର ସବୁ କଲେଜ ପ୍ରାୟ ବନ୍ଦ ହୋଇଗଲାଣି । ସମଗ୍ର ଓଡ଼ିଶାରେ ଆନ୍ଦୋଳନ ଚାଲିଛି । କେତେବେଳେ କେଉଁକଥା । ପୁଅକୁ ପଠାଇ ଠିକ୍ କରି ନାହିଁ ବୋଲି ଚିନ୍ତିତ ମନରେ ଭାବୁଥିବାବେଳେ ଦୂରରୁ ତା'ର ସାଇକେଲ୍‌ରେ ଆସିବା

Digitized by srujanika@gmail.com

ଦେଖି ଆଶ୍ୱସ୍ତ ହେଲି । ସେ ପେଟ୍ରୋଲଧର ଫେରିଥିବାରୁ ଗାଡ଼ିରେ ତେଲ ଭର୍ତ୍ତିକରିବାକୁ ସୁବିଧା ହେଲା । ମୁଁ କଟକ ଅଭିମୁଖେ ଯାତ୍ରା କଲି ।

କଟକ ସହରରେ ସ୍କୁଟରଟା ଗଲାବେଳେ ମୋତେ ବେଶି କଷ୍ଟ କରିବାକୁ ହେଲା ନାହିଁ । କାରଣ ରାସ୍ତା ମୋଟାମୋଟି ଫାଙ୍କା । ଛକ ଜାଗାମାନଙ୍କରେ ପୁଲିସ । ଘରକୁ ଫିରୁ । ଆମ ଭିତରେ ଆଲୋଚନା ଚାଲିଲା । ସର୍ବେଶ୍ୱର କହିଲା, "ବୁଝିଲେ ଆଜ୍ଞା, ଏସବୁ ମଣ୍ଡଳର କରାମତି । ମଣ୍ଡଳ କମିଶନ୍ ରିପୋର୍ଟ ଆଜ୍ଞା । ସେ ତ ଆଠବର୍ଷ ହେଲା ସେମିତି ବନ୍ଧାବନ୍ଧା ହୋଇ ଥୁଆ ହୋଇଥିଲା, ତାକୁ ବାହାର କଲ କାହିଁକି ? ରିପୋର୍ଟ କାର୍ଯ୍ୟକାରୀ କରି ନ ଥିଲେ କ'ଣ ଏମିତି ବୁଡ଼ିଯାଉଥିଲା । ନିର୍ବାଚନ ଇସ୍ତାହାରରେ କେତେକଥା ଘୋଷଣା କରିଛ । ଏଇଟାକୁ କାର୍ଯ୍ୟକାରୀ କରିବାପାଇଁ ଏତେ ବ୍ୟସ୍ତ ହେବାର କି ପ୍ରୟୋଜନ ଥିଲା ? ଆଜ୍ଞା; ମୁଁ ନିଜେ ମଣ୍ଡଳକମିଶନ୍ ଅନ୍ତର୍ଭୁକ୍ତ ଜାତିର ଲୋକ । ମୁଁ ମୋ ଜାତିକଥା ଭୁଲିଗଲିଣି । ମୋତେ ଏବେ ମୋ ଜାତିକଥା ମନେପକେଇ ଦେଉଛନ୍ତି ସରକାର । ଧନ୍ୟ କହିବା ତାଙ୍କୁ ।" ସର୍ବେଶ୍ୱର ଦୀର୍ଘନିଶ୍ୱାସ ମାରିଲା । ଏମ୍.ଏ. ପାସ୍ କରିଛି । ଚାରିବର୍ଷ ହେଲା ଚାକିରିରେ ବାହାଲ ହୋଇଛି । ଭଲ ବ୍ରିଲିୟାଣ୍ଟ କ୍ୟାରିୟର । ଜାତିପାତିରେ ବିଶ୍ୱାସ କରେନା ।

ଅବଦୁଲ ତା' କାନ୍ଧ ଉପରେ ହାତ ପକାଇ ଶୁଣୁଥିଲା । ସେ ତା'ର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ । ସେ ଦୀର୍ଘନିଶ୍ୱାସଟାଏ ଛାଡ଼ି କହିଲା, "ମୋତ କିଛି ଭଲ ଦେଖାଯାଉନି । ଏ ମଣ୍ଡଳ ଦେଶଟାକୁ ଛାରଖାର କରିଦେବାର ଯୋଜନା କଲାପରି ଲାଗୁଛି । ଦେଶର ଆଭ୍ୟନ୍ତରୀଣ ବିପଦ ଏତେ ବେଶି ଯେ ପ୍ରତ୍ୟେକ ଦିନ କାଶ୍ମୀର, ପଞ୍ଜାବ, ଆସାମରେ ଗଣ୍ଡଗୋଳ । ସେଥିକୁ ପ୍ରତ୍ୟେକ ଗାଁ, ଗାଁ, ସହରରେ ଆରମ୍ଭ ହୋଇଗଲା ଜାତିଆଣ ରାଜନୀତି । ରାଜନୀତି କେବଳ ଭୋଟ ପାଇବା ପାଇଁ । ଭୋଟରେ କିଏ କେଉଁ ଲୋକଙ୍କର ପାଇବ, ସେ ନେଇ ଚେତକ ନାହିଁ । ଏବେ ଖ୍ରୀଷ୍ଟିଆନମାନେ, ମୁସଲମାନମାନେ ଦାବି କରିବେ ସେମାନଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା । ଜାତିବିଶେଷରେ ଯଦି ଆରକ୍ଷଣ ରହିଲା, ଧର୍ମକୁ କାହିଁକି ଛାଡ଼ିବ ?" ଅବଦୁଲ୍ କଥା ଶେଷ ନହେଉଣୁ ସାଣ୍ଡିଲ କହିଲା,

Digitized by srujanika@gmail.com

"ବନ୍ଧୁ, ଯାହା କହିଲ ଠିକ୍ । ତୁମେ ଯଦି ଅନ୍ୟାନ୍ୟ ପଛୁଆ ଜାତିକୁ ଆରକ୍ଷଣ ଦେବ, ତେବେ ସବୁ ଧର୍ମର ଲୋକମାନଙ୍କ କଥା ବିଚାର କରାଯାଇପାରେ ।" ବାହାରେ ଗୁଳି ଫୁଟିବାର ଶବ୍ଦ । କୁଆଡେଥର ପଥର ଟେକା ପଡ଼ିବାର ଶବ୍ଦ । ଆମ ଅଫିସ ଝରକା, କବାଟରେ ପଥର ଆସି ବାଜୁଥାଏ । ସେ ଶବ୍ଦଗୁଡାକ ଆମ କାନ ଭିତରକୁ ପଶୁଥିଲେ ମଧ୍ୟ ଆମେ ଆଲୋଚନାରେ ବ୍ୟସ୍ତ ଥାଉ ।

ପାଳ କହିଲା, "ବୁଝିଲେ ଆଜ୍ଞା; ଆଜି ପେଟ୍ରୋଲ ଲିଟର ୩୦ ଟଙ୍କା । ଏଇ ମଉକାରେ ତେଲବାଲାଏ ଟାଙ୍କି ବନ୍ଦ କରିଦେଲେ । ଗତକାଲି ମୁଁ ଭୁବନେଶ୍ୱରରୁ ସନ୍ଧ୍ୟାରେ ଯେଉଁ କଷ୍ଟରେ ଆସିଛି, କ'ଣ କହିବି । ମୋତେ ଅଠରଟଙ୍କା ଖର୍ଚ୍ଚ କରିବାକୁ ହେଲା । ଗାଡ଼ି କିଛି ନଥିଲା । ବସ୍ ଚାଲୁନଥିଲା । ବାଣୀବିହାର ହତା ଭିତରେ ପୁଲିସ ବନ୍ଧୁକ ଧରି ଚଳିତରି ମାରୁଛନ୍ତି । ତିର୍ଦ୍ଦ ଦିନହିନ ଧରି କଟକସହରରେ ଏକ ବଡ଼-ଧରଣର ଗଣ୍ଡଗୋଳ ହୋଇଥିବା ହେତୁ ପୁଲିସକୁ ବ୍ୟାପକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବାକୁ ହୋଇଛି ।

ଓଡ଼ିଶାରେ ସ୍ଥାନ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ଚାଲିଛି । ଯେଉଁମାନେ ଅନ୍ୟ ପଛୁଆ ଜାତି ଅଛନ୍ତି, ସେମାନଙ୍କ ପାଇଁ ସ୍ଥାନସଂରକ୍ଷଣ କରିଥିବା ହେତୁ, ମନର କିଛିଟା କ୍ଷୋଭ, ଦୁଃଖ ଓ ହତାଶାକୁ ନେଇ କିଛି ଛାତ୍ର ଆନ୍ଦୋଳନରେ ମାତିଛନ୍ତି । କଲେଜ ବର୍ଜନ, ଜିପ୍ ପୋଡ଼ି ଇତ୍ୟାଦି ସାଙ୍ଗକୁ ରାସ୍ତା ଅବରୋଧ, ଯାନବାହନ ନିୟନ୍ତ୍ରଣ ଇତ୍ୟାଦି କରି ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଛନ୍ତି ନିଜର ଦାବି ହାସଲ ପାଇଁ । ସର୍ବସାଧାରଣଙ୍କର ଦୈନନ୍ଦିନ ଜୀବନକୁ ବିପର୍ଯ୍ୟସ୍ତ କରିବାର ମାଧ୍ୟମକୁ ସେମାନେ ଆୟୁଧଭାବେ ଗ୍ରହଣ କରିଛନ୍ତି । ମୁଁ କଟକସହରର ରାସ୍ତା ଭିତରେ ହୋଇ ଗଲାବେଳେ ରାସ୍ତାରେ କେତୋଟି ଜିପ୍ ପୋଡ଼ାଯାଇ ଥୁଆ ହୋଇଥିବାର ଦୃଶ୍ୟ ଦେଖିବାକୁ ପାଇଲି । ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ବେଳକୁ ସମୟ ୨ଟା । ମୋତେ ଅପେକ୍ଷା କରି କରି ମୋର ବନ୍ଧୁ ଜଳଖିଆ ଖାଇସାରି ବିଛଣାରେ ଶୋଇରହି ନିଶ୍ୱାସ ମାରୁଥିଲା । ଷାଠିଏଟା ନିଶ୍ୱାସ ନ ନେଲେ, ତା' ଦେହ ଭଲ ରହିବନି; ଏହି କାରଣରୁ ପ୍ରାୟ ସବୁଦିନେ ଖାଇସାରିବା ପରେ ସେ ଟିକିଏ ବିଶ୍ରାମ ନିଏ ।

Digitized by srujanika@gmail.com

ଅଳ୍ପ ସମୟ ପରେ ମୋ ପାଇଁ ଖାଇବା ବ୍ୟବସ୍ଥା ହେଲା । ମୁ ଖାଇସାରିଛି କି ନାହିଁ ବନ୍ଧୁ କହିଲେ, "ବୁଝିଲ; ଦି'ଦିନ ହେଲା କଟକ, କଟକ ହୋଇ ନାହିଁ । ରାତିଦିନ କୋକୁଆଭୟରେ କଟିଛି । ଆଜି କାଲି ଷ୍ଟ୍ରେଟଙ୍କାରେ କଣୁଛି । ଘରୁ ବାହାରିଲେ ସିନା କେଉଁ ମାର୍କେଟକୁ ଯିବୁ । ରାତିରେ କର୍ଫ୍ୟୁ, ଦିନରେ କର୍ଫ୍ୟୁ । ସମସ୍ତଙ୍କ ମନରେ ଭୟ । ଗତ ଗୁରୁବାରଟି କେମିତି କଟିଲା, ତୁମକୁ କହିବା ଦରକାର । ତୁମେ ତ ଏପର୍ଯ୍ୟନ୍ତ ଆମର ଖୋଜଖବର ନେଇନାହଁ । ଗୁରୁବାରଦିନର ଘଟଣା ଶୁଣ । ଆମ ଅଫିସ୍ ପାଖରେ ଗଣ୍ଡଗୋଳ ହେଲା । ଦିନ ଗୋଟାଏ । ଆମେ ସମସ୍ତେ କାମରେ ବ୍ୟସ୍ତ ଥାଉ । ହଠାତ୍ ଢୋ' କରି ଗୋଟେ ଶବ୍ଦ ହେଲା । କ'ଣ ହେଲା ବୋଲି ଝରକା ପଦାକୁ ଆସି ଦେଖିବା ବେଳକୁ ରାସ୍ତା ଉପରେ ଉତ୍ତ୍ୟକ୍ତ ଛାତ୍ରମାନେ ଢେଲା ଫିଙ୍ଗିବାରେ ବ୍ୟସ୍ତ । ଗାଡ଼ିଗୁଡ଼ାକ ଯିବାଆସିବା ବନ୍ଦ କରିଦେଲେ । ହଠାତ୍ ନିଆଁ ଜଳିବାର ଦେଖିଲୁ । ଦୂରରୁ କିଛି ପୋଡ଼ିଯାଉଥିବାର ଦୃଶ୍ୟ ଆଖିରେ ପଡ଼ିଲା । ହୁତ୍‌ହୁତ୍ ହୋଇ ଜଳୁଥିଲା । ତା' ସାଙ୍ଗକୁ ପୁଲିସର ଟିଅର୍‌ଗ୍ୟାସ୍‌ର ଧୂଆଁ । ବନ୍ଧୁକର ଆବାଜ୍ । ଆମେ ଡରରେ ଅଫିସ୍ ଭିତରେ ପଶି କବାଟ, ଝରକା ବନ୍ଦ କରିଦେଲୁ । ଆମ ଭିତରେ ଥରେଣି ପଡ଼ିଗଲା । କିପରି ଏ ଅବସ୍ଥାରୁ ମୁକ୍ତହେବୁ । ବସ୍‌ଗାଡ଼ିଟେ ପୋଡ଼ି ଦେବାଦ୍ୱାରା ସବୁ ଗଣ୍ଡଗୋଳର ସୂତ୍ରପାତ ହେଲା । ଆଜିକାଲିକା ଟୋକାଙ୍କୁ ପାରିହେବନି । କେହି କିଛି ବୁଝିନାହାନ୍ତି । ସରକାର ଘୋଷଣାକଲେ ଚାକିରିରେ ଆରକ୍ଷଣ ରହିବ । ଏକେତ ଚାକିରି ଖାଲି ନାହିଁ । ଗୋଟେ ଚାକିରି ପାଇଁ ଦରଖାସ୍ତ ଶହେ, ହଜାରେ । ସେଥିକୁ ରିଟିନ୍ ଟେଷ୍ଟ, ଇଣ୍ଟରଭ୍ୟୁ । ତା' ସାଙ୍ଗକୁ ମନ୍ତ୍ରୀଙ୍କ କ୍ୟାଣ୍ଡିଡେ଼ଟ୍, ଏମ୍. ଏଲ୍. ଏ.ଙ୍କ ଲୋକ । ଧରାଧରି, ଦିଆନିଆ । ଯିଏ ଧରି ପାରିଲା, ଦେଇପାରିଲା, ସେ ଚାକିରି ପାଇଲା । ଯେଉଁ ଜାତିର ହେଲେ ମଧ୍ୟ ତାକୁ ଧରାଧରି କରିବାକୁ ହେବ । କଳାପୋତେଇ ଦେବାକୁ ହେବ । ନଦେଲେ ଚାକିରି କାହିଁ ? ମଣ୍ଡଳ ସେ ବିଷୟରେ କିଛି କହିନି ନାହିଁ । ଛାତ୍ରମାନେ ଏଥିକୁ ଆନ୍ଦୋଳନ କରୁନାହାନ୍ତି । ଅଥଚ ରିପୋର୍ଟ ନେଇ ଏତେ ଝଗଡ଼ା ।"

ପାଳ କଥାକୁ ଆଉ ଦି'ପାଦେ ଆଗେଇ ନେଇ ଜୟନ୍ତ କହିଲା, "ମୋର ଏ ଜାତିଫାତିରେ ବିଶ୍ୱାସ ନାହିଁ । ସବୁ

Digitized by srujanika@gmail.com

ହେଉଛି ପୂର୍ବ ସଂସ୍କାର କଥା । ବ୍ରାହ୍ମଣଗୁଡ଼ାକ ଇନ୍‌ଟେଲିଜେଣ୍ଟ । ସେଥିଯୋଗୁ ସେମାନେ ବ୍ରେନ । କମ୍ପିଟିସନ କରିପାରୁଛନ୍ତି । ଭଲ ଭଲ ପୋଷ୍ଟ ନେଇ ପାରୁଛନ୍ତି । ମଣ୍ଡଳ ଯେତେ ରିପୋର୍ଟ ଦେଲେ, କ'ଣ ବ୍ରାହ୍ମଣମାନେ ପାଇବେ ନାହିଁ । ଶତକଡ଼ା ୫୦ ଭାଗ ରହିବ ଫ୍ରି କମ୍ପିଟିସନ୍ । ସେଥିରୁ ୨୦ ଶତକଡ଼ା ବ୍ରାହ୍ମଣଙ୍କର ଥିଆ । ତାକୁ କେହି ନେଇପାରିବ ନାହିଁ । ସୁପ୍ରିମକୋର୍ଟର ନିଷ୍ପତ୍ତି । ତାକୁ କିଏ ବଦଳାଇବ ? ଯାହାହେଉ, ଏତେଦିନକେ ରିପୋର୍ଟଟା ଗ୍ରହଣ ହେଲା । କିଛି ଲୋକ ଜାତି ସାର୍ଟିଫିକେଟ୍ ପାଇଁ ପଇସା ଖର୍ଚ୍ଚ କରିବେ । ହେଲେ ଚାକିରି ମିଳିବାର ଗ୍ୟାରେଣ୍ଟି କାହିଁ ? ସେଥି ନେଇ ମଣ୍ଡଳ ତ କିଛି କହିନି । କାନ ଥିଲେ ସିନା ସୁନା । କାନ ନାହିଁ, ସୁନା କ'ଣ କରିବ ।"

ଆଲୋଚନା ଜୋର୍‌ସୋର୍‌ରେ ଚାଲିଲା ।

ବାହାରେ ହୋ ହୋ, ଧୋ ଧୋ ଟେକା ପଥର ପଡ଼ିବାର ଶବ୍ଦ, ଧୂଆଁ ବୋଉଥିବାର ଆମକୁ ଅନୁଭବ ହେଉଥାଏ । ଆଲୋଚନାରେ ମନ ଯେତେ ନଥାଏ, କେମିତି ଏ ବିପଦରୁ ପାରହୋଇ ଘରକୁ ଯିବୁ, ମୁଁ ସେଥିପାଇଁ ଚିନ୍ତିତ ଥାଏ । ମୋତେ ସମସ୍ତେ କିଛି କହିବାକୁ ଅନେଇଲେ । ମୁଁ ତାଙ୍କୁ କହିଲି, "ମଣ୍ଡଳ ରିପୋର୍ଟର କିଛି ସତ୍ୟକୁ ଆମକୁ ଗ୍ରହଣ କରିବାକୁ ହେବ । ଯେଉଁ ଭାଇମାନେ ଚାକିରି ପାଇବା କ୍ଷେତ୍ରରେ ସାମାଜିକ ଅବହେଳା ମଧ୍ୟରେ ରହିଛନ୍ତି, ତାଙ୍କ ପାଇଁ ଏହା ଆବଶ୍ୟକ । ଯେଉଁମାନେ ଚାକିରି ପାଇଁ ସାମାଜିକ ସ୍ୱୀକୃତି ଲାଭ କଲେଣି, ସେମାନଙ୍କୁ ଏ ତାଲିକାରୁ ବାଦ୍‌ଦେବା ଉଚିତ । ବ୍ରାହ୍ମଣ ହେଲି ବୋଲି ସମସ୍ତେ ଚାକିରି ପାଇବେ, ଏହାର କିଛି ମାନେ ନଥାଏ । ଦରିଦ୍ର ଲୋକମାନଙ୍କୁ ଚାକିରି କରିବାର ସୁବିଧା ନ ଦେଲେ, ଦାରିଦ୍ର୍ୟ ଦୂର ହେବ ନାହିଁ । ତେଲିଆ ମୁଣ୍ଡରେ ତେଲ ଦେଇ କେତେଦିନ ଏ ସମାଜକୁ ରକ୍ଷାକରି ହେବ । ତେଣୁ ପଛୁଆ ଜାତିମାନଙ୍କୁ ନ୍ୟାୟ ଦେବା ସଙ୍ଗେ ସଙ୍ଗେ ଯେଉଁମାନେ ଆର୍ଥିକ ଦୁରବସ୍ଥାରେ ଅଛନ୍ତି, ସେମାନଙ୍କୁ ଚାକିରି ଦେବାପାଇଁ ଆରକ୍ଷଣ ରହିବା ନିହାତି ଉଚିତ । ତା ସହିତ ଚାକିରି ସୃଷ୍ଟି ହେବା ନିହାତି ଜରୁରୀ ।"

"କେବଳ ରାଇଟ୍ ଟୁ ଓ୍ୱାର୍କ କଲେ ହେବ ନାହିଁ, ଚାକିରି ସୃଷ୍ଟି କରିବାକୁ ହେବ । ଆମ ସମାଜ ବ୍ୟବସ୍ଥାରେ ଜାତି ଥିଲା, ସମ୍ପ୍ରଦାୟ

Digitized by srujanika@gmail.com

ଥିଲି । ସମ୍ପ୍ରଦାୟ ରହୁ, ସେଥିକୁ କାହାର କିଛି କହିବାର ନାହିଁ । ପ୍ରତ୍ୟେକ ସମ୍ପ୍ରଦାୟ ନିଜକୁ ଉନ୍ନତ ମାର୍ଗରେ ନେବାକୁ ଚେଷ୍ଟା କରୁ । କିନ୍ତୁ ସାମ୍ପ୍ରଦାୟିକ ବିଦ୍ୱେଷ ନରହୁ । ସାମ୍ପ୍ରଦାୟିକ ବିଦ୍ୱେଷ ମଣିଷକୁ ପଶୁ ସ୍ତରକୁ ଖସାଇ ନିଏ । ମାନବ ଜାତିର ସାମୂହିକ ଉନ୍ନତି ହେବା ବାଞ୍ଛନୀୟ । ମଣିଷର ସ୍ୱଭାବ ସମ୍ପ୍ରଦାୟ ଗଠନ କରିବା ଓ ସଙ୍କୀର୍ଣ୍ଣ ଭାବଧାରା ମଧ୍ୟରେ ଏହାକୁ ସୀମିତ କରିଦେବା । ସଙ୍କୀର୍ଣ୍ଣ ବା ସୀମିତ ଉଦ୍ଦେଶ୍ୟ ବିଦ୍ୱେଷର ବୀଜ ବପନ କରେ । ଗୃଷଗଛକୁ ରକ୍ଷା କରିବା ପାଇଁ ବାଡ଼ ଦିଆଯାଏ, କିନ୍ତୁ ସମ୍ପ୍ରଦାୟମାନେ ଗଛକୁ ଭୁଲି ବାଡ଼କୁ ହିଁ ଗୁରୁତ୍ୱ ଦିଅନ୍ତି । ଫଳରେ ବିଦ୍ୱେଷ ସୃଷ୍ଟି ହୁଏ । ମଣ୍ଡଳ ରିପୋର୍ଟର ଉଦ୍ଦେଶ୍ୟକୁ ଗ୍ରହଣ କଲେ, ବିଚାର କରି ସତ୍ୟନିଷ୍ଠ ଭାବରେ କାର୍ଯ୍ୟକଲେ, ଏତେ ସମସ୍ୟା ରହନ୍ତା ନାହିଁ । ଥରେ ଗୃଷଗଛଟା ଉପରକୁ ଉଠିଗଲେ ବାଡ଼ର ଆବଶ୍ୟକତା କ'ଣ । ବାଡ ପ୍ରତି ଗୁରୁତ୍ୱ ଦେବା ଉଚିତ ନୁହେଁ । ସେଇ କଥାଟି ହୋଇଗଲେ, କେହି ଆନ୍ଦୋଳନ କରନ୍ତେ ନାହିଁ ବା କ୍ଷୋଭ ରହନ୍ତା ନାହିଁ । ମଣିଷକୁ ମଣିଷ ପରି ବ୍ୟବହାର ନକଲେ ଜାତି ବିଦ୍ୱେଷ ସୃଷ୍ଟି ହୋଇ ସାମ୍ପ୍ରଦାୟିକ ଭେଦଭାବର ପାଚେରି ସୃଷ୍ଟି ହୁଏ । ଏ ଦେଶର ବର୍ତ୍ତମାନ ସମସ୍ୟା ସାମ୍ପ୍ରଦାୟିକ ସମସ୍ୟା । ତାକୁ ବଢ଼ାଇବା ପାଇଁ ଯେଉଁମାନେ ଚେଷ୍ଟା କରୁଛନ୍ତି, ନିନ୍ଦା କରିବା ଉଚିତ । ଆମ୍ଭମାନଙ୍କୁ ସେଇ ଦିଗରେ କାର୍ଯ୍ୟ କରିବାକୁ ହେବ ।"

ମୋ କଥା ଶେଷ ନହେଉଣୁ, ପ୍ରସ୍ତାବକୁ ସମସ୍ତେ ମୁକ୍ତ କଣ୍ଠରେ ଗ୍ରହଣ କଲେ ।

ବାହାରେ ଭରି ବୁଟ୍‌ର ଆବାଜ ଶୁଣାଗଲା । ଆମ କବାଟ କେହି ଖଡ୍‌ଖଡ୍ କଲା । ପୁଲିସବାଲାଏ ଚଞ୍ଚଳ ସେ ଜାଗା ଛାଡ଼ିଯିବାକୁ କହିଲେ । ମୁଁ ବହୁ କଷ୍ଟରେ ଘରେ ପହଞ୍ଚିଲି । ଝିଅଟା ସେ ପର୍ଯ୍ୟନ୍ତ ଆସି ନଥିଲା । ଚିନ୍ତାରେ ପଡ଼ିଗଲି । ମୋତେ ପୁଣି ଯିବାକୁ ହେଲା । ବାଟରେ ତା ସହିତ ଦେଖା ହେଲା । ସେ ତାର ସାଙ୍ଗ ନିହାରିକା ସହିତ ଆସୁଥିଲା । ନିହାରିକା ଆମ ପଡ଼ୋଶୀଘର ଝିଅ । ସେମାନେ ମଣ୍ଡଳ ରିପୋର୍ଟ ଅନ୍ତର୍ଭୁକ୍ତ ଅନ୍ୟ ପଛୁଆ ଜାତି । ଆମ ଘର ସହିତ ପାରିବାରିକ ସମ୍ପର୍କ ।

Digitized by srujanika@gmail.com

ମୋତେ ଦେଖି ନିହାରିକା କହିଲ୍, "ଅଙ୍କଲ୍, ଆମେ ବହୁ କଷ୍ଟରେ ପ୍ରାଣନେଇ ଆସିଛୁ । ଜୀବନ ଥିଲେ ସିନା ମଣ୍ଡଳ ରିପୋର୍ଟ କଥା । ଜୀବନ ଚାଲିଗଲେ ?" ମୁଁ ସେ ଦୁହିଁଙ୍କୁ ସ୍କୁଟରରେ ବସାଇ ଆଣିଲି । "ଘରୁ ଏ ପର୍ଯ୍ୟନ୍ତ ବାହାରିନୁ । ତୁମେ ଆସିବ ବୋଲି ଟେଲିଫୋନ୍ କଲି । ତେଣୁ ଆଜି ସକାଳୁ ମାଛ ପାଇଁ ଯାଇଥିଲି ମାର୍କେଟ । ଆଜି ଟିକିଏ ନର୍ମାଲ । ଏ ବିଷୟରେ ତୁମର ମତ କ'ଣ ।"

ମୁଁ ମୋର ବନ୍ଧୁ ଜ୍ୟୋତିଷର କଥାକୁ ସେ ପର୍ଯ୍ୟନ୍ତ ଶୁଣୁଥିଲି । ଖାଇ ସାରିବା ପରେ ଷାଠିଏ ନିଶ୍ୱାସ ନେଇ ଅଫିସକୁ ବାହାରୁଥିବା ଏହି ବନ୍ଧୁଟି ମୁହଁରୁ ଦାର୍ଶନିକ ତତ୍ତ୍ୱ, ତାର ଅଙ୍ଗେ ନିଭେଇବା କଥାକୁ ଶୁଣି ମୁଁ ରବୀନ୍ଦ୍ରନାଥଙ୍କର ସେହି ବାକ୍ୟଟିକୁ ଉଦ୍ଧାର କରି କହିଲି, "ସବାର ଉପେର ମାନୁଷ ସତ୍ୟ ।"

ଭିନ୍ନାଗସ୍ତା

ପୌଣ୍ଡ୍ରକ ଶ୍ରୀକୃଷ୍ଣଙ୍କର ମହିମାମାନ ଶୁଣି ଅତ୍ୟନ୍ତ କ୍ରୋଧୀ ହୋଇଉଠିଲେ । ସେ ଥିଲେ ଜଣେ ବଳିଷ୍ଠ ଯୋଦ୍ଧା । ବହୁଯୁଦ୍ଧରେ ଜୟଲାଭ କରି ସେ ତାଙ୍କଠାରୁ ଆଉ କେହି ବଳଶାଳୀ ଅଛି ବୋଲି ଭାବୁନଥିଲେ । ଶ୍ରୀକୃଷ୍ଣଙ୍କର ଶୌର୍ଯ୍ୟ, ବୀର୍ଯ୍ୟର କାହାଣୀମାନ ଶୁଣି ସେ ଈର୍ଷାରେ ମନେ ମନେ ଜଳି ଉଠୁଥିଲେ । ସେ କୃଷ୍ଣଙ୍କଠାରୁ ଅଧିକ ଦେଖାଇ ହେବା ପାଇଁ ନିଜ ଶରୀରରେ କୃଷ୍ଣଙ୍କ ଦେହରେ ଥିବା ସମସ୍ତ ଆଭୂଷଣ ଓ ଅଳଙ୍କାର ପରିଧାନ କଲେ । ସେ ପୀତବସ୍ତ୍ର ପରିଧାନ କଲେ, ଦୁଇଟି ହସ୍ତ ଲଗାଇ ପ୍ରତ୍ୟେକ ହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣକଲେ । ଶ୍ରୀବତ୍ସ ଚିହ୍ନ ସଦୃଶ ଏକ ଚିହ୍ନ ହୃଦୟରେ ଖୋଦନ କଲେ । କୌସ୍ତୁଭମଣି ସଦୃଶ୍ୟ ଏକ ମୂଲ୍ୟବାନ୍ ପଥରକୁ ହୃଦୟରେ ଧାରଣ କଲେ । ତୁଳସୀର ମାଳ ପରିଧାନ କଲେ । ତାଙ୍କ ରଥରେ ଉଡ଼ୁଥିବା ପତାକାରେ ଗରୁଡ଼ର ଚିହ୍ନ ଲଗାଇଲେ । ଗୋଡ଼ଠାରୁ ମୁଣ୍ଡଯାଏ, ସେ କୃଷ୍ଣଙ୍କର ସମସ୍ତ ବେଶଭୂଷାକୁ ନିଜ ଦେହରେ ଲଗାଇ, ନିଜନାମ ରଖିଲେ ପୌଣ୍ଡ୍ରକ ବାସୁଦେବ ।

ପୌଣ୍ଡ୍ରକ ନିଜକୁ ପ୍ରକୃତ ବାସୁଦେବ ବୋଲି ଭାବିଲେ ଏବଂ ଦ୍ୱାରକାର ବାସୁଦେବ ଏକ ମାୟାବୀ ବୋଲି ତାଙ୍କୁ ପ୍ରତୀୟମାନ ହେଲା । ସେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାପାଇଁ ଦ୍ୱାରକାକୁ ଏକ ବାର୍ତ୍ତାଦେଇ ବାର୍ତ୍ତାବହ ପଠାଇଲେ । ସେ ବାର୍ତ୍ତାଟି ଥିଲା, "ମୁଁ ପୌଣ୍ଡ୍ରକ ବାସୁଦେବ, ଈଶ୍ୱରଙ୍କର ଅବତାର । ମାନବସମାଜ ପ୍ରତି ସଦୟ ହୋଇ, ମୁଁ ମଣିଷ ଶରୀର ଧାରଣ କରିଛି । ମୋତେ ସମସ୍ତେ ପୂଜା କରିବା ଆବଶ୍ୟକ । କିନ୍ତୁ ତୁମେ ଗୋପାଳବାଳକ ମୋର ନାମରୂପକୁ ଗ୍ରହଣ

Digitized by srujanika@gmail.com

କରିଛ । ତୁମର ବାସୁଦେବ ନାମ ଗ୍ରହଣ କରିବାର କୌଣସି ଯୁକ୍ତିଯୁକ୍ତ ଅଧିକାର ନାହିଁ ଏବଂ ମୋର ଭକ୍ତମାନଙ୍କୁ ଭ୍ରାନ୍ତଧାରଣା ମଧ୍ୟରେ ରଖି-ପାରିବ ନାହିଁ । ଏପରିକି ତୁମେ ଶଙ୍ଖ ଓ ଚକ୍ର ମଧ୍ୟରେ ଭୂଷିତ ହୋଇ ମୋର ଆଭୂଷଣକୁ ଗ୍ରହଣ କରିଛ । ତୁମର ଏପରି ମୂର୍ଖତାକୁ ମୁଁ ଅଧିକ ଦିନ ସହ୍ୟ କରିପାରିବି ନାହିଁ, ଧର୍ମ ସ୍ଥାପନ ଓ ଅଧର୍ମର ବିନାଶ ପାଇଁ ମୋର ଜନ୍ମ । ତୁମର ଏହି ଦୁଷ୍ଟାମିରୁ ମୁଁ ମୋର ଭକ୍ତମାନଙ୍କୁ ରକ୍ଷାକରିବାକୁ ସଂକଳ୍ପବଦ୍ଧ । ହେ ଯାଦବ ! ତୁମେ ତୁମର ବେଶଭୂଷାକୁ ତ୍ୟାଗକର, ବାସୁଦେବ ନାମ ପ୍ରତ୍ୟାହାର କର ଏବଂ ମୋ ନିକଟରେ ଆସି ଶରଣାପନ୍ନ ହୁଅ । ଯଦି ତାହା ନକର, ତେବେ ଯୁଦ୍ଧକ୍ଷେତ୍ରରେ ସମ୍ମୁଖୀନ ହେବାକୁ ହେବ ।”

କୃଷ୍ଣଙ୍କର ସଭାଜନମାନେ ଏହା ଶୁଣି ହୋ-ହୋ ହୋଇ ହସିବାକୁ ଲାଗିଥିଲେ । ହସ ଟିକିଏ କମିବା ପରେ, କୃଷ୍ଣ ଅତ୍ୟନ୍ତ ମଧୁର ସ୍ୱରରେ ଉତ୍ତର ଦେଲେ, “ତୁମେ ତୁମର ରାଜାଙ୍କୁ କହିବ, ମୁଁ ମୋର ସମସ୍ତ ଅସ୍ତ୍ରଶସ୍ତ୍ର ଓ ଆଭୂଷଣକୁ ତୁମ ରାଜା ବିରୁଦ୍ଧରେ ଏବଂ ତାଙ୍କର ସ୍ତାବକ-ମାନଙ୍କ ନିମିତ୍ତ ତ୍ୟାଗ କରିବି । ଏବଂ ପୌଣ୍ଡ୍ରକ ମୃତ ହୋଇ ଆକାଶକୁ ଚାହିଁ ଯେତେବେଳେ ଭୂମି ଉପରେ ପଡ଼ିଥିବ, ତାଙ୍କୁ ଆଶ୍ରା ଦେବାପାଇଁ କୁକୁର, କୁଆ ଓ ଶାଗୁଣାମାନେ ତା’ର ଶବକୁ ଏକ ଉତ୍କୃଷ୍ଟ ଆହାର ରୂପେ ବ୍ୟବହାର କରିବେ ।”

ଦୂତ ପୌଣ୍ଡ୍ରକଙ୍କୁ କୃଷ୍ଣଙ୍କର ବାର୍ତ୍ତା ଦେଲା । ପୌଣ୍ଡ୍ରକ ସେତେବେଳେ ତାଙ୍କର ମିତ୍ର କାଶୀରାଜାଙ୍କୁ ଭେଟୁଥିଲେ । ସେ ଏ ପ୍ରକାର ଉତ୍ତର ଶୁଣି ଦ୍ୱାରକା ଅଭିମୁଖେ ସୈନ୍ୟବଳ ଧରି ଯାତ୍ରା କଲେ । କାଶୀରାଜା ବନ୍ଧୁଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇଲେ । ଉଭୟ ପକ୍ଷର ଘମାଘୋଟ ଲଢ଼େଇ ଚାଲିଲା । ଶ୍ରୀକୃଷ୍ଣ ପୌଣ୍ଡ୍ରକଙ୍କୁ ଆହ୍ୱାନ କରି କହିଲେ, “ହେ ମୂର୍ଖ ରାଜା, ମୁଁ ସମସ୍ତ ଅସ୍ତ୍ରତ୍ୟାଗ କରିବି ବୋଲି ତୁମେ କହୁଛ । ମୁଁ ବର୍ତ୍ତମାନ ତୁମ ବିରୁଦ୍ଧରେ ସେହି ଅସ୍ତ୍ରମାନଙ୍କୁ ତ୍ୟାଗ କରୁଅଛି । ମୁଁ ମଧ୍ୟ ତୁମକୁ ବାସୁଦେବ ନାମରୁ ମୁକ୍ତ କରିଦେବି ଏବଂ ତୁମେ ଅନ୍ୟ ପୃଥିବୀରେ ଆଶ୍ରୟ ଗ୍ରହଣ କରିବ । ଏହା କହି ସେ ସୁଦର୍ଶନ ଚକ୍ରକୁ ନିକ୍ଷେପ କଲେ ।

× × ×

Digitized by srujanika@gmail.com

ସୂର୍ଯ୍ୟନାରାୟଣ ହସି ହସି ବେଦମ୍ ହୋଇଗଲା । ରାତଟା କେମିତି ଗଲା ସେ ଜାଣିପାରିଲା ନାହିଁ । ରାତିର ମଧ୍ୟଭାଗରେ ଲୋଭନୀୟ ପାନୀୟ ଓ ସୁଖାଦ୍ୟ ଲାଭ କରି, ବେଶ୍ ଉତ୍ତେଜିତ ହୋଇ ଉଠିଥିଲେ ତା'ର ବନ୍ଧୁମାନେ । ଏତେ ଦିନ ପରେ ତା'ର ସ୍ୱପ୍ନ ସଫଳ ହେବାକୁ ଯାଉଅଛି ।

ସେ ଏକ ମହାନ୍ ଓ ବରିଷ୍ଠ ନେତା ହେବାର ଯେଉଁ ସ୍ୱପ୍ନ ଦେଖି ଆସୁଥିଲା, ତାହା ଫଳିବାକୁ ଯାଉଅଛି । ଆଉ ଅଳ୍ପଦିନ ମଧ୍ୟରେ ସେ ପ୍ରତିଷ୍ଠିତ ନେତା ଭାବରେ ଗଣା ହେବ । ମ୍ୟାନେଜ୍‌ମେଣ୍ଟ ତାକୁ ଡାକି ଆଲୋଚନା କରିବ । ଅନେକ ଲୋକ ଆସି ତା'ର ସାହାଯ୍ୟ ସହଯୋଗ କାମନା କରିବେ ।

ସୂର୍ଯ୍ୟନାରାୟଣ ରାତିର ପାହାନ୍ତିଆ ପ୍ରହରରେ ନିଦରୁ ଉଠି ମନେ ମନେ ଏହାକୁ ଭାବିବାରେ ଲାଗିଥିଲା । ଗତକାଲି ସେ ଟିକିଏ ବେଶି ପିଇ ଦେଇଥିଲା । ପିଇବା ତା'ର ଅଭ୍ୟାସ ନୁହେଁ; କିନ୍ତୁ ସାଙ୍ଗ ମେଳରେ ଅଳ୍ପ ପିଇଦେଲେ କ୍ଷତି କ'ଣ, ଏଇଆ ଭାବି ହିଁ ସେ ପିଇବାକୁ ଆରମ୍ଭ କରିଥିଲା । ସୀତାନାଥ ତାକୁ ପିଇବା ପାଇଁ ଉତ୍ସାହିତ କରିଥିଲା । ସୀତାନାଥଟା ପିଇବାରେ ନମ୍ବର ଓ୍ୱାନ୍ । ତା' ସହିତ ଥିଲେ ଯେ ନାହିଁ ସେ ପିଇବ । ସେମାନେ ଖୁସି ଗପ କରୁ କରୁ ପିଇବାକୁ ଆରମ୍ଭ କରି ଦେଇଥିଲେ । ସୀତାନାଥ କହୁଥିଲା, "ଶୁଣ ସୂର୍ଯ୍ୟନାରାୟଣ ! ତୁ ଶଳା ମୋର ବନ୍ଧୁ ହୋଇଛୁ । ତୋ ପାଇଁ ମୁଁ ସମସ୍ତଙ୍କ ସହିତ କଳି କରି-ପାରେ । କିନ୍ତୁ ତୁ ଯଦି ମୋ କଥା ନଶୁଣୁ, ତେବେ ତୋ ନେତାଫେତା ହେବା ଚଳିବ ନାହିଁ । ମୁଁ କେତେ ନେତା ଦେଖି ଦେଖି ଆସିଲିଣି । ମୋର କେହି କିଛି କରିପାରିବେ ନାହିଁ । ମୁଁ ନୈତିକତା, ଆଦର୍ଶରେ ବିଶ୍ୱାସ କରେ ନାହିଁ । ମୁଁ ଯାହା କହେ, ତାହା ଠିକ୍ । ଏ କଥାକୁ ଯିଏ ସ୍ୱୀକାର କରିବ, ସେ ମୋର ନେତା ।"

ଆଖି ନିଶାରେ ଢଳଢଳ ହେଉଥିଲା । ବୋତଲରୁ ଗ୍ଲାସରେ ଢାଳି ରମଗୁଡ଼ାକ ଢକ୍ ଢକ୍ କରି ପିଇଯାଉଥିଲା ସୀତାନାଥ । ସୂର୍ଯ୍ୟନାରାୟଣକୁ ବାଧ୍ୟ କରି ୨/୩ ଗ୍ଲାସ ପିଆଇ ଦେଇଥିଲା । ନେତା

Digitized by srujanika@gmail.com

ହେବାକୁ ହେଲେ ପିଇବାକୁ ହେବ । ଏଇଟା ଆରିଷ୍ଟୋକ୍ରାସିର ସିଂବଲ । ସ୍ତ୍ରୀକୁ ମେଣ୍ଟେନ୍ କରିବାକୁ ପଡ଼ିବ ।

ସୂର୍ଯ୍ୟନାରାୟଣର ଘର କଥା ମନେପଡ଼ିଗଲା । ଘରେ ସ୍ତ୍ରୀ ପିଲାଟାକୁ ଧରି ଏକା । ତା' ବାପଘର ତା' କଥା ବୁଝିବେ । ବାହାହେବା ଅର୍ଥ ନୁହେଁ ସବୁବେଳେ ସ୍ତ୍ରୀକଥା ମାନି ଚଳୁଥିବ । ଶ୍ୱଶୁରବୁଢ଼ାଟା ସବୁ ଜିନିଷ ଆଣି ଦେଉଛି ବୋଲି ସେ ସ୍ତ୍ରୀକଥା ମାନିବ କାହିଁକି ? ଶ୍ୱଶୁରଘରର ଅଛି ବୋଲି ସେମାନେ ଦେଉଛନ୍ତି, ସେଥିରେ ତା'ର ଦୋଷ କ'ଣ ! ଝିଅ ଦେଇଛନ୍ତି, ଜିନିଷପତ୍ର ନ ଦେଲେ ଏ ମହଙ୍ଗ ଯୁଗରେ ଚଳିବା କଷ୍ଟକର ହୋଇପଡ଼ନ୍ତା । ସେଇଥିପାଇଁ ତ ତା'ର ନେତା ହେବାର ଚେଷ୍ଟା । ଥରେ ନେତାଭାବରେ ଏଷ୍ଟାବ୍ଲିସ୍ଡ୍ ହୋଇଗଲେ, ଆଉ ଶ୍ୱଶୁର ଘର ଉପରେ ସେ ଆଖିଟେକିଇବ ନାହିଁ । ସେ ନେତା ହେବା ପାଇଁ ଯେଉଁ ଯେଉଁ ଗୁଣର ଆବଶ୍ୟକ, ତାହା ଶିଖିଗଲାଣି । ସବୁଦିନେ କୃତଜ୍ଞ ରହିବା ଅପେକ୍ଷା ଅକୃତଜ୍ଞ ହେବାକୁ ଚେଷ୍ଟା କରିଛି । ସ୍ତ୍ରୀକୁ ତା' ବିରୁଦ୍ଧରେ, ତାକୁ ସ୍ତ୍ରୀ ବିରୁଦ୍ଧରେ କହିବାର ଚାତୁର୍ଯ୍ୟରେ ସେ ପରିଚିତ ହେଲାଣି । ଅଳ୍ପ ବହୁତ ଦଳଟିଏ ସେ ଗଢ଼ିଦେଲାଣି । ସେମାନେ ତା' କଥାରେ ହଁ। ଜି, ହଁ। ଜି କରିବେ । କିଛିଦିନ ଏ ସୀତାନାଥକୁ ସାଙ୍ଗରେ ନେବାକୁ ହେବ । ସେଟା ବୋକାଟାଏ । ସାହସ ଅଛି, କେଉଁଠି କିଛି ମାଡ଼ଗୋଳ କରିବାକୁ ହେଲେ ସୀତାନାଥକୁ ସେ ଆଗରେ ରଖିଦେବ । ତାକୁ କିଛିଦିନ ସାଙ୍ଗରେ ରଖି, ଅଳିଆ ଟୋକେଇରେ ଫିଙ୍ଗି ଦ ଦେଲେ ସେ କଣ୍ଟାଭଳି ରାସ୍ତାରେ ଛୁଡ଼ାହେବ ।

ମଦନଶାଳରେ ମୁଣ୍ଡଟା ଟଳମଳ ଲାଗୁଥାଏ । ସୂର୍ଯ୍ୟନାରାୟଣ ନେତା ହେବାର ସ୍ୱପ୍ନରେ ଭାବ ଗୃଳଥାଏ କପରିଭାବରେ ତାକୁ ଉପରକୁ ଉଠିବାକୁ ହେବ । ତା'ର ଲକ୍ଷ୍ୟ ନେତା ହେବ, ଧନ ମିଳିବ, ମାନସମ୍ମାନ ବଢ଼ିବ, ଲୋକମାନେ ବାହବା କହିବେ । ସୂର୍ଯ୍ୟନାରାୟଣ ମଣିଷଗଣିଆରେ ଗଣାହେବ । ସୀତାନାଥ ଓ ଅନ୍ୟ ବନ୍ଧୁମାନେ ଶୋଇଛନ୍ତି । ଏପର୍ଯ୍ୟନ୍ତ ଉଠିନାହାନ୍ତି । ଗତକାଲି ଶୋଇବାବେଳକୁ ରାତି ବହୁତ ହୋଇଯାଇଥିଲା । ତେଣୁ ଉଠିବାରେ ବିଳମ୍ବ ହେଉଛି ।

Digitized by srujanika@gmail.com

ଏମିତି ହେବ । ଠିକ୍ ସମୟରେ ଯିବା ଓ କାମ କରିବାର ମାନେ କିଛି ନଥାଏ । ଦେଶଟା ସ୍ୱୀକାର ନ ହେଲେ ନେତାମାନଙ୍କର ମର୍ଯ୍ୟାଦାକୁ କେହି ବୁଝିପାରିବେ ନାହିଁ । ଏ ଦେଶର ଉନ୍ନତି କରିବାପାଇଁ ଭାଷଣରେ ଆହ୍ୱାନ କରି ସ୍ୱୀକାର କରିବାକୁ ହେବ । ନେତାର ପ୍ରଥମ ଲକ୍ଷଣ ସେଇଆ । "ଭାଗ ଭାଗ କର, ଶାସନ କର ।" ବ୍ରିଟିଶମାନେ ଶିଖାଇଥିବା ମନ୍ତ୍ରଟାକୁ କାର୍ଯ୍ୟରେ ଲଗାଇବାକୁ ହେବ ।

ସୂର୍ଯ୍ୟନାରାୟଣ ଏ କାମ କରିପାରିନି । ହେଲେ ତା'ର ନେତା ହେବାପାଇଁ ବହୁପ୍ରକାର ପ୍ରତିବନ୍ଧକ ରହିଛି । ମେଞ୍ଚଡ଼ଟୋକା ରାମୁଲୁ ତାକୁ ପରାମର୍ଶ ଦେଉଛି । ସେ ନ ଶୁଣିବାକୁ ମନ କରୁଥିଲେ ବି ରାମୁଲୁ ତା' କାନପାଖରେ ଫୁସ୍‌ଫୁସ୍ ହୋଇ କହିବାରେ ଲାଗିଛି । ତାକୁ ଭଲ ଲାଗୁନି; କିନ୍ତୁ କିଛି କହି ହେଉନି । ସେ ନିଜକୁ ଅତି ବେଶି ସୁପର ନେତା ଭାବରେ ବ୍ୟବହାର କରୁଛି । ସେ ଟୋକାଟାକୁ ଦେଖିଦେବାକୁ ବେଶି ବେଳ ଲାଗିବ ନାହିଁ । ଟିକିଏ ନିଜର ଗାଦିଟା ସ୍ଥିର ହୋଇଯାଉ । ସୂର୍ଯ୍ୟନାରାୟଣ ପୁଣି ଥରେ ହସିଉଠିଲା । ଆସ୍ତେ ଆସ୍ତେ ତାକୁ ନେତାଭଳି ପିନ୍ଧିବାକୁ, କହିବାକୁ ହେବ । ଖଦଡ଼ ପିନ୍ଧିବା ପୁରୁଣାକାଳିଆ ଅଭ୍ୟାସ । ସେ ମଡର୍ଣ୍ଣନେତା । ତେଣୁ ତା' ପୋଷାକ ମଧ୍ୟ ମଡର୍ଣ୍ଣ । କହିବାର ଷ୍ଟାଇଲ୍ ମଧ୍ୟ ମଡର୍ଣ୍ଣ ହେବ । ସେ ପୁରୁଣାକାଳିଆ ଢଙ୍ଗର ନେତା ନୁହେଁ । ଯେଉଁମାନେ ମୂଲ୍ୟବୋଧରେ ବିଶ୍ୱାସ କରନ୍ତି, ଟ୍ରେଡ୍ ଇଉନିୟନ୍‌କୁ ମାଧ୍ୟମ କରି ସମାଜକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତି, ସେମାନେ ଆଜିର ନେତା । ଟ୍ରେଡ୍ ଇଉନିୟନ୍ ତାର ପେଷା ନୁହେଁ । ଉପରକୁ ଉଠିବାର ମାଧ୍ୟମ । ସମାଜରେ ପ୍ରତିଷ୍ଠା ଲାଭ କରିବାର ଏକ ଶସ୍ତା ଉପାୟ ।

ସେ ହିଂସାରେ ବିଶ୍ୱାସ କରେ । ଅହିଂସା ମାର୍ଗଟା ଅଲଗା ବାଟ । ଏଥିରେ ତତ୍‌କ୍ଷଣାତ୍ ଲାଭ ମିଳେ ନାହିଁ । ହିଂସା ଓ ପ୍ରତିଶୋଧ ସଙ୍ଗଠନକୁ ଗଢ଼ିବାର ମୂଳ ଆଧାର । ମିଛକୁ ପ୍ରଚୁର ମାଧ୍ୟମ ଜରିଆରେ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ହେବ । ଲୋକମାନଙ୍କ ମଧ୍ୟରେ ହିଂସା, ଦ୍ୱେଷ ଓ ଘୃଣାକୁ ଭର୍ତ୍ତି କରିବାକୁ ହେବ ।

× × ×

Digitized by srujanika@gmail.com

ସଂଘର୍ଷ, କେବଳ ସଂଘର୍ଷ । କର୍ମଚାରୀମାନଙ୍କୁ ମତାଇଲେ । ସ୍ୱଳ୍ପ-ସଂଖ୍ୟକ କର୍ମଚାରୀମାନଙ୍କୁ ଧରି ଆନ୍ଦୋଳନ ଆରମ୍ଭ କଲେ । ତାଙ୍କ କଥାକୁ ମ୍ୟାନେଜମେଣ୍ଟ୍ ସ୍ୱୀକାର କରିବାକୁ ହେବ, ଏ ଜିଦ୍‌ରେ ଅଟଳ ହୋଇ ସଙ୍ଗଠନକୁ ସଂଗ୍ରାମ ଭିତରକୁ ପେଲିଦେଲେ । ସଂଗ୍ରାମ ଭୁଲ୍‌ବାଟରେ ପରିଚାଳିତ ହେଲା । ଯେଉଁ ସାଥୀମାନେ ବାହାବା କରିବାକୁ ଆଗେଇ ଆସିଥିଲେ ସେମାନେ ସୂର୍ଯ୍ୟନାରାୟଣର ଜିଦି ପାଇଁ ତାଙ୍କୁ ଭର୍ତ୍ସନା, ତିରସ୍କାର କଲେ ।

ହିଂସା, ପ୍ରତିହିଂସା, ମିଥ୍ୟା, ଛଳନା ଓ କପଟର ବଶବର୍ତ୍ତୀ ହୋଇ ସେ ଯେଉଁ ରାସ୍ତା ଗ୍ରହଣ କଲେ, ତାର ପରିସ୍ଥିତି ଭୟାବହ ହେଲା । ସଂଗ୍ରାମ ବିଫଳ ହେଲା, ସାଥୀମାନେ ଅଲଗା ହୋଇଗଲେ । ସୀତାନାଥ ଅଧାବାଟରୁ ଚମ୍ପଟ କଲା । ରାମଲୁ ତା ବାଟ ଦେଖିଲା । ମ୍ୟାନେଜମେଣ୍ଟ ତାଙ୍କର ଏ ପ୍ରକାର ଆନ୍ଦୋଳନ ପାଇଁ ତିରସ୍କାର ଓ ଭର୍ତ୍ସନା କଲେ ।

ବିଫଳତାରୁ ଶିକ୍ଷାଲାଭ କରି ଆଗେଇ ଯିବାକୁ ସୂର୍ଯ୍ୟନାରାୟଣଙ୍କର ମନୋବଳ ଓ ନୈତିକ ବଳ ନଥିଲା । ପତ୍ନୀର ଉପଦେଶକୁ ଗ୍ରହଣ କରି ନଥିଲେ । ଶିଶୁପୁତ୍ରର ଭବିଷ୍ୟତକୁ ଉପେକ୍ଷା କରିଥିଲେ । ବନ୍ଧୁବାନ୍ଧବଙ୍କୁ ହେୟ ମଣି ଦୂରେଇ ଦେଇଥିଲେ । ନିଶାସକ୍ତ ସୂର୍ଯ୍ୟନାରାୟଣ ସମସ୍ତ ମାନବିକ ସହାନୁଭୂତି ହରାଇ ଜୀବନକୁ ଗ୍ରହଣ କରିବାକୁ ବାଧ୍ୟ ହେଲେ ।

× × ×

ବାସୁଦେବଙ୍କର ଚକ୍ର ପୌଣ୍ଡ୍ରକ ବାସୁଦେବଙ୍କର ମୁଣ୍ଡଟିକୁ କାଟି ପକାଇଲା । ଅହମିକା, ଈର୍ଷା, ହିଂସା ହେତୁ ତାଙ୍କର ପତନ ହେଲା । କିନ୍ତୁ ନିଜ ହୃଦୟରେ ବାସୁଦେବଙ୍କୁ ସବୁବେଳେ ମନେ କରିଥିବା ହେତୁ, ସେ ତାଙ୍କ ହୃଦୟ ମଧ୍ୟରେ ମୃତ୍ୟୁପରେ ସ୍ଥାନ ପାଇଲେ ।

× × ×

ପାହାଡ଼ ତଳର ଏକ ଜଙ୍ଗୁଡିଆ ଗାଁଟିରେ ନିଜ କର୍ମକ୍ଷେତ୍ର । ସୂର୍ଯ୍ୟନାରାୟଣ ବାହାର ବାରଣ୍ଡାରେ ବସି ସକାଳର ସୂର୍ଯ୍ୟକିରଣକୁ

Digitized by srujanika@gmail.com

ଉପଭୋଗ କରୁଥିଲେ । ଅଯତ୍ନବର୍ଦ୍ଧିତ ଦାଡ଼ିଗୁଡ଼ିକୁ ଆଉଁସି ଦେଉଥିଲେ । ବୁଦ୍ଧଙ୍କର ସେହି ମହାନ୍ ବାଣୀ "ଧର୍ମଂ ଶରଣଂ ଗଚ୍ଛାମି" ତାଙ୍କ ମୁହଁରୁ ସ୍ୱତଃ ନିର୍ଗତ ହେଉଥିଲା । ସେ ନିଜ ହୃଦୟରେ ଆନନ୍ଦ ଅନୁଭବ କରୁଥିଲେ । ମାନବିକତାର ମାପକାଠିରେ ସେ ଜୀବନକୁ ଦେଖିବାକୁ ଚେଷ୍ଟା କରୁଥିଲେ । ଅତୀତର କର୍ମଗୁଡ଼ିକ ପାଇଁ ପଶ୍ଚାତ୍ତାପ କରୁଥିଲେ । ତାଙ୍କ ହୃଦୟ ଦୟା, ଅନୁକମ୍ପା, ସହାନୁଭୂତି ଓ ପ୍ରେମରେ ପୂର୍ଣ୍ଣ ହୋଇଥିଲା ।

× × ×

ସୂର୍ଯ୍ୟନାରାୟଣ ନେତା ହେବାର ଖୋଳପାକୁ ଫିଙ୍ଗିଦେଇ ଏକ ନୂତନ ମଣିଷ ଭାବେ ଜନ୍ମ ନେଇଥିଲେ ।

●

Digitized by srujanika@gmail.com

ଗାନ୍ଧି ବୁଢ଼ା ବସି ଦେଖୁଛନ୍ତି

ନଈ ଆରକୂଳରେ ଥାଇ ନାଉରିଆ ଖୁବ୍ ଜୋର୍‌ରେ ଆମ କଥାର ଉତ୍ତର ଦେଲା । 'ସେ ଆସୁଛି' ବୋଲି କହିବାରୁ ଆମେ ଟିକିଏ ଥୟଧରିଲୁ । ଦୀର୍ଘ ପାଞ୍ଚ ଛଅ କି. ମି ରାସ୍ତା ବର୍ଷା କାଦୁଅରେ ସ୍କୁଟରଟାକୁ ଠେଲି ଠେଲି ମୋର ସହକର୍ମୀ ଲକ୍ଷ୍ମଣ କ୍ଲାନ୍ତଶ୍ରାନ୍ତ ହୋଇଯାଇଥିଲା । ଏକା ନିଃଶ୍ୱାସରେ ଦୌଡ଼ିବା ପରି ସ୍କୁଟରଟାକୁ ସେ ଗଡ଼ାଉଥିଲା । ଆମେ ନିର୍ଦ୍ଦିଷ୍ଟ ସ୍ଥାନରୁ ବାହାରିବା ବେଳକୁ ସନ୍ଧ୍ୟା ହେବାକୁ ଯାଉଥିଲା । ଦିନ-ସାରା ବର୍ଷା ଲାଗି ରହିଥିଲେ ବି ସେ ଗାଁକୁ ବର୍ଷା ସେ ପର୍ଯ୍ୟନ୍ତ ହୋଇନଥିଲା ।

ଗାଁଟି ଥିଲା ନଈ ସେପାଖରେ । ସଡ଼କର ପିଚୁରାସ୍ତା ଓ ସେ ଗାଁ ମଝିରେ ନଈଟି ରହି ଗମନାଗମନରେ ଏକ ମସ୍ତବଡ଼ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ଖରାଦିନେ ନଈପାଣି ଶୁଖିଗଲେ ଖରାଦିନିଆ ରାସ୍ତାଟିଏ ମାଟି ପକାଇ ସେଇ ନଈଭିତରେ ତିଆରି ହେଉଥିଲା । ନଈବନ୍ଧକୁ ଉଠି ବ୍ୟାଙ୍କ ପର୍ଯ୍ୟନ୍ତ ଆସିବାକୁ ପ୍ରାୟ ପାଞ୍ଚ କିଲୋମିଟର । ମାଟିବନ୍ଧ । ଗାଁ ଭିତର ରାସ୍ତାଟା ମାଟି । କେତେକ ଜାଗାରେ ମହରମ ବସ୍ତୁ ହୋଇଛି । କୋଉଦିନ ତଳୁ ମହରମ ବସ୍ତୁ ହୋଇଥିଲା, ଆସ୍ତେ ଆସ୍ତେ ଧୋଇଗଲାଣି । ରାସ୍ତାକଡ଼ରେ ଘରଗୁଡ଼ିଏ । ଆନୁମାନିକ ଲୋକସଂଖ୍ୟା ବହୁତ ହେବ । ଇଲେକ୍‌ସନ୍‌ବେଳେ ଭୋଟରେ ଭାଗନେଉଥିବା ପ୍ରାର୍ଥୀମାନେ ଜିତିବାପାଇଁ ଏଇ ଲୋକମାନଙ୍କ ଉପରେ ନିର୍ଭର କରନ୍ତି ।

ଗାଁଟି ଜନତା, କଂଗ୍ରେସ ଓ କମ୍ୟୁନିଷ୍ଟ ହୋଇ ଭାଗଭାଗ । ଇଲେକ୍‌ସନ୍‌ବେଳେ ଗାଁଦାଣ୍ଡ ହଇଚଇ ହୋଇଉଠେ କର୍ମୀମାନଙ୍କର ଘଡ଼ିକୁଘଡ଼ି ଧାଁଦଉଡ଼, ସାଇକଲ୍ ଆବାଜ ଓ ନେତାମାନଙ୍କର ଅଦିନିଆ

Digitized by srujanika@gmail.com

ଭାଷଣରେ । ସମସ୍ତଙ୍କର ସେଇ ଏକାପ୍ରକାର ପ୍ରତିଶ୍ରୁତି । ଆମକୁ ଭୋଟ ମିଳିଲେ, ଏଇ ରାସ୍ତାଟା ପକ୍‌କା ହେବ । ନଈରେ ବନ୍ଧ ହେବ ।

ସ୍ୱାଧୀନତା ପାଇବାର ଦୀର୍ଘ ତେତ୍ପାଳିଶ ବର୍ଷ ହୋଇଗଲା ।

ପୁରଣ ଗାଁକୁ ନଈବନ୍ଧରୁ ଉଠିଆସିବା ମାତ୍ରେ ଆଖିରେ ପଡ଼େ ଗାନ୍ଧିଙ୍କର ଏକ ଷ୍ଟାଚୁ । ଗାନ୍ଧି ନିର୍ବିବାଦରେ ତେତ୍ପାଳିଶବର୍ଷ ଧରି ସେଇଠି ଠିଆହୋଇ ସ୍ୱାଧୀନତାର ଫଳ ଲୋକମାନେ କେମିତି ପାଉଛନ୍ତି, ତାହା ଦେଖିବାରେ ବ୍ୟସ୍ତ ।

ନଈକୂଳରେ ଠିଆହୋଇ ସ୍କୁଟରର ଆଲୁଅଟାକୁ ନେଇ ଭିତରକୁ ବଢ଼ୁଇ ପକାଇଥିଲି ଲକ୍ଷ୍ମଣ । ବର୍ଷା ଅସୁଛି । ଡଙ୍ଗାରେ ପାରି ହୋଇଗଲେ ଯିବାକୁ ସୁବିଧା ହେବ । ସେଠୁ ଭୁବନେଶ୍ୱର ଅଳ୍ପବାଟ । ଆମ ସ୍କୁଟର ପାଖରେ ଟ୍ରେଟ ଟ୍ରେଟ ପିଲା ଦୁ’ଜଣ ଆସି ଆମକୁ ତରତର କରି ଚାହିଁଥିଲେ । ତାଙ୍କ ଗାଁ ପାଖରେ ନଈ । ବନ୍ଧ ତଳକୁ ଗଡ଼ିଲେ ନଈର ରାସ୍ତା । ଅନ୍ଧାର ଘନ । ନଈକୂଳ ଉପରେ ଘାସବଣ । ମଶାଗୁଡ଼ାକ ସାଁ ସାଁ କରି ଗୋଡ଼ ହାତରେ ବସି ରକ୍ତ ଶୋଷିବାକୁ ବ୍ୟସ୍ତ ହୋଇଉଠୁଥାନ୍ତି ।

ମୋତେ ବଡ଼ କ୍ଳାନ୍ତ ଲାଗୁଥାଏ । ଡଙ୍ଗାଟା ଆସିବାକୁ ଡେରି କରୁଥିବା ହେତୁ ବିରକ୍ତି ବୋଧ ହେଉଥାଏ । ଜାଗାଟା କେମିତି କେମିତି ମାଡ଼ିପଡ଼ୁଥାଏ । ପିଲା ଦୁ’ଜଣ ସମୟ ସମୟରେ ସ୍କୁଟର ଉପରେ ହାତ ପକାଇଦେଇ ସ୍ପିଡ଼ୋମିଟରକୁ ବୁଲାଇବାକୁ ଅପଚେଷ୍ଟା କରୁଥାନ୍ତି ।

ମୁଁ ସେଇ ଦୁହିଁଙ୍କୁ ଚାହିଁଲି । ସେ ଦୁହେଁ କେଉଁ ଶ୍ରେଣୀରେ ପଢ଼ୁଛନ୍ତି ବୋଲି ସେ ଦୁହିଁଙ୍କୁ ପଚାରିଲି ।

ବଡ଼ପିଲାଟା ତୃତୀୟ ଶ୍ରେଣୀରେ ଓ ସାନପିଲାଟା ପଞ୍ଚମ ଶ୍ରେଣୀରେ ପଢ଼ୁଛି ଶୁଣି ଚମକିପଡ଼ିଲି । ସାନପିଲାଟି କହିଲା, “ସାର୍, ଏ ପଢ଼ୁନି । ବାଉରିଆର ପୁଅ । କେବେ କେବେ ଇସ୍କୁଲକୁ ଯାଉଛି । ଆହେ, ସତକଥା କହୁନୁ ?” “ତୁ ତ ଭାରି ସତୁଆ ! ମୁଁ ପଢ଼ିଲି ନପଢ଼ିଲି ତୋର କ’ଣ ହେଲା ।” ପିଲାଦୁହିଁଙ୍କୁ ମୁଁ ପଚାରିଲି, “ତୁମେ ଦୁହେଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନାଁ କ’ଣ କହିଲ ?”

Digitized by srujanika@gmail.com

ସେ ଦୁହେଁ ଚୁପ୍ ରହିଲେ ।

ବଡ଼ପିଲାଟା କିଛି ସମୟ ପରେ କହିଲା, "ଆଜ୍ଞା ! କିଛିଦିନ ପରେ ଏ ନଈରେ ପୋଲ ହେବ । ଏଠି ବୁଢ଼େଇଁ, ଡକିଲୁ । ସେଥର ବେଳେ ଆମ ଗାଁକୁ ବିଜୁ ପଟ୍ଟନାୟକ ଆସିଥିଲେ । ସେ କହିଥିଲେ ।"

"ବିଜୁ ପଟ୍ଟନାୟକ କିଏ କି ?" ବୋଲି ପଚାରିଲି । ସେ ଦୁହେଁ ଚୁପ୍ ରହିଲେ ।

ଡଙ୍ଗାଟା କୂଳରେ ଲାଗିଯାଇଥିଲା । ମେଘ ଘୁଞ୍ଚି ଯାଇଥିଲା । ଆକାଶରେ ତାରାମାନେ ଦେଖାଯାଉଥିଲେ । ନାଉରିଆ ଥିଲା ଟୋକା । ସେ ସ୍କୁଟରଟାକୁ ନେଇ ଡଙ୍ଗା ଉପରେ ରଖିଲା । ମୁଁ ଆକାଶକୁ ଚାହିଁ ରହିଥିଲି । ଡଙ୍ଗା ଭାସି ଚାଲିଥିଲା । ସୁଅ ଥିଲା ଖୁବ୍ ଜୋର୍ । ପ୍ରତିକୂଳ ପରିସ୍ଥିତିରେ ଡଙ୍ଗା ବୋହିବା ବେଶ୍ କଷ୍ଟକର ଥିଲା । ଆକାଶ ଓ ନଈର ପାଣି ଏକାଠି ମିଶିଗଲା ପରି ମୋତେ ଜଣାପଡ଼ୁଥିଲା । ମୋ ପାଇଁ ଡଙ୍ଗାରେ ଯିବା ଏହା ନୂଆ ନଥିଲା । ମାତ୍ର ଏଥରକ ମୁଁ ଥିଲି କେବଳ ଜଣେମାତ୍ର ଯାତ୍ରୀ ।

ମୁଁ ମନେ ମନେ ଏ ଦେଶର କଥା ଭାବୁଥିଲି । ନାଉରିଆ ଟୋକାକୁ ପଚାରିଲି, "କେମିତି ଚଳୁଛ ?"

"ଆଜ୍ଞା, କ'ଣ କହିବ । ଦରଦାମ୍ ଏତେ ବଢ଼ି ଚାଲିଛି ଯେ ଆମ ପକ୍ଷରେ ଚଳିବା କଷ୍ଟ । ଦିନକୁ ଯାହା ରୋଜଗାର ହେଉଛି ଘର ଗୁଜୁରାଣ ମେଣ୍ଟାଇବାକୁ ନଅଣ୍ଟ । ଚାଉଳ କଲେ ଦୁଇଟଙ୍କା ହେବ ବୋଲି କହି ଲୁଣ କଲେ ଦ' ଟଙ୍କା ହେଲା । ମଜୁରି ପଚିଶ ଟଙ୍କା କାଗଜପତ୍ରରେ, କିଏ ଦେଉଛି ପଚିଶ ଟଙ୍କା ? ପରିବା ଦର ଏତେ ଆକାଶଛୁଆଁ ଯେ ତରକାରି କରିବା ଭାଗ୍ୟରେ ଜୁଟୁନାହିଁ । ଏ ନଈରେ ଆଜ୍ଞା କେତେ ମାଛ ମରୁଥିଲା, ଏବେ ମାଛ ମିଳିବା କଷ୍ଟ । କ'ଣ କହିବ, ଗରିବଙ୍କ କଥା ଶୁଣିବାକୁ କେହି ନାହିଁ । ନୂଆ ସରକାର ଆସିଲେ ଆମ ଦୁଃଖ ଦୂରହେବ ବୋଲି ଭାବୁଥିଲୁ । ବର୍ଷ ବର୍ଷ ଛ'ମାସ ହେଲାଣି । ଦଶହଜାର ଟଙ୍କାର ଋଣଛାଡ଼ ନାଆଁକୁମାତ୍ର । କେହି ଆଉ ଭଲରେ ନାହାନ୍ତି ।" କାତ

Digitized by srujanika@gmail.com

ଜୋର୍‌ରେ ଚଳାଇ ଚାଲିଥିବ । ନଈ ପାଣିକୁ କାଟି ଡଙ୍ଗାଟା ଜୋର୍‌ରେ ମାଡ଼ ଚାଲିଥିଲା ।

ମୁଁ ଡଙ୍ଗାରେ ବସି ଆକାଶକୁ ଚାହିଁଥିଲି । ଭାବୁଥିଲି ଅତୀତ କଥା, ଦେଶ କଥା । ମୋ ମନରେ ଉଠୁଥିବା ପ୍ରଶ୍ନମାନଙ୍କର ସମାଧାନ ମୁଁ ଖୋଜି ପାଉନଥିଲି । ଦେଶର ଉନ୍ନତି ବା ଅବନତି ହେଉଛି, ତାହା ବୁଝିବାକୁ ମଧ୍ୟ ମୋତେ କଷ୍ଟ ଲାଗୁଥିଲା । ଯୋଜନା ପରେ ଯୋଜନା । ସରକାର ପରେ ସରକାର । କାହାର ଏ ସରକାର । ଲୋକମାନଙ୍କର । ଲୋକମାନଙ୍କ ଦ୍ୱାରା ଗଠିତ । ଲୋକମାନେ ଯଦି ନୈତିକତାବିହୀନ ହୁଅନ୍ତି ତେବେ ସମାଜ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବନି କି ? କେଉଁ ବ୍ୟବସ୍ଥା ଭଲ । ପୂର୍ବ ୟୁରୋପର ସମାଜବାଦ ଦେଶମାନଙ୍କରେ ଆଜି ଦେଖାଦେଇଛି ନୂଆ ଆନ୍ଦୋଳନ, ଏକ ନୂଆ ରୂପରେ । ସେ ଦେଶରେ କାଳୁ ଅନ୍ନ-ସଂସ୍ଥାନ ପାଇଁ ଲୋକମାନଙ୍କୁ ବାରମ୍ବାର ଶୁଣ୍ଢିପିଣ୍ଡା ହେବାକୁ ପଡ଼ୁନ । ସେମାନଙ୍କୁ ରହିବାର, ଖାଇବାର, କାମ କରିବାର ଅଧିକାର ମିଳିଛି । ଦାରିଦ୍ର୍ୟ ଦୂର ହୋଇଛି ତଥାପି ଲୋକମାନେ ଭଲରେ ରହିବାକୁ ଚାହାନ୍ତି । ଶାସନ ନାଁରେ କେତେଲୋକ ସବୁ ଭୋଗ କରିବେ, ଏହାକୁ ଅନ୍ୟମାନେ ସହିବେ କେମିତି । ସେଇଥିପାଇଁ ପରିବର୍ତ୍ତନ । ମାଆ ଭାରତ । ଭାରତ ଭିତରେ ଓଡ଼ିଶା ରାଜ୍ୟ । ଏକ ଦରିଦ୍ର ରାଜ୍ୟ ବୋଲି ସମସ୍ତେ କହି ବୁଲୁଛନ୍ତି । ଲୋକମାନଙ୍କର ଜୀବନ ଧାରଣର ମାନ ବଢ଼ୁ ନାହିଁ ।

କେମିତି ହେବ ଏ ରାଜ୍ୟର ଉନ୍ନତି । କିଏ କରିବ । ଉପରେ ଆକାଶ, ତଳେ ବହିଯାଉଛି ପାଣି । ଡଙ୍ଗାରେ ବସି ମୁଁ ଭାବୁଛି । ନାଉରିଆ କାତ ମାରି ଚାଲିଛି ଖୁବ୍ ଜୋର୍‌ରେ । ଲକ୍ଷ୍ମଣ ଧରିଛି ଷ୍ଟିଅରିଙ୍ଗଟାକୁ ।

ପୁରୁଣା ଗାଁରେ ଖୋଲିଛି ବ୍ୟାଙ୍କ୍ । ଦେଣନେଣ ଟଙ୍କା ପଇସାର କାରବାର । ସରକାରୀ ଯୋଜନାରେ ଲୋକମାନେ ଟଙ୍କା ପାଉଛନ୍ତି । କିଏ କେତେ ନେଉଛି, ପୁଣି ଦେଉଛି ତାର ହିସାବ ଖାତା ଭିତରେ ।

ମୁଁ ଲକ୍ଷ୍ମଣ ମୁହଁକୁ ଚାହିଁଲି । ବ୍ୟାଙ୍କ୍‌ରେ ଲୋକମାନେ ପଣି ଟଙ୍କା ନବାକୁ ଜବରଦସ୍ତି କରୁଛନ୍ତି । ମ୍ୟାନେଜର ଏଇ କେତେଦିନ

Digitized by srujanika@gmail.com

ତଳେ ରିପୋର୍ଟ ଦେଇଥିବାର ଶୁଣିଛୁ । ଛୁରୀ ଧରି ଟଙ୍କା ନେବାକୁ ହାଜର । ଦବ ତ ଦେବ, ନଚେତ୍ ଛୁରୀ ଭୁସିଦେବ ମେ । ସେ ଟୋକାଟା ବେକାର ଯୁବକ । ପାଠ ପଢ଼ିଛି । କେତେଦିନ ବାପାଙ୍କ ପଇସାରେ ଚଳନ୍ତା । କିନ୍ତୁ ଆତ୍ମନିଯୁକ୍ତି ଯୋଜନାରେ ଟଙ୍କା ନେଇ କାମ କରିବ ବୋଲି ଭାବୁଛି । ତାର ଟଙ୍କା ଦରକାର । ବ୍ୟାଙ୍କ୍ ଟଙ୍କା ଦେବ । ଚାଷୀକୁ ଋଣଗ୍ରସ୍ତ, ଅନୁନ୍ନତମାନଙ୍କୁ ଚାକିରି, ଆଉ ତାଙ୍କପରି ବେକାର ଯୁବକମାନଙ୍କୁ ? ସେ ପାଠ ପଢ଼ିଛି ବୋଲି ତାକୁ ଟଙ୍କା ମିଳିବନି । ହାତରେ ଛୁରୀ ଧରି ହାଜର । ଟଙ୍କା ନଦେଲେ ଜୀବନରୁ ମାରି ପକାଇବ । ପୁଲିସବାଲା ଆସୁନାହାନ୍ତି । ଗାଁ ବାଲା ଘର ଭିତରେ କବାଟ କିଳି ପଶିଲେଣି ।

ମ୍ୟାନେଜର ଟଙ୍କା ଦେଲେ । ଥରେ, ଦି'ଥର, ତିନିଥର । ରୋଜଗାରର ବାଟ ଫିଟିଗଲା ତା ପାଇଁ । ଲକ୍ଷ୍ମଣ ମୋ ମୁହଁକୁ ଚାହିଁ କହୁଛି ।

ମୁଁ ଆକାଶରେ ତାରାମାନଙ୍କୁ ଲକ୍ଷ୍ୟ କରୁଛି ।

ପୂରଣ ଗାଁର ଟୋକାମାନେ ଉଗ୍ରପନ୍ଥୀଙ୍କର ଉପାୟ ଧରିଲେଣି । ପଞ୍ଜାବ । ପଞ୍ଜାବ ଆଜି ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ସମସ୍ତେ ଉଗ୍ରପନ୍ଥୀ, ସମସ୍ତେ ନାଗରିକ । ପ୍ରତ୍ୟେକ ଦିନ ନରହତ୍ୟା, ବ୍ୟାଙ୍କ୍ ଲୁଟ୍ ଚାଲିଛି ।। ପୁଲିସ୍ ସେମାନଙ୍କୁ ମାରୁଛନ୍ତି, ସେମାନେ ପୁଲିସଙ୍କୁ । ପ୍ରତ୍ୟେକ ଦିନ ଖବରକାଗଜ ପୃଷ୍ଠାରେ ଏଇକଥା ଲମ୍ବା ଲମ୍ବା ହୋଇ ବାହାରୁଛି ।

ଦେଶର ଏକତା ଓ ସଂହତିକୁ ମଜଭୁତ ରଖିବା ପାଇଁ ସବୁ ରାଜନୈତିକ ଦଳମାନେ ଆହ୍ୱାନ ଦେଉଛନ୍ତି । ସର୍ବଦଳୀୟ ସମ୍ମିଳନୀ ବସୁଛି । ନେତାମାନେ ଶାନ୍ତ ପଦଯାତ୍ରା କରୁଛନ୍ତି । ପଞ୍ଜାବରେ ନରହତ୍ୟାର ଶେଷ ନାହିଁ । ହିନ୍ଦୁ ମରୁଛି, ମୁସଲମାନ ମରୁଛି, ଖ୍ରୀଷ୍ଟିଆନ ମରୁଛି, ରାଜନୈତିକ ନେତା ମରୁଛି, ଉଗ୍ରପନ୍ଥୀ ମରୁଛି, ପୁଲିସ୍ ମରୁଛି, ସମସ୍ତେ ମରୁଛନ୍ତି ।

ପଞ୍ଜାବ ମାଟିରେ ନରହତ୍ୟାର ତାଣ୍ଡବଲୀଳା ଚାଲିଛି ।

Digitized by srujanika@gmail.com

ଡଙ୍ଗାଟା ପାଣି କାଟି ଜୋର୍‌ରେ ଚାଲିଛି । ସେ କୂଳରେ ଲାଗିବାକୁ ଆଉ ଅଳ୍ପ ଦୂର । ସୁଅ ଜୋର୍‌ରେ ପଡ଼ୁଛି । କାତ ପାଉନି । ଆହୁଲାକୁ ଜୋର୍‌ରେ ମାରିବାକୁ ହେଉଛି ।

ମୁଁ ଭାବୁଛି ପୁରଣ ଗାଁ କଥା । ପଞ୍ଜାବ କଥା । ଗାଁ ଗାଁରେ ଉଗ୍ରପନ୍ଥୀମାନେ ମାଡିଲେଣି । ଟୋକାମାନେ ବନ୍ଧୁକ ହାତକୁ ନେଉଛନ୍ତି । ପୁଲିସ୍‌ବାଲା ସେମାନଙ୍କୁ ପାରୁନାହାନ୍ତି । ସରକାର କିଛି କରିବାର ନାହିଁ ।

ଗାଁରଆଡ଼େ ବୋଫର୍ସ ହୁରି ଚଢ଼ିଛି । ସମସ୍ତେ ବୋଫର୍ସ ଟଙ୍କା ପାଇବାକୁ ତଦ୍‌ବିର କରୁଛନ୍ତି । ସମସ୍ତେ ଗେରୁଆ ବସ୍ତ୍ର ପିନ୍ଧି ହରିନାମ ନେଇ ବୋଫର୍ସ ଖବରକୁ ମନଧ୍ୟାନ ଦେଇ ପଢ଼ୁଛନ୍ତି ।

ଗାଁରେ ଟୋକାଏ ବନ୍ଧୁକ ଧରିଲେଣି, ଚୁଲି ଭୁସିବାକୁ ଧମକେଇଲେଣି । ଗାଁ ଗାଁ ପଞ୍ଜାବ ହେଲିଣି ।

ଚେୟାଳିଶ ବର୍ଷ ପରେ ନଈରେ ଡଙ୍ଗା ଚାଲୁଛି । ନାଉରି କାତ ମାରୁଛି । ପୋଲ ନାହିଁ । ରାସ୍ତାରେ ନାଲିମାଟି ପଡ଼ିନାହିଁ । କାଦୁଅରେ ଗୋଡ଼ ପକାଇ ଚାଲି ହେଉନି । ପାଠପଢ଼ି ଟୋକାଏ ଚାକିରି ପାଉନାହାନ୍ତି । ଦରଦାମ୍‌ରେ କୁଟୁମ୍ବ ପୋଷି ହେଉନି ।

ପୁରଣ ଗାଁ କଥା ମୁଁ ଡଙ୍ଗାରେ ବସି ଭାବୁଛି । ଗାନ୍ଧି ଷ୍ଟାଚୁଟା ସେଇ ଦିନରୁ ସେଇମିତି ସେଠି ଥୁଆ ହୋଇଛି । ସ୍ୱାଧୀନତା ବର୍ଷ ସେଠି କେହି ଜଣେ ସ୍ୱାଧୀନତା ସଂଗ୍ରାମୀ ତାଙ୍କ ମୂର୍ତ୍ତିକୁ ଥାପିଦେଇ କହିଥିଲେ, "ଅହିଂସା ଓ ସତ୍ୟର ପ୍ରତୀକ ଗାନ୍ଧିଜୀଙ୍କ ଦ୍ୱାରା ଏ ଦେଶ ସ୍ୱାଧୀନ ହେଲା । ଆମେ ସ୍ୱାଧୀନ ଭାରତର ନାଗରିକ । ଏ ଗାଁ ସେହି ସ୍ୱାଧୀନତାର ସନ୍ତକ ରୂପେ ଗାନ୍ଧିଙ୍କର ବାର୍ତ୍ତାକୁ ଗ୍ରହଣକରି ଆଗକୁ ମାଡ଼ି ଚାଲିବ । ସ୍ୱାଧୀନତାକୁ ରକ୍ଷା କରିବା ପାଇଁ ନିଜର ପ୍ରାଣପାତ କରିବାକୁ ମଧ୍ୟ ଗାଁ ଲୋକେ ପ୍ରସ୍ତୁତ ହେବେ ।"

Digitized by srujanika@gmail.com

ତେସ୍ତାଳିଶ ବର୍ଷ ଧରି ଗାଁ ଲୋକେ ପ୍ରସ୍ତୁତ ହେଉଛନ୍ତି । ଗାନ୍ଧି ବର୍ଷା ଖରା ଶୀତରେ ସେଠି ରହି ଦେଖୁଛନ୍ତି ।

ଡଙ୍ଗା କୂଳରେ ଲାଗିଲା । ଲକ୍ଷ୍ମଣ ସ୍କୁଟରଟାକୁ ଉପରକୁ ଉଠାଇଲା । ମୁଁ ନାଉରିଆକୁ ଟଙ୍କା ଯାଚିଲି । ସେ ମନା କଲା । ମୁଁ ତାକୁ ବାଧ କଲିନି । ମୁଁ ନଈକୁ ଚାହିଁଲି । ଡଙ୍ଗାକୁ ଦେଖିଲି । ଆକାଶର ତାରାମାନେ ନଈପାଣି ସାଙ୍ଗରେ ମିଶିଥିବା ପରି ଦେଖାଗଲା । ମୁଁ ବହୁ ଦୂରକୁ ଚାହିଁ ଗାନ୍ଧିଙ୍କର ସେହି ମୂର୍ତ୍ତିକୁ ଚିହ୍ନିବାକୁ ଚେଷ୍ଟା କରୁଥିଲି ।

Digitized by srujanika@gmail.com

ପେରେସ୍ତ୍ରୋଇକା

ସଭା ମଣ୍ଡପଟି ସୁନ୍ଦର ଭାବରେ ସଜା ହୋଇଥିଲା । ବଡ଼ ବଡ଼ ଚେୟାର ଧାଡ଼ି ଧାଡ଼ି ପଡ଼ିଥିଲା । ମାଇକ୍ରୋଫୋନ୍ ଷ୍ଟାଣ୍ଡ ନିକଟରେ ରଖା ହୋଇଥିଲା । ସଭାକାର୍ଯ୍ୟ ଆରମ୍ଭ ହେବାକୁ କେବଳ ରହିଥାଏ ।

ଶ୍ରମିକ କର୍ମଚାରୀମାନଙ୍କର ସପ୍ତମ ସମ୍ମିଳନୀ ଉପଲକ୍ଷେ ବିଭିନ୍ନ ସଭା, ଆଲୋଚନା-ଚକ୍ର ଅନୁଷ୍ଠିତ ହେଉଥିଲା । ପାଞ୍ଚଶହରୁ ଊର୍ଦ୍ଧ୍ୱ କର୍ମଚାରୀ ନାଲି ପତାକା ଧରି ରାସ୍ତାରେ ଭିନ୍ନ ଭିନ୍ନ ସ୍ଲୋଗାନ ଦେଇ ଚାଲି ଆସିଥିଲେ । "ଦରଦାମ୍ ବୃଦ୍ଧି ରୋକିବା ଆମର ଦାବି" – ସ୍ଲୋଗାନ ଦେଖଣାହାରିମାନଙ୍କ ମନକୁ ବେଶ୍ ଛୁଇଁଥିଲା । କେହି କେହି କହୁଥିବାର ଶୁଣାଗଲା, "ତିନିମାସ ଭିତରେ ତିରିଶ ପରସେଣ୍ଟ ବଢ଼ିଲା । ପାଞ୍ଚବର୍ଷ ରହିଲେ··· । ନୂଆ ନୂଆ ଖାଇ ଶିଖିଛନ୍ତି ଯେ, ଟିକଏ ଲୋକଲଜ୍ଜା । ଆଉ ଛଅମାସ ଗଲେ ଖାଇବାର ଧୂଆଁ ଉଡ଼ିବ । ଇଲେକ୍ସନ୍ ବେଳେ ବ୍ୟବସାୟୀଙ୍କଠାରୁ ଯେତେ ଚାନ୍ଦା ନେଇଛନ୍ତି, ତାକୁ ସେମାନେ ତ ଆଦାୟ କରିବେ ।"

ଶୋଭାଯାତ୍ରାକାରୀମାନେ ଧ୍ୱନି ଦେଇ ଚାଲିଥିଲେ । ଦେଖଣାହାରି କ'ଣ କହୁଛନ୍ତି ସେଥିପ୍ରତି ତାଙ୍କର କାନଦେବା କ'ଣ ଦରକାର !

ରିକ୍ସାରେ ମାଇକ୍ ଖଞ୍ଜା ହୋଇଥିଲା । ଆଗରେ ପତାକା ଉଡ଼ୁଥିଲା । ଲାଇନ୍‌ଗୁଡ଼ାକ ଅଙ୍କାବଙ୍କା ଗତିରେ ଚାଲୁଥିଲା । ସପ୍ତମ ସମ୍ମିଳନୀ ଉପଲକ୍ଷେ ବିରାଟ ଶ୍ରମିକ କର୍ମଚାରୀ ଶୋଭାଯାତ୍ରା କଳା ମଣ୍ଡପଠାରେ ପହଞ୍ଚିଥିଲା ।

Digitized by srujanika@gmail.com

ଅଯଗ୍ରଏ ବର୍ଷା କେଉଁଠି ଥିଲା କେଜାଣି ବଡ଼ ଚଞ୍ଚଳରେ ଆସି ଜୋର୍‌ରେ ବର୍ଷି ଦେଇଗଲା । ଭାଗ୍ୟ ଭଲ, ର୍‍ୟାଲି ବେଳେ ବର୍ଷା‌ଟା ହୋଇନଥିଲା । ନଚେତ୍ ଲୋକଗୁଡ଼ାକ ଏଆଡ଼େ ସେଆଡ଼େ ଛତ୍ରଭଙ୍ଗ ହୋଇଯାଇଥାନ୍ତେ ।

ଉଦ୍‌ଘାଟକ ମନ୍ତ୍ରୀ ଆସିବାକୁ ଘଣ୍ଟାଏ ବିଳମ୍ବ କରିଦେଲେ । ହଲ୍ ଭିତରେ ବର୍ଷା ସତ୍ତ୍ୱେ ଗରମ ଲାଗିରହିଥିଲା । କର୍ମଚାରୀମାନେ ନିଜ ନିଜ ମଧ୍ୟରେ ଆଲୋଚନାରେ ବ୍ୟସ୍ତ ଥିଲେ । କେହି କେହି କହୁଥିବାର ଶୁଣାଯାଉଥିଲା, "ଦରମା ବଢ଼ିବା କଥା ନେତା କ'ଣ କହିବେ ଶୁଣିବା ।" ସଭାକାର୍ଯ୍ୟ ଆରମ୍ଭ ହେଲା । ଫୁଲମାଳରେ ବିଭୂଷିତ ହୋଇ ଅତିଥିମାନେ ଧାଡ଼ିଧାଡ଼ି ଦେଖାଗଲେ । ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟକ ସଭାକୁ ଉଦ୍‌ଘାଟନ କଲେ । ସେ ତାଙ୍କ ଭାଷଣରେ କହିଲେ, "ଦେଶର ଅବସ୍ଥା ବର୍ତ୍ତମାନ ବହୁତ ଶୋଚନୀୟ । ଜାତୀୟ ଏକତାକୁ ମଜଭୁତ କରିବାକୁ ଅଣ୍ଟାଭିଡ଼ିବାକୁ ହେବ । କେବଳ ଦରମା ପାଇଁ ପାଟି କଲେ ଶିଳ୍ପର ଅବସ୍ଥା ସୁଧୁରିବ ନାହିଁ । ଶିଳ୍ପକୁ ଲାଭପ୍ରଦ କରିବା ପାଇଁ ଚେଷ୍ଟା ହେବା ଉଚିତ । ବାଟମାରଣା ହେଉଥିବା ଟଙ୍କାକୁ ଧରିବାକୁ ହେବ । ବୋଫର୍‌ସ୍ ପରି ଆଜି ପ୍ରତ୍ୟେକ କ୍ଷେତ୍ରରେ ଲାଞ୍ଚ ଦେବାକୁ ପଡ଼ୁଛି । ସମସ୍ତଙ୍କ ପକେଟ୍ ଗରମ କଲାବେଳକୁ ଗରିବ ସଂଖ୍ୟା ବଢ଼ି ଚାଲିଛି । ଯୋଜନା ନାଁରେ ଦେଶ ହରିଲୁଟ ହେଲାଣି । ଏ ଦେଶର ଭାଗ୍ୟକୁ ବଦଳାଇବ ପାଇଁ ନୂଆ ସରକାର ଯେଉଁ ନୀତି ଅବଲମ୍ବନ କରୁଛନ୍ତି, ତାକୁ ଶ୍ରମିକ କର୍ମଚାରୀମାନେ ଅକୁଣ୍ଠ ସାହାଯ୍ୟ ଯୋଗାଇ ଦେବା ଉଚିତ ।" ଉଦ୍‌ଘାଟକ ଗଳଦ୍‌ଘର୍ମ ହୋଇ ଘଣ୍ଟାଏ ଖଣ୍ଡେ ଭାଷଣ ଦେଲେ ।

ହଲ୍‌ଭିତରେ ଚୁପ୍‌ ଗୁଞ୍ଜରଣ । କେହି ତାଳି ମାରୁନାହାନ୍ତି । ବକ୍ତାମାନେ ଭାଷଣ ଖୁବ୍ ଜୋର୍‌ରେ ଦେଇ ଚାଲିଛନ୍ତି । ଜଣକ ପରେ ଜଣେ ଲମ୍ବା ଭାଷଣ ଦେବାରେ ଲାଗିଥିଲେ । କର୍ମଚାରୀମାନେ ବାହାରେ ମେଳା ମେଳା ହେଲେଣି ।

ଉଦ୍‌ଘାଟନ ପର୍ବ ସମାପ୍ତି ପୂର୍ବରୁ କେହି ଜଣେ ବକ୍ତା କହୁଥିବାର ଶୁଣାଗଲା, "ଆଜି ସମଗ୍ର ବିଶ୍ୱରେ ପରିବର୍ତ୍ତନର ସ୍ୱର ଗୁଞ୍ଜରିତ ହେଉଛି ।

Digitized by srujanika@gmail.com

ଆମକୁ ଏହି ପରିବର୍ତ୍ତନ ସହିତ ଖାପଖୁଆଇ ଚାଲିବାକୁ ହେଲେ ଆମ ସଂଗଠନର ଆମୂଳଚୂଳ ପରିବର୍ତ୍ତନ ଲୋଡ଼ା । ଆପଣମାନଙ୍କର ସମ୍ମିଳନୀ ସଂଗଠନକୁ ସକ୍ରିୟ କରିବାକୁ ଭୂମିକା ନେବ ।" ହୋ-ହୋ ହୋଇ ହସିଉଠିଲେ ସମସ୍ତେ । "ବୟସ ଗଲାଣି, କ୍ଷମତା ମୋହ ଛାଡ଼ିପାରୁନି । ଦୁଇ ଚାରି ମିନଟ୍ ଭାଷଣ ଦେବାପାଇଁ ଠିଆ ହୋଇପଡ଼ିଲେ ।"

ସଭା ସାଙ୍ଗ ହେଲା । ଦ୍ୱିତୀୟ ଓ ତୃତୀୟ ଦିନର ଅଧିବେଶନ ବାକି ରହିଲା । କେତେ ଆଲୋଚନା, ଯୁକ୍ତିତର୍କ, କାଦୁଅ ଫିଙ୍ଗାଫିଙ୍ଗି ଇତ୍ୟାଦି ଚାଲିଲା । ସଭାଗୃହର ପଛ ପାଖରେ ଚାଲିଥାଏ ଲବି । ସମସ୍ତେ ଦଳ ଦଳ । ଆସନ୍ତା ଦିନ ପାଇଁ କିଏ ନେତା ହେବ ? ସମସ୍ତଙ୍କୁ ପଦବୀ ଲୋଡ଼ା । ଯେଉଁମାନେ ବର୍ତ୍ତମାନର କାରପରଦାରୀ, ସେମାନେ ଛାଡ଼ିବାର ସ୍ୱର ଶୁଣାଯାଉନି । କାହିଁକି ବା ସେମାନେ ଛାଡ଼ିବେ ? ଗାଦିରେ ବସିଲେ ସଭାସମିତିରେ ଭାଷଣ ଦେବାକୁ ମିଳିବ । ଫୁଲମାଳ ବେକରେ ଝୁଲିବ । ଏପରି ଭାଗ୍ୟ ବା କାହାର ହେବ ! ଦ୍ୱିତୀୟ ଦିନ ସମ୍ମିଳନୀ ଶେଷ ହେଲା । ବାହାରେ ଲାଗି ରହିଥିଲା ଭୀଷଣ ଝଡ଼ ଓ ବର୍ଷା ।

ଶେଷଦିନ ଆରମ୍ଭ ହେବାକୁ ବାକି । ନାଟକ ପୂର୍ବରୁ ରିହର୍ସାଲ୍ ଆରମ୍ଭ ହୋଇଯାଇଥିଲା । ମୁଖ୍ୟମାନେ ଆଲୋଚନାରେ ବ୍ୟସ୍ତ ଥିଲେ । ଆଗାମୀ ଦିନ ପାଇଁ ନେତା ହେବାବେଳେ କେଉଁମାନେ ସେହି ପଦବୀ ମଣ୍ଡନ କରିବେ, ଏଥିନେଇ ଆଲୋଚନା ଚାଲିଥିଲା । କେହି ସ୍ୱତଃପ୍ରବୃତ୍ତ ହୋଇ କହୁନଥିଲା ସେ ଛାଡ଼ିଦେବ । ବୟସ୍କ ଭଦ୍ରଲୋକ ମଧ୍ୟସ୍ଥି ସାଜି ଆଲୋଚନାରେ ଅଂଶ ଗ୍ରହଣ କରୁଥିଲେ । ଆଲୋଚନା ଆରମ୍ଭ ପୂର୍ବରୁ ସେ କହିଲେ, "ବନ୍ଧୁଗଣ ! ମୁଁ ଆପଣମାନଙ୍କ ଉପରେ ମୋର ମତ ଲଦିଦେବାକୁ ଚାହେଁନି । ମୁଁ ଚାହେଁ ଆପଣମାନେ ବିଚାର କରି ସଂଗଠନକୁ ମଜଭୁତ କରିବାପାଇଁ ଆଗେଇ ଆସିବେ । ଗଣତନ୍ତ୍ରରେ କହିବାର ସମସ୍ତଙ୍କର ପୂର୍ଣ୍ଣ ଅଧିକାର ଅଛି । ଆମ୍ଭମାନଙ୍କୁ ଶ୍ରମିକ କର୍ମଚାରୀମାନଙ୍କର ମାନସିକ ଭାବନା ସହିତ ପରିଚିତ ହେବାକୁ ହେବ । ସେମାନଙ୍କର ମତ, ଚିନ୍ତାଧାରା, ଅନୁଭବକୁ ଆମକୁ ଅନୁଭବ କରିବାକୁ ହେବ । ପରିବର୍ତ୍ତନର ସ୍ୱରକୁ ବନ୍ଦ କରିହେବ ନାହିଁ । ତାକୁ ବିକାଶ ପାଇଁ ଛାଡ଼ିଦେଇ, ତା'ର ନିର୍ଯ୍ୟାସକୁ ନେଇ ଏକ ନୂତନ ଚିନ୍ତା ସୃଷ୍ଟି କରିବାକୁ ହେବ । ମୁଁ

Digitized by srujanika@gmail.com

ସେଥିରେ ବିଶ୍ୱାସ କରେ । ପ୍ରଗତିର ଅର୍ଥ ହେଉଛି ନିରନ୍ତର କାର୍ଯ୍ୟକରି ଚାଲିବା । ଅଫିସ୍ ନ ଖୋଲିଲେ କାମ ହେବନି, ଏକାଉଣ୍ଟ ନକଲେ ସଙ୍ଗଠନ ଚାଲିବନି, ମିଟିଂରେ କୋରମ୍ ନ ହେଲେ ତାର ରେକର୍ଡ଼ ରହିବନି । ଏସବୁକୁ ଆପଣ ବିଚାରକୁ ନେବେ । ମୁଁ କେବଳ ଆପଣ-ମାନଙ୍କ ଅନୁରୋଧ ହେତୁ ଏଠାକୁ ଆସିଛି । ମୁଁ ଦର୍ଶକ ।"

ସମସ୍ତେ ଚୁପ୍ । କିଏ ପୋଷ୍ଟ ଛାଡ଼ିବ । କି ଦରକାର ଛାଡ଼ିବା । ବୟସ୍କ ଭଦ୍ରଲୋକ ଯଦି କିଛି ନକରି କ୍ଷମତାରେ ରହିପାରିଲେ, ସେମାନେ କାହିଁକି ରହିବେ ନାହିଁ । ସମସ୍ତେ ପ୍ରାୟ ମନେ ମନେ ଏପରି ଚିନ୍ତା କରୁଥିଲେ । ଅନ୍ୟ କେତେକ ଭାବୁଥିଲେ, ଯଦି ଏମାନେ ଯାଆନ୍ତି ତେବେ ସେମାନଙ୍କୁ ଏ ପୋଷ୍ଟଗୁଡ଼ିକ ମିଳିଯିବ ।

ପରିବର୍ତ୍ତନ । ପରିବର୍ତ୍ତନ । ହଁ ହଁ, ପରିବର୍ତ୍ତନ । ମାନେ କେମିତି ! ହଠାତ୍ କେହି ଜଣେ କହିଲା, "ଆଜ୍ଞା ! ପୂରାପୂରି ଚେଞ୍ଜ୍ ଦରକାର । ବର୍ତ୍ତମାନର ନେତୃତ୍ୱ ଷ୍ଟାଣ୍ଡ, ଅଥବା ଓ କର୍ମକର୍ତ୍ତାମାନଙ୍କର ଆଶା-ଆକାଙ୍କ୍ଷାକୁ ପ୍ରତିଫଳିତ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ । ସେମାନେ ଯଦି ପୁନରାୟ କ୍ଷମତାକୁ ଜାବୋଡ଼ି ରହନ୍ତି, ତେବେ ଗଣତନ୍ତ୍ରର ଗଳାଚିପି ମାରିଦେବା ପରି ହେବ । ମୁଁ ପରିବର୍ତ୍ତନରେ ବିଶ୍ୱାସ କରେ, ନୂଆକରି ଗଢ଼ିବାରେ ହୃଦ୍‌ବୋଧ କରେ । ମୁଁ ମୋର ମତ ସହ ଆଦୌ ସାଲିସ୍ କରିପାରିବି ନାହିଁ ।

ତରୁଣ ଯୁବକ କର୍ମକର୍ତ୍ତାଙ୍କର କହିବାର ଭଙ୍ଗୀରେ ଥିଲା--ଯୁକ୍ତି, ବ୍ୟଙ୍ଗ ଓ ଶାଣିତ । କଥାରେ କ୍ଷତବିକ୍ଷତ କରିବାର ଶକ୍ତି ଥିଲା । ସମସ୍ତେ ଚକିତ ହୋଇ ତାକୁ ଚାହିଁରହିଲେ । ମଧ୍ୟସ୍ଥ ଭୂମିକାରେ ଥିବା ସେହି ବୃଦ୍ଧବ୍ୟକ୍ତି ଯୁବକଙ୍କୁ ଆପାଦମସ୍ତକ ଚାହିଁଲେ । ଅନ୍ୟମାନଙ୍କ ମୁହଁକୁ ଅନାଇଲେ । ମନେ ମନେ ଭାବୁଥିବାର ବୋଧ ହେଉଥିଲା, "ଜୀବନରେ କେତେ ଯୁବକଙ୍କୁ ଦେଖି ଦେଖି ମୁଁ ଆସିଲିଣି । ରାଜନୀତି କରି ବୟସ ହେଲା ସତୁରି, ରାଜନୀତି କାଳେବେଳେ ଯେତେ ନୀତି ଓ ଅନୀତି କରିଛି, ଏବେ ବି କରୁଛି । ମୋତେ ସବୁ ଜଣା । କେତେ କେତେ ଭୁମ୍ବି ତୋଫାନ

କରି ଗଲେଣି । ଆମ ତେର ସେଇମିତି ମାଡ଼ହୋଇ ରହିଛୁ । ଆମେ ଉପର ମନରେ ପରିବର୍ତ୍ତନ ପାଇଁ ଅହ୍ୱାନ କରୁଛୁ । ନୂଆ ନୂଆ ଦର୍ଶନ କଥା କହୁଛୁ । କିନ୍ତୁ ସେଇ ପୁରୁଣା ଢଙ୍ଗରେ ଚାଲୁଛୁ । ତୁମେ ଆଜିକା ଟୋକା । ଗାଲ ଚିପିଦେଲେ ଦୁଧ ବାହାରିପଡ଼ିବ । ତୁମେ ଆମକୁ କ'ଣ ଶିଖାଇବ ।"

ଆଉଜଣେ କେହି କହୁଥିବାର ଶୁଣାଗଲା, "ମୁଁ ସମସ୍ତଙ୍କର କେନ୍ଦ୍ରବିନ୍ଦୁ । ମୋତେ ସେ ଆଲୋଚନା ପରିଧିକୁ ଟାଣନ୍ତୁ ନାହିଁ । ମୁଁ ଉପର ସ୍ତରର ନେତା । ମୁଁ ତତ୍ତ୍ୱ ବଖାଣୁଛି, ବଡ଼ କଥା କହୁଛି । ମୋ କାମ କରିବା ନକରିବାରେ ସଙ୍ଗଠନ ଉପରେ ପ୍ରଭାବ ପଡ଼ୁନି । କାରଣ ମୁଁ ଦାୟିତ୍ୱରେ ନାହିଁ ।"

ଦାୟିତ୍ୱକୁ ମୁଣ୍ଡରେ ବୋହୁଥିବା କର୍ମକର୍ତ୍ତା ଜଣକ ଆସ୍ଫାଳନ ମାରି ଉଆଁଟାଏ ଦେଇଗଲେ । "ମୋର ଲୋଡ଼ା ନାହିଁ ଏ ପୋଷ୍ଟ । ବହୁତ ହୋଇଗଲା । ମୁଁ କ'ଣ କରିଛି ନକରିଛି ତାହାର ସାକ୍ଷୀ ହିଁ ଇତିହାସ ।" ହିଁ, ଇତିହାସ ହିଁ ସାକ୍ଷୀ । ଇତିହାସର ପର୍ଦ୍ଦା ଟେକିଦେଇ ଆଉ ଜଣେ ଆଙ୍ଗେଇ ଦେଲେ । ହୀରାବନକାଶ କଲେ ସଙ୍ଗଠନ ବିଷୟରେ । ସିଏ ଯେତେବେଳେ ଆସିଛି, ରାଜସଭାରେ ତାଳ ଝୁଲୁଥିବାର ଦେଖିଛି । ରାଜାଙ୍କ ଦେଖା ମିଳିବା ସ୍ୱପ୍ନ । ଶତ୍ରୁ ରାଜ୍ୟମାନଙ୍କୁ କବଳିତ କରି ଯାଉଛି । ରାଜା ନିଦ୍ରାରେ ଶୋଇଛନ୍ତି, କେବେ କେବେ ଉଠିପଡ଼ି ନର୍ତ୍ତକୀମାନଙ୍କର ନୃତ୍ୟରେ ମସଗୁଲ ହେଉଛନ୍ତି । କିଏ କହିବ ? ପ୍ରଜାମାନେ ଭୀତତ୍ରସ୍ତ । ଛିନ୍ନଛତ୍ର ହୋଇ ଏଣେତେଣେ ଦୌଡ଼ିଲେ ବି ରକ୍ଷା କରିବାକୁ କେହି ନାହିଁ । ଯେ ଆଜି ମଧ୍ୟସ୍ଥ ହୋଇ ସମାଧାନ କରିବାକୁ ବସିଛନ୍ତି, ସେ ଗ୍ରନ୍ଥକାରମାନଙ୍କର ଗ୍ରନ୍ଥବାକ୍ୟକୁ ପାଣ୍ଡୁଲିପି ସହିତ ବନ୍ଦ କୋଠରୀର ମଧ୍ୟରେ ଲଭି କରି ଧନ୍ୟ ଧନ୍ୟ ହୋଇ ରାଜାଙ୍କୁ ରକ୍ଷା କରିଛନ୍ତି ଏବଂ ରାଜାଙ୍କର ଗୁଣ ଗାନକରିବାକୁ ଯାଇ ଅନ୍ୟ ସହିଷ୍ଣୁ କର୍ମକର୍ତ୍ତାମାନଙ୍କର ନିନ୍ଦା କରିଛନ୍ତି ।

ସହିଷ୍ଣୁ କର୍ମୀମାନେ ଚୁପ୍‌ଚାପ୍ ବସିଛନ୍ତି । ସେମାନେ ଜାଣିଛନ୍ତି, କିଛି ହେବାର ନାହିଁ । ଯେ ସମାଧାନ କରୁଛନ୍ତି ଓ ଯେଉଁମାନେ ଦାୟିତ୍ୱରେ ଅଛନ୍ତି, ଉଭୟ ଏକା ଲଉର ମଞ୍ଜି । ଯେ ଦାୟିତ୍ୱ ନେବାର

Digitized by srujanika@gmail.com

ପରିଧିକୁ ପଶିବାକୁ ବାରମ୍ବାର ମନାକରୁଛନ୍ତି ସେ ବି ସେହି ବିଦ୍ୟାଳୟର ଛାତ୍ର । ସମସ୍ତେ କେବଳ ଉପରକୁ ପରିବର୍ତ୍ତନ କଥା କହିବାବେଳେ ପରିବର୍ତ୍ତନରେ ଆଦୌ ବିଶ୍ୱାସ କରୁନାହାନ୍ତି । ଏମାନେ କିଛି କହିବାକୁ ନାରାଜ । କାରଣ ଖଣ୍ଡାର ଚୋଟଟା ସେମାନଙ୍କର ଉପରେ ହିଁ ପଡ଼ିବ । ରାଜା ଓ ଗୃହଚାକରଙ୍କ ମଝିରେ ଏମାନେ ତିଷ୍ଠି ପାରିବେ ନାହିଁ ।

ଆଲୋଚନା ଚାଲିଛି । ବୃଦ୍ଧ ଭଦ୍ରବ୍ୟକ୍ତି ନିଜର ସ୍ୱଭାବସୁଲଭ ସ୍ୱରରେ ପୁନରାୟ ଦୋହରାଇଲେ, "ଆପଣମାନେ ଯାହା ବିଚାର କରିବେ, ସେଥିରେ ମୋର ଆଦୌ ହସ୍ତକ୍ଷେପ କରିବାର ନାହିଁ । ସଙ୍ଗଠନ ଆପଣମାନଙ୍କର । କର୍ମଚାରୀମାନଙ୍କର ସୁରକ୍ଷା ଦେଖିବା ଆପଣମାନଙ୍କର କର୍ତ୍ତବ୍ୟ । ଭଲମନ୍ଦ ବିଚାର କରିବାର ଦାୟିତ୍ୱ ଆପଣମାନେ ବୁଝିବେ ।"

କରତାଳି ଦେବାର ନଥିଲା ନଚେତ୍ ଘନଘନ କରତାଳି ବାଜିଥାନ୍ତା, ବାହାବାରେ କକ୍ଷ ଉଠିଥାନ୍ତା । ବୃଦ୍ଧବ୍ୟକ୍ତି ଜଣକଙ୍କର ଗୁଣ୍ଡ ଫୁଲି ଉଠିଥାନ୍ତା । ସେ ସବୁ ହେଲା ନାହିଁ । ସଭା ଭଙ୍ଗହେଲା । ରାତି ପାହି ସକାଳ ହେଲା । ସମ୍ମିଳନୀର ଶେଷଦିନ ଆଲୋଚନା ଆରମ୍ଭ କରିବା ପାଇଁ ଦଳଦଳ ପ୍ରତିନିଧି ସମ୍ମିଳନୀର ଗୃହରେ ଏକାଠି ହେଲେ । କେହି ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ନଥିଲେ । ସମସ୍ତେ ଚୁପ୍‌ଚାପ୍, ଫୁସ୍‌ଫାସ୍ । ସମସ୍ତେ ନେତା ହେବାକୁ ଆଗଭର । ଲବି ଚାଲିଛି । ହଲ୍ ଘର ଭିତରେ ଲବି, ବାହାରେ ଲବି, ହୋଟେଲରେ ଲବି ।

ସମସ୍ତଙ୍କ ମୁହଁରେ ଗୋଟିଏ ନାଁ ଗୋବିନ୍ଦାଚେଭ୍ । ଜଣେ ତରୁଣ ଯୁବକ କହୁଥିବାର ଶୁଣାଗଲା, "ଏଥରକ ଆମକୁ ଲେଡ଼ା ଗୋବିନ୍ଦାଚେଭ୍ । ସମଗ୍ର ବିଶ୍ୱରେ ଯେଉଁ ପରିବର୍ତ୍ତନର ସୁଅ ଛୁଟିଛି, ତାହା ହିଁ ଆମର ଲେଡ଼ା । ତା ନହେଲେ ସଙ୍ଗଠନର ରକ୍ଷଣାବେକ୍ଷଣ ଅସମ୍ଭବ । "କିଏ କାହା କଥା ଶୁଣୁଛି । ପ୍ରତ୍ୟେକ ନିଜ ନିଜ ବାଟରେ ଅଛନ୍ତି । ପ୍ରତ୍ୟେକ ଭାବୁଛନ୍ତି ସଙ୍ଗଠନଟି ତାଙ୍କର ଜମିଦାରୀ ।"

Digitized by srujanika@gmail.com

ଆଲୋଚନା ଶେଷ ହେଲା । ସମସ୍ତଙ୍କର ମୁହଁ ହସ ହସ । ଆଉ କିଛି ସମୟ ପରେ ନିର୍ବାଚନ । ପୁଣି ନୂତନବର୍ଷ ପାଇଁ ନିର୍ବାଚିତ ହେବେ କର୍ମକର୍ତ୍ତା । ଆସନ୍ତା ନୂତନବର୍ଷ ସଙ୍ଗଠନର ମଙ୍ଗକୁ ମାଡ଼ିଧରି ଚାଲିବେ । ସମସ୍ତେ ଉତ୍କଣ୍ଠାର ସହ ଦେଖିବାକୁ ଆଗ୍ରହୀ । କେତେକ ନୂଆ ନୂଆ ନେତା ହେବାକୁ ଅଣ୍ଟା ଭିଡ଼ିଛନ୍ତି ।

ନିର୍ବାଚନରେ କ'ଣ କ'ଣ ହେବ, ତାର ତାଲିକା ଘୋଷଣା କରାଗଲା । କେହି ଜଣେ ନାଁ ପ୍ରସ୍ତାବ କଲା ଓ ସମର୍ଥିତ ହେଲା । କରତାଳି ଧ୍ୱନି ଦେଇ ସମସ୍ତେ ସମର୍ଥନ କଲେ । କର୍ମକର୍ତ୍ତା ନିର୍ବାଚନ ସରିଲା । ନୂତନବଦନ ଧରି ଚାଲିଥିବା ଉତ୍ସବମୁଖରିତ ହଲ୍‌ଟି ମଉଳିଗଲା । ନିଜ ନିଜ ରାସ୍ତାରେ ଫେରିଗଲେ ସଭିଏଁ । ଅଧିକାଂଶଙ୍କ ମନରେ ସେଇ ଗୋଟିଏ କଥା—ସଙ୍ଗଠନ ଯେମିତି ଚାଲୁଥିଲା, ସେମିତି ଚାଲିବ । ତତ୍ତ୍ୱ ମୂଲ୍ୟହୀନ । କାମ କରିବା ନିଷ୍ପ୍ରୟୋଜନ ।

× × ×

ବାଟରେ ଦେଖାହେଲେ ବୃଦ୍ଧ ଭଦ୍ରବ୍ୟକ୍ତି । ତାଙ୍କ ସହିତ କିଛିଟା ଆଳାପ ହେଲା । ସେ କହିଲେ, "ମୁଁ ସଙ୍ଗଠନଟାକୁ ବଞ୍ଚାଇଦେଲି । ଦେଖା ଦେଇଥିବା ଫାଟଗୁଡ଼ିକୁ ଯୋଡ଼ିଦେଲି । ତୁମେ ଯାହା ଭାବ ପଛକେ ।"

ମିଃ. ଗୋବାଚେଭ୍ ସି. ପି. ଏସ୍. ୟୁ.ର ସମ୍ମିଳନୀରେ ଆଗାମୀ ଦିନପାଇଁ କାର୍ଯ୍ୟ ଖସଡ଼ା ରଖିଲେ । ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ କଟ୍ଟର ପନ୍ଥୀ ରକ୍ଷଣଶୀଳ ଲୋକମାନେ ପରାସ୍ତ ହେଲେ । ଶେଷ ପର୍ଯ୍ୟାୟରେ ଦେଖାଗଲା ମିଃ. ଗୋବାଚେଭ୍‌ଙ୍କର ସମର୍ଥିତ ସମସ୍ତ ସଭ୍ୟ ନିର୍ବାଚିତ ହୋଇଛନ୍ତି । ପ୍ରାୟତଃ ସବୁ ମୁହଁ ପଲିଟବ୍ୟୁରୋର ନୂଆ । ଜଣେଅଧେ ପୁରୁଣା ।

ମିଃ. ଗୋବାଚେଭ୍ ନୂତନ ଢଙ୍ଗରେ ବିଶ୍ୱକୁ ଗଠନ କରିବାକୁ ଚାହାନ୍ତି । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ମାନବିକତାର ସ୍ୱର ସହିତ ଯୁକ୍ତକରି

Digitized by srujanika@gmail.com

ପ୍ରଗଟ କରିବାକୁ ଇଚ୍ଛା କରନ୍ତି । କାରଣ ସେ ଜାଣନ୍ତି ପରିବର୍ତ୍ତନ ସୁଅକୁ ଅଟକାଇ ଦେଇ ହେବନାହିଁ । ବନ୍ଧରେ ମାଟି ପକାଇ ନଈର ପାଣିକୁ ରୋକାଯାଇ ପାରିବ ନାହିଁ । ପାଣି ଆଉ ବନ୍ଧ କଥା ମାନିବ ନାହିଁ ।

ମୁଁ ତାଙ୍କ କଥାକୁ କିଛି ବୁଝିପାରିଲି ନାହିଁ । ତାଙ୍କ ମୁହଁକୁ ବଲବଲ କରି ଚାହିଁଲି । ମୁଁ ଥିଲି ମିଃ. ଗୋର୍ବାଚେଭ୍‌ଙ୍କର ପ୍ରଶଂସକ ।

Digitized by srujanika@gmail.com

ସତେ କ'ଣ ଈଶ୍ୱର ଅଛନ୍ତି

ହାତଗୋଡ଼ ବନ୍ଧା ହୋଇ ଏକଣା କଣରେ ପଡ଼ିରହିଥିଲା ପଦନ ସାହୁ । ଛଅବର୍ଷର ସାନପିଲାଟା । କାନ୍ଧରେ ବ୍ୟାଗ୍ ପକାଇ ସ୍କୁଲରୁ ଫେରୁଥିଲା ଧୀରେ ଧୀରେ । ସନା ବାରିକ ଡାକିଲା, "ପଦନ କି'ରେ ! ସ୍କୁଲରୁ ଫେରୁଛୁ କି ? ଆ, ମୁଁ ତୋତେ ଭୂଜା ଦେବି ।"

ମନ ଖୁସିରେ ନାଚି ଉଠିଥିଲା ତାର । ଦିନଯାକ ଖାଇନାହିଁ । ଭୋକରେ ପେଟ ଆଉଟୁପାଉଟୁ । ତାଙ୍କର ଗରିବ ଘର । ଓଳିଏ ଖାଇଲେ ଓଳିଏ ଉପାସ । ଅନେକ କଷ୍ଟରେ ମା' ତା'ର ଚୁଆ ଦି'ଟାଙ୍କର ପେଟ ପୋଷେ । ପଦନର ବଡ଼ଭାଇ ମଦନ ଜଡ଼ା । କଥା କହିପାରେ ନାହିଁ । ଗାଁର ଗୋରୁ ଜଗେ । ବାପଛେଉଣ୍ଡ ପିଲାଦିନରୁ ଦିଓଟିଯାକ । ଦୁଃଖ-କଷ୍ଟରେ ଚଳାଇନଏ ମଦନା ମା' । ସ୍ଥା ଘରେ ତା' ଘରେ ଘରକାମ କରେ । ଢିଙ୍କି କୁଟେ । କେହି କେହି ପଚାରିଲେ କହେ, "ଭଗବାନ ଅଛନ୍ତି, ସେ ସବୁ କରିବେ ।"

ମଦନା ମା'ର ଆଖିର ମଣି ପଦନ । ବଡ଼ ହେବ ସେ, ପାଠପଢ଼ି ।

× × ×

ଖୁସିରେ ଭୂଜା ଖାଇବାକୁ ଲାଗିଲା ପଦନ । ଡଉଲଡାଉଲ ଚେହେରା । ଦେଖାଯାଉଥିଲା ରଜାଘର ଚୁଆ ପରି । ଆଉଟୁପାଉଟୁ ହେଉଥିବା ପେଟ ବନ୍ଦ ହୋଇଯାଇଥିଲା । ବିଦ୍ୟାଳୟରେ ମାଷ୍ଟ୍ରେ ଆଜି ତାଙ୍କ ଶ୍ରେଣୀରେ ମଜାକଥା କହିଲେ । ବାଟରେ ଆସିବାବେଳେ ଡରିଥିବା ଶଙ୍କରକୁ କହିଲେ, "ଭୂତ ପ୍ରେତ କିଛି ନାହିଁ । ସେ ସବୁ ମନଗଢ଼ା

Digitized by srujanika@gmail.com

କଥା । ପିଲାମାନେ ! ତୁମେ କାହାକୁ ଡରିବ ନାହିଁ ।" ସାର୍‌ଙ୍କ କଥା ଭାରି ମଜା ଲାଗିଲା ।

ମନଖୁସିରେ ଭୁଜା ଖାଇ ଚାଲିଥିଲା ପଦନା । ହଠାତ୍ ସନା ବାରିକ ଝାମ୍ପିପଡ଼ିଲା ତା' ଉପରକୁ । ବିଚ୍ଛୁଡ଼ି ହୋଇ ପଡ଼ିଲା ଅଣ୍ଟିରେ ଥିବା ଭୁଜା । ଆଣ୍ଠେଇ ପଡ଼ିଲା ପଦନା ମୁହଁମାଡ଼ି । ସନା ବାରିକ ତା' ବେକକୁ ଚିପିଧରି ମୁହଁରେ ପଟି ଲଗାଇଦେଲା । ହାତଗୋଡ଼ ବାନ୍ଧି ପକାଇଲା । ଅମାରଚାଳ ମୁଷାମାଟି ଗଦାରେ ଫିଙ୍ଗିଦେଲା ପଦନାକୁ । ସାନପିଲାଟା ହଲଚଲ ହୋଇ ପାରୁନଥିଲା । ଡବ୍‌ଡବ୍ ଆଖିରେ ମୁଷା ମାଟିକୁ ଚାହିଁ ଭଡ଼ମୋଡ଼ ହେଲା । ବେହୋସ ହୋଇଗଲା କିଛି ସମୟ ପରେ ।

× × ×

ରାତି କ୍ରମଶଃ ବଢ଼ିବାକୁ ଲାଗିଥିଲା । ଅମାବାସ୍ୟା ରାତି । ମିଟିମିଟି ଅନ୍ଧାରରେ ମୁହଁ ଦେଖିବାର ଜୁ ମଧ୍ୟ ନଥିଲା । ସନା ବାରିକ ଘରେ ଧକଧକ ଆଲୁଅ । ଘେରି ବସିଥିଲେ ଅନେକ ଲୋକ । ଚାଲିଥିଲା ତାନ୍ତ୍ରିକ ପୂଜା । ସନାବାରିକ ବାରିକ ଘର ହେଲେହେଁ ବ୍ୟବସାୟ କରି ଗାଁରେ ଥିଲାବାଲା ଘର ।

ଟଙ୍କା ପଇସାର ଅଭାବ ନାହିଁ । ମାତ୍ର ନଥିଲା ଶାନ୍ତି ପରିବାରରେ । ତା' ଘର ଉପରେ ଭୂତପ୍ରେତର ପ୍ରଭାବ ପଡ଼ୁଥିଲା ଏବଂ ଅବେଳାରେ ତା' ଘରର ଗାଈ, ଛେଳିଠାରୁ ମଣିଷ ପର୍ଯ୍ୟନ୍ତ ମରୁଥିଲେ ।

ସେ ପୂଜା କରୁଥିଲା ଭୂତପ୍ରେତ ଦୂର କରିବାକୁ ମା' କୁଡାମଚଣ୍ଡୀଙ୍କୁ । ତାନ୍ତ୍ରିକ ମନ୍ତ୍ର ଉଚ୍ଚାରଣ କରୁଥିଲା । ପୂଜକ ଭାବରେ ସେହି କନ୍ଧ ସ୍ତ୍ରୀ ଲୋକଟି ପୂଜା କରିଚାଲିଥିଲା । ନାନାଦି ଫଳପୁଷ୍ପ, ଧୂପଦୀପ ନୈବେଦ୍ୟ ଉପଚାରମାନ ଦେବୀଙ୍କ ସମ୍ମୁଖରେ ବଢ଼ା ହୋଇଥିଲା । ପୂଜକ ବାରମ୍ବାର ମନ୍ତ୍ର ଉଚ୍ଚାରଣ କରି କହୁଥିଲା—

Digitized by srujanika@gmail.com

"ଯା ଦେଵୀ ସର୍ବଭୂତେଷୁ
ମାତୃରୂପେଣ ସଂସ୍ଥିତା,
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋନମଃ
ଯା ଦେଵୀ............।"

"ହେ ମାତ ! ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କର । ତୁ ଜଗତ୍-ଜନନୀ । ଜଗତର ରକ୍ଷାକାରିଣୀ । ତୁ ପ୍ରସନ୍ନ ହେଲେ ସିନା ବାରିକର ଘର ସୁଖରେ ହସିଉଠିବ । ଭୂତପ୍ରେତର ଭୟ ଦୂର ହୋଇଯିବ । ତୋର ଦୟାରେ ଏ ପୃଥିବୀରେ ସଚରାଚର ପ୍ରାଣୀ ଆତଯାତ ହେଉଛନ୍ତି । ତୋର ଇଂଗିତରେ ସବୁକଛି ଚାଲିଛି । ଏ ଗ୍ରାମର ରକ୍ଷାକର୍ତ୍ତ୍ରୀ ତୁ । ତୋ ପାଖରେ କେତେ ଛାଗଳଙ୍କୁ ସନା ବାରିକ ଭେଟି ଦେଇଛି । ତଥାପି ତା' ଉପରେ ତୋର ଦୟାର ବାରି ବର୍ଷଣ ହେଉନାହିଁ । ତା' ପ୍ରତି ଏତେ ନିର୍ଦ୍ଦୟ ହୋନା ।

ଛାଗଳ ରକ୍ତରେ ତୋ କ୍ଷୁଧା ନ ମେଣ୍ଟିବା ଅନୁଭବ କରି ସେ ଆଜ ଶିଶୁସନ୍ତାନଟିଏ ଖୋଜି ଆଣିଛି । ତୋ ପାଖରେ ଉପହାର ଦେବ । ମାଲୋ ! ଶକ୍ତିସ୍ୱରୂପିଣୀ, ଜଗତର ରକ୍ଷାକାରିଣୀ, ଏହି ବାଳକଟିର ରକ୍ତ ପାନକରି ତୋର କ୍ଷୁଧା ନିବାରଣ କର । ସନା ବାରିକର ପରିବାରକୁ ଭୂତପ୍ରେତମାନଙ୍କ ହାତରୁ ରକ୍ଷାକର ।"

ପୂଜକର ପୂଜା କ୍ରମଶଃ ଶେଷ ଅବସ୍ଥାରେ ପହଞ୍ଚି ଯାଇଥିଲା । ସନା ବାରିକ ଓ ତା' ସ୍ତ୍ରୀ ହାତଯୋଡ଼ି ଦେଵୀ ପ୍ରତିମା ନିକଟରେ ପ୍ରାର୍ଥନା କରୁଥିଲେ ।

•

ପଦ୍ମ ପଡ଼ିରହିଥିଲା ହାତଗୋଡ଼ ବନ୍ଧାହୋଇ । ଆଖି ବନ୍ଦ ଥିଲା ତାର । ଠେକ ଠେକ ତାକୁ ଆଣି ବସାଇଲା ପୂଜା ପାଖରେ ସନାବାରିକ । ତାନ୍ତ୍ରିକ ତନ୍ତ୍ର ଧାରଣ କରି ତା ଉପରେ ସିନ୍ଦୂର, ପୁଷ୍ପ ଦେଇ ଦେଵୀଙ୍କ ନିମିତ୍ତ ବଳି ପ୍ରଦତ୍ତ ବୋଲି ଘୋଷଣା କଲା ଏବଂ ସନା ବାରିକକୁ ଦେଵୀଙ୍କୁ ପଦ୍ମ ରକ୍ତରେ ନୈବେଦ୍ୟ ବାଢ଼ିବାକୁ ନିର୍ଦ୍ଦେଶ ଦେଲା । ଘଣ୍ଟା

Digitized by srujanika@gmail.com

ଣ୍ଟରେ ପୂଜାସ୍ଥାନ ଉଜ୍ଜ୍ୱଳ ଉଠୁଥିଲା । ଚକ୍‌ଚକ୍ ଝଲସୁଥିବା ଷୁର ଧରି ସନା ବାରିକ ପଦ୍ମନର ଗଳା ପାଖରେ ଅପେକ୍ଷା କରି ରହିଥିଲା ।

ମିଟିମିଟି କରି ଗୁହୁଁଥିଲା ପଦ୍ମନ ଦେବୀମୂର୍ତ୍ତି ଆଡ଼େ । ଉପରେ ଅତ୍ୟଧିକ ଜଡ଼ସଡ଼ ହୋଇ ତା ପାଟିରୁ କୌଣସି କଥା ବାହାରୁ ନଥିଲା । ସେ କେବଳ ମନ୍ତ୍ରମୁଗ୍ଧ ଭାବରେ ଦେବୀଙ୍କର ପଥରମୂର୍ତ୍ତିକୁ ଗୁହୁଁ ତା' ମା'ର ମୁହଁକୁ ଦେଖୁଥିଲା ।

ସେ ମନେ ମନେ ଭାବୁଥିଲା ତା' ମା ବ୍ୟସ୍ତ ହୋଇଯାଇଛି । ଏତେବେଳ ହେଲା ସ୍କୁଲରୁ ଫେରି ସେ ଏପର୍ଯ୍ୟନ୍ତ ଘରକୁ ଯାଇପାରି ନାହିଁ । ଏମାନେ ତାକୁ ଭୁଜା ଖାଇବାକୁ ଦେଇ ବାନ୍ଧି ଦେଇଛନ୍ତି । ମା' ତାକୁ ଖୋଜି ଖୋଜି ଆସି ପହଞ୍ଚିଛି ଏଠାରେ । ତା ମା' ପଥର ହେଲା କେମିତି । ମନେମନେ ମା'କୁ ଖୋଜୁଥିବା ବେଳେ ମା' ମୁହଁ ଦେଖି ଭୟ ତା' ମନରୁ ଗୁଲିଯାଇଥିଲା । ସେ ମା'କୁ ହାତ ବଢ଼ାଇବାକୁ ଚେଷ୍ଟାକରି ଛୁଇଁପାରୁନଥିଲା ।

"ସମୟ ଗଡ଼ିଯାଉଛି । ଦେବୀଙ୍କୁ ବର୍ତ୍ତମାନ ନୈବେଦ୍ୟ ଦିଅ ।"

ତାନ୍ତ୍ରିକର ବାରମ୍ବାର ଆହ୍ୱାନରେ ସନା ବାରିକ ଚଞ୍ଚଳ ହୋଇ ଉଠିଲା । ଏତେଦିନ ପରେ ତା'ର ମନକାମନା ପୂର୍ଣ୍ଣ ହେବାକୁ ଯାଉଛି । ଦେବୀଙ୍କ ନିକଟରେ ସେ ଶିଶୁକୁ ବଳି ଦେଇ ନିଜର ପରିବାରକୁ ରକ୍ଷା କରିବ ଆସନ୍ନ ବିପତ୍ତିରୁ ।

ହାତମୁଠା ଟେକିକଲା ସନା ବାରିକ । ଷୁରଧାରକୁ ପଦ୍ମନର ଗଳାରେ ଜୋର୍‌ରେ ଦବାଇ ଦେଲା । ପିର୍ ପିର୍ କରି ରକ୍ତଗୁଡ଼ା ଛିଟିକି ପଡ଼ିଲା ଦେବୀଙ୍କ ପାଦ ପର୍ଯ୍ୟନ୍ତ । ସମସ୍ତେ ରକ୍ତଗୁଡ଼ାକୁ ଘାଉଁଟି ଦେଇ ଅର୍ପଣ କରିଗଲା କୁତାମଚଣ୍ଡୀଙ୍କୁ । ସମସ୍ତେ ଦେବୀ ପ୍ରସାଦକୁ ସେବନ କଲେ ।

Digitized by srujanika@gmail.com

ସନ୍ତୁଷ୍ଟ ହୋଇ ଉଠିଲେ ଦେଖ୍ୟ । ସନା ବାଳକ କୃତକୃତ୍ୟ ହୋଇ ଆଜାନୁଲମ୍ବିତ ହୋଇ ପ୍ରଣତ ବାଡ଼ି ଖୁଲିଥିଲା ସକଳ ଶଷ୍ଟ ଖଣ୍ଡନ ପାଇଁ, ପରିବାରର ଧନଧାନ୍ୟ ବୃଦ୍ଧି ପାଇଁ ।

× × ×

ଗାଁ ଗୋହରି ଦାଣ୍ଡରେ କେଶବାସ ଅସମ୍ଭାଳ ହୋଇ ମଦନା ମା' ଡାକ ଖୁଲିଥିଲା, "ପଦନରେ ! କାଲିଠାରୁ ବାପା କୁଆଡ଼େ ଯାଇଛୁ, ଫେରିଆ । ପଦନରେ, ତୋତେ ନଦେଖି ମୋ ତୁଣ୍ଡକୁ ଭାତ ଯାଉନାହିଁ ।" ଗାଁ ସାରା ଲୋକମାନେ ପଦନକୁ ଖୋଜୁଥିଲେ ।

ସ୍କୁଲରୁ ଫେରି ପଦନ ଏପର୍ଯ୍ୟନ୍ତ ଫେରିନାହିଁ । ଗରିବ ମା'ର ଆଶାବାଡ଼ି ପଦନକୁ ଖୋଜୁଥିଲେ ସମସ୍ତେ । ଗାଁ ଶେଷମୁଣ୍ଡ ବିଲରେ ପଡ଼ିଥିଲା ପଦନର ଶବ । ବହୁ ଖୋଜାଖୋଜି ପରେ ମିଳିଥିଲା । ଛଅ ବରଷର କଅଁଳା ପୁଅ ଶୋଇଥିଲା କାଦୁଅରେ । ଉଠୁନଥିଲା ବା କଥା କହୁନଥିଲା । ମଦନା ମା'ର ଆଶାବାଡ଼ି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ-ଯାଇଥିଲା ।

ଗାଁ ସାରା ଲୋକମାନେ ରୁଣ୍ଡ ହୋଇଥିଲେ ପଦନର ଶବ ପାଖରେ । କେହି କେହି କହୁଥିଲେ, "କ'ଣ ଦୋଷ କରିଥିଲା ଏଇ ପିଲାଟା । କିଏ ତାକୁ ଏପରି ଦଣ୍ଡ ଦେଲା ।"

"କେତେ କଷ୍ଟକରି ମଦନା ମା ଛୁଆ ଦ'ଟାକୁ ପାଳୁଥିଲା । ହାପୁରେ ବଧାତା, ତା' କପାଳରେ କ'ଣ ଏଇଆ ଲେଖାଥିଲା । ଗରିବର ଭାଗ୍ୟରେ କ'ଣ ସୁଖ ବୋଲି କିଛି ନାହିଁ । କି ଅପରାଧ ସେ କରିଛି ଯେ ବାରମ୍ବାର ତା'ର ଭାଗ୍ୟ ଉପରେ କୁଠାରାଘାତ ହେଉଛି ।"

ମଦନା ମା' ବଡ଼ପାଟିରେ ରଡ଼ି ଛାଡ଼ି କାନ୍ଦୁଥିଲା । ପାଖରେ ଜଡ଼ା ମଦନା ସାନଭାଇ ପଦନର ମୁହଁକୁ ହାତରେ ଆଉଁସୁଥିଲା । ଟୋପା ଟୋପା ଲୁହ ଖସିପଡ଼ୁଥିଲା ତା ଉପରେ ।

× × ×

Digitized by srujanika@gmail.com

ପଦନ ନଥିଲା । ସ୍କୁଲ ପିଲାମାନଙ୍କର ସାଙ୍ଗ ପଦନ ହଜିଯାଇଥିଲା କେଉଁ ଏକ ଅଜଣା ରାଇଜରେ । ମଦନା ମା'ର ଏକମାତ୍ର ଆଶାଭରସା ପଦନ ତା ମା'କୁ ଭୁଲାଇ ଦେଇ ଚାଲିଯାଇଥିଲା ଅନ୍ୟ ରାଜ୍ୟକୁ ଖେଳିବା ପାଇଁ । ପଦନ ଶୋଇଯାଇଛି ସବୁଦିନ ପାଇଁ, କେହି ଏ କଥାକୁ ବିଶ୍ୱାସ କରିପାରୁ ନଥିଲେ । ଗାଁ ଦାଣ୍ଡରେ ହଜାର ହଜାର ଲୋକ ପଦନକୁ ଚାହିଁ ରହିଥିଲେ ।

ନିଷ୍ପାପ ଶିଶୁଟିକୁ ହତ୍ୟା କରିବା ଗର୍ହିତ ବୋଲି ଘୋଷଣା କରୁଥିଲେ ସଭିଏଁ । ନିଶ୍ଚୟ ଦଣ୍ଡ ମିଳିବ ସେମାନଙ୍କୁ । କେହି ନଥିଲେ ଈଶ୍ୱର ତ ଦେଖୁଛନ୍ତି । ମାଳମାଳ ପୁଲିସ୍ ବାବୁମାନେ ଗାଁ ଏମୁଣ୍ଡରୁ ସେମୁଣ୍ଡ ଖାନତଲାସ କରି ଚାଲିଥିଲେ । ସାମ୍ବାଦିକମାନେ ଖବରକାଗଜରେ ତାଜା ସମ୍ବାଦ ପରିବେଷଣ କରିବା ପାଇଁ ପହଞ୍ଚିଯାଇଥିଲେ ଗାଁରେ ।

ପଦନର ଶବ ନିକଟରେ ଚିତ୍କାର କରି ମଦନା ମା କାନ୍ଦି କାନ୍ଦି ଉକାଟକାଇଥିଲା—"ସତେ କ'ଣ ମୋ ପଦନ ଆଉ ଫେରିବ । ମା' କୁତାମଚଣ୍ଡି ! କ'ଣ ତୋର ସେ ଦୋଷ କରିଥିଲା । ତାକୁ ଛଡ଼ାଇ-ନେଲୁ ମୋ ପାଖରୁ । ହେ ଭଗବାନ ! ତୋର ଏତେ ନିର୍ଦ୍ଦୟୀ କାହିଁକି ? ସତେ କ'ଣ ଏ ସଂସାରରେ ଈଶ୍ୱର ନାହାନ୍ତି ! ସତେ କ'ଣ ଏ ସଂସାରରେ ଈଶ୍ୱର ନାହାନ୍ତି ! ସତେ କ'ଣ···"

ବାରମ୍ବାର ଏକ ପଦଟିକୁ କହି ମୁଣ୍ଡ ପିଟୁଥିଲା ପଦନ ମା' । ଗାଁ ସାରା ଲୋକମାନଙ୍କ ଆଖିରେ ଲୁହ । ସ୍କୁଲର ପିଲାମାନେ ଧାଡ଼ିକରି ନିର୍ବାକ୍ ଭାବରେ ହାତରେ ଫୁଲଧରି ଛିଡ଼ା ହୋଇଥିଲେ । ପୁଲିସଦଳ ଏମୁଣ୍ଡରୁ ସେମୁଣ୍ଡ ଦଉଡ଼ ଖୋଜୁଥିଲେ ଅପରାଧୀକୁ । ସାମ୍ବାଦିକମାନେ ତାଜା ଖବର ଛାପିବା ପାଇଁ କ୍ୟାମେରାରେ ଫଟୋ ଉଠାଇବାରେ ଲାଗିଥିଲେ । ମଦନା କାବା ହୋଇ ଚାହିଁରହିଥିଲା ପଦନର ଶରୀରଟିକୁ । ଗାଁମୁଣ୍ଡ ଠାକୁରାଣୀ ମା' କୁତାମଚଣ୍ଡୀଙ୍କ ମନ୍ଦିରରେ ଘଣ୍ଟା ବାଜିଉଠୁଥିଲା । ପୂଜକ ବଡ଼ପାଟିରେ ଗାଇ ଚାଲିଥିଲା—

Digitized by srujanika@gmail.com

"ଯା ଦେବୀ ସର୍ବଭୂତେଷୁ
ମାତୃରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋନମୋଃ
ଯା ଦେବୀ·········।"

ପଦ୍ମ ମା' ମୁଣ୍ଡକୋଡ଼ ଚିତ୍କାର କରୁଥିଲା, "ସତେ କ'ଣ ଭଗବାନ ଅଛନ୍ତି । ସତେ କ'ଣ ଭଗବାନ ଅଛନ୍ତି ।"

ପଦ୍ମ ଶୋଇଥିଲା ଚୁପ୍‌ଚାପ୍ । ଆଖିରେ ଲାଗିଥିଲା ମା'ର ସେଇ ହସହସ ମୁହଁଟି ।

●

Digitized by srujanika@gmail.com

ବାଇଶିପାହାଚ ତଳେ

ଅନେକଦିନ ପରେ ମୁଁ ଆସିଥାଏ ଜଗନ୍ନାଥ ମନ୍ଦିରକୁ । ସେତେବେଳକୁ ମୋ ମନ ଭିତରେ ଅନେକ ଦ୍ୱନ୍ଦ୍ୱ । ବହୁ ଅସମାଧିତ ପ୍ରଶ୍ନର ଉତ୍ତର ମୁଁ ଖୋଜି ପାଇପାରୁ ନଥାଏ । ମୋ ମନରେ ଈଶ୍ୱର ଏବଂ ତାଙ୍କ ଅସ୍ତିତ୍ୱ ସମ୍ପର୍କରେ ସନ୍ଦେହ ଦେଖା ଦେଇଥାଏ । ଠାକୁରଙ୍କ ନିକଟରେ ପୂଜା କରିବାକୁ ମନ ଡାକୁନଥାଏ । ଦର୍ଶନ କରିବା ତ ଦୂରର କଥା । ଭାଗ୍ୟକୁ ଲୋଡ଼ି କେବଳ ଈଶ୍ୱର ଚିନ୍ତା କଲେ ତ ହେବନି । ଈଶ୍ୱର ପୁଣି ଗୋଟାଏ ନୁହନ୍ତି, ତେତିଶକୋଟି ଦେବତା । ପ୍ରତ୍ୟେକ କାମ ପାଇଁ ଜଣଜଣକୁ ଡାକିବାକୁ ପଡ଼େ । ବର୍ଷା ପାଇଁ ଇନ୍ଦ୍ର, ହୋମପାଇଁ ଅଗ୍ନି, ବିଦ୍ୟାଲାଭ ପାଇଁ ଗଣେଶ ଓ ସରସ୍ୱତୀ, ପୁତ୍ରଲାଭ ପାଇଁ ଶିବ ଉପାସନା । ଏମିତି ଅନେକ ଦେବଦେବୀ । ଗାଁ ମୁଣ୍ଡ ବରଗଛ ତଳେ ସିନ୍ଦୂର ମାଖିଦେଇ କେହି କେହି ଘୋଷଣା କରିଦିଅନ୍ତି ଅମୁକ ଦେବୀ ଏଠାରେ ଆସି ଉଭା ହୋଇଛନ୍ତି । ଗତକାଲି ରାତିରେ ସପନପଣ୍ଡାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଛନ୍ତି, ଏଠି ମନ୍ଦିର ନଗଢ଼ିଲେ ଗାଁଟିକୁ ଛାରଖାର କରିଦେବେ । ସପନପଣ୍ଡା ସାଧୁଲୋକ ଭାବେ ଜଣାଶୁଣା । ସେ କାହିଁକି ମିଛ କହିବେ । କଥାରୁ କଥା ଡେଇଁ ଚାଲେ ଗାଁ ବରଗଛ ମୂଳରୁ କଆବୁଦା ଦେଇ ଗୁହାଳବାଟେ ଘର ଭିତରକୁ । ସ୍ତ୍ରୀଲୋକମାନେ କୁହାକୁହି ହେବାକୁ ଆରମ୍ଭ କରିଦିଅନ୍ତି ଗାଁ ବରଗଛ ମୂଳରେ ପ୍ରତ୍ୟକ୍ଷ ଦେବୀ ଆବିର୍ଭୂତା । ଗାଁର ବିଶିଷ୍ଟ ସାଧକ ସପନପଣ୍ଡାଙ୍କୁ ସ୍ୱପ୍ନରେ ଦେବୀ କହିଛନ୍ତି—ମନ୍ଦିର ନ ତୋଳିଲେ ଏ ଗାଁକୁ ଛାରଖାର କରିଦେବେ । ଆଗାମୀ ବିପଦର ଆଶଙ୍କାରେ ଗାଁବାଲାଏ ଛନିଆ । ମୁହଁରେ ବାହାସ୍ଫୋଟ ମାରୁଥିବା ଲୋକ ମନେମନେ କୃତାଞ୍ଜଳିପୁଟ ହୋଇ ନମସ୍କାର କରନ୍ତି ।

Digitized by srujanika@gmail.com

ଆସ୍ତେ ଆସ୍ତେ ଗାଁଯାକ ବ୍ୟାପିଯାଏ ଏଇ ଖବରଟି । ହଠାତ୍ ହନେ ଗାଁ-ଦାଣ୍ଡକୁ ଉଚ୍ଛୁଳାଇ ଶୁଭେ ଶଙ୍ଖ, ହୁଳହୁଳି ଶବ୍ଦ ଓ ଘଣ୍ଟାଧ୍ୱନି । ମା' କୁଟାମଚଣ୍ଡୀଙ୍କର ଆବିର୍ଭାବକୁ ସ୍ୱୀକାର କରି ଗ୍ରାମବାସୀମାନେ ନତଜାନୁରେ ପ୍ରଣାମ କରିବାକୁ ସଂକ୍ରାନ୍ତି ବା ଅମାବାସ୍ୟା ପାଳନ କରୁଥାନ୍ତି ।

ଏଇମିତି ତେତିଶରୁ ତେତିଶକୋଟିରେ ପହଞ୍ଚି ଯାଇଥାଏ ଦେବଦେବୀ ସଂଖ୍ୟା । ସମସ୍ତେ ଈଶ୍ୱରଙ୍କର ପ୍ରତିନିଧି । ମୁଁ ଭାବେ କାହାକୁ ବା ପୂଜା କରାଯିବ । ଭାଗ୍ୟ କେବଳ ଅକର୍ମୀଙ୍କ ପାଇଁ । କର୍ମକରୁଥିବା ବ୍ୟକ୍ତିପାଇଁ ଈଶ୍ୱରଙ୍କର ଆବଶ୍ୟକତାର ତାତ୍ପର୍ଯ୍ୟ ମୁଁ ବୁଝିପାରେନା । ଏଇଭଳି ମାନସିକ ଦ୍ୱନ୍ଦ୍ୱ ଭିତରେ ମୁଁ ନିଜକୁ ଜଗନ୍ନାଥ ମନ୍ଦିର ଭିତରେ ଆବିଷ୍କାର କଲି ।

ବହୁଦିନ ହେଲା ସେଠାକୁ ଆସିନଥାଏ । ପ୍ରାୟ ଚାରି ପାଞ୍ଚବର୍ଷ । ନଆସିବାର କାରଣ ମୋ ବୋଉର ମୃତ୍ୟୁ । ବୋଉର ଜଗନ୍ନାଥଙ୍କ ପ୍ରତି ଥିଲା ଅତୁଟ ଭକ୍ତି ଓ ସ୍ନେହ । କାଳିଆ ସାଆନ୍ତକୁ ନଦେଖିଲେ ତା'ର କାର୍ତ୍ତିକ ପୂର୍ଣ୍ଣିମାରେ ହବିଷ୍ୟ ପାଳନ ହେଉନଥିଲା । ପ୍ରତ୍ୟେକ ବର୍ଷ ମୋତେ ତାଗିଦା କରି କହିଦେଉଥିଲା ଯେମିତି ହେଉ ପଞ୍ଚୁକରେ ସେ ପୁରୀ ଯାଇ ଜଗନ୍ନାଥ ଦର୍ଶନ କରିବ । ତାଙ୍କର କୃପାରୁ ସେ ବହୁ ଦୁଃଖକଷ୍ଟରୁ ପାରିହୋଇ ପାରିଛି ଏବଂ ସବୁ ଜଞ୍ଜାଳକୁ ଅତିକ୍ରମରେ ସହିପାରୁଛି । ଜଗନ୍ନାଥଙ୍କ ପ୍ରତି ତା'ର ଏପ୍ରକାର ଭକ୍ତି ଓ ଶ୍ରଦ୍ଧା ଦେଖିଲେ ମୋତେ ବିସ୍ମୟ ଲାଗୁଥିଲା । ତାରି ଯୋଗୁ ମୋର ଜଗନ୍ନାଥ ଦର୍ଶନ ଘଟୁଥିଲା । ମୋ ହାତରେ ସେ ଦୀପ ଲଗାଇ ଗରୁଡ଼ସ୍ତମ୍ଭ ନିକଟରେ ହଜାର ହଜାର ଆଲୋକମାଳା ଭିତରେ ରଖିବାକୁ କହୁଥିଲା ।

ବୋଉ ମୋର ଅସ୍ମନକ ଚାଲିଗଲା । ତା'ର ଯିବା ବୟସ ହୋଇ ନଥିଲା । ସେ ଯେଉଁଦିନ ସେପୁରକୁ ମୋତେ ଅରକ୍ଷିତ କରି ଚାଲିଗଲା, ସେଦିନ କାର୍ତ୍ତିକ ଚତୁର୍ଦ୍ଦଶୀ ଥିଲା । ସକାଳ ହୋଇଥିଲେ ପୂର୍ଣ୍ଣମୀ ହୋଇଥାନ୍ତା । ମୋତେ ନେଇ ପୁରୀ ଯିବ ବୋଲି ବେଗଣଯ୍ୟାରେ ପଡ଼ି ମାନସିକ ପ୍ରସ୍ତୁତି ନେଇଥିଲା ।

Digitized by srujanika@gmail.com

ସେଇଦ୍ଵିନଠାରୁ ମୋର ଜଗନ୍ନାଥ ଦର୍ଶନ ବନ୍ଦ । ଈଶ୍ୱର ଦେବଦେବୀ ସମ୍ପର୍କରେ ମୋ ମନରେ ଉଠୁଥିବା ତେଜ ଏକ ପ୍ରଚଣ୍ଡ ଧକ୍କାଖାଇ ଚୂନ୍‌ଚୂନ୍ ହୋଇଗଲା । ମୋତେ ଲାଗିଲା ଏସବୁ ଭେଳକ ଓ ମାୟା । ତା' ଭିତରେ ବନ୍ଦୀ ମଣିଷଟି ନିଃସହାୟ ।

କିନ୍ତୁ ହଠାତ୍ ମୋତେ ଜଗନ୍ନାଥଙ୍କ ନିକଟକୁ ଆସିବାକୁ ହେଲା । ମୋ ପରିବାରରେ ବନ୍ଧୁବାନ୍ଧବ ଭିତରେ ଥିଲା ବ୍ରତୋପନୟନର କାର୍ଯ୍ୟ । ମୁଁ ସେମାନଙ୍କୁ ଜଗନ୍ନାଥ ବେଢ଼ା ମଧ୍ୟରେ ଅପେକ୍ଷା କରି ରହିଥିଲି ।

ଅନେକ ଲୋକଗହଳି ମୋ ପାଇଁ ଥିଲା ଅପରିଚିତ । ବାଇଶି-ପାହାଚ ଶେଷରେ ଏକଣା କଣରେ ମୁଁ ସ୍ଥାଣୁପରି ବସିରହି ଆଗନ୍ତୁକମାନଙ୍କୁ ଲକ୍ଷ୍ୟ କରୁଥିଲି । କେହି ମୋର ପରିଚିତ ନଥିଲେ; ମାତ୍ର ମୋତେ ଲାଗୁଥିଲା ଏମାନେ ସମସ୍ତେ ମୋର ପରିଚିତ, ଆପଣାର । ମୁଁ ସେଠାରେ ବସି ରହି ଦେଖୁଥିଲି ବ୍ରହ୍ମଚାରୀ ବେଶ ସାଜି ଗୋଟେ ଗୋଟେ ଅବୋଧ ବାଳକମାନେ ଜଗନ୍ନାଥଙ୍କ ପାଦତଳେ ମୁଣ୍ଡ ପାତିବାକୁ ଆସୁଥିଲେ । ବ୍ରହ୍ମଚାରୀମାନଙ୍କର ମେଳା ଲାଗିଥିଲା । ଲଣ୍ଡିତ ମୁଣ୍ଡ, ପାଟ ପିତାମ୍ବରୀ ପରିଧାନ, କାନ୍ଧରେ ଯଜ୍ଞୋପବୀତ, ହସ୍ତରେ ପୂର୍ଣ୍ଣଜଳକୁମ୍ଭ ଧରି ସେମାନେ ଆଗେଇ ଚାଲିଥିଲେ । ସେମାନଙ୍କର ବୟସ ନଅ ବା ଦଶବର୍ଷ ମଧ୍ୟରେ ଥିଲା ପ୍ରାୟତଃ ସୀମିତ । ସେମାନଙ୍କୁ ଜଗନ୍ନାଥଙ୍କ ଚରଣ ତଳେ ନତଜାନୁ ହୋଇ ପ୍ରଣାମ କରିବାକୁ କହି ପଣ୍ଡାମାନେ ସକଳ ଧନ, ପ୍ରତିଷ୍ଠା ଓ ଅର୍ଥ ତ୍ୟାଗିବାକୁ ମିନତି କରିବାକୁ କହୁଥିଲେ । ତ୍ୟାଗ କରିବାକୁ କହିବାକୁ ସେମାନଙ୍କ ନିକଟରେ ନଥିଲା ଭାଷା । ସେମାନେ ଯାହା ବୁଝୁଥାନ୍ତୁ ନା କାହିଁକି, ଫେରିବାବେଳେ ସେମାନଙ୍କର ମୁଖମଣ୍ଡଳ ଦୀପ୍ତିରେ ଝଲସି ଉଠୁଥିଲା । ପଣ୍ଡାମାନେ ଯଜମାନଙ୍କଠାରୁ ମୋଟା ଅର୍ଥ ଆଦାୟ କରୁଥିଲେ । ବ୍ରହ୍ମଚାରୀଙ୍କୁ ସେମାନେ ସଂସାରର ମଙ୍ଗଳଚିନ୍ତା ହାସଲ କରିବାକୁ ଜଗନ୍ନାଥଙ୍କଠାରୁ ଆଶୀର୍ବାଦ ଦେଇ ପାରିଥିବା ହେତୁ ଆତ୍ମତୃପ୍ତି ଲଭୁଥିଲେ । ମୋତେ ଅନୁଭବ ହେଉଥିଲା ଏଇ ଆଗାମୀ ବଂଶଧରମାନଙ୍କ ହାତରେ ଆମର ଭବିଷ୍ୟତ । ସେମାନଙ୍କ ସ୍ୱାହାଣିରେ ମୋତେ ଯେ ପ୍ରତ୍ୟୟ ଲାଗୁନଥିଲା ।

ସେଇ ପାହାଚ ଉପରେ ବସିରହି ମୁଁ ଦେଖୁଥିଲି ଗୋଟିଏ ଗରିବଣା ପିଲାଟିଏ । ସାଙ୍ଗରେ ତା'ର ବାପ ଓ ମା । ସୁଦୂର ମଫସଲ

Digitized by srujanika@gmail.com

ଗାଁରୁ ଆସିଥିବା ପରି ମନେହେଉଥାଏ । ପିଲକୁ ପାହାଚରେ ଗଡ଼ାଇ ତଳ ପାହାଚ ପର୍ଯ୍ୟନ୍ତ ନେଇଯିବାର ଚେଷ୍ଟା କରୁଥିଲେ । ବେଗଣା ପିଲଟା ରହି ରହି ଜୋର୍‌ରେ ଚହିଁକ ଉଠୁଥିଲା । ପାହାଚରେ ଗଡ଼ିବାବେଳେ ତା ଦେହରେ ଧୂଳିମାଟି ଲଗୁଥିଲା । ଆଣ୍ଠୁ ଖଣ୍ଡି ଆହୋଇ ରକ୍ତ ବାହାରୁଥିଲା । ସେଇ ପାହାଚ ଥିଲା ଅନେକ ଦର୍ଶନାର୍ଥୀ ଭକ୍ତମାନଙ୍କର ଚଲପଥ । ଏଇ ପାହାଚରେ ଗଡ଼ିଗଲେ ସବୁ ଦୁଃଖ, ରୋଗ, ଶୋକ ଓ ସନ୍ତାପ ଦୂର ହୋଇଯାଏ ବୋଲି ଥିବା ବିଶ୍ୱାସ କଥାକୁ ସ୍ତ୍ରୀଲୋକଟି ତା'ର ସ୍ୱାମୀକୁ ବୁଝାଇ ଚାଲିଥାଏ । ମନରେ ଅନେକ ଆଶା ପିଲଟା ଭଲ ହୋଇଯିବ । ତାଙ୍କ ସୁଖସ୍ୱପ୍ନର ପ୍ରତୀକ ସେ । ଏଇଥିପାଇଁ ସେମାନେ ଏତେ ଦୂରରୁ ଧାଇଁ ଆସିଛନ୍ତି । ସେମାନଙ୍କ ନିକଟରେ ନାହିଁ ବିଶେଷ ଅର୍ଥ । ସେଇ ଖର୍ଚ୍ଚ ଭୟରେ ତ ସେମାନେ ଜଗନ୍ନାଥଙ୍କ ଚରଣ-ତଳେ ଆଶ୍ରା ନେବାକୁ ଦୌଡ଼ି ଆସିଛନ୍ତି ।

ପଣ୍ଡା ଦାବିଦା କରିବାକୁ ଆରମ୍ଭ କରି ଦେଇଥିଲେ ଟଙ୍କା ଦେବା ପାଇଁ । ଜଗନ୍ନାଥ ମନ୍ଦିର ପାହାଚରେ ଗଡ଼ାଇଲେ କିଛି ଖର୍ଚ୍ଚ କରିବାକୁ ହୋଇଥାଏ । ପତ୍ନୀ ଚାହୁଁଥିଲା ତା'ର ପତିକୁ । ସେମାନେ କ'ଣ ଏତେ ଟଙ୍କା ଦେଇପାରିବେ । ସେତେବେଳକୁ ପିଲଟାକୁ ପାହାଚରେ ଗଡ଼ାଇସାରିଥିଲେ । ପଣ୍ଡାଙ୍କ ସହିତ ଯୁକ୍ତିକରି ଲାଭ କ'ଣ । ପଣ୍ଡାଙ୍କୁ ଟଙ୍କା ନ ଦେଲେ ବା ଅଳ୍ପ ଦେଲେ ସେମାନେ ଅସନ୍ତୁଷ୍ଟ ହେବେ । ହୁଏତ ପିଲଟାର ଅମଙ୍ଗଳ ହୋଇପାରେ । ଅଜଣା ଭୟରେ ଶିହରି-ଉଠିଲେ ସ୍ୱାମୀ ସ୍ତ୍ରୀ ଦୁହେଁ । ପଣ୍ଡାଙ୍କ ପାଦତଳେ ପଡ଼ି ଅତ୍ୟନ୍ତ ବିନୟର ସହିତ ଆଣିଥିବା ଅର୍ଥକୁ ତାଙ୍କ ହାତରୁ ଟେକିଦେଲେ । ମୁଁ ସେମାନଙ୍କୁ ଚାହିଁଥାଏ । ମୋର ଆଖି ଲାଗିଥାଏ ପାହାଚଗୁଡ଼ିକ ଉପରେ ।

ମୁଁ ଦେଖୁଥିଲି ସେଇ ପାହାଚ ଉପରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା କାର୍ଯ୍ୟରେ ଯଜମାନଙ୍କ ସହିତ ପଣ୍ଡାମାନେ ବ୍ୟସ୍ତ । କେବଳ ଅର୍ଥକୁ ଟଙ୍କା କାଢ଼ିବା ନେଇ କଥା । କେତେ ଦେଲେ କ'ଣ କ'ଣ ଆସିବ, ତା'ର ତାଲିକା ମୁହେଁ ମୁହେଁ ପ୍ରସ୍ତୁତ କରି ପଣ୍ଡା ମହାଶୟ ଜନିଷ ଧରି ଆସୁଥିଲେ । ପିଣ୍ଡଦେବା କାର୍ଯ୍ୟ ଆରମ୍ଭ ହୋଇ ଯାଇଥିଲା । ମୋ

Digitized by srujanika@gmail.com

ଆମ୍ନାରେ ବସିରହ୍ନ ବୁଢ଼ାବୁଢ଼ୀ ଦୁଇଟି ସେମାନଙ୍କର ମା'ଙ୍କ ଉଦ୍ଦେଶ୍ୟରେ ପିଣ୍ଡ ତର୍ପଣ କରୁଥିଲେ । ବୟସ ଭାରରେ ନଇଁପଡ଼ିଥିଲେ ଦୁହେଁ । ହାତରେ ଥିବା କେରପାଲର ବ୍ୟାଗ୍ ଭିତରୁ କେଉଁଗୃହେବ ହୋଇ ରହିଥିବା ପାଞ୍ଚଟଙ୍କିଆ ନୋଟଟିକୁ ବୁଢ଼ୀ ଠେଲିଦେଇ ପୁରୋହିତଙ୍କ ଉଦ୍ଦେଶ୍ୟରେ କହିବାକୁ ଲାଗିଲା, "ଏତକରେ ଚଳେଇ ଦିଅ ମ, ଆମେ କ'ଣ ବା ତୁମକୁ ଦେଇପାରିବୁ । ଶାଶୁଙ୍କୁ ପିଣ୍ଡ ଦେବାକୁ କେତେ ଆଶା ନେଇ ବହୁ ଦୂରରୁ ଆସିଛୁ । ବସ୍‌ରେ ପୁଣି ଫେରିଯିବାକୁ ହେବ । ଆଉ କେଉଁଠୁ ପଇସା ପାଇବୁ । ଏତକ ଦକ୍ଷିଣା—ଢେର୍ ହେଲାଣି ।" ପୁରୋହିତ ଥିଲେ ନଚ୍ଛୋଡ଼ବନ୍ଧା । ଅତ୍ୟନ୍ତ ବିରକ୍ତିରେ ସେ କହିବାକୁ ଆରମ୍ଭ କଲେ, "ଖାଲିହାତରେ ପିତୃପୁରୁଷ ବୈକୁଣ୍ଠକୁ ଯିବେନାହିଁ । ପୁରୋହିତଙ୍କୁ ଶାନ୍ତକଲେ ପିଣ୍ଡଦାନର ଫଳ ମିଳେ । ତୁମେ ଯଦି ଦକ୍ଷିଣା ଦେଇ ନ ପାରିବ, ତେବେ ଏଠାକୁ ଆସୁଥିଲ କାହିଁକି ? ଏଠାରେ ମୋଫତରେ ଧର୍ମ ଅର୍ଜନ ହୁଏ ନାହିଁ । ଜଗନ୍ନାଥଙ୍କର କରୁଣା କ'ଣ ପାଞ୍ଚଟଙ୍କାରେ ମିଳିଯିବ ।"

ପଣ୍ଡାଙ୍କର ଏ କଥାରେ ବୁଢ଼ୀ ଆଖିରେ ଲୁହ ଭରିଯାଇଥାଏ । ଅଣ୍ଟାରୁ ଅଧିକ ଖୁଜିକ କରି ଟଙ୍କାଟିଏ ବାହାର କଲା ବୁଢ଼ୀ । "ଏତକ ନିଅ, ବହୁ କଷ୍ଟରେ ସଞ୍ଚିକରି ଏତକ ଧରି ଏଠାକୁ ଆସିଥିଲୁ" କହି ମୁଣ୍ଡରେ ଓଢ଼ଣାକୁ ଟାଣିଦେଇ ନତଜାନୁ ହୋଇ ନମସ୍କାର କଲା । ବୁଢ଼ା ତା ଦେଖାଦେଖି । ପୁରୋହିତ ସେତେବେଳକୁ ଚାଉଳ, ଗୁଆ ଇତ୍ୟାଦିକୁ ଲୁଗାକାନିରେ ବାନ୍ଧି ସାରିଥିଲେ ଏବଂ ଦକ୍ଷିଣା ଟଙ୍କାକୁ ଅଣ୍ଟିରେ ଖୋସି ହାତରେ ଅକ୍ଷତ ଧରି ସବୁ ଅରିଷ୍ଟ ଖଣ୍ଡନ ହୋଇ ଯାଉଜାଗା ହୁଅ ବୋଲି କଲ୍ୟାଣ କରିବାକୁ ଆରମ୍ଭ କରିଦେଇଥିଲେ । ମୁଁ ଚାହିଁରହିଥିଲି ସେହି ବୃଦ୍ଧ ଦମ୍ପତିଙ୍କୁ । ବୟସ ୭୦/୮୦ ପାଖାପାଖି । ସେମାନଙ୍କ ମନରେ ପିତୃପୁରୁଷଙ୍କ ଋଣର ଭାର । ତାକୁ ଶୁଝାଇବାକୁ ଜଗନ୍ନାଥ ମନ୍ଦିରରେ ପିଣ୍ଡଦାନ । ପିତୃପୁରୁଷ କେତେବର୍ଷରୁ ଏ ପୁରରୁ ସେପୁରକୁ ଗଲେଣି । ପୁଣି ଜନ୍ମ ହୋଇଥିବେ କି ନାହିଁ ତାହା କାହାକୁ ବା ଜଣା । କିନ୍ତୁ ସେମାନଙ୍କର ସନ୍ତାନ ଜଗନ୍ନାଥ ଦେଉଳର ପାହାଚରେ ଆଜିପର୍ଯ୍ୟନ୍ତ ଅରୁଆଚାଉଳ ଓ ପଇସା ଦେଇ ଶ୍ରାଦ୍ଧ କରୁଛି ଏବଂ ପୁରୋହିତର ତାଗିଦା

Digitized by srujanika@gmail.com

ଭିତରେ ନେଉଳି-ଛେଉଳି ହୋଇ କାକୁତିମିନତି କରି ରକ୍ଷା ପାଇବାକୁ ଚେଷ୍ଟା କରୁଛୁ ।

ଜଗନ୍ନାଥ ଦେଉଳକୁ ଯିବାବେଳର ପାହାଚ ଏଗୁଡ଼ିକ । ବଡ଼ ବଡ଼ ଚଉଡ଼ା ଲମ୍ବା ପାହାଚରେ ଧାଡ଼ି ଧାଡ଼ି ହଜାର ହଜାର ଯାତ୍ରୀ । ଜଗନ୍ନାଥଙ୍କୁ ଦେଖିବେ, ଚକାଡୋଳାଙ୍କୁ ଦର୍ଶନ କରି ଏ ଜନ୍ମରେ, ଇହ ଜନ୍ମରେ, ଆଉ ଜନ୍ମର ସବୁ ପାପକୁ ଦୂର କରିବେ । ଚକାଡୋଳା ସର୍ବ-ନିୟନ୍ତା, ସର୍ବବ୍ୟାପକ । ତାଙ୍କ କରୁଣା କଟାକ୍ଷରେ ପଙ୍ଗୁ ସିନ୍ଧୁ ଲଂଘନ କଲାପରି ଭକ୍ତମାନେ, ଦର୍ଶକମାନେ ଏ ଭବସିନ୍ଧୁରୁ ତରିଯିବେ । ଏଇ ଆଶା ଓ ବିଶ୍ୱାସରେ ଦଳ ଦଳ ମାଡ଼ିଚାଲିଥିଲେ ।

ମୁଁ ପ୍ରତ୍ୟେକ ଦର୍ଶକଙ୍କୁ, ଆଗନ୍ତୁକମାନଙ୍କୁ ଗଭୀର ନିରୀକ୍ଷଣ କରୁଥିଲି । ସେମାନଙ୍କ ଆଖି ଭିତରେ ଦେଖୁଥିଲି ଅନେକ ଆଶାର ଜ୍ୟୋତି, ଆତ୍ମପ୍ରତ୍ୟୟ ବହ୍ନିର ଲେଲିହାନ ଶିଖା । ମୋତେ ଲାଗୁଥିଲା ଜଗନ୍ନାଥ ଯେମିତି ସମସ୍ତଙ୍କର ଅଭୟଦାତା, ତ୍ରାଣକର୍ତ୍ତା । ବାଇଶି ପାହାଚର ଚଉଡ଼ା ଛାତି ଉପରେ ଘଟିଥିବା ଘଟଣାର ସାକ୍ଷୀ ଥିଲା ବାଇଶି ପାହାଚ । କେତେକାଳୁ ସେ ଏଇମିତି ଜଳଜଳ ଆଖିରେ ଭକ୍ତମାନଙ୍କୁ ଦେଖୁଥିଲା, ସମ୍ଭାଳୁଥିଲା । ଇତିହାସ ସିନା କହିପାରିବ ତା'ର ସମୟ; ମାତ୍ର ଅନ୍ୟ କାହା ନିକଟରେ ସେ ସମୟର ହିସାବ ନଥିଲା । ମୁଁ ସେହି ସମୟ ଚକ୍ର ଭିତରେ ଏକ ପରିଧି ଥିଲି । ସମୟ ଖୁବ୍ ଜୋର୍‌ରେ ଘୂରୁଥିଲା ଓ ମୁଁ ତା ଭିତରେ ଘୂରୁଥିଲି । ମୋ ନିକଟରେ ପ୍ରଶ୍ନ କରିବାକୁ ବେଳ ନଥିଲା । ମୁଁ କେବଳ ଘଟଣା ଓ ଚରିତ୍ରମାନଙ୍କୁ ମନେପକାଇ ଇତିହାସର ପୃଷ୍ଠାକୁ ଲେଉଟାଇବାକୁ ଚେଷ୍ଟା କରୁଥିଲି । ଦାରୁବ୍ରହ୍ମ ଜଗନ୍ନାଥଙ୍କର ଅନେକ ରୂପର କାହାଣୀ କିମ୍ବଦନ୍ତୀରେ ପରିଣତ ହୋଇ ଇତିହାସର ପୃଷ୍ଠାକୁ ମଣ୍ଡନ କରୁଛି । ମୁଁ ସେହି ଇତିହାସ ଭିତରେ ସୂତ୍ରଭିତ୍ତିକରଣ କରୁଥିଲି ଏ ଜାତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ । ମୂକ-ସାକ୍ଷୀ ଥିଲା ବାଇଶି ପାହାଚ । ମୋତେ ଲାଗୁଥିଲା ଅନେକ ଅନେକ ଦୁଃଖଯନ୍ତ୍ରଣାରେ ବାଇଶି ପାହାଚ ନିର୍ଜୀବ । ମନ୍ଦିରର ହୋହାଲ୍ଲା କେବଳ କ୍ଷଣିକ । ଧୂପ, ଦୀପ, ନୈବେଦ୍ୟ ଭିତରେ ତାମସିକତାର ବ୍ୟାପକତା

Digitized by srujanika@gmail.com

କେବଳ ଅର୍ଥ ଉପାର୍ଜନ ପାଇଁ ଉଦ୍ଦିଷ୍ଟ । ଭକ୍ତ ଓ ଭଗବାନ ମଧ୍ୟରେ ଠିଆ ହୋଇଛି ଏକ ବିରାଟ ପ୍ରାଚୀର । ସେଇ ପ୍ରାଚୀରକୁ ଭାଙ୍ଗିବା କେବଳ ଦିବାସ୍ୱପ୍ନ ।

ଧୀରେ ଧୀରେ ମୁଁ ତଳକୁ ପାହାଚ ପରେ ପାହାଚ ଅତିକ୍ରମ କରି ଓହ୍ଲାଇବାକୁ ଲାଗିଲି । ମୋତେ ଲାଗୁଥିଲା ଜଗନ୍ନାଥ ମନ୍ଦିରର ବୃତ୍ତାନ୍ତ କେବଳ ଇତିହାସ ଓ କିମ୍ବଦନ୍ତୀ ମଧ୍ୟରେ ବନ୍ଦୀ । ସମସ୍ତ ସହିତ ପରିବର୍ତ୍ତନରେ ନୂତନତା ଖୋଜି ପାଇବା ବୃଥା ।

ମୋ ମନରେ ଯେତିକି ଅସମାଧିତ ପ୍ରଶ୍ନ ଲାଗି ରହିଥିଲା । ମୁଁ କେତେଣି ପାହାଚ ଦେଇ ତଳକୁ ଓହ୍ଲାଇ ଆସୁଥିଲି ।

●

Digitized by srujanika@gmail.com

ମନ୍ତ୍ର

ସନାତନ ଗୁଳିଥିଲା । ଗୁଳି ଗୁଳି ଥକିପଡ଼ିବା ଅବସ୍ଥାକୁ ଆସି-ଯାଇଥିଲା । ତଥାପି ଶକ୍ତି ସଞ୍ଚୟ କରି ଗୁଳିଥିଲା ସେ । ଏଇମିତି କେତେଥର ସେ ଗୁଳିଲାଣି । ଇଣ୍ଟରଭ୍ୟୁ ଦେବାକୁ ଆସିଲାଣି । ମାତ୍ର ଗୁକିରି ତା' ଭାଗ୍ୟରେ ଜୁଟୁନି । କେତେ ଇଣ୍ଟରଭ୍ୟୁ ସେ ଦେବ ଯେ । ସେଇ ଗୋଟିଏ ପ୍ରଶ୍ନ—"ତୁମର ନାଁ କ'ଣ ? ବି. ଏ. ପାସ୍ କରି ଏ ପର୍ଯ୍ୟନ୍ତ କୌଣସି ଗୁକିରି ପାଇ ନାହଁ, ସାତବର୍ଷ ହେଲାଣି । ପରୀକ୍ଷାରେ ଭଲ ନମ୍ବର ରଖିଛ । ବ୍ରାଇଟ୍ କ୍ୟାରିୟାର ଥିଲା । ତଥାପି କେହି ସିଲେକ୍ଟ କରୁନାହାନ୍ତି ।"

ଏ କଥା ଶୁଣିବା ମାତ୍ରେ ତା' ଆଖି ଲୁହରେ ଛଳଛଳ ହୋଇଯାଏ । ଏମାନେ କପରି ଜାଣିବେ ତା'ର ଦୁଃଖ । କେତେ କଷ୍ଟ ତା'ର ପାଠ ପଢ଼ିବା ପାଇଁ । ଆଖି ଆଗରେ ଥିଲା ତା' ପାଇଁ ସେଇ ଗୋଟିଏ ଲକ୍ଷ୍ୟ—ତାକୁ ଆଗେଇବାକୁ ହେବ । ସେହି ଆହ୍ୱାନ ଥିଲା ତା'ର ପିଲାଦିନର ଆହ୍ୱାନ । ସେତେବେଳେ ସେ ପଞ୍ଚମ ଶ୍ରେଣୀର ଛାତ୍ର । ଶ୍ରେଣୀରେ ପ୍ରଥମ ହୋଇଥିବା ହେତୁ ତାକୁ ବହିଟିଏ ମିଳିଥାଏ । ତାହା ତା'ର ମନକୁ ଛୁଇଁଥିଲା । ସେହି ହେତୁ ପିଲାଦିନେ ତା' ବାପାକୁ ମଶାଣିକୁ ନେବାବେଳେ ସେ ବେଶି କାନ୍ଦି ନଥିଲା, କାନ୍ଦି ପାରିନଥିଲା । ସେ ଜାଣିଥିଲା ତା' ପିଲା ମନରେ, ତା' ବାପା ଶୋଇପଡ଼ିଛି, ଆଉ ଉଠିବ ନାହିଁ । କେହି ଉଠନ୍ତି ନାହିଁ । ତାକୁ ତା' ବାପା ଶିଖାଇ ଦେଇଥିଲା । ପିଲାଦିନେ ଯେବେ ସେ ତା'ର ମା କଥା ପଚାରେ, ତା'ର ଉତ୍ତରରେ ସେ କେବଳ ପାଇଥିଲା ଗୋଟିଏ କଥା—"ବାପରେ, ମା' ତୋର ଶୋଇପଡ଼ିଛି, ସେ ଆଉ ଉଠିବ ନାହିଁ ।" ବାପା ତାକୁ ବାରମ୍ବାର ଏଇ କଥା କହିବାବେଳେ

Digitized by srujanika@gmail.com

ତାଙ୍କ ଆଖି ଲୁହ ଛଳଛଳ ହୋଇଯାଏ । ସେଇ ବାପାଙ୍କର ସ୍ନେହ ଭିତରେ ସେ ମା'କୁ ପାଇଥିଲା । ବାନ୍ଧ ହୋଇପଡ଼ିଥିଲା ତାଙ୍କ ସହିତ । ହଠାତ୍ ଦିନେ ବାପା ତାକୁ ଛାଡ଼ି ଚାଲିଗଲେ । ତା' ବାପା ବଞ୍ଚିଥିବାବେଳେ ତାକୁ କହିଥିଲେ ସଂସାରରେ ବଞ୍ଚିବାକୁ ହେଲେ ଉଠ, ଜାଗ, ପାଇବା ପର୍ଯ୍ୟନ୍ତ ଆଗକୁ ମାଡ଼ିଚାଲ । ତେଣୁ ସେ ଆଗକୁ ମାଡ଼ିଚାଲିଥିଲା । ବାରମ୍ବାର ପଡ଼ିଉଠି ଆଗେଇ ଯାଇଥିଲା । ରାସ୍ତାକଡ଼ ଆଲୁଅ, ଟିଉବ୍‌ୱେଲ୍ ପାଣି, ସ୍କୁଲବାରଣ୍ଡା ତା'ର ଅତି ପରିଚିତ ଥିଲେ । ସେମାନେ ଥିଲେ ତା'ର ସାଙ୍ଗ । କେହି ତାକୁ ଆକଟିବାକୁ ନଥିଲା । ଖୋଜିବାକୁ ନଥିଲା ମଧ୍ୟ । ତା'ର ରହିବା ଓ ନରହିବା ଭିତରେ କାହାର କିଛି ଯାଉଆସୁ ନଥିଲା । ତା ବାପାର ସେହି ଉପଦେଶ ତା' ଛାତି ଭିତରେ ଗୋଟିଏ ଜାଗା କରି ନେଇଥିଲା ଏ ସମସ୍ତ ଭିତରେ । ତେଣୁ ସେ ସ୍କୁଲ ବାରଣ୍ଡାରେ ରାତିରେ ଶୋଇଗଲାବେଳେ ନିଶ୍ଚିନ୍ତ ମନରେ ଶୋଇ-ପାରୁଥିଲା ।

ବାରମ୍ବାର ପଡ଼ି ଉଠି ଝୁଣ୍ଟି କ୍ଷତବିକ୍ଷତ ହୋଇ ସେ ଆଗକୁ ମାଡ଼ି ଚାଲିଥିଲା । ଏକନିଷ୍ଠ ଭାବରେ ସେହି ବାକ୍ୟଟିକୁ ବାରମ୍ବାର ସେ ମନେ ମନେ କହୁଥିଲା । ସେଇ ବାକ୍ୟର ଆହ୍ୱାନ ତାର ମନକୁ ଶକ୍ତ କରିଥିଲା । ପାଠ ପଢ଼ି ବଡ଼ ମଣିଷ ହେବାର ସଂକଳ୍ପରେ ସେ ନିଜକୁ ଦୃଢ଼ ରଖିଥିଲା । ମାଟ୍ରିକ୍ ପାସ୍ କଲାବେଳେ ଶ୍ରେଣୀ ସହପାଠୀମାନେ ବାହାବା କଲେ । ମାଷ୍ଟର ପିଠି ଥାପୁଡ଼େଇ କହିଲେ, "ତୁମେ ଆମ ବିଦ୍ୟାଳୟର ନାଁ ରଖିଲ । ଆଗକୁ ତୁମର ଉଜ୍ଜ୍ୱଳ ଭବିଷ୍ୟତ ।" ସେ ପୁଣି ଆଗକୁ ମାଡ଼ିଗଲା । ବି. ଏ. ପାସ୍ କଲା ଦିନ ଖବରକାଗଜରେ ତା ନାଁକୁ ଦେଖି ସେ ଚମକି ପଡ଼ିନଥିଲା ବା ଖୁସି ହୋଇନଥିଲା । ସମସ୍ତେ ତାକୁ ଘେରିଯାଇ 'ମିଠେଇ ଦିଅ' ବୋଲି ଦାବି କରିଥିଲେ । ମାତ୍ର ସେ ପାସ୍ କରିବାର ଆନନ୍ଦକୁ ଚୁପ୍‌ଚାପ୍ ଉପଭୋଗ କରୁଥିଲା । ତା ମନରେ ସେହି ଗୋଟିଏ ଆହ୍ୱାନ ଥିଲା ଆଗକୁ ମାଡ଼ିଚାଲ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ।

ସେ ଆଗକୁ ମାଡ଼ିଚାଲିଥିଲା । ତେଣୁ ବାରମ୍ବାର ଚାଲି ଚାଲି ଥକିପଡ଼ିଲେ ବି ସେ ପୁଣି ଚାଲୁଥିଲା । ଚାଲିବାର ଯେପରି ଶେଷ ନଥିଲା

Digitized by srujanika@gmail.com

ତା ପାଇଁ । ସେ ଚାକିରି ଖଣ୍ଡିଏ କରି ତାର ଲକ୍ଷ୍ୟ ପଥରେ ଆଗେଇବ ଏଇ ଉଦ୍ଦେଶ୍ୟରେ ସମସ୍ତଙ୍କୁ ଅନୁରୋଧ କରୁଥିଲା ଚାକିରିଟିଏ ପାଇଁ । ଇଣ୍ଟରଭ୍ୟୁ ବୋର୍ଡ଼ରେ ଥିବା ସଭ୍ୟମାନେ ଅତ୍ୟନ୍ତ ସଦୟ ହୋଇ-ଉଠୁଥିଲେ ମାତ୍ର ଚାକିରି ତା ହାତମୁଠାକୁ ଆସୁନଥିଲା । ସମସ୍ତଙ୍କର ଯେଉଁ ଗୋଟିଏ ପ୍ରଶ୍ନ ଥିଲା, "ତୁମେ ବି. ଏ.ରେ ଏତେ ସୁନ୍ଦର ରେଜଲ୍ଟ କରି ଏପର୍ଯ୍ୟନ୍ତ ଚାକିରି ପାଇନାହଁ କାହିଁକି ? ତୁମପରି ଟ୍ୟାଲେଣ୍ଟ ପିଲା ବହୁତ କମ୍ ମିଳନ୍ତି ।" କିନ୍ତୁ କେହି ଚାକିରି ଦେଇ ନଥିଲେ । ସେ କିନ୍ତୁ କାହାରି କୃପାଭିକ୍ଷୁ ନଥିଲା । ଇଣ୍ଟରଭ୍ୟୁ ବୋର୍ଡ଼ର ସମବେଦନା କେବଳ ଥିଲା ସମ୍ବଳ । ସେ ନିରୁତ୍ସାହିତ ନଥିଲା ବା ମ୍ରିୟମାଣ ହୋଇପଡ଼ୁନଥିଲା । କାହାରି ସମବେଦନାକୁ ସେ ଘୃଣା କରୁଥିଲା । ସେ ଜାଗ୍ରତ ଥିଲା ସଦା-ସର୍ବଦା । ଇଣ୍ଟରଭ୍ୟୁ ବୋର୍ଡ଼କୁ ଲକ୍ଷ୍ୟ କରି ଥରେ ସେ ପ୍ରଶ୍ନ କରିଥିଲା, "ଆପଣ ମୋତେ ଯେଉଁ ପ୍ରଶ୍ନମାନ ପଚାରୁଛନ୍ତି, ତାର ମୂଲ୍ୟ କ'ଣ ? ଆପଣମାନେ ଜାଣନ୍ତି ମୋର କ୍ୟାରିୟର । ଆପଣମାନଙ୍କ ସାମନାରେ ତାର ସ୍ୱଭାବର ସନ୍ଧି ମେଲ୍‌ହୋଇ ପଡ଼ୁଛି । ଯଦି ଆପଣମାନେ ଧୈର୍ଯ୍ୟ ଓ ନିରପେକ୍ଷର ସହ ବିଚାର କରିବେ, ତେବେ ମୋତେ ଏ ଚାକିରିଟି ଦେବେ । ମାତ୍ର ତାହା ଆପଣମାନେ କରିବେ କି ନାହିଁ ଆପଣଙ୍କ ଉପରେ ନିର୍ଭର କରେ ।" ଏଇମିତି କେତେଥର କେତେ ପ୍ରଶ୍ନର ଉତ୍ତର ସେ ଦେଇଛି; କିନ୍ତୁ ଚାକିରି ପାଇନାହିଁ ।

ସନାତନ ଇଣ୍ଟରଭ୍ୟୁ ରୁମ୍‌ରୁ ବାହାରି ଆସି ଭାବୁଥିଲା ଏଇ କଥା । ବୋର୍ଡ଼ର ଚେୟାରମ୍ୟାନ ବୟସ୍କ ଭଦ୍ରବ୍ୟକ୍ତି । ଅଳ୍ପଦିନ ପରେ ସେ ରିଟାୟାର୍ଡ଼ ହେବେ । ଆଇ. ଏ. ଏସ୍. ଅଫିସର । ଆଇ. ଏ. ଏସ୍.ମାନେ ସବୁକିଛି ଜାଣିଥିବା ଲୋକ । ସଂସାରର ଅଙ୍କାବଙ୍କା ରାସ୍ତାକୁ ଠିକ୍ କରି ଚଳାଇବା ଲୋକ ।

ସନାତନ ତାକୁହିଁ ଏଇକଥା କହିଥିଲା । ତାର ମନରେ ବାରମ୍ବାର ପ୍ରଶ୍ନମାନ ଉଠି ପୁଣି ମିଳାଇଯାଉଥିଲା—"କାହିଁକି ତାର ଏତେ ସୁନ୍ଦର କ୍ୟାରିୟର ଥାଉ ଥାଉ ସେ ଚାକିରି ପାଉନାହିଁ ? ଚାକିରି ମିଳିବା ପାଇଁ କ'ଣ ଅଧିକା ଯୋଗ୍ୟତା ଦରକାର ?"

Digitized by srujanika@gmail.com

ସନାତନ ଇଣ୍ଟରଭ୍ୟୁରୁ ଫେରି ବାରମ୍ବାର ଏହା ଭାବୁଥିଲା । ସେ ଭାବୁଥିଲା ସେ ରିଭୋଲ୍ଟ କରିବ ସମାଜର ଏଇ ବ୍ୟବସ୍ଥା ଉପରେ । ମାତ୍ର କିଏ ଶୁଣିବ ତାର ରିଭୋଲ୍ୟୁସନର ବାର୍ତ୍ତା ? କାହାକୁ ସେ କହିବ ? ଥକପଡ଼ି ଉଠି ଚାଲୁଥିବା ମଣିଷଟି ବାରମ୍ବାର କ'ଣ ସମାଜ ବିରୁଦ୍ଧରେ ରିଭୋଲ୍ଟ କରିପାରିବ ?

ତା'ର ସାଙ୍ଗ ଅବିନାଶ ବର୍ତ୍ତମାନ ଆଇ. ଏ. ଏସ୍. ଅଫିସର । ଜଣକ ପରେ ଜଣେ ସହପାଠୀମାନେ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହେଲେଣି କାରଣ ତାଙ୍କର ବାପାମାନେ ସମାଜର ପ୍ରତିଷ୍ଠିତ ମର୍ଯ୍ୟାଦାବାନ୍ ବ୍ୟକ୍ତି । ସେମାନଙ୍କୁ ଇଣ୍ଟରଭ୍ୟୁରେ ପଚରାଯାଏନି ତାଙ୍କର କ୍ୟାରିୟାର । ତାଙ୍କ ବାପାଙ୍କର ଷ୍ଟାମ୍ପ ହିଁ ଯଥେଷ୍ଟ । କେବଳ ସନାତନ ପରି ଅନେକ ବାରମ୍ବାର ଇଣ୍ଟରଭ୍ୟୁ ଦିଅନ୍ତି । ସେମାନଙ୍କ ପାଇଁ ଥାଏ ଗୋଟିଏ ଉତ୍ତର, "ତୁମେ ଚେଷ୍ଟାକର ।"

ସେ ଚେଷ୍ଟା କରୁଥିଲା । ଗୋଟିଏ ଗୋଟିଏ ଇଣ୍ଟରଭ୍ୟୁ ଦେବା-ପାଇଁ ଅଯଥା କେତେ ଖର୍ଚ୍ଚ । ପୋଷ୍ଟାଲ ଅର୍ଡ଼ର କିଣ, ଫର୍ମ ପୂରଣ କର । ରେଜେଷ୍ଟ୍ରୀ ଡାକରେ ପଠାଅ, ଇଣ୍ଟରଭ୍ୟୁ ଦେବାକୁ କଟକ ବା ଭୁବନେଶ୍ୱର ଯାଅ । କାହିଁକି ଏ ପ୍ରହସନ ? ଚାକିରି···ଚାକିରି···ଚାକିରି । ସନାତନ ଭାବୁଥିଲା ତେବେ ଜୀବନରେ ବଞ୍ଚିରହିବାର ମୂଲ୍ୟ କ'ଣ ? ବଞ୍ଚିବାର ମୂଲ୍ୟ କ'ଣ କେବଳ ଚାକିରି ? କାହିଁକି ସେ ବଞ୍ଚିଛି ଏତେ ଦିନ-ଧରି । କାହିଁକି ସେ ସଂଗ୍ରାମ କରୁଛି ବାରମ୍ବାର । ବୋଧହୁଏ ବଞ୍ଚିବା ମଣିଷର ଜନ୍ମଗତ ଅଧିକାର । ବଞ୍ଚିବା ନଥିଲେ ଜୀବନର କିଛି ମୂଲ୍ୟ ନଥାନ୍ତା । ବଞ୍ଚିବା ପାଇଁ ସେ ରିଭୋଲ୍ଟ କରିବ । କେହିତ ବୁଝିବେ ତା'ର ଏକଥା । ଗଣତନ୍ତ୍ର ରାଷ୍ଟ୍ରରେ ସମସ୍ତଙ୍କର ସମାନ ଅଧିକାର । ତାକୁ ତା'ର ଏଇ ମୌଳିକ ଅଧିକାର କେହି ଛଡ଼ାଇ ନେଇପାରିବ ନାହିଁ । ତା'ର ଜନ୍ମଗତ ଏଇ ଅଧିକାରକୁ ସେ ହାସଲ କରିବ ।

ସନାତନ ପୁଣି ଭାବିଲା । ସେ କ'ଣ ଏକା । ଆଉ କେହି କ'ଣ ତା' ସାଙ୍ଗରେ ବାହାରିବେ ନାହିଁ । ତା'ର ବିଶ୍ୱାସ କେହି ନିଶ୍ଚୟ ବାହାରିବେ । ସେ ଆଗକୁ ମାଡ଼ିଚାଲିବାରେ ବିଶ୍ୱାସ କରିଛି ।

Digitized by srujanika@gmail.com

କେତେଦିନ ଏହି ବେକାରି, କେତେଦିନ ଦୁର୍ନୀତି, ଭ୍ରଷ୍ଟାଚାର ଓ ଶୋଷଣ । ଏହି ଶୋଷଣର ଶିକାରରେ କେତେଦିନ ସେ ଅତିଷ୍ଠ ହୋଇ ରହିବ । କାହିଁକି ସେ ତା'ର ଗନ୍ତିପଥକୁ ପ୍ରତିରୋଧ କରିବ ନାହିଁ । ତାକୁ ଶକ୍ତ ହେବାକୁ ହେବ । କେଉଁମାନଙ୍କୁ ସେ ଏଥିପାଇଁ ଆହ୍ୱାନ କରିବ । କେହି-ନା-କେହି ନିଶ୍ଚୟ ବାହାରିବେ ତା' ଡାକ ଶୁଣି । ତାକୁ ଆହୁରି ଆଗକୁ ମାଡ଼ିଚାଲିବାକୁ ହେବ । ଏ ଚାଲିର ଶେଷ ନାହିଁ । ପାଦକୁ ଆହୁରି ଶକ୍ତ ଓ ମଜଭୁତ କରିବାକୁ ହେବ । ଇଣ୍ଟରଭ୍ୟୁ ପରେ ଇଣ୍ଟରଭ୍ୟୁ ସେ ପଛକୁ ପକାଇ ଚାଲିବ । ଅଧାଲଙ୍ଗଳା ପିଲାର ହାତଧରି ସେ ତାକୁ ଚାଲିବାର ବାଟ ଶିଖେଇବ । ଅନାହାର, ଭୋକିଲା ପେଟରେ ପାଣିମୁନ୍ଦାଏ ଦେବାର ଚେଷ୍ଟା କରିବ ।

ତା' ନକଟରେ ତା' ବାପାର ଷ୍ଟାମ୍ପ ନ ଥାଇପାରେ, ପକ୍କା-ଘରର ଲୁହାଗେଟ୍ ପାଖରେ ଭୋକିଲାକୁକୁର ପରି ସେ ଆଉ ଧକେଇ-ପାରିବ ନାହିଁ । ଗୋଡ଼ଭାଙ୍ଗି ଛିଡ଼ା ହେବନି ନିଜକୁ ବଡ଼ ହାକିମମାନଙ୍କ ପାଖରେ ଏବଂ ଶୁଣିବନି ଭଙ୍ଗା ଭଙ୍ଗା ସ୍ୱରରେ ସେହି ଗୋଟିଏ କଥା, "ତୁମର ବ୍ରାଇଟ୍ କ୍ୟାରିଅର ଅଛି । ଚେଷ୍ଟା କର ।"

ତା'ର କିଛି ନାହିଁ । ସେ ନିଃସ୍ୱ । ସେ ନିଃସ୍ୱ ଭାବରେ ବଞ୍ଚିବାକୁ ଚାହେଁ । ସନାତନ ଭାବୁଥିଲା ରେଳଷ୍ଟେସନ ପ୍ଲାଟ୍‌ଫର୍ମରେ ଛିଡ଼ାହୋଇ, ଅନେକ ଅନେକ କଥା । ପୃଥିବୀରେ ଘଟୁଥିବା ବଡ଼ବଡ଼ କଥାମାନ ତା' ଦେହ ଓ ମନରେ ବାରବାର ଧକ୍କା ଦେଉଥିଲେ । ସେ ସବୁ ଦେଖୁଥିଲା, ଶୁଣୁଥିଲା । ତାକୁ ଲାଗୁଥିଲା ଏ ପୃଥିବୀରେ ସମସ୍ତଙ୍କୁ ଉଠିବାକୁ ହେବ । ସମସ୍ତେ ନିଃସ୍ୱ, ଦରିଦ୍ର । କେହି କାହାକୁ ଦେବାକୁ ଅକ୍ଷମ । ଆଇ. ଏ. ଏସ୍. ଅଫିସର ଧଳାକୁ କଳା ବା କଳାକୁ ଧଳା କରିପାରେ; ମାତ୍ର ସେ ବି ନିଃସ୍ୱ । ତା' ପାଖରେ ତା' ଚାକିରି ଏକ ଉପଜୀବିକା ମାତ୍ର । ସେ ବି କେବଳ ମଣିଷଟିଏ । ଇଣ୍ଟରଭ୍ୟୁ ନେବାର ମଣିଷ । ବଞ୍ଚିବା ପାଇଁ ବାରମ୍ବାର ଗୋଡ଼ଭାଙ୍ଗି ଇଣ୍ଟରଭ୍ୟୁ ଦେଉଥିବା ମଣିଷଟିମାନଙ୍କ ପରି ।

Digitized by srujanika@gmail.com

ସନାତନ ଭାବୁଥିଲା ମନେ ମନେ ଏଇ କଥା । ତାକୁ ଆହ୍ୱାନ କରିବାକୁ ହେବ ସମସ୍ତଙ୍କୁ···ଯେ ଯେଉଁଠାରେ ଅଛନ୍ତି, ପିଲାଦିନ କଥା ତା' ମନେ ପଡ଼ିଯାଉଥିଲା । ତା' ମାଷ୍ଟ୍ରେ ତା' ପିଠି ଥାପୁଡ଼େଇ ପୁରସ୍କାର ବହିଟି ଦେବାବେଳେ କହିଥିଲେ, "ତୁମେ ବଡ଼ମଣିଷ ହେବ । ତୁମ ଚାଲାପଥକୁ ଚାହିଁରହିବେ ଅନ୍ୟମାନେ । ତୁମେ ସେମାନଙ୍କ ମୁହଁରେ ହସ ଫୁଟାଇବ ।"

ତାହାହିଁ ବୋଧହୁଏ ଠିକ୍ । ସେ ଆହ୍ୱାନ କରିବ । ଆହ୍ୱାନ କରି ଚାଲିବ ବାରମ୍ବାର ତା'ର ପାଦ ଥକିଗଲା ପର୍ଯ୍ୟନ୍ତ···ଉତ୍ତିଷ୍ଠତ ଉତ୍ତିଷ୍ଠତ ।

Digitized by srujanika@gmail.com

ଚକ୍ରବ୍ୟୂହ

ମୁଁ ଅଭିମନ୍ୟୁ, ପ୍ରଖ୍ୟାତ ଗାଣ୍ଡିବଧାରୀ ଅର୍ଜ୍ଜୁନପୁତ୍ର, ଯାହାଙ୍କର ସଖା ହେଉଛନ୍ତି ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣ ମୋର ମାମୁ, ମୁଁ ତାଙ୍କ ଭଉଣୀ ସୁଭଦ୍ରାର ପୁତ୍ର । ମହାଭାରତର ମହାନ୍‌ଯୋଦ୍ଧା ଅର୍ଜ୍ଜୁନଙ୍କର ପୁତ୍ରଭାବେ ମୁଁ ମହାଭାରତ ଯୁଦ୍ଧରେ ଭାଗ ନେଇଥିଲି । ମୁଁ ଜାଣିଥିଲି ମହାଭାରତର ଯୁଦ୍ଧ ଧର୍ମର ଯୁଦ୍ଧ, ଅଧର୍ମ ଉପରେ ଧର୍ମର ବିଜୟ ପାଇଁ ଏ ଯୁଦ୍ଧ । କେଉଁଠି କ'ଣ କେହି ଦେଖେ ଭାଇ-ଭାଇ ମଧ୍ୟରେ ସଂଘର୍ଷ, ଦ୍ୱନ୍ଦ୍ୱ । ଭାଇ କେବଳ ଶତ୍ରୁତା କରିପାରେ ଧନ ଲୋଭରେ, ରାଜ୍ୟ ଲୋଭରେ । କେବଳ ଲୋଭ ମଣିଷକୁ, ତା'ର ବ୍ୟକ୍ତିସତ୍ତ୍ୱକୁ ନଷ୍ଟକରିଦିଏ, କ୍ଷମତା ପାଇବାର ଲାଳସାରେ ଭଲକୁ ଭେଲକରି ଦେଖାଇବାର ପ୍ରୟତ୍ନ ହୁଏ । ହୁଂକାର ଶବ୍ଦକରି ଭାଇମାନେ ଅନ୍ୟମାନଙ୍କ ଉପରକୁ ଲମ୍ଫ ପ୍ରଦାନ କରନ୍ତି ।

ଯୁଦ୍ଧ କ୍ଷେତ୍ରରେ ଯୁଦ୍ଧ ଆରମ୍ଭ ହୋଇଯାଇଥାଏ । କୁରୁକ୍ଷେତ୍ରରେ ରଣଦୁନ୍ଦୁଭି ବାଜିଉଠୁଥାଏ ପ୍ରତ୍ୟେକ ଦିନ, ମୋ ମା' ଆଖିକୁ ନିଦ ଆସେନି, ରାତିରେ ଉଜାଗର ରହି ମୋ ବାପାଙ୍କର ବୀରତ୍ୱର କାହାଣୀକୁ ଶୁଣେ । ଏଇମିତି ଦିନେ ରାତିରେ ମା' ଜଠରରେ ରହି ମୁଁ ଶୁଣିଥିଲି ମୋ ବାପାଙ୍କର ଅପୂର୍ବ ରୋମାଞ୍ଚକର ଯୁଦ୍ଧ କାହାଣୀ, ଯୁଦ୍ଧକ୍ଷେତ୍ରରେ ବ୍ୟୂହରଚନା କରିଯାଇ କିପରି ଯୋଦ୍ଧାମାନଙ୍କୁ କବଳିତ କରିଯାଏ । ତା'ର କାହାଣୀ ମୋ ବାପା ମା'ଙ୍କ ନିକଟରେ କହୁଥିଲେ, ହୁଁ ମାରୁଥିଲେ ମା' । ମୁଁ ଜନ୍ମଲାଭ କରିବାକୁ ଅଳ୍ପଦିନ ବାକିଥାଏ । ମୋର ହାତଗୋଡ଼ମାନ ହୃଷ୍ଟପୁଷ୍ଟ ହୋଇଆନ୍ତି । ମୋର ଚେତନାଶକ୍ତି କ୍ରମଶଃ ବିକଶିତ ହୋଇଥାଏ । ମୁଁ ମନଦେଇ ଶୁଣୁଥାଏ ଚକ୍ରବ୍ୟୂହର ଅଭେଦ୍ୟ ଯୁଦ୍ଧପ୍ରଣାଳୀ । ପ୍ରତ୍ୟେକ ରଥୀ ଗୋଟିଏ ଗୋଟିଏ ଦ୍ୱାରରେ ସେମାନଙ୍କର

Digitized by srujanika@gmail.com

ଅସ୍ତ୍ରଶସ୍ତ୍ର ଧରି ଛୁଡ଼ା ହୋଇଥାନ୍ତି । ବାଟ ଓଗାଳନ୍ତି, ଏକମାତ୍ର ଯୋଦ୍ଧା ସେମାନଙ୍କର ସାମନା କରେ, ହରିଇ ଗୃଲେ ଜଣକ ପରେ ଜଣେ । ବାସ୍ ଏତିକ ଭିତରେ ମା' ମୋର ଶୋଇପଡ଼େ । ଆଉ କଥାକୁ ଶୁଣିପାରେନା । ମା ସହିତ ମୁଁ ଶୋଇଯାଏ ତା' ଜଠରରେ ରହି ।

ମୁଁ ଅଭିମନ୍ୟୁ, ମହାଭାରତ ଯୁଦ୍ଧରେ ଅବତୀର୍ଣ୍ଣ ହେଲି । ମୋ ବାପା ମାମୁ ଶ୍ରୀକୃଷ୍ଣଙ୍କ ସହିତ ଅନ୍ୟ କେଉଁଠିକୁ ଯୁଦ୍ଧକରିବାକୁ ଗୃଲିଗଲେ । ଗଲାବେଳେ ମୋତେ ମନାକରୁଥିଲେ ଯୁଦ୍ଧକୁ ଯାଅନା ବୋଲି । ମୁଁ କ'ଣ ରହିପାରିବି ଯୁଦ୍ଧ ନ କରି । ମୁଁ ବାପାଙ୍କୁ, ବଡ଼ବାପାଙ୍କୁ ପ୍ରବୋଧନା ଦେଲି । ଆଶ୍ୱାସନା ଦେଇ କହିଲି, "ଭୟକରନା, ମୁଁ ତୁମର ପୁତ୍ର । ମୁଁ ତୁମଠାରୁ ଯୁଦ୍ଧର ବିଦ୍ୟା ହାସଲ କରିଛି । ଯେକୌଣସି ପରିସ୍ଥିତିର ମୁକାବିଲା କରିପାରିବାର କ୍ଷମତା ମୋର ଅଛି । କୃଷ୍ଣ ଯାହାର ମାମୁ, ଅର୍ଜୁନ ଯାହାର ପିତା, ଭୀମ ଯାହାର ବଡ଼ବାପା ତା'ର କାହାରିକୁ ଭୟ ନାହିଁ । ପିତା, ତୁମେ ନିର୍ଭୟ ହୁଅ । ମୁଁ ଯୁଦ୍ଧକ୍ଷେତ୍ରରେ ସମସ୍ତ ରଥୀମାନଙ୍କୁ ପରାସ୍ତ କରି ଜୟଯୁକ୍ତ ହେବି ।"

ମୋ ସହିତ ଥିଲେ ମୋର ବଡ଼ବାପା ଭୀମ । ଗଦାଧାରୀ ଭୀମଙ୍କର ରେଡ଼ରେଡ଼ କାର ଶବ୍ଦରେ କମ୍ପି ଉଠୁଥିଲା ସମଗ୍ର କୁରୁକ୍ଷେତ୍ର । ମୁଁ ଧନୁଧରି ରଥରେ ଆଗେ ଆଗେ । ଏକ ପରେ ଏକ ବ୍ୟୂହ, ପିତାମହ ଭୀଷ୍ମଙ୍କର ଚକ୍ରବ୍ୟୂହକୁ ଭେଦକରିବାକୁ ମୁଁ ଅଭିମନ୍ୟୁ ଅଣ୍ଟାଭିଡ଼ିଲି, ମାଡ଼ିଗୃଲିଲି ଆଗକୁ ଆଗକୁ । ଗୋଟିକ ପରେ ଗୋଟିଏ ଦ୍ୱାର ଅତିକ୍ରମ କରି ଗୃଲିଲି । ପରାସ୍ତ ଲଭିକଲେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଜୟଦ୍ରଥ, ଅଶ୍ୱତ୍ଥାମା ଇତ୍ୟାଦି ବୀରମାନେ । ପରାଭବର ଗ୍ଲାନିରେ ମୁଖମଣ୍ଡଳ ସେମାନଙ୍କର ରକ୍ତିମ ହୋଇ ଉଠିଲା । ମନରେ କ୍ଷୋଭ, ହୃଦୟରେ ଅହଙ୍କାର । ସେମାନେ ମୋତେ ଶାସ୍ତି ଦେବାକୁ ବଦ୍ଧପରିକର ହେଲେ ।

ମୁଁ ଶେଷଦ୍ୱାରରେ ପହଞ୍ଚିଲି । ସେଠାରେ ଦେଖିଲି ସମସ୍ତ ମହାରଥୀମାନେ ଏକତ୍ରିତ । ଦ୍ୱାର ଅତିକ୍ରମ କରି ବାହାରକୁ ବାହାରିବାର ବାଟ ମୋତେ ମାଲୁମ ନଥିଲା । ମୋ'ଠାରୁ ବହୁଦୂରରେ ମୋର ବଡ଼ବାପା ଗଦାଧାରୀ ଭୀମ ରହିଯାଇଥିଲେ ।

Digitized by srujanika@gmail.com

ମୁଁ ଥିଲି ରଣକ୍ଷେତ୍ରର ସେହି ବ୍ୟୂହ ମଧ୍ୟରେ ଏକା । ମୋର ମନରେ ବଳଥିଲା ଅସୀମ ଓ ଅତୁଟ । ମୁଁ ଧନୁରେ ଗୁଣ ଚଢ଼ାଇ ମହାରଥୀମାନଙ୍କୁ ଲହୁଲୁହାଣ କରିଦେଲି । ମାତ୍ର କେତେ ସମୟ ବା ଏକା ଏକା ପାରନ୍ତି ସେମାନଙ୍କୁ ? ସେମାନେ ଧର୍ମଯୁଦ୍ଧ ନାଆଁରେ ଅଧର୍ମଯୁଦ୍ଧ କରିବାକୁ ଆରମ୍ଭ କରିଦେଇଥିଲେ । ସମସ୍ତେ ଏକା ସମୟରେ ମିଶି ମୋ ଉପରକୁ ବାଣ ନିକ୍ଷେପ କଲେ । ମୋ ହାତରୁ ଧନୁଶର ଖସିଗଲା । ମୋ ରଥର ଚକ ଭାଙ୍ଗିଗଲା, ମୋର ବାହକ ଧରାଶାୟୀ ହେଲା । ସେମାନେ ମୋତେ ଘେରିଗଲେ । ସେମାନଙ୍କର ଆଖିରେ ଶ୍ୱାନର ଆତ୍ମମାଲାଳସା ଲାଗି ରହିଥିଲା ।

ସେମାନେ ମୋତେ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ କଲେ । କେହି ମୋତେ ଶରଘାତ କଲା । କେହି ବର୍ଚ୍ଛାରେ ମୋ ମୁଣ୍ଡକୁ ଆଘାତ ଦେଲା । କାହା ଖଣ୍ଡା ମୋର ବାହୁକୁ ବିଦୀର୍ଣ୍ଣ କଲା । ସେମାନେ ମୋତେ କଲ୍‌ବଲ୍ କରି ମାରିବାକୁ ଲାଗିଲେ ।

ମୁଁ ଅଭିମନ୍ୟୁ, ଚକ୍ରବ୍ୟୂହ ମଧ୍ୟରୁ ଫେରି ପାରିଲି ନାହିଁ । ମୁଁ ଯୁଦ୍ଧକ୍ଷେତ୍ରରେ ଟଳିପଡ଼ିଲି, ମୋର ଶବ କୁରୁକ୍ଷେତ୍ରରେ ପଡ଼ି ରହିଲା ।

କିନ୍ତୁ ଚିରକାଳ ମୋର ବୀରତ୍ୱର କାହାଣୀ ମହାଭାରତର ପୃଷ୍ଠା ମଣ୍ଡନ କରିଛି । କେହି କେବେ ସପ୍ତରଥୀଙ୍କୁ ପ୍ରଶଂସା କରିନାହାନ୍ତି; ପ୍ରଶଂସା କରିଛନ୍ତି ମୋତେ, ମୋର ବୀରତ୍ୱକୁ ।

ଅଭିମନ୍ୟୁ କେବେ ମରିପାରେନା । ବୀରର ମରଣ ନାହିଁ । ବୀର ରଣହୁଙ୍କାର ଦିଏ, ଧନୁଟାଣି ଯୁଦ୍ଧକ୍ଷେତ୍ରରେ ଅପରାଜେୟ ଶକ୍ତି ନେଇ ଉଭା ହୁଏ ।

ମୁଁ ସର୍ବାନନ୍ଦ; ମହାଭାରତର ଅଭିମନ୍ୟୁ ନୁହେଁ, ମୁଁ ଟ୍ରେଡ୍ ଇଉନିୟନ୍‌ର କର୍ମୀ ନେତା । ମୁଁ ଯୁଦ୍ଧ କରେ, ସଂଗ୍ରାମକରେ ମୋର ବନ୍ଧୁମାନଙ୍କ ପାଇଁ ସୁଖସୁବିଧା ଆଣି ଦେବାପାଇଁ, ମୁଁ ସେମାନଙ୍କୁ ଭଲପାଏ । ସେମାନଙ୍କୁ ମୋ ଜୀବନ ବିନିମୟରେ ବଞ୍ଚାଇବାକୁ ଚେଷ୍ଟା

Digitized by srujanika@gmail.com

କରେ । ମୁଁ ଅଭିମନ୍ୟୁର ଖରଣ୍ଡ ଜାଣେ । ମହାଭାରତର ଶ୍ରୀକୃଷ୍ଣ ହିଁ ମୋର ଆରାଧ୍ୟ ବୋଲି ଭାବେ ।

କିନ୍ତୁ ମୁଁ ଜାଣେନା ସେମାନେ ଦିନେ ମୋତେ ଏକାଠି ମିଶି ଦଂଶିବେ । ମୋ ଅଜାଣତରେ ମୋତେ ହାଣିବାକୁ, ଟିକ୍‌ଟିକ୍ କରି ରକ୍ତ ମାଂସକୁ କାଟିବାକୁ ସେମାନେ ଆଗେଇ ଆସିବେ । ଯେମାନେ ଭୁଲିଯିବେ ମୁଁ ତାଙ୍କ ପାଇଁ ମୋ ଜୀବନକୁ ଉତ୍ସର୍ଗ କରିଛି । ସେମାନେ ମଣିଷର ମନ୍ଦୁ ଭଲମନ୍ଦକୁ ଭୁଲିଯିବେ, ଭୁଲିଯିବେ ପ୍ରତ୍ୟେକ ରକ୍ତବିନ୍ଦୁକୁ ଝାଳ ଆକାରରେ ମୁଁ ତାଙ୍କପାଇଁ ଅର୍ପଣ କରିଛି ।

ମୁଁ ତାକୁ ଚାକିରିରେ ବାହେଲ କରିଛି, ସେ ଚାକିରି ପାଇ-ନଥାନ୍ତା । ବନ୍ଧୁ ଗଡ଼କୃଷ୍ଣ କହିଲେ ତୁମେ ଗରିବ ପିଲାଟିକୁ ସାହାଯ୍ୟ-କର, ବୟସ ତା'ର ଚାଲିଯାଉଛି । ନାଁ'ଟି ମଣ୍ଡଳ କାର୍ଯ୍ୟାଳୟରେ ରହିନ । ତୁମେ ଚାହିଁଲେ କରିପାରିବ । ଗରିବ ପିଲାଟି ସବୁଦିନ ପାଇଁ ତୁମକୁ ମନେ ରଖିବ, ତୁମ ଗୁଣ ଗାଇବ, ତୁମ ସଂଗଠନ କାର୍ଯ୍ୟରେ ସାହାଯ୍ୟ କରିବ ।

ବନ୍ଧୁଙ୍କ କଥାକୁ ଏଡ଼ାଇ ହେଲାନି, ବହୁଦିନର ଦୁଃଖସୁଖର ବନ୍ଧୁ ସେ । ବହୁକଷ୍ଟରେ ଦୌଡ଼ାଦୌଡ଼ି ପରେ ଚାକିରିରେ ବାହେଲ ହେଲା ସେ । ସେ ସଂଗଠନ ବିରୁଦ୍ଧରେ ବିଷୋଦ୍‌ଗାର କରୁଛି, ଭୁଲିଯାଇଛି ତା'ର ଅତୀତ । ଭୁଲିଯାଇଛି କୃତଜ୍ଞତା ହୋଇ ରହିବାର ନେଉଳ-ଛେଉଳ ଭାବ । ସେ ମୋତେ ଧାରୁଆଛୁରିରେ ଖୋଞ୍ଚିବାକୁ ଆଗେଇ ଆସୁଛି ।

ମୁଁ ଦେଖୁଛି ସେହି ବ୍ୟକ୍ତିଟିକୁ ଯେ ଦିନେ ମୋ ଘର ଦୁଆରକୁ ନଆସିଲେ, ତାକୁ ରାତିରେ ନିଦ ହୁଏନି । ସେ ସେହିପରି ଏକ ବନ୍ଧୁ ସହିତ ଆସିଥିଲା ମୋ ନିକଟକୁ । ବର୍ତ୍ତମାନ ଧର୍ମ ହେଉଛି—ଟଙ୍କା ପଇସାର ସୁଖରେ ସେ ଭାସୁଛି, ଗାଡ଼ିମଟର ଚଢ଼ି ବୁଲୁଛି । ସେ ମୁହଁରେ କିଛି କହୁନି, ମୋତେ ଦେଖାଦେଉନି; ମାତ୍ର ଅନ୍ୟମାନଙ୍କ ସହିତ ନିଜକୁ ମିଶାଇଦେଇଛି । ମୋତେ ଧରାଶାୟୀ କରିବାକୁ ସଂଗଠନ ଉପରେ ଆଘାତ ସୃଷ୍ଟି କରି ଚାଲିଛି ।

Digitized by srujanika@gmail.com

ସେ ମୋ ବିରୁଦ୍ଧରେ ବିଷୋଦ୍‌ଗାର କରୁଛି, ମୁଁ ତାଙ୍କୁ ଏଣ୍ଡ୍ରୁଟିଏରୁ ଏଣ୍ଡ୍ରୁଟାଏ ହେବାପାଇଁ ସାହାଯ୍ୟ କରିଛି । ମୁଁ କେବଳ ସଙ୍ଗଠନ ନୁହେଁ ତା' ପାଇଁ ମୋର ବ୍ୟକ୍ତିଗତ ପଦମର୍ଯ୍ୟାଦାକୁ ଧୂଳିସାତ୍ କରିଛି । ସେ ମୋତେ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଅଭିଯୁକ୍ତ କରିବାକୁ ଚକ୍ରାନ୍ତ କରୁଛି ।

ମୁଁ ଯାହାକୁ ପୁଲିସ ଥାନାକୁ ଟଣାହେବାବେଳେ ଦୌଡ଼ିଯାଇ ରକ୍ଷାକରିବା ପାଇଁ ଅନ୍ୟମାନଙ୍କ ନିକଟରେ ନେଉଳଛେଉଳି ହୋଇଛି, ସେ ଆଜି ମୋନିତ ଗୃହଁ ଛିଟିକାରି ମାରୁଛି । ସେ ସେମାନଙ୍କର ସେନାପତି ସାଜିଛି ।

ସେମାନେ ମୋଠାରୁ ନିଜ ନିଜର ସମସ୍ତ ବ୍ୟକ୍ତିଗତ ସ୍ୱାର୍ଥକୁ ହାସଲ କରି ମୋତେ ଅପମାନ ଓ ଲାଞ୍ଛନା ଦେବା ପାଇଁ ମୋର ଶତ୍ରୁମାନଙ୍କ ସହିତ ହାତ ମିଳାଇଛନ୍ତି । ମୋତେ ଚାରିକଡ଼ରୁ ଘେରିଯାଇଛନ୍ତି । ମୁଁ ଜାଣେନି ସେମାନଙ୍କର ଏ ବ୍ୟୂହରେ ମୁଁ କି ଦଶା ଭୋଗକରିବାକୁ ଯାଉଛି । ହୁଏତ ସେମାନେ ମୋତେ ମିଛ ମକଦ୍ଦମାକରି ପୁଲିସ ହାତରେ ବାନ୍ଧିପାରନ୍ତି । ଜେଲର ଚାରିକାନ୍ଥ ମଧ୍ୟରେ ବନ୍ଦୀହୋଇ ଯାବତ୍‌ଚନ୍ଦ୍ରାର୍କ ମୁଁ ମୋର ପିଲାମାନଙ୍କୁ ଦେଖିବାର ସୁଯୋଗ ହରାଇପାରେ । ସେମାନେ ମୋତେ ଗୃହକରୁ ବହିଷ୍କୃତ କରି ବିଜୟ ପତାକା ଉଡ଼ାଇବାକୁ ଚେଷ୍ଟା କରିପାରନ୍ତି । କିମ୍ବା ମୋତେ କଲ୍‌ବଲ୍ କରି ଜୀବନରୁ ମାରିଦେଇ ପାରନ୍ତି ।

ସେମାନେ କିଭଳି ଦାଉ ସାଧିବେ ମୁଁ ଜାଣିନି । ମାତ୍ର ମୋତେ ବ୍ୟୂହକରି ଘେରିଯାଇଛନ୍ତି, ମୁଁ ସେଇ ଘେରଭିତରେ ବନ୍ଦୀ ।

ମୁଁ ସଦାନନ୍ଦ, ସେମାନଙ୍କର ଚକ୍ରବ୍ୟୂହ ମଧ୍ୟରେ ବନ୍ଦୀ । କାରଣ ଚକ୍ରବ୍ୟୂହକୁ ଭେଦକରିବାରେ ମୋର ଲକ୍ଷ୍ୟ ନଥିଲି । ମୋର ଲକ୍ଷ୍ୟ ଥିଲି ସମ୍ମୁଖ ଯୁଦ୍ଧରେ ବିଜୟୀ ହେବା । ମୁଁ ଯୋଦ୍ଧା, ଯୁଦ୍ଧ କରିବା ହିଁ ମୋର ଲକ୍ଷ୍ୟ । ମୁଁ ଆଗକୁ ମାଡ଼ିଗଲିବେଳେ ଭାବେ ମୋର ଯୁଦ୍ଧ ବିଶ୍ୱରେ ଶାନ୍ତି ପାଇଁ, ମୋର ଯୁଦ୍ଧ ଜାତି, ଧର୍ମ ଓ ବର୍ଣ୍ଣକୁ ଦୂର କରିବା ପାଇଁ, ମୋର ସଂଗ୍ରାମ ମଣିଷକୁ ମଣିଷପରି ଠିଆ କରିବା ପାଇଁ, ମୁଁ ନିର୍ଯ୍ୟାତନାକୁ

Digitized by srujanika@gmail.com

ଘୃଣାକରେ, ବିଦ୍ରୋହ କରିଉଠେ । ମୋର ବିଦ୍ରୋହର ସ୍ୱର ତ ସେମାନଙ୍କ ପାଇଁ ଭୋଗ ।

ସେମାନେ ଭୋଗର ଶେଷରେ ପହଞ୍ଚିଗଲେ । ସେମାନଙ୍କ ମନଭିତରେ କ୍ଷମତା ଅହଂରୂପରେ ଦେଖାଦେଲା । ସେମାନେ ମୋତେ ଶେଷକରି ନଦେଲେ କେମିତି ଭୋଗକରିବେ ? ସେମାନେ ଏକାଠି ହେଲେ ମୋତେ ଶେଷ କରିଦେବା ପାଇଁ । ମୋତେ ଟିକ୍‌ଟିକ୍ କରି ଝୁଣି ଖାଇଦେବା ପାଇଁ ।

ମୁଁ ସେହି ଚକ୍ରବ୍ୟୂହ ମଧ୍ୟରେ ଯୁଦ୍ଧରେ ଲିପ୍ତ । ମୁଁ ଜାଣେ ମୁଁ ସର୍ବାନନ୍ଦ ଏକା ନୁହେଁ, କେତେ ଅଭିମନ୍ୟୁ ସର୍ବାନନ୍ଦରୂପ ନେବେ । ଜଣେସିନା ଚକ୍ରବ୍ୟୂହ ମଧ୍ୟରେ ମରିପାରେ, ଅନ୍ୟ ଅନେକଙ୍କୁ କିଏ ମାରିପାରିବ ? ଏ ସପ୍ତରଥୀଙ୍କର କେତେ ବା ଶକ୍ତି !

ମୁଁ ମରିବାକୁ ପ୍ରସ୍ତୁତ; କିନ୍ତୁ ମୋର ମୃତ୍ୟୁ ମୋତେ ଷାରଣ୍ଢ ଦେବ, ମୋର ଜୀବନଯାହାର ଇତିହାସ ହେବ ମହାଭାରତ ।

କାରଣ ମୁଁ ଅଭିମନ୍ୟୁ, ମୁଁ କେବେ ମରିପାରେନା, କେହି ମୋତେ ମାରିପାରିବେ ନାହିଁ ।

Digitized by srujanika@gmail.com

ତମନ୍ନା

ସକାଳର ସୂର୍ଯ୍ୟକିରଣ ଏଯାଏ ପୃଥିବୀକୁ ସ୍ପର୍ଶ କରିନଥିଲା । ରାତିରେ ବର୍ଷା ହେତୁ ରାସ୍ତାର ଠାଏ ଠାଏ ପାଣି ଜମି ରହିଥିଲା । ଝିପିଝିପି ବର୍ଷା ଅସରାଏ ମଧ୍ୟ ବର୍ଷିଯାଇଥିଲା ପାହାନ୍ତିଆ ପହରକୁ । ନିତିଦିନିଆ ଅଭ୍ୟାସ ଅନୁସାରେ ମୁଁ ଗୋଟିଏ ଗୋଟିଏ ପାହୁଣ୍ଡ ପକାଉଥିଲି 'ମର୍ଣ୍ଣିଂଓ୍ୱାକ୍' କରିବା ପାଇଁ ।

ଅତି ସନ୍ତର୍ପଣରେ ମୋ କଡ଼ ଦେଇ ଚାଲିଥିଲା ଝିଅଟିଏ । ବୟସ ଚଉଦ ବା ପନ୍ଦର । ଚେହେରାଟି ବେଶ୍ ଉଜଳଡ଼ାଉଳ । ବେଶି ଗୋରା ନହେଲେ ବି ଗୋଲ ମୁହଁ ଓ ଡେଙ୍ଗା ନାକ ତାକୁ ସୁନ୍ଦର କରି ଗଢ଼ିଥିଲା । ଫ୍ରକ୍ ପିନ୍ଧିଥିଲା, ହାତରେ ଥିଲା ବହି । ବବ୍‌କଟବାଳ ସାମ୍ନା ହୋଇ ଝୁଲୁଥିଲା ବେକ ପର୍ଯ୍ୟନ୍ତ ।

ମୋଟାମୋଟି କହିଲେ ସେ ଥିଲା ସୁନ୍ଦରୀ ତରୁଣୀ । ବକ୍ଷୋଜ ଦୁଇଟି ବେଶ୍ ପରିସ୍ଫୁଟ ହୋଇ ଉଠିଆସିଥିଲେ ।

ମୋ କଡ଼ ଦେଇ ଧୀରେ ଧୀରେ ଚାଲିଲାବେଳେ ସେ ମୋ ଆଡ଼କୁ ଅନାଇଦେଇ ପୁଣି ନିଜକୁ ଦେଖୁଥିଲା ।

ତାର ଚାହାଣି ଥିଲା କ୍ଷିପ୍ର କିନ୍ତୁ ଭୟମିଶ୍ରିତ ।

ସେ ମୋ କଡ଼େ କଡ଼େ ଚାଲିଥିଲା । ରାସ୍ତାରେ ଏ ପର୍ଯ୍ୟନ୍ତ କୌଣସି ଲୋକ ନଥିଲେ । ସେ ବାରମ୍ବାର ମୋ ଆଡ଼କୁ ଚାହିଁଦେଇ ପୁଣି ଆଖି ବୁଲାଇ ନିଜ ଦେହକୁ ଲକ୍ଷ୍ୟ କରୁଥିଲା ।

Digitized by srujanika@gmail.com

ମୋତେ ସାମାନ୍ୟ ଅପ୍ରତିଭ ଲାଗୁଥିଲା । ବାରମ୍ବାର ମୋ ଆଡ଼କୁ ଚାହିଁବା ଅର୍ଥ ସେ ନିଜକୁ ନିରାପଦ ମଣୁନଥିଲା ବୋଧହୁଏ । ରାସ୍ତାରେ ଏକା ଏକା ଜଣେ ତରୁଣୀ···କେହି କ'ଣ ଭାବିପାରେ କମ୍ବା ଯୁବକଟି ତା ଉପରେ ଜବରଦସ୍ତି କରିପାରେ ବୋଲି ସେ ଆଶଙ୍କା କରୁଥିଲା ।

ମାତ୍ର ତାର ଆଶଙ୍କା ଥିଲା ଅମୂଳକ ।

କିଛିଦିନ ପରେ ମୁଁ 'ମର୍ଣ୍ଣିଂଓ୍ବାକ୍'ରେ ଚାଲୁଥିଲି ଏବଂ ମନେ ମନେ ପ୍ରଭାତର ପ୍ରକୃତିକୁ ଉପଭୋଗ କରିବାକୁ ଚେଷ୍ଟା କରୁଥିଲି ।

ସେ ଝିଅଟି ମୋ ଆଡ଼କୁ ବାରମ୍ବାର ଚାହୁଁଥିଲା ମାତ୍ର କିଛି କହୁନଥିଲା । ଅଳ୍ପ କିଛି ଦୂରରେ ଠିଆହୋଇଥିବା ରିକ୍ସାରେ ବସିପଡ଼ି ଚାଲିଗଲା ସେ—ଗଲାବେଳେ କିନ୍ତୁ ମୋ ଆଡ଼େ ଚାହିଁବାକୁ ଭୁଲିନଥିଲା ।

ମୋର 'ମର୍ଣ୍ଣିଂଓ୍ବାକ୍' ଅବ୍ୟାହତ ରହିଥିଲା ।

× × ×

ଟେବୁଲ ଉପରେ ବସି ମୁଁ ଲେଖିବାରେ ବ୍ୟସ୍ତ ଥିଲି । ଇତସ୍ତତଃ ବିଛୁଡ଼ି ହୋଇ ପଡ଼ିଥିଲା ବହିଗୁଡ଼ିକ । କଲମଟାକୁ ଧରି କେବେ କେବେ ଶୂନ୍ୟ ଦୃଷ୍ଟିରେ ଚାହୁଁଥିଲି ବାହାରକୁ । ମୋ ଆଖି ସାମନା ରାସ୍ତାରେ ହାତରେ ଦୁଧକେନ୍‌ଟିଏ ଧରି ଚାଲିଯାଉଥିଲା ସେଇ ଝିଅଟି । ମୋ ଆଡ଼କୁ ତିର୍ଯ୍ୟକ୍ ଦୃଷ୍ଟିରେ ଅନାଇ ଆଖି ଫେରାଇ ନେଇଥିଲା ।

ମୋ ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ମୁଁ କେବଳ ସେଇ ଝିଅଟି କଥା ଭାବିବାକୁ ଲାଗିଲି । ବାରମ୍ବାର ମୋ ଆଡ଼କୁ ଦୃଷ୍ଟି ପକାଇ ଦୃଷ୍ଟି ଅପସାରିତ କରିବାର ଅର୍ଥ କ'ଣ ?

କ୍ରମଶଃ ସେଇ ଝିଅଟି ପ୍ରତି ମୋ ମନରେ କିଛି ସ୍ନେହ ଓ ଶ୍ରଦ୍ଧା ଜମାଟ ବାନ୍ଧୁଥିଲା ।

ସେହିଦିନଠାରୁ ମୁଁ ପ୍ରତ୍ୟେକ ଦିନ ତାକୁ ସକାଳର ଏକ ନିର୍ଦ୍ଦିଷ୍ଟ ସମୟରେ ମୋ ଘର ଦେଇ ଦୁଧକେନ୍ ନେଇଯିବାର ଦେଖୁଥିଲି ଏବଂ ସେ ଗଲାବେଳେ ଈଷତ୍ ଦୃଷ୍ଟି ପକାଉଥିଲା ମୋ ଉପରେ ।

Digitized by srujanika@gmail.com

ମୁଁ ମଧ୍ୟ ସେହି ସମୟରେ ବସିରହି ପାଠ ପଢ଼ିବାର ଦୈନିକ କାର୍ଯ୍ୟକ୍ରମ ସ୍ଥିର କରିନେଇଥିଲି ।

ଝିଅଟି ପ୍ରତି ମୋ ମନରେ ଶ୍ରଦ୍ଧା ଗାଢ଼ରୁ ଗାଢ଼ତର ହେବାକୁ ଲାଗିଲା ।

ମୁଁ ତାକୁ ଭରସି କରି କେବେ କିଛି କହିପାରୁନଥିଲି ।

× × ×

ରାଜଧାନୀର ରବୀନ୍ଦ୍ରମଣ୍ଡପଠାରେ ଏକ ସଙ୍ଗୀତ ସମାରୋହ ଅନୁଷ୍ଠିତ ହେବାର ଖବର ଖବରକାଗଜର ପୃଷ୍ଠା ମଣ୍ଡନ କରିଥିଲା । ତା’ ସାଙ୍ଗେ ସାଙ୍ଗେ ରାସ୍ତାର ବଡ଼ ବଡ଼ ଦୋଛକରେ ବଡ଼ ପୋଷ୍ଟରମାନ ମରା ହୋଇଥିଲା । ମୋ ଝିଅ ମିଲୁ ଏକା ଜିଦ୍ ଲଗାଇଥିଲା ସଙ୍ଗୀତ ସମାରୋହକୁ ଯାଇ ଗୀତ ଶୁଣିବ । ତାର ଅହେତୁକ ଇଚ୍ଛା ମୋତେ ବିରକ୍ତ କରୁଥିଲେ ମଧ୍ୟ ଗେଲବସର ଝିଅର ଅଳିକୁ ମୁଁ ଏଡ଼ାଇ ପାରୁନଥିଲି ।

ଦୁଇଖଣ୍ଡ ଟିକଟ୍ କିଣିବାକୁ ବାହାରିବାବେଳେ ସେ ଆଉ ଖଣ୍ଡେ ଆଣିବାକୁ ଅନୁରୋଧ କଲା ।

ମୋ ପତ୍ନୀଙ୍କର ସଙ୍ଗୀତ ପ୍ରତି ସେତେ ବେଶି ଆଗ୍ରହ ନଥିଲା । ମୁଁ ତାର ଆଉ ଖଣ୍ଡେ ଟିକଟ୍ କିଣିବା ଅର୍ଥ ବୁଝିପାରୁନଥିଲି । ସେ ମୋତେ କହିଲା, ତା ସହିତ ଗୁଡ଼ିୟା ନାନୀ ଯିବ ।

ନିର୍ଦ୍ଦିଷ୍ଟ ସମୟରେ ଆମେ ଘରୁ ବାହାରିବାବେଳେ ସେଇ ଝିଅଟି ଆସି ପହଞ୍ଚିଲା । “ବାପା, ଏଇ ମୋର ଗୁଡ଼ିୟା ନାନୀ । ସେ ଆମ ସାଙ୍ଗରେ ଗୀତ ଶୁଣିବାକୁ ଯିବ ।” ମୋ ପାଟିରୁ କୌଣସି କଥା ବାହାରୁ ନଥିଲା । ମୁଁ ମଟରସାଇକେଲ ଷ୍ଟାର୍ଟ କରି ଉଭୟଙ୍କୁ ବସାଇ ରବୀନ୍ଦ୍ରମଣ୍ଡପ ବାଟରେ ଆଗେଇ ଚାଲିଥିଲି ।

ହଲ୍ ଭିତରକୁ ପଶିଲାବେଳକୁ ପ୍ରବଳ ଭିଡ଼ ହୋଇଯାଇଥିଲା । ମିଲୁକୁ କାଖ କରିଥିଲା ଗୁଡ଼ିୟା, ଲାଗିରହିଥିଲା ମୋ ଦେହ ସହିତ ।

Digitized by srujanika@gmail.com

ସଙ୍ଗୀତ ସମାବେଶରେ ମସ୍‌ଗୁଲ୍ ହୋଇଉଠିଥିଲେ ବସିଥିବା ହଲର ସମସ୍ତ ଶ୍ରୋତା । ମୁଁ ଗୀତ ଶୁଣିବାବେଳେ ମଧ୍ୟ ଅନ୍ୟମନସ୍କ ହୋଇ ରହୁଥିଲି । ପାଖରେ ବସିଥିବା ଝିଅଟି ବିଷୟରେ ଅନେକ କଥା ଭାବି ଚାଲିଥିଲି ।

× × ×

ସକାଳର ସେଇ ମୁହୂର୍ତ୍ତରେ ଆଉ ଦେଖିବାକୁ ପାଉନଥିଲି ସେଇ ଝିଅଟିକୁ ହାତରେ କେନ୍ ଧରି ଯାଉଥିବାର ।

ସେ ଆମ ଘରେ ମୋ ଝିଅ ସହିତ ହସଖୁସି ହେଉଥିବାର ଦେଖୁଥିଲି ଅବଶ୍ୟ । କ୍ରମଶଃ ସେ ଆମ ପରିବାରର ଜଣେ ସଦସ୍ୟ ହୋଇ-ଯାଇଥିବାର ଲକ୍ଷ୍ୟ କରୁଥିଲି । ଭରସି କରି ପଚାରି ପାରୁନଥିଲି ମୋ ପତ୍ନୀଙ୍କୁ କିଛି । ଅପରିଚିତ ଝିଅଟିକୁ ଏତେ ଆପଣାର କରିବାର ଏଇ ପ୍ରଥମଥର ତାଙ୍କୁ ଦେଖୁଥିଲି ।

ଝିଅଟି ମୋ ଆଡ଼େ ସେତେ ବେଶି ଚାହୁଁନଥିଲା । କିନ୍ତୁ ସମସ୍ତ ସମୟରେ ମୋ ଟେବୁଲ ଉପରେ ଥିବା କାଗଜରେ ଏଣୁତେଣୁ ଗାରଗାର ହେଉଥିବାର ଲକ୍ଷ୍ୟ କରୁଥିଲି ଏବଂ ମୋ ବହିଗୁଡ଼ିକ ଥାକରୁ ଅଲଗା ହୋଇ ରହୁଥିବାର ଅନୁଭବ କଲି । ତଥାପି ମୋ ଟେବୁଲ୍ ଓ ବହି ଥାକରେ ଜମାଟ ବାନ୍ଧିଥିବା ଧୂଳି ନଥିଲା । ଝଡ଼ାଝଡ଼ି ଓ ସଫାସୁତରା ହୋଇ ଥୁଆ ହୋଇଥିଲା ।

ମୁଁ ଏ ବିଷୟରେ ପତ୍ନୀଙ୍କୁ ପଚାରିବାକୁ ଇଚ୍ଛା କରୁନଥିଲି । ସେ ମୋର ପଢ଼ାପଢ଼ି ପ୍ରତି ପ୍ରାୟତଃ ଥିଲେ ଉଦାସ ।

× × ×

ସ୍କୁଲ ସମୟରେ ମିଲୁକୁ ପ୍ରତ୍ୟେକ ଦିନ ସ୍କୁଲରେ ଛାଡ଼ିବା ମୋର ରୁଟିନ୍ କାର୍ଯ୍ୟ, ମାତ୍ର ଏଇ କେତେଦିନ ହେଲା ସେ ଆଉ ମୋ ସହିତ ଯାଉନଥିଲା ।

ଗୁଡ଼ିୟା ନାମୀ ସହିତ ଚାଲି ଚାଲି ସ୍କୁଲକୁ ଯାଉଥିଲା ।

Digitized by srujanika@gmail.com

ମିଲୁର ଅସରନ୍ତି ଗପପେଡ଼ି ଗୁଡ଼ପ୍ପା ଓ ମିଲୁକୁ ଏକାଠି କରି ଦେଇଥିଲା । ଆମ ଘରପଛ ବାଡ଼ପଟେ ଗୋଲାପ, ଗେଣ୍ଡୁ ଇତ୍ୟାଦି ଗଛମାନ ଲଗା ହୋଇଥିବାର ଦେଖିଲି ।

ମିଲୁର ଫୁଲ ସଉକ କଥା ମୋତେ ଜଣା । ମାତ୍ର ଗଛଗୁଡ଼ିକ କିଏ ଆଣିଲା ପଚାରିବାରୁ ସେ ଉତ୍ତର ଦେଲା, "ଗୁଡ଼ପ୍ପା ନାନା" ।

ଗୁଡ଼ପ୍ପା ନାନା ସମ୍ଭବତ କ୍ରମଶଃ ମିଲୁ ବେଶି ବେଶି ସ୍ନେହ ବନ୍ଧନରେ ବାନ୍ଧିହୋଇ ମୋଠାରୁ ଦୂରେଇ ଯାଉଥିଲା ।

ଅଫିସରୁ ଫେରି ମିଲୁକୁ ନଦେଖି ମୋ ମନରେ ବିରକ୍ତି ଜନ୍ମୁଥିଲା । ତା'ର ପ୍ରତିଦ୍ୱନ୍ଦ୍ୱୀ ସ୍ୱରୂପ ସ୍ତ୍ରୀଙ୍କ ଉପରେ ଅଯଥା ବକର ବକର ହୋଇ ଉଠୁଥିଲି । ମିଲୁକୁ ସେଇ ଝିଅଟିଠାରୁ ପୃଥକ୍ କରିବା ମୋ କ୍ଷମତା ପରିସର ମଧ୍ୟରେ ନଥିଲା ।

× × ×

କିଛିଦିନ ପରେ ସେଦିନ ମୁଁ ଟିକିଏ ଚଞ୍ଚଳ ଅଫିସ୍ ଯିବାପାଇଁ ପ୍ରସ୍ତୁତ ହୋଇ ଉଠୁଥିଲି । ଖାଇବାକୁ ଦେବାକୁ ଅପେକ୍ଷା କରୁଥିଲି ପତ୍ନୀଙ୍କୁ । ହଠାତ୍ ଘରଭିତରକୁ ପଶିଆସିଲା ମିଲୁ । ସାଙ୍ଗରେ ଥିଲା ତା'ର ଗୁଡ଼ପ୍ପା ନାନା ।

"ବାପା, ତୁମେ ଟିକିଏ ଦାଣ୍ଡଘରକୁ ଆସିବ ନା ।" ମୋର କିଛି କହିବା ପୂର୍ବରୁ ମୋ ହାତକୁ ଟାଣିଟାଣି ଦାଣ୍ଡଘରକୁ ନେଇ-ଯାଇଥିଲା ।

ମୁଁ ସୋଫା ଉପରେ ବସିରହି ତାକୁ ଚାହିଁଥିଲି । ହଠାତ୍ ଗୁଡ଼ପ୍ପା ମୋ ନିକଟକୁ ଚାଲିଆସି ମୋ ହାତରେ ରାଖୀଟାଏ ବାନ୍ଧିଦେଲା ଏବଂ ଚନ୍ଦନଟୋପାଟିଏ ଥାପିଦେଲା ମୋ ମୁଣ୍ଡରେ । ମୋ ପାଟିରେ ଭର୍ତ୍ତି କରିଦେଲା ବଡ଼ ମିଠାଟାଏ ।

Digitized by srujanika@gmail.com

ମୋ ପାଦକୁ ଛୁଇଁ ମୁଣ୍ଡିଆ ମାରି ଦ୍ରୁତ ଗତିରେ ଦୌଡ଼ି ପଳାଇଲା । ମୁଁ କେବଳ ବଲବଲ କରି ମିଲୁ ଓ ତା'ର ଯିବା ବାଟକୁ ଚାହିଁରହିଥିଲି ।

× × ×

ମିଲୁର ଅନୁପସ୍ଥିତି ମୋତେ ବେଶି ବିରକ୍ତ କରୁନଥିଲା । ତା'ର ନିତିଦିନିଆ କାମରୁ ମୋତେ ଛୁଟି ମିଳିଯାଇଥିଲା । ପତ୍ନୀଙ୍କର ତା' ଉପରେ ବିଗୁଡ଼ିଥିବାର ପାଟି ମଧ୍ୟ ଶୁଣାଯାଉ ନଥିଲା । ମିଲୁକୁ ନେଇ ରହିଥିବା ଯାବତୀୟ ସମସ୍ୟା ପ୍ରାୟ ସମାଧାନ ହୋଇଯାଇଥିବାର ମୁଁ ଲକ୍ଷ୍ୟ କରୁଥିଲି ।

ତଥାପି ଭରସି କରି 'ଗୁଡ଼ିୟା' ବିଷୟରେ ମିଲୁ କିମ୍ବା ମୋର ପତ୍ନୀଙ୍କୁ କିଛୁ ପଚାରି ପାରୁନଥିଲି ।

ଗୁଡ଼ିୟା ଯୋଗୁ ମୋର ପତ୍ନୀ ଅଯଥା ହଇରାଣରୁ ମୁକ୍ତ ହୋଇଛନ୍ତି ଭାବି ମୋତେ ଖୁସି ଲାଗୁଥିଲା ।

× × ×

ସେଦିନ ଥିଲା ରବିବାର । ଖବରକାଗଜ ପୃଷ୍ଠା ଓଲଟାଇବାରେ ବ୍ୟସ୍ତ ଥିଲି ମୁଁ । ଧଇଁସଇଁ କରି ପଶିଆସିଲା ମିଲୁ । ହାତରେ ଥିଲା ଝିଅ କଣ୍ଢେଇଟିଏ । କଇଁ କଇଁ ହୋଇ କାନ୍ଦୁଥିଲା । ପଛେ ପଛେ ଆସୁଥିଲା ଗୁଡ଼ିୟା । ମୋତେ ନମସ୍କାର କଲା ।

"ଆମେ ଆଜି ଏଠାରୁ ଘର ଛାଡ଼ି ଚାଲି ଯାଉଛୁ । ମିଲୁକୁ ବୁଝାଇଦେବେ ।" ଏତିକ କହିକି ସେ ଝଟକିନା ଓଲଟି ପଡ଼ି ଚାଲିଗଲା ।

ମୁଁ ତା'ର ଯିବା ବାଟକୁ ଚାହିଁଥିଲି । ଘର ଭିତରେ ମିଲୁର କଇଁକଇଁ ଶବ୍ଦ ଶୁଭୁଥିଲା । ମୋ ପତ୍ନୀ ତାକୁ ବୁଝାଇବାକୁ ଚେଷ୍ଟା କରୁଥିଲେ ।

ସମୟକ୍ରମେ ମିଲୁ ପୁଣି ପୂର୍ବପରି ତା'ର କାର୍ଯ୍ୟ ମୋ ଉପରେ ଲଦି ଦେବାକୁ ଲାଗିଥିଲା । ତା' ପଢ଼ା ବାକ୍ସ ଭିତରେ ଗୁଡ଼ିୟା କଣ୍ଢେଇଟିକୁ ସାଇତି କରି ରଖିଥିଲା । ଦିନକୁ ଦିନ ତା'ର ସ୍କୁଲ

Digitized by srujanika@gmail.com

ବାକ୍ସଟା ଓଜନ ହେବାକୁ ଲାଗିଥିଲା । ସେ ତାକୁ ଠିକ ପାରୁନଥିଲା । ମୁଁ ବାକ୍ସଟିକୁ ସଜାଡ଼ିବାରେ ଲାଗିଥିଲି । ହଠାତ୍ ତା' ଭିତରୁ ବାହାରିପଡ଼ିଲା ଫଟୋଟିଏ । ଜଣେ ଅଳ୍ପ ବୟସ ପୁଅର ଫଟୋ । ତା' ପଛ ପଟରେ ଲେଖାଥିଲା, "ମୋର ଆଦରର କୁନୁ ବଡ଼ଭାଇ—ଗୁଡ଼ିୟା (ଚମକ୍ଲା)" । ମିଲୁକୁ ପଚାରିବାରୁ ସେ କହିଥିଲା ତାକୁ ସେ ଫଟୋଟିକୁ ଗୁଡ଼ିୟା ନାମ ଦେଇଥିଲା ।

ମୋର ଅତୀତ ଦିନ କଥା ମନେପଡ଼ୁଥିଲା । ହଜିଯାଇଥିବା ଭଉଣୀ କଥା ମୋ ମନରେ ବାରମ୍ବାର ଧକ୍କା ଦେଉଥିଲା । ସେ ଫଟୋଟା ଥିଲା ମୋ ପିଲାଦିନର । ମୁଁ ସେଦିନ 'ମର୍ଣ୍ଣିଂଓ୍ୱାକ୍' କଥା ଭାବୁଥିଲି ଏବଂ ସେ କାହିଁକି ମୋତେ ବାରମ୍ବାର ଚାହୁଁଥିଲା, ତା ଚିନ୍ତା କରୁଥିଲି ।

ସେ ବାରମ୍ବାର ଆମ ଘରକୁ ଆସିବା, ମିଲୁର ଯତ୍ନ ନେବା ମୋ ହାତରେ ରାକ୍ଷୀ ବାନ୍ଧିବା ଘଟଣାମାନ ତା'ର ପରିଚୟ କରାଇବାର ପ୍ରଚେଷ୍ଟା ଥିଲା । ଏତେଦିନ ପରେ ଏତେ ପାଖରେ ପାଇଥିବା ନିଜ ଭଉଣୀକୁ ନଚିହ୍ନିବାର କ୍ଷୋଭରେ ଉଦାସ ଓ ମ୍ରିୟମାଣ ହୋଇ-ପଡ଼ିଥିଲି ମୁଁ ।

ନିଜକୁ ଧିକ୍କାର କରି ନଥିକରି ବସିପଡ଼ିଲି ସୋଫା ଉପରେ । ହାତରେ ଧରିଥିଲି ସେହି ଫଟୋଟିକୁ ।

ବାରମ୍ବାର କହିଚାଲିଥିଲି, 'ଚମକ୍ଲା', ଗୁଡ଼ିୟା' । ବଲବଲ କରି ମୋ ମୁହଁକୁ ଚାହିଁଥିଲା ମୋ ଝିଅ ମିଲୁ ।

●

Digitized by srujanika@gmail.com

ସାୟାହ୍ନର ଚନ୍ଦ୍ରାଲୋକ

ଝାରସୁଗୁଡ଼ା ଷ୍ଟେସନରେ ଟ୍ରେନ୍ ଅଟକୁ ନଅଟକୁ ନିରଞ୍ଜନ ସ୍ୱଭାବସୁଲଭ ବ୍ରାହ୍ମଣିଆ ଢଙ୍ଗରେ ନାଲି ଗାମୁଛାଟାଏ ପିନ୍ଧି ତଳକୁ ଡେଇଁ ପଡ଼ିଲା । ପାଇପ୍ ପାଣି ଖୋଲି ଦେଇ ଦେହରେ ସାବୁନକୁ ମାରିଦେଲା । ପତଳା ହୋଇ ନହକା ମଣିଷଟା । ଛାତି ଖୋଲିଦେଲେ ପଞ୍ଜା ପଞ୍ଜା ହାଡ ଦେଖାଯାଉଛି । କିଏ କାହିଁକି ତାକୁ ଅନେଇବ ବା ! ନିଃସଙ୍କୋଚରେ ଗାଧୋଇସାରି ଓଦା ଗାମୁଛଟାକୁ ଚିପୁଡ଼ି ଦେଇ ଉପରକୁ ଉଠିବାକୁ ଚେଷ୍ଟା କରୁଛି କି ନାହିଁ ତା ସାଙ୍ଗ ନିର୍ମଳ ହରବର ହୋଇ ତଳକୁ ଡେଇଁଗଲା । ନିର୍ମଳର ଓଠଗୁଡ଼ା ପାନଖାଇ ଅଧା ପାଚି ଯାଇଥିଲା । ପାଇପ୍ଟିକୁ ମୁଣ୍ଡ ଉପରେ ଥୋଇବା ମାତ୍ରେ ଗଜଗଜ କରି ପାଣି ପଡ଼ିଲା । ଆଃ, କି ଶାନ୍ତି ! ମନେ ମନେ ଭାବିଲା ନିର୍ମଳ । ଗଲା ରାତିରେ ନିଦଟା ଭଲ ହୋଇଥିଲା, ହେଲେ ସ୍ତ୍ରୀକୁ ଛାଡ଼ି ଏକଲା ଶୋଇବା ହେତୁ, ରାତିରେ ସ୍ୱପ୍ନଦୋଷ ଲାଗିଥିଲା । ବୟସ ପଚିଶ ପାଖାପାଖି ହେଲାଣି । ଏ ବୟସରେ ସ୍ୱପ୍ନଦୋଷ କଥା କାହାକୁ କୁହାଯାଇ ପାରେନା । କହିଲେ ଲୋକେ କହିବେ, "ନିର୍ମଳର ମୂଳରୁ ବୋଧହୁଏ ଆତ୍ମଦୋଷ ରହିଛି ।"

ନିର୍ମଳ ଏସବୁ ସମାଲୋଚନାକୁ ଖାତିର କରେନା । କଲେଜରେ ପଢ଼ିବା ବେଳେ କେତେ ଜାଗାରେ ଲାଇନ୍ ମାରିଛି, ତାକୁ କ'ଣ ଡର । ଏତେଦିନକେ ଘରୁ ଆଠଦିନ ଆସିବାର ସୁଯୋଗ ମିଳିଛି । ସବୁଦିନେ ଘରେ ସ୍ତ୍ରୀ ସହିତ···ଭଲ ଲାଗୁ ନଥିଲା ତାକୁ । ବାହାରକୁ ଆସିବା କଥା ହେଲା ଯେତେବେଳେ ସେ ଆସିବାକୁ ଗୋଡ ଉଡ଼ାଦେଲା ।

ଟ୍ରେନ୍ଟା ଫେରିବା ବେଳେ ଆସନ୍ସୋଲ ବାଟ ଦେଇ ଫେରିବ । ନିର୍ମଳ ଆସନ୍ସୋଲଠାରେ ଥିବା ଶାଳୀଘରେ ଦିନେ ଦୁଇଦିନ ରହି

Digitized by srujanika@gmail.com

ଆସିବ ବୋଲି ଘରୁ ବାହାରିବା ବେଳକୁ ସ୍ଥିର କରିଛି । ସ୍ତ୍ରୀଙ୍କୁ କିନ୍ତୁ ଭୁଲ୍‌ରେ ଏ କଥା କହିନି । କହିଥିଲେ ହୁଏତ ଘରୁ ବାହାରିବାର ସୁଯୋଗଟା ମିଳି ନଥାନ୍ତା । ଅନୁପମା ନିର୍ମଳର ସ୍ୱଭାବ ଜାଣେ । ବାହାଘରର ପାଞ୍ଚବର୍ଷ ପରେ ପ୍ରଥମ ପିଲାଟା ହେବାବେଳେ ଅନୁପମାକୁ ସାହାଯ୍ୟ କରିବା ପାଇଁ ସାନ ଭଉଣୀ ନିରୁପମାକୁ ଡାକିଥିଲେ । ସେହି ନିରୁପମା ସହିତ ତା' ସ୍ୱାମୀର ଅନ୍ତରଙ୍ଗ ବ୍ୟବହାରରେ ଅନୁ ମନେ ମନେ ଦୁଃଖିତ ହୋଇଥିଲି । ଅବଶ୍ୟ ସେ ନିର୍ମଳକୁ କେବେ ସନ୍ଦେହ ଦୃଷ୍ଟିରେ ଦେଖିନି, କିନ୍ତୁ ନିରୁକୁ ଗେଲ କରିବା, ତା' ଗାଲରେ ଚୋଉ ଦେବା ଅନୁକୁ ଭଲ ଲାଗିନଥିଲି । ସେଇଦିନୁ ସେ ଭୁଲ୍‌ରେ ସୁଦ୍ଧା କେବେ ନିରୁକୁ ଆସିବାକୁ କହେନି । ନିର୍ମଳ ଯଦି ନିରୁ ଘରକୁ ଯିବା କଥା କହିଥାନ୍ତା, ତେବେ ଘରୁ ମୋଟେ ବାହାରି ପାରିନଥାନ୍ତା ।

ନିର୍ମଳ ଘରୁ ବାହାରିବା ବେଳେ ଏଇ କଥାଟିକୁ ମନରେ ଭାବି ଭାବି ରାତିରେ ଶୋଇବା ବେଳେ ନିରୁକୁ ସ୍ୱପ୍ନରେ ଦେଖିଥିଲି । ନିରୁପମା ତା'ର ଶାଳୀ । ଅନେକ ଦିନ ହେବ ବାହା ହେଲିଣି । ରେଲୱେରେ ତା ସ୍ୱାମୀ ଚାକିରି କରିଛନ୍ତି । ଆସାନ୍‌ସୋଲରେ ଅନେକ ଦିନ ହେଲା ରହିଲିଣି ।

ନିରଞ୍ଜନର ଗାଧୁଆ ଦେଖି ନିର୍ମଳ ଗାଧୁଆ କାମଟା ଚଟ୍‌କରି ସାରିଦେଲା । ଦେହଟା ବେଶ୍ ଗରମ ହୋଇ ଉଠିଥିଲି । ନ ଗାଧୋଇ ଥିଲେ ଦେହଟା ଗରମ ହୋଇ ବିରକ୍ତ ଲାଗିଥାନ୍ତା । ଗତକାଲି ରାତିରେ ରମ୍‌ର ଦୁଇ ତିନିଟା ପେଗ୍ ମଧ୍ୟ ଗଳାଧଃକରଣ କରି ଦେଇଥିଲି । ଆଜିକାଲି ତା'ର ଅଭ୍ୟାସଟା ଟିକିଏ ବଢ଼ିଯାଇଛି । ସ୍ତ୍ରୀ ଆଗପରି ତା' ନିକଟକୁ ବେଶି ଆସୁନାହାନ୍ତି । ପିଲା ଦୁହେଁ ବଡ଼ବଡ଼ ହେଲେଣି । କଲେଜରେ ପାଠ ପଢ଼ୁଥିବା ଝିଅଟା ସେଇ ଏକା ଘରେ ଶୋଉଛି । ନିର୍ମଳ ମନେ ମନେ ବିରକ୍ତ ହେଲେ ବି କହିବାର ଜୁ ନାହିଁ । ଘର ବୋଲି ମାତ୍ର ଦି' ବଖରା । ଗୋଟେ ବଖରାରେ ପୁଅ ଦୁଇଜଣ ପଢ଼ାପଢ଼ି, ଶୁଆବସା କରନ୍ତି । ଝିଅ ମା ପାଖରେ ଅନ୍ୟ ରୁମ୍‌ରେ । ଏକା ବିଛଣାରୁ ଅଲଗା ରହିବା ହେତୁ ନିର୍ମଳକୁ ବଡ଼ ବାଧେ । ସେହି ସାମୟିକ କଷ୍ଟ ଲାଘବ ପାଇଁ ସେ ଟିକିଏ ଟିକିଏ ରମ୍ ବା ହ୍ୱିସ୍କି ପିଇବାକୁ ଆରମ୍ଭ କରିଛି । ଏହା କ୍ରମଶଃ ତା'ର ଅଭ୍ୟାସରେ ପଡ଼ିଗଲିଣି ।

Digitized by srujanika@gmail.com

ବୟସ ବଢ଼ିଗଲେ ସ୍ତ୍ରୀସୁଖ ବେଶି ଭଲ ଲାଗେ ବୋଲି ଲୋକେ କହନ୍ତି । ନୂଆ ହୋଇ ଯେତେବେଳେ ନିର୍ମଳ ବାହା ହୋଇଥିଲା, ଖାଇବେଳେ ଦିନେ ଦିନେ ଅଫିସରୁ ଚାଲିଆସେ । ସେତେବେଳେ ସେ ଦୁହେଁ ଥିଲେ ଏକା । ଏବେ ଖାଇବେଳେ ଆସିଲେ ସ୍ତ୍ରୀ କିନ୍ତୁ ତାଙ୍କ କାର୍ଯ୍ୟରେ ବ୍ୟସ୍ତ ରହନ୍ତି । ନିର୍ମଳ ଟ୍ରେନରେ ବସି ଏଇମିତି ଅନେକ କଥା ଭାବଚାଲିଥିଲା ।

ବହୁଦିନ ହେଲା ସେ ନିରୁକୁ ଦେଖିନି । ନିରୁ କିନ୍ତୁ ଅନୁଠାରୁ ଭିନ୍ନ । ଦିନେ ତାକୁ ଗେହ୍ଲେଇ ହୋଇ ପଚାରିଲା, "ଦାଦା ! ମୋତେ ତୁମ ପାଖରେ ରଖୁନା । ମୁଁ ତୁମକୁ ଦିଦିଠାରୁ ବେଶି...।" ସେ କିଛି କହିବା ପୂର୍ବରୁ ଭିତରକୁ ପଶିଆସିଥିଲା ଅନୁ । ତା ମନରେ କିନ୍ତୁ ଅବଶୋଷ ରହିଗଲା । ନିରୁର ବାରମ୍ବାର ତା' ପ୍ରତି ପ୍ରେମଭାବାପନ୍ନ ମନଥିବା ସତ୍ତ୍ୱେ ଅନୁ ତାକୁ ଗୋଡ଼େ ଗୋଡ଼େ ଜଗି ନିର୍ମଳର ଆଶାରେ ପାଣି ପକାଇଦେଲା । ସେ କିନ୍ତୁ ଏଥରକ ସୁବିଧା ଦେଖି ନିରୁକୁ ତା' ମନକଥା କହିବ । ତା' ମନର ଅତୃପ୍ତ ଭାବନାକୁ ପ୍ରକାଶ କଲେ ମନଟା ଶାନ୍ତ ହେବ ନିଶ୍ଚୟ, ଫଳ ଯାହା ହେଉନା କାହିଁକି । ନିର୍ମଳ ବ୍ୟାଗ୍ ଖୋଲି ରମ୍‌ରୁ ଆଉ ଏକ ପେଗ୍ ନେଲା । ଟ୍ରେନ୍ ପାହାଡ଼ ଓ ଜଙ୍ଗଲ ଦେଇ ଚାଲିଥିଲା । ନିରଞ୍ଜନଟା ପୂରା ଭେଜ୍ । ବସି ବସି ଢୋଳାଉଥିଲା । ନିର୍ମଳ ତା ମୁହଁକୁ ଚାହିଁଲା । ମନେ ମନେ ଭାବିଲା ନିରଞ୍ଜନ ପରିବର୍ତ୍ତେ ଦଶରଥ ଆସିଥିଲେ ବେଶ୍ ଜମିଥାନ୍ତା । ଦଶରଥ ରସିକିଆ । ଡ୍ରାମାରେ କିଛି ଦିନ କାମ କରିଥିଲା । ରାଜା ପାର୍ଟ କଲାବେଳେ ତାକୁ ବେଶ୍ ମାନେ । ଗାଁରେ ଡ୍ରାମା କରିବା ସମୟରେ ଝିଅଟିଏ ତା ରୋଲ୍ ଦେଖି ତା ପ୍ରେମରେ ପଡ଼ି ବାହା ହୋଇଥିଲା । ଦଶରଥ ଆସିବାର ଥିଲା, ହେଲେ ତା ସ୍ତ୍ରୀଟି ତାକୁ ଛାଡ଼ିଲା ନାହିଁ । ଦଶରଥର ସ୍ତ୍ରୀ ଅନୁପରି ନୁହେଁ । ଅନୁ ନିର୍ମଳକୁ କେଉଁଠାକୁ ଯିବାକୁ ଅଟକାଏନା, କେବଳ ନିରୁ କଥା ପଡ଼ିଲେ ବିରକ୍ତ ହୁଏ ।

ନିର୍ମଳ ଏଇପରି ଭାବୁଭାବୁ ତା' ଆଖିକୁ ନିଦ ଆସିଯାଇଥିଲା । ସେ ମଝି ବର୍ଥରେ ଘୁଙ୍ଗୁଡ଼ି ମାରିବାରେ ଲାଗିଥିଲା । ଟ୍ରେନ୍ ଚାଲିଥିଲା

Digitized by srujanika@gmail.com

ଦ୍ରୁତଗତିରେ । ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ମିଟିଂ କାର୍ଯ୍ୟରେ ଯୋଗ-ଦେଲ୍‌ ନିର୍ମଳ । ଦୁଇଦିନ ବିତିଗଲା । ନିର୍ମଳ ବ୍ୟସ୍ତ ହୋଇ ଉଠୁଥିଲା । ନିରୁପମା ଘରକୁ ଯାଇ ତାକୁ ଦେଖିବ, ଏହା ହିଁ ଥିଲା ତା'ର ମୁଖ୍ୟ ଚିନ୍ତା । ମିଟିଂ ସରିବା କ୍ଷଣି ପାଣ୍ଡୁଆ ଏକସପ୍ରେସ୍‌କୁ ଧରି ଚାଲିଲା ଆସନସୋଲ୍‌ ଅଭିମୁଖେ । ତା' ମନରେ କେବଳ ସେଇ ଗୋଟିଏ ଚିନ୍ତା ନିରୁପମା । ସେ ଭୁଲିଗଲା ନିରୁ ବାହା ହୋଇଛି ଏବଂ ତା'ର ସ୍ୱାମୀ ସହିତ ରହୁଛି ।

ବାଟରେ ଅନେକ ଚିନ୍ତା । କେତେଦିନ ତଳେ ନିରୁପମା ସହିତ ଦେଖା ହୋଇଥିଲା । ଏବେ ବୟସ ବଢ଼ିଯିବଣି । ସୌନ୍ଦର୍ଯ୍ୟର ସ୍ଥିର ହୋଇ ରହିଥିବା ତାର ମୁଖମଣ୍ଡଳରେ ବୋଧହୁଏ କଳାକଳା ରେଖାଗୁଡ଼ାକ ଦେଖାଯିବଣି । ତଥାପି ନିରୁପମା ପ୍ରତି ତାର ଅଜ୍ଞାତ ଆକର୍ଷଣ ତାକୁ ଅନେକ ଆନନ୍ଦ ଦିଏ । ସେ କେତେଥର ନିରୁ କଥା ଭାବିଛି, ତାର କଳନା ନାହିଁ । ଅନୁର ବାହୁବନ୍ଧନ ଭିତରେ ଭିଡ଼ିହୋଇ ରହିବା ବେଳେ ସେ ଅନୁଭବ କରେ ଯେପରି ନିରୁପମା ତା' ସହିତ ଛନ୍ଦି ହୋଇଯାଇଛି । କେବେ କେବେ ବିଳବିଳେଇ ହୋଇ କହି ଉଠେ, "ନିରୁ, ତୁମେ କେତେ ସୁନ୍ଦର ! ତୁମ ବାହୁବନ୍ଧନରେ ମୋତେ ଚୋଳି ଧରିବା ବେଳେ ମୁଁ ମୋ ନିଜକୁ ଭୁଲିଯାଏ ।" ଅନୁ ହଠାତ୍‌ ହାତ ଛାଡ଼ିଦିଏ, କିଛି ନକହି ଚୁପ୍‌ଚାପ୍‌ ମୁହଁଟା ବୁଲାଇ ଦିଏ । ନିର୍ମଳର ନିଦଟା ଭାଙ୍ଗିକରି ଭାଙ୍ଗିଯାଏ ।

ଟ୍ରେନ୍‌ ଚାଲିଛି । ଆଗରେ ମୋଟା ମାଇକିନାଟା ଶୋଇ ରହି, ସମୟ ସମୟରେ ତା ଆଡ଼କୁ ନଜର ପକାଉଛି । ନିର୍ମଳର ଅନାମନାଭାବ । ତା ଆଖିରେ କେବଳ ନିରୁପମାର ଛବି । ବାରମ୍ବାର ଘଣ୍ଟା ବୁଲାଇ ଆସନ୍‌ସୋଲରେ ପହଞ୍ଚିବା ବେଳକୁ ଦିନ ଆଠଟା । ଟ୍ରେନ୍‌ରୁ ଦ୍ରୁତ ପଦକ୍ଷେପରେ ଓହ୍ଲାଇଲା ସେ । ଷ୍ଟେସନ ପାର ହୋଇ, ପାଖରେ ଥିବା ସେଲୁନ୍‌ରେ ପଶିଗଲା । ଗତ ଦୁଇଦିନ ଧରି ଅଯତ୍ନ ବଢ଼ିଥିବା ଦାଢ଼ି-ଗୁଡ଼ାକୁ ସଫା କରିନେଲା । ଗୋଟେ ଗୋଟେ ଧଳାବାଳ ଦେଖାଦେଲଣି । କେବେ ଏ ପର୍ଯ୍ୟନ୍ତ ସେ ଡାଇଂ କରିନି । ଡାଇଂ କରିବାକୁ ଇଚ୍ଛା କରୁଥିଲେ ମଧ୍ୟ କଲା ନାହିଁ । ପାଖ ଦୋକାନରୁ ସନ୍ଦେଶ କେଜିଟାଏ କିଣି

Digitized by srujanika@gmail.com

ବ୍ୟାଗରେ ରଖି ରିକ୍ସାରେ ବସିଲା । ବାଟ ଖୁବ୍ ଅଳ୍ପ । ଚାଲିକରି ଯିବାଟା ସୁନ୍ଦର ହେବ ନାହିଁ । ଗେଟ୍ ଦୁଆର ମୁହଁରେ ପହଞ୍ଚି ରିକ୍ସାକୁ ବିଦା କଲା । ଦେଖିପାରିଲା ବୋଧହୁଏ ନରୁ । ଦୌଡ଼ିଆସି ଗେଟ୍ ଖୋଲିଦେଲା । ମୁଣ୍ଡଟାକୁ ତଳକୁ ମାଡ଼ିଦେଇ ପାଦଧୂଳି ନେଲା । ତା ମୁଣ୍ଡରେ ହାତ ଦେଲା ନିର୍ମଳ । "କେମିତି ଅଛୁ" ବୋଲି ପଚାରିଲା । ସ୍ମିତ ହସ ଖେଳାଇ ନରୁ ତା' ହାତରୁ ବ୍ୟାଗଟିକୁ ନେଇ ଭିତରକୁ ପଶିଗଲା ।

ଚପଲ ଖୋଲିଦେଲା ନିର୍ମଳ । ଲୁଗାଟା ପାଲଟିବାକୁ ନରୁ ହାତରୁ ନେଇ ବାଥରୁମ୍‌ରେ ପଶିଗଲା ସେ । ଏପର୍ଯ୍ୟନ୍ତ ନରୁ ସ୍ୱାମୀର ଦେଖା ନାହିଁ । ଶାଶୂ ଶ୍ୱଶୁର ଆସି ଅଛନ୍ତି ସେଠାରେ । ଗାଧୋଇସାରି ଫ୍ରେସ୍ ହେବା ପରେ କଥା ହେବ ଭାବି ବାଥ୍‌ରୁମ୍‌ର ସାୱାରକୁ ଖୁବ୍ ଜୋର୍‌ରେ ଖୋଲିଦେଲା । ଆଃ କି ଶାନ୍ତି ! ଟ୍ରେନଜର୍ଣ୍ଣିର କଷ୍ଟ ଥଣ୍ଡା ପାଣି ଠିକିକରେ ଲାଘବ ହୋଇଗଲା ତା'ର ।

ଚା' କପଟିକୁ ଶୂନ୍ୟ କରିଦେଇ ଶାଶୂ-ଶ୍ୱଶୁରଙ୍କ ସହିତ ଘର କଥା, ଅନୁ କଥା ଓ ପିଲାମାନଙ୍କ ବିଷୟରେ ଆଲୋଚନା କଲା । ନରୁ ମଝିରେ ମଝିରେ ଥଟ୍ଟା କରିବାକୁ ଭୁଲୁ ନଥିଲା । ଶ୍ୱକର ଠୋକା ହାତରେ ଇଲିଶିମାଛ ମଗାଇ ରାନ୍ଧିବାରେ ବ୍ୟସ୍ତ । ନିର୍ମଳ ଇଲିଶି ପ୍ରିୟ । ନରୁ ତାକୁ ମନେ ରଖିଛି । ନରୁର ସ୍ୱାମୀ କୌଣସି କାର୍ଯ୍ୟରେ କଲିକତା ଯାଇଛନ୍ତି । ଫେରିପାରନ୍ତି, ନପାରନ୍ତି ମଧ୍ୟ । ନିର୍ମଳର ଦେହଟା କେମିତି ଭିଡ଼ିମୋଡ଼ି ହେଉଛି । ରମ୍‌ର ଆଉ ଏକ ପେଗ୍ ଚୁପ୍‌କରି ନିଜ ବ୍ୟାଗରୁ ନେଇ ଆରାମଚୌକିରେ ଗଡ଼ିପଡ଼ିଲା ସେ । ପାଖରେ ନରୁ ଠିଆ ହୋଇ ଅନୁକଥା ବାରମ୍ବାର ପଚାରୁଛି । ଏଇ ନରୁ ପାଇଁ ସେ ଏତେ ଦୂରରୁ ଧାଇଁ ଆସିଛି । ବସ୍ତାବସ୍ତା କେତେ କଥା ଭାବୁଛି । କାହିଁକି ? ନରୁ ପ୍ରତି ତା'ର ଏ ପ୍ରକାର ଦୁର୍ବଳତା ପାଇଁ ସେ ଅନୁକୁ ମନେ ମନେ ଦାୟୀ କରୁଛି । ଅନୁ ପୁରୁଷର ଆତ୍ମାକୁ ବୁଝିବାକୁ ସକ୍ଷମ ହୋଇନି । ସେଇଥିପାଇଁ ବହୁ ସମୟ ନିର୍ମଳ ଯେପରି ମନର ଏକ ଅଭାବ ଉପଲବ୍ଧି କରୁଛି ।

Digitized by srujanika@gmail.com

ନରୁକୁ ଆଜ ସେ ସବୁ ଖୋଲି କହିଦେବ । ତା' ମନର ଦୁଃଖକୁ ଲାଘବ କରିବ ସେ ।

× × ×

ହଠାତ୍ କଲିଂବେଲ୍‌ର ଆୱାଜରେ ଚମକି ଉଠିଲା ନରୁ । ସନ୍ଧ୍ୟା ଟ୍ରେନ୍ କଲିକତାରୁ ଆସିଗଲାଣି । ତାଙ୍କର ଆଜ ଫେରିବାର ନାହିଁ । ନିର୍ମଳ ଦାଦା ଆସି ତା ମନରେ ଅନେକ ଆନନ୍ଦ ସୃଷ୍ଟି କରିଛନ୍ତି । ବହୁଦିନ ହେଲା ସେ ତାଙ୍କୁ ଦେଖି ନଥିଲା । ନିର୍ମଳ ଦାଦାଙ୍କୁ ଦେଖିଲେ କେଜାଣି କାହିଁକି ନରୁକୁ ଖୁବ ଭଲଲାଗେ । ଏବେ ତାଙ୍କର ବୟସ ହେଲାଣି । ଆଗ ପରି ଚଳଚଞ୍ଚଳ ନାହାନ୍ତି କିନ୍ତୁ ତାଙ୍କ ଆଖିରୁ ଯୌବନ ସୁଲଭ ଫାଜିଲାମି ଦୂର ହୋଇନି । ସେତେବେଳେ ହୋଇ କଥା ହେବ ବୋଲି ଅପେକ୍ଷା କରି ଦିନସାରା କାମରେ ବିତାଇଛି । ହଠାତ୍ କଲିଂବେଲ୍ ତା ମନର ଭାବନାକୁ ଇତସ୍ତତଃ କରିଦେଲା ।

ଦୁଆର ଖୋଲିଲା ସେ । ଆଗରେ ଠିଆହୋଇଛି ଅନୁ । ତା ବଡ଼ ଭଉଣୀ, ନିର୍ମଳ ଦାଦାର ସ୍ତ୍ରୀ । ଅନୁ ଭିତରକୁ ପଶି ଆସିଲା । ନରୁ ଭରସି କରି ନିର୍ମଳ ଦାଦା ଆସିଛି ବୋଲି କହିପାରୁନି । ଅନୁ ନରୁର ଅନାମନାଭାବକୁ ଲକ୍ଷ୍ୟ କରି ବିସ୍ମିତ ହେଉଛି । ଲୁଗା ବଦଳାଇବା ପାଇଁ ଘର ଭିତରକୁ ପଶିଗଲା ସେ । ନିର୍ମଳ ଘର ଭିତରେ ଶୋଇ ରହି ଶରତ-ଚନ୍ଦ୍ରଙ୍କର 'ଦେବଦାସ'ର ପୃଷ୍ଠା ଓଲଟାଉଛି । ନିର୍ମଳକୁ ଦେଖି ଭେଁ ଭେଁ କରି କାନ୍ଦିଉଠିଲା ଅନୁ । ଚମକି ପଡ଼ିଲା ନିର୍ମଳ । ତାକୁ ଗୁହିଁ ଅନୁ ଗତ ରାତିରେ ଘଟିଥିବା ତା'ର ସ୍ୱପ୍ନ କଥା କହିଲା ।

ନିର୍ମଳ ଦେଖୁଥିଲା ତା ଆଖିରୁ ଲୁହ ବହି ଏକ ବିରାଟ ନଈ ସୃଷ୍ଟି କରିଛି । ସମୁଦ୍ରର ଢେଉମାନେ ମଥା ପିଟି ସେଇ ନଈପାଣିର ଶେଷ ଧାରଟିକୁ ନିଜ ସହ ମିଶାଇଦେବା ପାଇଁ ଚେଷ୍ଟା କରୁଛନ୍ତି । ସମୁଦ୍ରର ଢେଉ ଓ ନଈପାଣି ଭିତରେ ନିର୍ମଳ ଅନୁକୁ କୁଣ୍ଢାଇ ଧରିଥିଲା ।

Digitized by srujanika@gmail.com

ଚୈତନ୍ୟ

ମଠରେ ପହଞ୍ଚିଲି ବେଳକୁ ନୂଆ ମହନ୍ତଙ୍କର ଶିରପାଲଗି ହେବାପାଇଁ ଅନେକ ଆଡ଼ୁ ଅନେକ ମହନ୍ତ, ବାବାଜି, ଅଧିକାରୀ ଏକାଠି ହୋଇଥିଲେ । ମୁଁ ଦ୍ୱାରଦେଶରେ ଚପଲଟିକୁ ରଖିଦେଇ ଗୋଳେଇ ହୋଇ ବସିଥିବା ସେହି ସଭାମଣ୍ଡଳୀ କଡ଼ରେ ଯାଇ ମନ୍ଦିରରେ ଶୋଭା ପାଉଥିବା ସେହି ରାଧାକୃଷ୍ଣଙ୍କର ଯୁଗଳ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କଲି । ଆଖି ଲୁହ ଛଳଛଳ ହୋଇଆସୁଥିଲା । କେତେଥର, ଏଇମିତି କେତେଥର ମୁଁ ମଠକୁ ଆସିଛି । ଏ କିଛି ନୂଆ ନୁହେଁ । ମୋର ହେତୁ ପାଇବା ଦିନଠାରୁ ମୁଁ ମଠ ପାହାଚ ଉପରେ ଚଢ଼ିବା ପୂର୍ବରୁ ଗୋଟା ଗୋଟା ପଡ଼ିଥିବା ବଉଳଫୁଲକୁ ସାଉଁଟେ । ଝୁରିଆଡ଼େ ବିଛୁଡ଼ି ହୋଇ ପଡ଼ିଥିବା ଫୁଲଗୁଡ଼ାକ ଓଦାମାଟିର ବାସ୍ନା, ବଉଳଫୁଲର ମହକ ମୋ ମନରେ ଯେଉଁ ଖୁସିଦିଏ, ମୁଁ ତାକୁ ବାରମ୍ବାର ଭାବିହୁଏ । ମଠ ମୋ ପିଲାଦିନର ଅନେକ ସ୍ମୃତି । ସେ ଦୃଶ୍ୟପଟ କେବେକେବେ ମୋ ଆଖି ଆଗରେ ଝଲସାମାରି ଦେଖାଦିଏ ବିଜୁଳିର ଚମକ ପରି, ପୁଣି ହଠାତ୍ ଲିଭିଯାଏ ।

ମଠ ସହିତ ପିଲାଦିନରୁ ପରିଚିତ ହେବା ସହିତ ଆମ ପରିବାରର ଆତ୍ମୀକ ସମ୍ପର୍କ ଥାଏ । ମୋ ବାପାଙ୍କ ବଡ଼ଭାଇ ଏଇ ମଠର ମଠାଧୀଶ । ଆମେ ତାଙ୍କୁ ମହନ୍ତବାପା ବୋଲି ଡାକୁ । ଅନେକ ବେଳରେ ତାଙ୍କ ଆଡ଼େ ମାଡ଼ିଗଲେ ସେ ଖୁସି ହୁଅନ୍ତି । କିଛି ଦେବା କଥା କହିଲେ କୁଣ୍ଠା ପ୍ରକାଶ କରି କହନ୍ତି, "ମଠର କ'ଣ ଆୟ ଅଛି ଯେ ତୁମକୁ ଦେବି ।" କିଛି ପାଇବାର ଲୋଭରେ ନୁହେଁ ବା କିଛି ଦେବାର ସମ୍ଭାବନା ନଥାଇ ମଠପ୍ରତି ଆକର୍ଷିତ ହୋଇ ଆସିଥାଉ ।

Digitized by srujanika@gmail.com

ମହନ୍ତ ତାଙ୍କ ପିଲାଦିନ କଥା ଦିନେ ଦିନେ ଗପ କରନ୍ତି । ସେ କିପରି ସେଠାରେ ମହନ୍ତ ହେଲେ, ତାର ପୁରୁଣା ଇତିହାସ ପୃଷ୍ଠା ଗୋଟି ଗୋଟି କରି ମୋ ଆଗରେ ଖୋଲି ଦିଅନ୍ତି । ସେ ସ୍କୁଲ୍‌ରେ ପଢ଼ିବାବେଳେ ଦିନେ ଏଆଡ଼େ ବୁଲିଆସି ଏଇ ମଠଟିକୁ ଦେଖିଥିଲେ ଓ ମହନ୍ତଙ୍କ ସହିତ ତାଙ୍କର ସମ୍ପର୍କ ଗଢ଼ିଉଠିଲା । ସେହି ସମ୍ପର୍କ ଦିନେ ଗୁରୁ ଓ ଶିଷ୍ୟର ରୂପ ନେଲା । ଚିରଦିନ ପାଇଁ ସନ୍ନ୍ୟାସ ମନନେଇ ସେ ସେଠାରେ ଶିଷ୍ୟ ହୋଇ ରହିଯିବାକୁ ଚାହିଁଲେ । ପ୍ରଥମେ ପ୍ରଥମେ ଘରେ ଅମଙ୍ଗ ହୋଇଥିଲେ କିନ୍ତୁ ସେ ନିଜ ଜିଦ୍‌ରେ ଥିଲେ ଅଟଳ । ସେ ସନ୍ନ୍ୟାସୀ ହେବେ । ସଂସାରର ଏଇ ଭେଲିକିଠାରୁ ଦୂରରେ ରହିବେ । ସେତେବେଳେ ତାଙ୍କ ଆଖିରେ ସେହି ବ୍ରହ୍ମୋପଲବ୍ଧି ନିମିତ୍ତ ବ୍ୟାକୁଳତା । ତାଙ୍କର ଏହି ନିଷ୍ଠା ଓ ଦୃଢ଼ ବିଶ୍ୱାସରୁ କେହି ତାଙ୍କୁ ଟଳାଇ ପାରିନଥିଲେ । ସେ ଆସି ମଠରେ ରହିଲେ । ତାଙ୍କ ଗୁରୁଦେବଙ୍କର ଦେହାନ୍ତ ହେବା ବେଳକୁ ତାଙ୍କୁ ମାତ୍ର ବାଇଶି ବର୍ଷ । ସେଇ ବାଇଶି ବର୍ଷରୁ ଊର୍ଦ୍ଧ୍ୱ ଷାଠିଏ ବର୍ଷ ଧରି ସେ ଏଇ ମଠର ଦେଖାଶୁଣା କରିବାଠାରୁ ଏହାର ଉନ୍ନତି ପାଇଁ ନିଜର ମନପ୍ରାଣ ଢାଳି ଦେଇଥିଲେ ।

ଭୋଜିଭାତର ଆୟୋଜନ ଖୁବ୍ ଜୋର୍‌ସୋର୍‌ରେ ଚାଲିଥାଏ । ମହନ୍ତଙ୍କ ତତ୍ତ୍ୱାବଧାନରେ ଚେଲା ନରୋତ୍ତମ ନିଜ ପାରିବାର ପଣିଆ ଦେଖାଇବା ପାଇଁ ଯଥାପରୋନାସ୍ତି ଚେଷ୍ଟାରେ ତ୍ରୁଟି ରଖିନଥାଏ । ଲୋକମାନେ ମଧ୍ୟ କିଛି କିଛି ଅର୍ଥ ସାହାଯ୍ୟ ଦେଉଥାନ୍ତି । ମହନ୍ତ ଏ ଅଞ୍ଚଳର ଜଣେ ବିଶିଷ୍ଟ ଲୋକ ଥିଲେ । ତାଙ୍କ ଜମିଦାରୀ ଭିତରେ ଏ ଅଞ୍ଚଳଟା ।

ଗଣେଶନାଥର ଗୋଡ଼ ତଳେ ଲାଗୁନଥାଏ । ଖାଲି ଏପାଖରୁ ସେପାଖ । ସମସ୍ତଙ୍କର ଗୋଟିଏ ଡାକ । ମୋ ପହଞ୍ଚିବା ଦେଖି ମୋ ପାଖକୁ ଦୌଡ଼ିଆସି କହିଲା, "ତୁମେ ଆସିଲ । ଭଲ କଲ । ନଆସିଥିଲେ ଲୋକେ କହିଥାନ୍ତେ, ନିଜ ବଡ଼ବାପାର ମୃତ୍ୟୁଖବର ପାଇ ଆସିଲେ ନାହିଁ । ଅବଶ୍ୟ ଏଇଠୁ ତୁମର ଆସିବା ଶେଷ । ଭଲହେଉ ମନ୍ଦହେଉ, ମହନ୍ତଟି ଥିଲେ ଦାୟୁ ଦରକାରରେ ଆସି ଠିଆହେଲେ ପଚାରୁଥିଲେ । ଆଜିକାଲି ସେପରି ଲୋକ ପାଇବା ମୁସ୍କିଲ । ହେଉ, ପରେ କଥା ହେବା ।" ଏତିକି କହି ଗଣେଶ ଅନ୍ୟ କାମରେ ସେଠାରୁ ଚାଲିଗଲା ।

Digitized by srujanika@gmail.com

ମୁଁ ଗଣେଶର ଯିବା ବାଟକୁ ଅନାଇଲି । ଏତେ ଟିକିଏ ପିଲାବେଳୁ ସେ ଆସି ମଠରେ ଥିଲା । ମା' ଛେଉଣ୍ଡ ଏଇ ପିଲାଟିକୁ ତା' ବାପ ସାଙ୍ଗରେ ଧରି ମଠକୁ ଆସେ । ମଠର ଖାସ୍ ଟହଲିଆ ସେ । ବାପ ମରିବାପରେ ମହନ୍ତଙ୍କ ଆଦରଯତ୍ନରେ ସେ ବଡ଼ ହୋଇଗଲା । ବାହା ହେବାପରେ କିଛି ଜମିଦେଇ ମହନ୍ତ ତା' ଘର ବସାଇ ଦେଇ-ଥିଲେ । କୃତଜ୍ଞତାରେ ଆବଦ୍ଧ ଗଣେଶ ବହୁ ସମୟରେ ମହନ୍ତଙ୍କ ପାଖକୁ ଆସି ତାଙ୍କ କଥା ବୁଝେ । ତାଙ୍କ ଶୁଦ୍ଧି କାର୍ଯ୍ୟରେ ତାକୁ ଫୁରୁସତ୍ କେଉଁଠୁ ମିଳନ୍ତା !

ମହନ୍ତ ଏଇମିତି ଅନେକ ଲୋକଙ୍କୁ ଆଣି ମଠରେ ରଖୁଥିଲେ । ଏହା କିଛି ନୂଆ ନଥିଲା ତାଙ୍କ ପାଇଁ । ଚେଲା ସଂଗ୍ରହ ପାଇଁ ଅନେକ ଥର ସେ କେତେପ୍ରକାର ବାବାଜିଙ୍କୁ ଆଣି ରଖିବାର ଦେଖାଯାଇଛି । ଅଦ୍ଭୁତ କିସମର ଲୋକ ସେମାନେ । ଦିନକର ଘଟଣା । ଏକ ସ୍ଥୂଳକାୟ ପ୍ରଚଣ୍ଡ କଳା ବାବାଜି ଆସି ମଠରେ ପହଞ୍ଚିଲା । ତାକୁ ଦେଖି ମହନ୍ତ ଯେପରି କୋଟିନିଧି ପାଇଗଲେ । ଅତି ଆଦରରେ ମଠରେ ରଖାଇଲେ । ତାକୁ ଚେଲା କରିବା ପାଇଁ ସବୁକିଛି ପ୍ରସ୍ତୁତ କଲାବେଳେ ହଠାତ୍ ଦେଖାଗଲା ସେ ମଠ ଛାଡ଼ି ଚାଲିଯାଇଛି । ଆଉ କେବେ ମଠରେ ତାକୁ କେହି ଦେଖିନାହିଁ । ପରେ ଶୁଣାଗଲା ସେ ଦୁଇଟା ମର୍ଡ଼ର କେଶ୍‌ରେ ସମ୍ପୃକ୍ତ ଥିଲା ଓ ପୁଲିସ୍ ଭୟରେ କିଛି ଦିନ ସେଠାରେ ରହି ପୁଣି ଫେରାର୍ ।

ଲୋକ ଚିହ୍ନିବାରେ ମହନ୍ତ ଆଦୌ ପାରଙ୍ଗମ ନଥିଲେ । ସେ ଥିଲେ ଏକ ଅଦ୍ଭୁତ ଖିଆଲି ଅବାଗିଆ ମଣିଷ । ତାଙ୍କର ଖିଆଲି ଭାବଯୋଗୁ ଲୋକମାନେ ତାଙ୍କ ବିଷୟରେ ନାନାକଥା କହନ୍ତି । ଲୋକମାନଙ୍କୁ ବାରମ୍ବାର ଜମି ବିକି ଖର୍ଦ୍ଦି କରି ଯେତେକ ଅନର୍ଥ ସୃଷ୍ଟି କରିବାରେ ଓସ୍ତାଦ୍ । ଏଇମିତି ଜମିଜମାକୁ ବିକି କରି ବହୁ ଅର୍ଥ ଉପାର୍ଜନ କରୁଥିଲେ ଓ ଲୋକମାନଙ୍କ ଭିତରେ କଳମଞ୍ଜି ବୁଣି ଦେଉଥିଲେ । ମହନ୍ତ ନିଜେ କହୁଥିବାର ଶୁଣିଛି, "ଲୋକଗୁଡ଼ାକ ଆଜିକାଲି ଏତେ ବଦ୍‌ମାସ ଯେ ସେମାନଙ୍କୁ ଶାସନକରି ରଖିବାର ଏକମାତ୍ର ବାଟ ହେଉଛି ଜମିଜମାକୁ ଅକ୍ତିଆର କରି ରଖିବା ।"

Digitized by srujanika@gmail.com

ମହନ୍ତଙ୍କ ପ୍ରତି ଥିବା ମୋର ଆକର୍ଷଣ ଥିଲା ତାଙ୍କର ସନ୍ନ୍ୟାସୀ ହେବାର ଦୁର୍ବାର ଅଭିଳାଷ । କିନ୍ତୁ ମୋର ସେହି ଆକର୍ଷଣ ହଠାତ୍ ଖସିପଡ଼ିବାକୁ ଲାଗିଲା ଆକାଶରୁ ଖସୁଥିବା ଉଲ୍‌କା ପିଣ୍ଡ ପରି । ଦେଳିତିଏ କରିବେ ଏ ନେଇ ସେ ଥିଲେ ପାଗଳ । ଅନେକ ଜାଗାରେ ଚେଷ୍ଟାକରି ସଫଳ ହୋଇ ପାରିନଥିଲେ । ହଠାତ୍ ଦିନେ ଏକ ବ୍ରାହ୍ମଣ ପରିବାରକୁ ଆଣି ମଠରେ ପହଞ୍ଚିଲେ । ବ୍ରାହ୍ମଣ ହେଲା ଠାକୁରଙ୍କର ପୂଜକ । ତା'ର ମଝିଆପୁଅଟିକୁ ଚେଲା ଭାବରେ ମହନ୍ତ ଗ୍ରହଣ କଲେ । ପରିବାରଟି ମଠରେ ସ୍ଥାୟୀଭାବରେ ରହିବା ମହନ୍ତଙ୍କ ଜୀବନର ଏକ ନାଟକୀୟ ପରିବର୍ତ୍ତନ ଆଣିଲା । ଦିନେ ଯେଉଁ ସଂସାର ଜୀବନକୁ ଭୁଲିକରି ସେ ସନ୍ନ୍ୟାସ ଜୀବନକୁ ଆଦରି ନେଇଥିଲେ, ତାକୁ କ୍ରମଶଃ ଭୁଲି ପରିବାରଟି ସହିତ ନିଜକୁ ଏକାକାର କରିଦେଲେ । ସେଇ ଥିଲା ତାଙ୍କ ପତନର ପ୍ରଥମ ଅଧ୍ୟାୟ । ଅପରୂପ ରୂପସୀ ଲାବଣ୍ୟମୟୀ ଶଶିଲେଖା ପ୍ରେମରେ ପାଗଳ ହୋଇ ବିଶ୍ୱାମିତ୍ର ନିଜକୁ ସମ୍ଭାଳି ପାରିନଥିଲେ । ମହନ୍ତ ସାମାନ୍ୟ ସନ୍ନ୍ୟାସୀ । ନିଜ ମଠର ଅଚଳାଚଳ ସମ୍ପତ୍ତିକୁ ସେମାନଙ୍କ ହାତକୁ ଟେକିଦେଲେ । ନିଜର ସନ୍ନ୍ୟାସଧର୍ମକୁ ଭୁଲିଗଲେ । ଭୁଲିଗଲେ ମନ୍ଦିରରେ ଘଣ୍ଟା କେତେବେଳେ ବାଜେ, କେତେବେଳେ ନୈବେଦ୍ୟ ଅର୍ଚ୍ଚନା ହୁଏ । ଭୁଲିଗଲେ ତାଙ୍କର ପ୍ରିୟ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କୁ । ଘଣ୍ଟା ଘଣ୍ଟା ଧରି ତିଳକ ଚଢ଼ାଇ 'ରାଧେ', 'ରାଧେ', 'ହାକୃଷ୍ଣ, 'ହାକୃଷ୍ଣ' କହି ବୁଲୁଥିବା ମହନ୍ତ ମନ୍ଦିରଦ୍ୱାରକୁ କେତେବେଳେ ସିନା ଆସିଲେ, ହେଲେ ମନରେ, ହୃଦୟରେ, ଚିନ୍ତାରେ ତାଙ୍କର ଆରାଧ୍ୟକୁ ସେ ଭୁଲିଗଲେ । ଯାହାଙ୍କୁ ପାଇବାପାଇଁ ସେ ଘରଛାଡ଼ି, ପିତାମାତାଙ୍କୁ ଛାଡ଼ି ଚାଲି ଆସି-ଥିଲେ, ତାଙ୍କୁ ଭୁଲିଗଲେ ମାୟାର ସମ୍ମୋହନରେ । ବନ ମଧ୍ୟରେ ସ୍ୱର୍ଣ୍ଣମୃଗ ବୁଲିବୁଲି କେବଳ ଭ୍ରମ ସୃଷ୍ଟି କରୁଥିଲା ।

•

ଅନେକ ଦିନ ପରେ ମୁଁ ମଠ ଭିତରକୁ ପ୍ରବେଶ କଲି । କେମିତି ଏକ ସମ୍ପୂର୍ଣ୍ଣ ନୀରବତା ଛାଇ ଯାଇଥିଲା । ମଠ ସମ୍ମୁଖରେ ଥିବା ବଉଳ ବୃକ୍ଷରୁ ଝରିପଡ଼ୁ ନଥିଲା ବଉଳଫୁଲ । ବିରାଟ ବୃକ୍ଷଟି କୀଟମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ସେମାନଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୋଇଯାଇଥାଏ । ମନ୍ଦିରର ସେହି ଯୁଗଳ ମୂର୍ତ୍ତିଦ୍ୱୟଙ୍କୁ ପ୍ରଣିପାତ କଲାବେଳେ ଅନୁଭବ କଲି

Digitized by srujanika@gmail.com

ଶରପ୍ରବାହିତ ପ୍ରେମର ଫଲ୍‌ଗୁଧାର କ୍ରମଶଃ ଏକ କ୍ଷୀଣଧାରାରେ ପରିଣତ ହୋଇଛି । କେବଳ ଶୁଷ୍କହେବା ପାଇଁ ଆଉ ଅଳ୍ପ ସମୟ ବାକି । ଫେର-ଚାହିଁଲି ପଛକୁ । ମହାନ୍ତଙ୍କ ରହିବା ଘରର ଦ୍ୱାର ଉନ୍ମୁକ୍ତ । ଭୂମିରେ ଶଯ୍ୟାରେ ଶାୟିତ ସେ । ତାଙ୍କ ନିକଟକୁ ଯାଇ ବସିପଡ଼ିଲି ତାଙ୍କ ନିକଟରେ । ଚିହ୍ନିବାକୁ ଚେଷ୍ଟାକଲି । ଆଖିରୁ ଧାର ଧାର ଲୁହ ବହିଯାଉଥିଲା । ମୋତେ କହିଲେ, "ତୁମମାନଙ୍କୁ ଛାଡ଼ି ଏ ସନ୍ନ୍ୟାସରୁ ମୁଁ କ'ଣ ପାଇଲି ! ଘରକରି ରହିଥିଲେ ବୋଧହୁଏ ଭଲରେ ରହିଥାନ୍ତି ।" ଜୀବନର ଏତେବର୍ଷ ପରେ ସଂସାର ବିଷୟରେ ଚିନ୍ତା କରୁଥିବା ବେଳେ ମୋତେ ଲାଗୁଥିଲା, ସେ ଏତେଦିନ କେବଳ ନିଜକୁ ନିଜେ ଠକିଛନ୍ତି ଓ ନିଜ ଅଜାଣତରେ ସଂସାରୀମାନଙ୍କ ମେଳରେ ସମୟ କାଟି ନିଜକୁ ଭୁଲ୍ ରାସ୍ତାରେ ହଜାଇ ଦେଇଛନ୍ତି ।

ଗଣେଶ ମତେ ଡାକିଲା । "ଆ, ଖାଇବୁ । ଆଉ ଚିନ୍ତା କଲେ କ'ଣ ମହାନ୍ତ ଆସିବେ । ତୁ ଜାଣୁ, ମୋ ଝିଅ ବାହାଘର ବେଳକୁ କିଛି ଟଙ୍କା ଦେବେ ବୋଲି କହିଥିଲେ । ଏ ପର୍ଯ୍ୟନ୍ତ ଦେଇ ନଥିଲେ··· ଦେଇଥାନ୍ତେ ବୋଧହୁଏ ।" ଅନେକ ବେଳ ହେଲାଣି ସେତେବେଳକୁ । ଦଳଦଳ ଲୋକ ଆସି ଖାଇ ଯାଉଥିଲେ । ମୁଁ ତାଙ୍କ ଶୋଇବାଘର ପିଣ୍ଡାଉପରେ ସପ ପକାଇ ସେମାନଙ୍କର ଯିବା ଓ ଆସିବା ବାଟକୁ ଚାହୁଁଥିଲି । ମନ୍ଦିର ଭିତରେ ଶ୍ରୀକୃଷ୍ଣ ଓ ରାଧାଙ୍କର ଯୁଗଳ ମୂର୍ତ୍ତି । ମହାନ୍ତଙ୍କର ଯିବା ଆଜିକୁ ବାରଦିନ ହେଲା । ତାଙ୍କ ଦେହାନ୍ତ ହେବାର ଠିକ୍ ଦୁଇଦିନ ପୂର୍ବରୁ ତାଙ୍କ ସହିତ ଦେଖା । ଟିକିଏ ଭଲ ଜଣା ପଡ଼ୁଥିଲେ, ମୋତେ କହିଲେ, "ମୁଁ ଖୁବ୍ ଶୀଘ୍ର ଭଲ ହେବି । ମୋତେ ଠାକୁର ଦେଖାଦେଲେଣି । ଗତକାଲି ରାତିରେ ମୋତେ ହାତଧରି ଆଉ ଦିନେ ଦୁଇଦିନ ମଧ୍ୟରେ ଭଲ କରିଦେବେ ବୋଲି କହିଲେ । ଆହା ! କେତେ ଶାନ୍ତି । ମୋ ଠାକୁର ମୋତେ ଭଲ କରିଦେବେ । ଡାକ୍ତର କ'ଣ କରିବ ।" ଚୁପ୍ ହୋଇଗଲେ ସେ । ମୁଁ ଭାବିଥିଲି ସେ ଏତେଦିନ ପରେ ନିଜକୁ ସମ୍ପୂର୍ଣ୍ଣଭାବେ ଅର୍ପଣ କରିଥିଲେ ସେହି ଭୁବନମୋହନ ଶ୍ରୀକୃଷ୍ଣଙ୍କ ପାଦତଳେ ଯାହାଙ୍କୁ ପାଇବାକୁ ସେ ନିଜର ସମସ୍ତ ତ୍ୟାଗକରି ଏଇ

Digitized by srujanika@gmail.com

ମଠରେ ତାଙ୍କ ସେବାରେ ରହିଗଲେ । ବୋଧହୁଏ ଶେଷ ଅବସ୍ଥାରେ ତାଙ୍କୁ ଦେଖିବାକୁ ଆକୁଳ ପ୍ରାର୍ଥନା କରି ସଫଳ ହୋଇଛନ୍ତି ।

ଦିଲ୍ଲୀଠାରେ ଥିବାବେଳେ ମୋତେ ଏକ ଟେଲେକ୍ସ ସମ୍ବାଦ ମିଳିଲା । ପଢ଼ିଲି ସେହି କ୍ଷୁଦ୍ର ସମ୍ବାଦଟିକୁ—"ମହାନ୍ତ ବାପାଙ୍କର ଦେହାନ୍ତ ହୋଇଗଲା ।" ଏ କ୍ଷୁଦ୍ର ସମ୍ବାଦଟି ମୋ ପାଇଁ ଦୁଃଖଦାୟକ ଥିଲେ ବି ମୋତେ ତାହା ଆଦୌ ନୂତନ ଲାଗୁନଥିଲା । ମୁଁ ଦିଲ୍ଲୀଯିବା ପୂର୍ବରୁ ତାଙ୍କୁ ଦେଖାକଲାବେଳେ ମୋର ଉପଲବ୍ଧି ହିଁ ସେଇଆ ଥିଲା ।

ମହାନ୍ତ ଚାଲିଗଲେ···ତାଙ୍କ ଯିବା ବାଟରେ । ମୁଁ ତାଙ୍କ ବାରଣ୍ଡାରେ ଶୋଇରହି ଶୁଣୁଥିଲି ମନ୍ଦିର ଭିତରେ ଶୋଭାପାଉଥିବା ସେଇ ଠାକୁରଙ୍କୁ ଓ ବୁଝିବାକୁ ଚେଷ୍ଟା କରୁଥିଲି ତାଙ୍କର ଅବର୍ଣ୍ଣନୀୟ ଲୀଳାକୁ । କୀର୍ତ୍ତନିଆ ଦଳ ଜୋର୍‌ରେ ବୋଲୁଥିଲେ, "ଡାକିଲେ ତୁମକୁ ତୁମେ ତ ନଶୁଣ ପ୍ରଭୁ ।" ମୋର ହାତ ଶୁଏଁ ଶୁଏଁ ସେହି ଯୁଗଳ ମୂର୍ତ୍ତିଙ୍କ ଆଡ଼େ ଯୋଡ଼ହସ୍ତରେ ପ୍ରସାରିତ ହୋଇଯାଇଥିଲା ।

Digitized by srujanika@gmail.com

ଜ୍ୟେଷ୍ଠି

ଘରେ ନପଶୁଣୁ ଯୁଦ୍ଧ ବାଜିଲା । ପତ୍ନୀ ବଡ଼ପାଟିରେ ଚିତ୍କାର କରି କହିଉଠିଲେ, "ହଇଓ ଶୁଣୁଛ ! ଆମ ପୁଗୁଲର ବାହାଘର । ଏ ମାସ ନଅ ତାରିଖ । ଗୁଆ ଆସିଛି । ଆଜି ୭ ତାରିଖ ହେଲା । ମୁଁ ଆସନ୍ତାକାଲି ଆମ ଘରକୁ ଯିବ । ନା ; କ'ଣ କହୁଛ ?"

ପତ୍ନୀଙ୍କର ଏକାଥରକେ ଏତେ ଗୁଡ଼ାଏ କଥା ଶୁଣି ବିରକ୍ତ ଲାଗିଲା । ମଣିଷ ଦିନସାରା ଖଟିଖଟି ନୟାନ୍ତ । ଘରେ ବସି ଏ କହୁଛନ୍ତି କ'ଣ ନା ବାପଘରକୁ କାଲି ଯିବେ । ବାହାଘର ! ଆମ ବାହାଘର ତ ପନ୍ଦର ବର୍ଷ ହେଲାଣି । ଏପର୍ଯ୍ୟନ୍ତ ଶ୍ୱଶୁରଘର ଦେଖି ହେଲାନି । ଛାଡ଼, କ'ଣ କରିବା । ବାହାହେଇ ହାତ ଧରିଛି ଯେତେବେଳେ···କୁଆ ରାବ କରିବା ପୂର୍ବରୁ ପତ୍ନୀ ଯିବାପାଇଁ ରେଡ଼ି । ସାଙ୍ଗରେ ପିଲାକବିଲା । ଶ୍ୱଶୁର ଘରୁ କେହି ନେବାକୁ ଆସିନଥିଲେ । ଅଗତ୍ୟା ମୋତେ ତାଙ୍କୁ ବସ୍‌ଷ୍ଟାଣ୍ଡରେ ଛାଡ଼ିବାକୁ ହେଲା । ଗଲାବେଳେ ତାଗିଦ୍ କରି ଦେଇଗଲେ, "ଦେଖ ! ମୋ ମାନ ଇଜତ ସାରିବନି । ତୁମେ ନିଶ୍ଚେ ଯିବ, ନଚେତ୍ ସେମାନେ ଖରାପ ଭାବିବେ । ସବା ସାନ ଶଳା ସେ । ମଝିଆଟା ବାହା ନହୋଇ କୁଆଁର ରହିବ ବୋଲି କହୁଛି । କିନ୍ତୁ କେଉଁଠି ଗୋଟେ ଝିଅ ସାଙ୍ଗରେ ପ୍ରେମରେ ନିସରପସର । ଉଡ଼େଇକି ନେଇ ପଳାଇ ଆସନ୍ତା ହେଲେ । ଏ ଶଳା ବାହାଘରକୁ ଯଦି ନଯାଅ ; ସମସ୍ତେ ଖରାପ ଭାବିବେ । ତୁମର ଜୋଇଁ ପଣିଆ ବୁଡ଼ିଯିବ ।"

ପତ୍ନୀଙ୍କ ଏମିତି ତାଗିଦା ମୋତେ କେମିତି କେମିତି ଲାଗିଲା । ବାହାଘର ବେଳେ ପେଟଟା ଭୋକରେ ଆଉଟୁପାଉଟୁ ହେଲେ ମଧ୍ୟ

Digitized by srujanika@gmail.com

ଶ୍ୱଶୁର ଘର ତରଫରୁ ମୋତେ ଅତ୍ୟନ୍ତ ଭଲ ସରବତ୍ ଗ୍ଲାସଟାଏ ମିଳିଥିଲେ, ମୁଁ ବିରକ୍ତ ହୋଇ ନଥାନ୍ତି । ଖାଲି ପେଟରେ ବାହା ବେଦୀରେ ବସି ମୋର ବିରକ୍ତି ଏତେ ବଢ଼ିଯାଇଥିଲା ଯେ ମୁଁ ବାହାବେଦୀ ଉପରୁ ଚିତ୍କାର କରି ଉଠିଲି । ସେଇଦିନୁ ଯିବାଟା କେବଳ ଅଦିନିଆଁ ମେଘଭଳି ମୋ ପାଇଁ ଥିଲା । ବସ୍‌ରେ ଏତେବାଟ ଧକଡ଼୍‌ଚକଡ଼୍ ହୋଇ ଯିବାକୁ ମନ ଆଦୌ ଚାହୁଁ ନଥିଲା । ନଗଲେ ପତ୍ନୀଙ୍କର ରାଗରୋଷ ମୋ ପାଇଁ ବଡ଼ ବିପଜ୍ଜନକ ଥିଲା ।

ବାହାଘର ଦିନ ସ୍କୁଟରଟାକୁ ଧରି ଯାତ୍ରା ଆରମ୍ଭ କଲି । ୭ଟା ବେଳେ ବର ବାହାରିବ । ତା ଆଗରୁ ପହଞ୍ଚିବାକୁ ହେବ । ବର କାର୍‌ରେ ନହେଲେ ମଧ୍ୟ ଅନ୍ୟ କାର୍‌ରେ ବସି ଯିବାର ସୌଭାଗ୍ୟ ମିଳିବ ।

ବନ୍ଧ ଉପରକୁ ଉଠୁ ଉଠୁ, କେହି ଜଣେ ବଡ଼ ପାଟିକରି କହିଉଠିଲା, "କ'ଣ ଜୋଇଁପୁଅ ! ଏତେବେଳେ ଆସିବା ହେଲା । ହଉ, ବେଗି ବେଗି ଆସି ଆମ ସହିତ ଯୋଗ ଦିଅ ।"

ମୋର କାର୍‌ରେ ବସିବା ନୋହିଲା । ଟ୍ରେକରରେ ବରଯାତ୍ରୀ ଖୁନ୍ଦାଖୁନ୍ଦି । ଅଗତ୍ୟା ପୁଣି ସ୍କୁଟର ଗଡ଼ିଚାଲିଲା ଆଗକୁ ।

ବାହାଘର ବେଳେ ସଡ଼ୁଭାଇଙ୍କ ସହିତ ଟିକିଏ ଟିକିଏ ଚିହ୍ନା ହୋଇଥିଲା । ସେ କହିଲେ, "ଆମେ ତୁମକୁ ଅପେକ୍ଷା କରିଥାନ୍ତୁ । ହେଲେ ବରପିଲାଟା ଉଚ୍ଛନ୍ନ କରି ପକାଇଲା । ବାଜାବାଲା ଚାରିଟା ବେଳେ ହାଜର । ଅନ୍ୟମାନେ ବରକୁ ବାହାର କରିବା ପୂର୍ବରୁ, ସେ କାହାକୁ ଅପେକ୍ଷା ନକରି ବସିଲା ଗାଡ଼ିରେ । ଆଞ୍ଜୁଳି ଚାଉଳ ନେବାକୁ ମଧ୍ୟ ତା'ର ତର ସହିଲା ନାହିଁ । ତୁମ କଥା କିଏ ପଚାରେ ?"

ଯେନତେନପ୍ରକାରେଣ ବରକୁ ଧରି ଆମେ ଅପନ୍ତରା ଗାଁରେ ପହଞ୍ଚିଲୁ । ବାଜା ବାଜିଲା । ବୁଢ଼ାଟା ମାଇକିନିଆଁ ବେଶ ହୋଇ ବାଜା ସହିତ ତାଳଦେଇ ନାଚିଲା । ସଡ଼ୁଭାଇ ଆଗରେ ବରଯାତ୍ରୀ ଦଳକୁ ବାଟ କଢ଼ାଇ ଚାଲିଥାନ୍ତି ।

Digitized by srujanika@gmail.com

ଶ୍ୱଶୁର ପଛରେ ରହି ମହାନଅଜା ପୁଅର ଖୁଡ଼ୁତାଶୁର ନଆସି-ଥିବାରୁ ବିରକ୍ତ ହୋଇ କହି ଚାଲିଥାନ୍ତି, "ମୁଁ ବାରମ୍ବାର କହିଲି ତୁମେ ତାଙ୍କୁ ବିରଜା ମନ୍ଦିର ପାଖରୁ ନେଇକରି ଆସିବ । ହେଲେ ମୋ କଥା କେହି ଶୁଣିଲ ନାହିଁ । ସେ କ'ଣ ଭାବିବେ ।"

କେହି ତାଙ୍କ କଥା ଶୁଣିବାକୁ ସେଠାରେ ନଥିଲେ । ସେତେ-ବେଳକୁ ବର ଓ ବରଯାତ୍ରୀ ଦଳ କନ୍ୟାଘର ଦୁଆରମୁହଁରେ ପହଞ୍ଚି ଯାଇଥିଲେ । ଶଙ୍ଖ ଫୁଙ୍କା ଲାଗିଥିଲା । ହୁଳହୁଳି ମଝିରେ ମଝିରେ ଜୋର୍‌ରେ ପଡ଼ୁଥିଲା । ଝିଅବୋହୂଏ ବାଡ଼କଡ଼ରେ ଠିଆହୋଇ ବର ମୁହଁକୁ ଚାହିଁବାକୁ ଚେଷ୍ଟା କରୁଥିଲେ ।

ଲମ୍ବାଲମ୍ବା ପଡ଼ିଥିବା ଚୌକିରେ ବରଯାତ୍ରୀ ଦଳ ନଅନଅ ହୋଇ ବସିପଡ଼ିଲେ । ଅତିଥି ଚର୍ଚ୍ଚା କରୁଥିବା ଟୋକାମାନେ ହାତକୁ ସରବତ ଗ୍ଲାସମାନ ବଢ଼ାଇ ଦେଉଥିଲେ ।

ବ୍ରାହ୍ମଣ ମନ୍ତ୍ର ପଢ଼ିବା ଆରମ୍ଭ କରି ଦେଇଥିଲା । ବାହାଘର କାମ ଆରମ୍ଭ ହୋଇଯାଇଥିଲା । ସତ୍ୟଭାଇଙ୍କର ତଦବିର ଥିଲା ଜୋର୍‌ଦାର । କିଏ ଖାଇଲା, ନଖାଇଲା ବୁଝିବାରେ ତାଙ୍କୁ ଫୁରୁସତ୍ ନଥିଲା । "ଆଗେ ପେଟ ଚିନ୍ତା, ପରେ ଅନ୍ୟକଥା" ଏହି ନ୍ୟାୟରେ ମୁଁ ଖାଇନେଇ ଲଙ୍ଗ୍ ବେଞ୍ଚରେ ଅବଶ ଦେହଟାକୁ ଗଡ଼ାଇ ଦେଲି । ଦୀର୍ଘ ବାଟର ଯାତ୍ରା ମୋତେ ଅତ୍ୟନ୍ତ କ୍ଳାନ୍ତ କରି ଦେଇଥିଲା । ବରଯାତ୍ରୀ ସେତେବେଳକୁ ଚାଲିଯାଇଥିଲେ । ସତ୍ୟଭାଇ ଚେୟାରଟାଏ ଟାଣିଆଣି ମୋ ପାଖରେ ବସିଗଲେ । ତାଙ୍କ ସହିତ ମୋର ସେମିତି କିଛି ଚିହ୍ନା ନଥିଲା, ତଥାପି ମୋତେ ସେ ଭଦ୍ରଲୋକ ପରି ଜଣାପଡ଼ୁଥିଲେ । ଆମେ ଦୁହେଁ ଦୁଃଖସୁଖ ହେବାକୁ ଲାଗିଲୁ । ସେ କହିଲେ, "ବୁଝିଲ ସଦାନନ୍ଦ ! ଏ ଶଳା ପୁଗୁଲର ବାହାଘର ନକରି ଉପାୟ ନଥିଲା । ସେ ତ ଖାଲି ବାହାହେବ ବୋଲି ବାଉଳାଚାଉଳା ହେଲା । ମୋତେ ଲାଗିଲା କୋଉଁ ଝିଅକୁ କେତେବେଳେ···। ବାହାଘରଟା ସରିଗଲେ ଚିନ୍ତା ଶେଷ ।"

Digitized by srujanika@gmail.com

ବାହାଘର ସରିବା ବେଳକୁ ରାତି ଦୁଇଟା । ବର ଯିବାକୁ ଉଚ୍ଛନ୍ନ । ଯେନତେନପ୍ରକାରରେ ତାଙ୍କୁ ସକାଳ ପର୍ଯ୍ୟନ୍ତ ରଖିବାକୁ ହେଲା ।

ବଡ଼ଭୋରୁ ବରକନ୍ୟାଙ୍କୁ ଧରି ଆମେ ବାହାରିଲୁ । ସତ୍‌ଭାଇ ନଟଗ୍ରୁଡ଼ବନ୍ଧା । ମୋତେ ସାଙ୍ଗରେ ଧରି ଶ୍ୱଶୁରଘର ପର୍ଯ୍ୟନ୍ତ ଗଲେ ।

ହୁଳହୁଳି ପଡ଼ିଲା । ଝିଅ ବୋହୂମାନେ ନିଦ ମଳମଳ ଆଖିରେ ନୂଆ ଆସିଥିବା କୁନି ବୋହୂଟିକୁ ଘେରିଗଲେ । ହଠାତ୍ କେହି ଜଣେ କହିଉଠିଲା, "ଆଲୋ ମଞ୍ଜୁ ! ବନ୍ଧଟା ମାଡ଼ିବସ । ନଣନ୍ଦ ପଣିଆ ମିଳିବ ।" ମୋ ସ୍ତ୍ରୀ ବନ୍ଧଉପରେ ନଥ୍‌କରି ତାଙ୍କର ପଦ୍ମନାଡ଼ ପରି ଶରୀରଟାକୁ ଥୋଇଦେଲେ । ପାଉଣା ଦେଲେ ଉଠିବେ । ବେଶି ସମୟ ତାଙ୍କୁ ବସିବାକୁ ହେଲାନାହିଁ । ସେ ଉଠିପଡ଼ି ବୋହୂକୁ ନେଇ ଭିତରକୁ ଗଲେ । କିଏ ବୋହୂଟାର ମୁଣ୍ଡରୁ ଓଢ଼ଣାଟିକୁ ଟାଣିଦେଲା । କିଏ ଗାଲକୁ ଚିପିଦେଲା । ଲାଜରେ ବୋହୂଟା ଜଡ଼ସଡ଼ । ଏତେ ନୂଆମଣିଷ । ଏତେ ଝିଅ, ତା ଭିତରୁ ଗୋରି ହୋଇ ପାତଳୀ ଝିଅଟିଏ ବାରି ହୋଇ-ପଡ଼ୁଥିଲା । ବୟସ ଜଣାପଡ଼ୁ ନଥିଲା । ମୁଣ୍ଡରେ ସିନ୍ଦୂରର ଛେଟ ଟୋପାଟାଏ । ଉଗ୍ର ପ୍ରସାଧନ ନଥିଲା, ମାତ୍ର ଗାମ୍ଭୀର୍ଯ୍ୟ ଥିଲା । ସବୁ କଥାରେ ତାଙ୍କୁ ଖୋଜା ପଡ଼ୁଥିଲା । ମୋ ଆଡ଼କୁ ଚାହିଁ ହସିହସି କହିଲେ, "କ'ଣ ବରକନ୍ୟାଙ୍କୁ ନେଇକରି ଆସିଲେ ?"

ମୁଁ ବଲବଲ କରି ତାଙ୍କୁ ଚାହିଁଲି । ବାହାଘରବେଳେ ସେମିତି ଗୋଟେ ମୁହଁ ଦେଖିଥିଲି । ଠିକିଏ ଠିକିଏ ଚିହ୍ନା । ଭଲ କରି ମନେ ପକାଇବାକୁ ଚେଷ୍ଟାକରି ମନେପକାଇ ପାରୁନଥିଲି । ସେ ମୋତେ ଲକ୍ଷ୍ୟ କରି ପଚାରିଲେ, "କ'ଣ ଜୋଇଁପୁଅଙ୍କର ଚା' ଦରକାର ।"

ତାଙ୍କ କଥାରେ ମନଟା ମୋର ଖୁସି ହୋଇଗଲା । ଆହା ହା ! ଏତେଦିନ ପରେ ମନନେଇ ସ୍ତ୍ରୀଲୋକ ଜଣେ କଥା କହୁଛି । କାହିଁ ପନ୍ଦର ବର୍ଷଧରି ପତ୍ନୀ ତ ଏମିତି କଥା କହୁନଥିଲେ । ଚା' କପ୍‌ଟାଏ ଦଶ ମିନିଟ୍ ମଧ୍ୟରେ ମୋ ପାଖରେ ପହଞ୍ଚିଗଲା । ମୁଁ ତାଙ୍କ ପ୍ରତି ସ୍ନେହରେ, ପ୍ରେମରେ ଗଦ୍‌ଗଦ ହୋଇଉଠିଲି । ମନେ ମନେ କେତେ କଥା ତାଙ୍କ

Digitized by srujanika@gmail.com

ବିଷୟରେ କଳ୍ପନା କଲି । ଏ ନିଶ୍ଚୟ ଶାଳୀ ବା ସେହି ଜାତୀୟ କେହି ହେବ । ତା ନହେଲେ ଏତେ ସ୍ନେହ କାହିଁକି ? ପନ୍ଦର ବର୍ଷ ଭିତରେ ଶାଳୀ ହାତରନ୍ଧା ଖାଇବାର ସୌଭାଗ୍ୟ ହୋଇନଥିଲା । ମନେମନେ ସ୍ଥିର କଲି ଆଜି ଏହାଙ୍କ ହାତରୁ ଖାଇବା ।

ଅତି ନରମ ଗଳାରେ କହିଲି, "ଚା' ପାଇଁ ବହୁତ ଧନ୍ୟବାଦ । ମୋତେ ଦଶଟା ବେଳେ ଯିବାକୁ ହେବ । ଯଦି ଦି'ଟା ଗରମ ଅନ୍ନ ଖାଇବାକୁ ମିଳନ୍ତା । ତୁମେ ଚାହିଁଲେ···।" ମୁଁ ତାଙ୍କୁ ତୁମେ କହିବାକୁ ଆରମ୍ଭ କରିଦେଇଥିଲି । ନାଁ ଜାଣିବାର ଚେଷ୍ଟା ସେ ପର୍ଯ୍ୟନ୍ତ କରିନଥାଏ ।

ସେ ହସିପକାଇଲେ । ତାଙ୍କ ହସ ଠୋ-ଠୋ ନଥିଲା । ମୁରୁମୁରୁ ନଥିଲା, ହେ-ହେ ନଥିଲା । ସେ ହସରେ କ'ଣ ଥିଲା କେଜାଣି ମୋତେ ଲାଗିଲା ମୁଁ ଯେମିତି ତାଙ୍କର ସମ୍ପୂର୍ଣ୍ଣ ବଶୀଭୂତ । ମନେ ମନେ କଳ୍ପନା କଲି, ଯଦି ଜାଣିଥାନ୍ତି ଏପରି ଲାସ୍ୟମୟୀ, ଅନୁକମ୍ପାମୟୀ, ଅପରୂପଲାବଣ୍ୟା ଏ ଘର ଭିତରେ ବିଦ୍ୟମାନ, ତେବେ ଗତ ପନ୍ଦର ବର୍ଷ ଧରି ପତ୍ନୀଙ୍କର ଏ ଶୁଷ୍କ ପ୍ରେମରେ ମଧ୍ୟ ଆନନ୍ଦର ଫଲ୍‌ଗୁ ଖେଳିଯାଇଥାନ୍ତା । ପନ୍ଦର ବର୍ଷଟା ଶ୍ୱଶୁର ଘରକୁ ନଆସି ବେକାର ହୋଇଗଲା । ପତ୍ନୀଟି ମୋର ଯଦି ମୋତେ କହିଥାନ୍ତା··· । ମନଟା ଖାଲି ହାଇଁପାଇଁ ହେଲା ।

ଦଶଟା ବାଜିବା ମାତ୍ରେ ତାଙ୍କର ମଧୁର ସ୍ୱର ଶୁଣାଗଲା "ଆସନ୍ତୁ, ଖାଇବେ ।" ସେ କଥାରେ କି କମିଆଁ ଥିଲା କେଜାଣି ମନ୍ତ୍ରମୁଗ୍ଧ ହୋଇ ମୁଁ ଚାଲିଲି । ମୋ ଖାଇବା ପାଇଁ ବନ୍ଦୋବସ୍ତ କରିବାରେ ମୋ ଶ୍ୱଶୁରଘରର ସମସ୍ତେ ବ୍ୟସ୍ତ ଥିଲେ । ମୋ ପତ୍ନୀ ତାଙ୍କ ପତ୍ନୀପଣିଆର ପାରିବାର-ପଣିଆକୁ ଦେଖେଇ ହେଉଥିଲେ । କିନ୍ତୁ ବାସ୍ତବରେ ସବୁକାମ ଥିଲା ସେହି ଭଦ୍ରମହିଳାଙ୍କର ।

ଖାଇବା ସରିଲା, ସେ ହସିହସି ମୋ ସହିତ କଥା ହେଲେ । ମୋ ଗଳ୍ପର ନାୟିକାମାନଙ୍କର ପ୍ରଶଂସାରେ ମସଗୁଲ୍ ହେଲେ । ମୋ ନାୟିକା-ମାନେ ପରପୁରୁଷ ପ୍ରତି ବିଶେଷ ଆକୃଷ୍ଟ ବୋଲି ମନ୍ତବ୍ୟ ଦେଲେ । ତାଙ୍କ

Digitized by srujanika@gmail.com

କଥାରେ ଶାଳୀନତା ଥିଲା । ମୋତେ ତାଙ୍କୁ ବାରମ୍ବାର ଦେଖି ତାଙ୍କ ସହିତ କଥା ହେବାକୁ ମନ ହଉଁଥିଲା । ତାଙ୍କର ସେ ହସ ମୋ ମନକୁ ବାରମ୍ବାର ଆଘାତ କରୁଥିଲା ।

ଶାଶୁ ପାନ ଦ'ଖଣ୍ଡ ହାତକୁ ଦେବାପାଇଁ ଆସି କହିଲେ, "ସଦାନନ୍ଦ ! ଏ କିଏ ଜାଣିଛ ?" ସେ ସେଇ ଭଦ୍ରମହିଳାଙ୍କ ମୁହଁକୁ ଚାହିଁ ମୋତେ ପଚାରିଲେ । ସେ ତାଙ୍କୁ ନିଜ ଆଡ଼କୁ ଟାଣିନେଇ କହିଲେ, "ଏ ମୋର ବଡ଼ଝିଅ । ମଞ୍ଜୁର ବଡ଼ ଭଉଣୀ ।"

ମୁଁ ତାଙ୍କୁ ବଲବଲ କରି ଚାହିଁରହିଥିଲି । ସେ କିନ୍ତୁ ସେହିପରି ହସୁଥିଲେ ।

ତାଙ୍କ ହସ ମୋ ମନ ଓ ହୃଦୟରେ ଛପିଯାଇଥିଲା ।